

କର୍ଣ୍ଣାଟକ ସଂରକ୍ଷଣ ମାମଲାରେ ବର୍ଷିଲେ | ୬


# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store




କିକ୍-୨’ ଅପକ୍ଷୋରେ ଅଭିନେତ୍ରୀ ଜ୍ୟାକ୍‌ଲିନ୍ | ୮


RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଏକବିଂଶତମ ବର୍ଷ ସଂଖ୍ୟା-୩୫୩ Vol. 21 No-353 25 MARCH 2025 TUESDAY BHUBANESWAR ମଙ୍ଗଳବାର, ୨୫ ମାର୍ଚ୍ଚ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦


## ନୀଳମାଧବ ପୀଠ, ବିଶ୍ୱାବସୁ ସମାଜ କାର୍ଯ୍ୟକ୍ରମରେ ମହାମହିମ

# ଆଦିବାସୀଙ୍କ ସ୍ୱାଭିମାନକୁ ସମ୍ମାନ ଦିଅ





କଣ୍ଟିଲୋ, ୨୪।୩(ଭାସ୍କର ନ୍ୟୁଜ): ଆଦିବାସୀ ଓ ଅଣ ଆଦିବାସୀଙ୍କ ମଧ୍ୟରେ ସଂପର୍କ ଅତି ନିବିଡ଼। ତେଣୁ ଆଦିବାସୀଙ୍କ ସ୍ୱାଭିମାନକୁ ସମ୍ମାନ ଦେବାପାଇଁ ଆହ୍ୱାନ ଦେଇଛନ୍ତି ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ସୋମବାର ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଭୁବନେଶ୍ୱରରେ ପହଞ୍ଚିବା ପରେ ନୟାଗଡ଼ ଜିଲ୍ଲା କଣ୍ଟିଲୋ ସ୍ଥିତ ନୀଳମାଧବ ମନ୍ଦିର ଯାଇ ପଭୁଙ୍କୁ ଦର୍ଶନ କରିବା ସହ ଆଶୀର୍ବାଦ ଭିକ୍ଷା କରିଥିଲେ। ତେବେ ରାଷ୍ଟ୍ରପତି ନୀଳମାଧବ ପୀଠର ବିକାଶ ହୋଇନଥିବା ଦେଖିବା ପରେ ଗଭୀର କ୍ଷୋଭ ପ୍ରକାଶ କରିଥିଲେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନୀଳମାଧବ ପୀଠର ବିକାଶ ପାଇଁ ଅର୍ଥର ଅଭାବ ରହିବ ନାହିଁ ବୋଲି କହିବା ପରେ ରାଷ୍ଟ୍ରପତି ସନ୍ତୋଷ ପ୍ରକାଶ କରିବା ସହ ତାଙ୍କୁ ଧନ୍ୟବାଦ ଜଣାଇଥିଲେ। ଭୁବନେଶ୍ୱର ବିମାନବନ୍ଦରରୁ ଏକ ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ କଣ୍ଟିଲୋ ନୀଳମାଧବ ମନ୍ଦିର ନିକଟସ୍ଥ ହେଲିପ୍ୟାଡରେ ଓହ୍ଲାଇଥିଲେ ରାଷ୍ଟ୍ରପତି। ରାଷ୍ଟ୍ରପତିଙ୍କ ସହ ରାଜ୍ୟପାଳ ହରିବାବୁ କମ୍ଭମପାଟି ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଏବଂ ବାଚସ୍ପତି ସୁରମା ପାଢୀ ସାମିଲ ହୋଇଥିଲେ। ରାଷ୍ଟ୍ରପତିଙ୍କ ଦର୍ଶନ ପାଇଁ ସେବାୟତଙ୍କ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା। ଏହାପରେ ରାଷ୍ଟ୍ରପତି କାଳିଆପଲ୍ଲୀଠାରେ ଥିବା ଭାରତୀୟ ବିଶ୍ୱାବସୁ ଶବର ସମାଜ ପ୍ରତିଷ୍ଠା ଦିବସ ସମାରୋହରେ ଯୋଗ ଦେଇଥିଲେ। ରାଷ୍ଟ୍ରପତି ନିଜ ସମ୍ବୋଧନରେ କହିଥିଲେ ଯେ ଏହି ଅଞ୍ଚଳର ଚମତ୍କାର ଦୃଶ୍ୟ ଅତୀବ ଆକର୍ଷଣୀୟ । ଏହା ଏକ ଲୋକପ୍ରିୟ ପର୍ଯ୍ୟଟନସ୍ଥଳୀରେ ପରିଣତ ହେବାର ସମ୍ଭାବନା ରହିଛି। ଏହି ଅଞ୍ଚଳରେ ଭିତ୍ତିଭୂମିର ବିକାଶ, ପର୍ଯ୍ୟଟକ ଓ ତୀର୍ଥଯାତ୍ରୀଙ୍କୁ ଆକୃଷ୍ଟ କରିବ ବୋଲି କହିବା ସହ ପର୍ଯ୍ୟଟନର ବିକାଶ ହେଲେ ସେହି ଅଞ୍ଚଳର ଅର୍ଥନୀତି ମଧ୍ୟ ସୁଦୃଢ ହେବ । ଏହି ଅଞ୍ଚଳର ବିକାଶରେ ସହଯୋଗ କରିବାକୁ ସେ ସମସ୍ତଙ୍କୁ ନିବେଦନ କରିଥିଲେ। କୃଷି, ହସ୍ତଶିଳ୍ପ, ପର୍ଯ୍ୟଟନ ଆଦି ବିଭିନ୍ନ କ୍ଷେତ୍ରରେ ନୟାଗଡ଼ର ସମ୍ଭାବନାକୁ ପୂର୍ଣ୍ଣ ରୂପ ଦେବାପାଇଁ ସମସ୍ତେ ଆଗେଇ ଆସିବା ଆବଶ୍ୟକ ବୋଲି ସେ କହିଥିଲେ। ରାଷ୍ଟ୍ରପତି ଆହୁରି କହିଥିଲେ ଯେ ପ୍ରକୃତି ଅନୁକୂଳ ଜୀବନଶୈଳୀ ଭାରତୀୟ ସଂସ୍କୃତିର ଏକ ବୈଶିଷ୍ଟ୍ୟ। ଏହା ଆଦିବାସୀ ଜୀବନର • ପୃଷ୍ଠା ୫ ଦେଖନ୍ତୁ

## ବଢ଼ିଲା ସାଂସଦଙ୍କ ଦରମା, ଭତ୍ତା

# ୧ଲକ୍ଷରୁ ୧.୨୪ ଲକ୍ଷକୁ ବୃଦ୍ଧି

### ସଂସଦୀୟ ବ୍ୟାପାର ମନ୍ତ୍ରଣାଳୟର ବିଜ୍ଞପ୍ତି
### ଦୈନିକ ଭତ୍ତା ୨୦୦୦ରୁ ୨୫୦୦କୁ ବୃଦ୍ଧି
### ପେନ୍‌ସନ୍ ୨୫ହଜାରରୁ ୩୧ହଜାରକୁ ବଢ଼ିଲା
### ପୁଣି ନିର୍ବାଚିତ ହେଲେ ବର୍ଷକୁ ଅତିରିକ୍ତ ୨୫୦୦
### ପୂର୍ବତନ ସାଂସଦଙ୍କ ପେନସନରେ ବି ବୃଦ୍ଧି



ନୂଆଦିଲ୍ଲୀ, ୨୪।୩: ଦୀର୍ଘ ୭ ବର୍ଷ ପରେ ବଢ଼ିଛି ସାଂସଦଙ୍କ ଦରମା ଓ ଭତ୍ତା। ଏହାସହିତ ସାଂସଦଙ୍କ ପେନସନରେ ମଧ୍ୟ ବୃଦ୍ଧି ଘଟିଛି। ସାଂସଦଙ୍କ ମୂଳ ଦରମା ୧ ଲକ୍ଷରୁ ୧ଲକ୍ଷ ୨୪ ହଜାର ଟଙ୍କାକୁ ବୃଦ୍ଧି ପାଇଛି। ସେହିପରି ସଂସଦର ଅଧିବେଶନ ଚାଲିଥିବାବେଳେ ଦୈନିକ ଭତ୍ତା ଯାହା ଏବେ ୨୦୦୦ ଟଙ୍କା ରହିଛି ତାକୁ ୨୫୦୦ଟଙ୍କାକୁ ବୃଦ୍ଧି କରାଯାଇଛି। ସେହିପରି ସାଂସଦଙ୍କ ମାସିକ ପେନ୍‌ସନ୍ ୨୫ହଜାର ଟଙ୍କାରୁ ୩୦ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି। ପୂର୍ବତନ ସାଂସଦମାନେ ପେନସନ ବାବଦରେ ୩୧ହଜାର ଟଙ୍କା ଲେଖାଏଁ ପ୍ରତିମାସ ପାଇବେ। ସଂସଦର ବଜେଟ୍ ଅଧିବେଶନ ସମୟରେ ଏହି ଦରମା ବୃଦ୍ଧି ପ୍ରସ୍ତାବକୁ ଉଭୟ ଶାସକ ଓ ବିରୋଧୀ ସାଂସଦ ସମର୍ଥନ କରିଛନ୍ତି। ଏ ନେଇ କେନ୍ଦ୍ର ସଂସଦୀୟବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ବର୍ଦ୍ଧିତ ଦରମା ଓ ଭତ୍ତା ପିଛିଲାଭାବେ ୨୦୨୩ ଏପ୍ରିଲ ୧ରୁ ଲାଗୁ କରାଯିବ। କେନ୍ଦ୍ର ସରକାର ମୁଦ୍ରାସ୍ଫୀତି ହାରକୁ ଧ୍ୟାନରେ ରଖି ଏହି ଦରମା ଓ ଭତ୍ତା ବୃଦ୍ଧି କରିଛନ୍ତି। ସୂଚନାଯୋଗ୍ୟ ଯେ ସାଂସଦମାନଙ୍କୁ ମାସିକ ଦରମା ବ୍ୟତୀତ ନିର୍ବାଚନମଣ୍ଡଳୀ ଭତ୍ତା ବାବଦରେ ୭୦ହଜାର ଟଙ୍କା ଓ ଅଫିସ ଭତ୍ତା ବାବଦରେ ୬୦ହଜାର ଟଙ୍କା ମିଳିଥାଏ। ତେବେ ସେମାନଙ୍କ ଦରମା ଉପରେ କୌଣସି ଟିକସ ଲାଗି ନଥାଏ। ସେମାନଙ୍କୁ ଅନେକ ପ୍ରକାରର ଭତ୍ତା ମିଳିଥାଏ, ଯେଉଁଥିରୁ ସେମାନଙ୍କ ପରିବାର • ପୃଷ୍ଠା ୫ ଦେଖନ୍ତୁ

## ସଂକ୍ଷେପରେ...

### ବିସ୍ଫୋରଣରୁ ଅଳ୍ପକେ ବର୍ତ୍ତିଲେ ଯବାନ

ମାଲକାନଗିରି, ୨୪।୩(ଭାସ୍କର ନ୍ୟୁଜ): ଛତିଶଗଡ଼ର ବିଜାପୁରରେ ସୁରକ୍ଷାକର୍ମୀଙ୍କୁ ଟାର୍ଗେଟ କରି ମାଓବାଦୀମାନେ ଆଇଇଡି ବିସ୍ଫୋରଣ ପାଇଁ ଯେଉଁ ଯୋଜନା କରିଥିଲେ ତାହା ବିଫଳ ହୋଇଛି। ଯଦିଓ ବିସ୍ଫୋରଣ ଘଟିଛି, ତେବେ ଯବାନମାନେ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ବିସ୍ଫୋରଣ ସ୍ଥଳରେ ୫ ଫୁଟର ଗାତ ହୋଇଥିବା ଦେଖିବାକୁ ମିଳିଛି। ପୋଲିସ ଅନୁସନ୍ଧାନ ଆରମ୍ଭ କରିଛି।

### ଶିମିଳିପାଳରୁ ୪ ଶିକାରୀ ଗିରଫ

ବାରିପଦା, ୨୪।୩(ଭାସ୍କର ନ୍ୟୁଜ): ଶିମିଳିପାଳ ଅଭୟାରଣ୍ୟରେ ଅନଧିକୃତ ପ୍ରବେଶ ଏବଂ ଅବୈଧ ଶିକାର ପାଇଁ ୪ଜଣ ଶିକାରୀଙ୍କୁ ଗିରଫ କରାଯାଇଛି। ନଟୋ ସଂରକ୍ଷିତ ଜଙ୍ଗଲର ଅଶ୍ୱକୋଟି ଅଞ୍ଚଳରୁ ସେମାନଙ୍କୁ ଗିରଫ କରାଯାଇଛି। ଏହି ଶିକାରୀମାନେ ପ୍ରଥମେ ବନ ବିଭାଗ କର୍ମଚାରୀଙ୍କୁ ଗୁଳି ଚଳାଇଥିଲେ। ସେମାନଙ୍କଠାରୁ ୪ଟି ଦେଶୀବନ୍ଧୁକ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଛି।

### ହୃଦଘାତରେ ଟଳିରେ ବାପା-ପୁଅ

ଆନନ୍ଦପୁର, ୨୪।୩(ଭାସ୍କର ନ୍ୟୁଜ): ଆନନ୍ଦପୁରରେ ସୋମବାର ଏକ ଅଭାବନୀୟ ଘଟଣା ଘଟିଛି। ଅବସରପ୍ରାପ୍ତ ସେନା କର୍ମଚାରୀଙ୍କ ହୃଦଘାତରେ ମୃତ୍ୟୁ ହୋଇଥିବା ଖବର ଶୁଣିବା ପରେ ତାଙ୍କ ପୁଅ ମଧ୍ୟ ହୃଦଘାତରେ ଟଳି ପଡ଼ିଥିଲେ। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁଇ ମୃତଦେହ ଜବତ କରି ତଦନ୍ତ ଚଳାଇଛି।

ସେନ୍‌ସେକ୍ସ: ୭୭,୯୮୪.୩୮
ସର୍ବାଧିକ: ୩୨.୨ ଡିଗ୍ରୀ
ସର୍ବନିମ୍ନ: ୨୨.୮ ଡିଗ୍ରୀ

**୨୩।୩।୨୦୨୫ ର ମତାମତ**

କାଳବୈଶାଖୀ କ୍ଷତିଗ୍ରସ୍ତ ପୀଡ଼ିତଙ୍କୁ ତ୍ୱରିତ ସହାୟତା ଜରୁରି ନୁହେଁ କି?




**ଆଜିର ପ୍ରସଙ୍ଗ**

ଓଇଆରସି ନିଷ୍ପତ୍ତି ବିଦ୍ୟୁତ ଗ୍ରାହକଙ୍କ ପାଇଁ ଲାଭଦାୟକ ହେବ କି?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ www.odishabhaskar.com

## ଗୃହରେ ବିଶୃଙ୍ଖଳା ନେଇ ପ୍ରଶ୍ନ ଉଠାଇଲେ ରାଜସ୍ୱମନ୍ତ୍ରୀ

# ୧୮ ଦିନରେ ୩୧ ଘଣ୍ଟା ବି ଚାଲିଲାନି ଗୃହ



ଭୁବନେଶ୍ୱର, ୨୪।୩(ଭାସ୍କର ନ୍ୟୁଜ): ୧୮ ଦିନରେ ମାତ୍ର ୩୧ ଘଣ୍ଟା ଚାଲିଲାନି ବିଧାନସଭା। ଗୃହ ସୁପରିଚାଳନା ପାଇଁ ୩ ଥର ଡକା ହୋଇ ସାରିଲାଣି ସର୍ବଦଳୀୟ ବୈଠକ। କିନ୍ତୁ ଫଳ ଶୂନ। ଗୃହରେ କଂଗ୍ରେସର ଏଭଳି ଆଚରଣକୁ ଓଡ଼ିଶାବାସୀ କେବେ ବି କ୍ଷମା ଦେବେ ନାହିଁ। ବିଧାନସଭାରେ ହଟ୍ଟଗୋଳ ପାଇଁ ବିରୋଧୀଙ୍କ ଆଚରଣ ଓ ଉଚ୍ଚାରଣକୁ କଡ଼ା ନିନ୍ଦା କରି ବର୍ଷିଛନ୍ତି ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ମନ୍ତ୍ରୀ ସୁରେଶ ପୂଜାରୀ। ବାଚସ୍ପତିଙ୍କ ସମ୍ମୁଖରେ ହ୍ୱିସିଲ ମାରିବା, ଘଣ୍ଟ ବଜାଇବା କି ଆଚରଣ ବୋଲି ସେ ପ୍ରଶ୍ନ କରିଛନ୍ତି। ଶ୍ରୀ ପୂଜାରୀ କହିଛନ୍ତି ଯେ ଅତୀତରେ ଉତ୍ତରପ୍ରଦେଶ ବିଧାନସଭାରେ ରକ୍ତାକ୍ତ ବିଧାୟକଙ୍କୁ ହସ୍ପିଟାଲ ନେବା ପାଇଁ ଆମ୍ବୁଲାନ୍ସ ପହଞ୍ଚିଥିଲା। ସେ ତୁଳନାରେ ଓଡ଼ିଶା ବିଧାନସଭା ଶାନ୍ତିରେ ରହିଛି। ତେବେ ପ୍ରତିବାଦ କରିବାର ଢଙ୍ଗ ମଧ୍ୟ ରହିଛି। ବିରୋଧୀଙ୍କ ଆଚରଣ, ସଂସ୍କାର ଧିରେ ଧିରେ ବିଧାନସଭା ଏବଂ ଓଡ଼ିଶାବାସୀଙ୍କୁ ଅପମାନିତ କରୁଛି ବୋଲି କହିବା ସହ କହିଥିଲେ, ଆଇନ ପ୍ରଣୟନ କରୁଥିବା ସଂସ୍ଥା ଯଦି ଆଇନ ଉଲ୍ଲଂଘନ କରିବେ ତେବେ ଏ କ୍ଷେତ୍ରରେ କ’ଣ କାହାକୁ କୁହାଯିବ। ଅଷ୍ଟପ୍ରହରୀରେ ଘଣ୍ଟ, ଗିନି, ମୃଦଙ୍ଗ ବାଜେ। କିନ୍ତୁ ପବିତ୍ର ଗୃହ ବିଧାନସଭାରେ ଏସବୁ ଶୋଭନୀୟ ନୁହେଁ। ଗୃହ ସୁରୁଖୁରୁରେ ଚାଲିବା ପାଇଁ ଗତ ୧୦ ତାରିଖ, ୧୩ ତାରିଖ ଓ ୨୪ ତାରିଖରେ ସର୍ବଦଳୀୟ ବୈଠକ ବସିଛି। କିନ୍ତୁ କାମ ଶୂନ ପଡ଼ିଛି। ୧୮ଦିନ ଭିତରେ ୩୧ ଘଣ୍ଟାର କାର୍ଯ୍ୟ ହୋଇଛି। ଲୋକେ କେତେ ଆଶା ଓ ବିଶ୍ୱାସରେ ୧୪୭ ବିଧାୟକଙ୍କୁ ବିଧାନସଭାକୁ ପଠାଇଛନ୍ତି। ଗୃହରେ ବସିବା ପାଇଁ ଆମକୁ ପଇସା ବି ମିଳିଥାଏ। ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ମଧ୍ୟ ଆସି କାମ କରନ୍ତି। ଲୋକଙ୍କ ଟିକସରେ ବିଧାନସଭା ଚାଲୁଛି। ବିଜେପି ସରକାର • ପୃଷ୍ଠା ୫ ଦେଖନ୍ତୁ

## ଓଇଆରସିର ବଡ଼ ଘୋଷଣା

# ବିଦ୍ୟୁତ୍ ଦର ଅପରିବର୍ତ୍ତିତ

- ସ୍ମାର୍ଟ ମିଟର ଉପରେ ୬୦ ଟଙ୍କା ରେଣ୍ଟ ଛାଡ଼
- ୨ କିଲୋୱାଟ୍ ସ୍ମାର୍ଟ ମିଟର ଉପରେ ରେଣ୍ଟ ନାହିଁ
- ଇ-ବିଲ୍ ପେମେଣ୍ଟ ପାଇଁ ବିଲ୍ ପିଛା ୧୦ଟଙ୍କା ରିହାତି
- ଉପକୃତ ହେବେ ୮୦ଲକ୍ଷ ବିଦ୍ୟୁତ ଉପଭୋକ୍ତା



ଭୁବନେଶ୍ୱର, ୨୪।୩(ଭାସ୍କର ନ୍ୟୁଜ): ସାଧାରଣ ବିଦ୍ୟୁତ ଗ୍ରାହକଙ୍କୁ ଆଶ୍ୱସ୍ତି। ବଡ଼ ଘୋଷଣା କଲା ଓଇଆରସି। ବଢ଼ିବନି ବିଦ୍ୟୁତ ଦର। ଆସନ୍ତାବର୍ଷ ଅର୍ଥାତ୍ ୨୦୨୫-୨୬ ବର୍ଷପାଇଁ ବିଦ୍ୟୁତ ଟାରିଫ ଅପରିବର୍ତ୍ତିତ ରଖିଛି ଓଇଆରସି। ଏକ ପ୍ରେସ୍‌ମିଟରେ ଏ ନେଇ ସୂଚନା ଦେଇଛନ୍ତି ଓଇଆରସିର ସଚିବ ପ୍ରିୟବ୍ରତ ପଟ୍ଟନାୟକ। ଏଥିସହ ସ୍ମାର୍ଟମିଟରର ମାସିକ ରେଣ୍ଟ ଛାଡ଼ କରିଛନ୍ତି ସରକାର। ୨ କିଲୋୱାଟ୍ ଲୋଡ୍ ପର୍ଯ୍ୟନ୍ତ ସ୍ମାର୍ଟ ମିଟର ପାଇଁ କୌଣସି ରେଣ୍ଟ ପଡ଼ିବ ନାହିଁ । ସେହିପରି ପୂର୍ବରୁ ସ୍ମାର୍ଟ ମିଟର ଲାଗି ମାସିକ ୬୦ଟଙ୍କା ଦେବାକୁ ପଡୁଥିବାବେଳେ ତାକୁ ମଧ୍ୟ ଛାଡ଼ କରାଯାଇଛି। ଏହି ଭଡ଼ା ମିଟର ଲଗାଇବା ଦିନଠାରୁ ୮ବର୍ଷ ପର୍ଯ୍ୟନ୍ତ ଗ୍ରାହକ ରେଣ୍ଟ ଦେଉଥିଲେ। ସରକାରଙ୍କ ନୂଆ ନିଷ୍ପତ୍ତି ଫଳରେ ମିଟର ରେଣ୍ଟରୁ ଗ୍ରାହକ ଆଶ୍ୱସ୍ତି ପାଇପାରିବେ। ଏହାଫଳରେ ଗ୍ରାହକଙ୍କ ମାସିକ ବିଦ୍ୟୁତ ଦେୟ ମଧ୍ୟ ହ୍ରାସ ପାଇବ। ତେବେ ସ୍ମାର୍ଟମିଟର ରେଣ୍ଟ ଛାଡ଼ ୨୦୨୫-୨୬ ଆର୍ଥିକ ବର୍ଷରୁ ଲାଗୁ ହେବ । ଏହାଦ୍ୱାରା ରାଜ୍ୟର ୮୫ଲକ୍ଷ ବିଦ୍ୟୁତ ଉପଭୋକ୍ତାଙ୍କ ମଧ୍ୟରୁ ୮୦ଲକ୍ଷ ଉପଭୋକ୍ତା ଲାଭ ପାଇବେ । ପୂର୍ବରୁ ଗ୍ରାହକ ଯେଉଁ ସ୍ମାର୍ଟ ମିଟର ରେଣ୍ଟ ଦେଉଥିଲେ ତାହା ଆଉ ଦେବାକୁ ପଡ଼ିବନି। ନୂଆ ସ୍ମାର୍ଟ ମିଟର ଲଗାଇଲେ ବି ଗ୍ରାହକ ରେଣ୍ଟ ଦେବେ ନାହିଁ । ଏ ବାବଦ ଖର୍ଚ୍ଚ ରାଜ୍ୟ ସରକାର ସଂପୂର୍ଣ୍ଣ ବହନ କରିବେ। ସେହିଭଳି ମେସେଜ୍ ଓ ଇ-ମେଲ୍‌ରେ ବିଲ୍ ନେଲେ ବିଲ ପିଛା ୧୦ଟଙ୍କା ଛାଡ଼ ପାଇବେ। ପ୍ରିପେଡ୍ ମିଟରରେ ୪ ପ୍ରତିଶତ ରିହାତି ମିଳିବ। ୧୦ କିଲୋୱାଟ୍‌ରୁ • ପୃଷ୍ଠା ୫ ଦେଖନ୍ତୁ

**ଟାରିଫ**

| ୟୁନିଟ୍ | ଦର (ୟୁନିଟ୍ ପିଛା) |
|---|---|
| ୦-୫୦ | ୨.୯୦ |
| ୫୧-୨୦୦ | ୪.୭୦ |
| ୨୦୧-୪୦୦ | ୫.୭୦ |
| ୪୦୧ରୁ ଅଧିକ | ୬.୧୦ |

## ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ

# ୫ ବର୍ଷରେ ୧୫୯ ଅଧିକାରୀ ବହିଷ୍କୃତ

ଭୁବନେଶ୍ୱର, ୨୪।୩(ଭାସ୍କର ନ୍ୟୁଜ): ଦୁର୍ନୀତି ବିରୋଧରେ ଏକ ବଡ଼ ଧରଣର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ରାଜ୍ୟ ସରକାର ଦୁର୍ନୀତି ଏବଂ ଅଧିକାରୀଙ୍କ ଜ୍ଞାତ ଆୟ ଉଚ୍ଚଠାରୁ ଅଧିକ ସଂଗ୍ରହ ଅଭିଯୋଗରେ ଗତ ୫ ବର୍ଷ ମଧ୍ୟରେ ୧୫୯ଜଣ ଅଧିକାରୀଙ୍କୁ ଚାକିରିରୁ ବହିଷ୍କାର କରାଯାଇଥିବା ନେଇ ସୋମବାର ବିଧାନସଭାରେ ସୂଚନା ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ସେ କହିଛନ୍ତି, ଦୁର୍ନୀତି ଏବଂ ଉତ୍ତରଦାୟିତ୍ୱ ପ୍ରତି ସରକାରଙ୍କ କଠୋର ଆଭିମୁଖ୍ୟ ରହିଛି। ମୁଖ୍ୟମନ୍ତ୍ରୀ କହିଥିଲେ, ସରକାରୀ ତଥ୍ୟ ଅନୁଯାୟୀ ୧୨୦ଜଣ ଅଧିକାରୀ ଏବଂ କର୍ମଚାରୀଙ୍କୁ ଚାକିରିରୁ ବହିଷ୍କାର କରାଯାଇଛି। ସେହିପରି ଆର୍ଥିକ ଅନିୟମିତତାର ଗୁରୁତର ଅଭିଯୋଗ ପାଇଁ ୩୯ଜଣ ଅଧିକାରୀଙ୍କୁ ବାଧ୍ୟତାମୂଳକ ଅବସର ଦିଆଯାଇଛି। ଆୟଠାରୁ ଅଧିକ ସମ୍ପତ୍ତି ସଂଗ୍ରହ କରିଥିବା ଅଭିଯୋଗରେ ଅଭିଯୁକ୍ତ ଅଧିକାରୀଙ୍କଠାରୁ ୫୯.୪୭ କୋଟି ଟଙ୍କାର ବେଆଇନ ସମ୍ପତ୍ତି ଜବତ କରାଯାଇଛି। ୨୦୧୪ରୁ ୨୦୨୫ ଫେବୃଆରୀ ମଧ୍ୟରେ ଭିଜିଲାନ୍ସ ରାଜ୍ୟରେ ୩୬୨୩ଟି ଦୁର୍ନୀତି ସଂପର୍କୀତ ମାମଲା ପଞ୍ଜିକୃତ କରିଛି। ସେଥିମଧ୍ୟରୁ ୨୫୫୩ ମାମଲାର ଫଇସଲା ହୋଇଛି। ବହୁ ଅଧିକାରୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଦୁର୍ନୀତି ସମ୍ବନ୍ଧୀୟ ଅପରାଧରେ ୯୩୯ଜଣ ଅଧିକାରୀଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଛି। ପ୍ରମାଣ ଅଭାବରୁ ୧୦୫୩ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରାଯାଇଥିବା ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି।

## ବିଧାନସଭାରେ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା

# ଖୁବ୍‌ଶୀଘ୍ର ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତଙ୍କୁ ମିଳିବ ଟଙ୍କା

| |
|---|
| ପ୍ରସ୍ତୁତ ଚାଲିଛି ନୂଆ ନିର୍ଦ୍ଦେଶାବଳୀ |
| ଫେରସ୍ତ ପ୍ରକ୍ରିୟା ହେବ ସରଳୀକରଣ |
| ୯୬ହଜାର କ୍ଷତିଗ୍ରସ୍ତ ଫେରି ପାଇଛନ୍ତି ଟଙ୍କା |



ଭୁବନେଶ୍ୱର, ୨୪।୩(ଭାସ୍କର ନ୍ୟୁଜ): ଖୁବ୍‌ଶୀଘ୍ର ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତଙ୍କୁ ଟଙ୍କା ଫେରସ୍ତ କରାଯିବ। ଏ ନେଇ ଗୃହରେ ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ସେ କହିଛନ୍ତି, ଚିଟ୍‌ଫଣ୍ଡ ଟଙ୍କା ଫେରସ୍ତ ନେଇ ରାଜ୍ୟ ସରକାର ନୂତନ ନିର୍ଦ୍ଦେଶାବଳୀ ପ୍ରସ୍ତୁତ କରୁଛନ୍ତି। ସୋମବାର ବିଧାନସଭାରେ ଶ୍ରୀ ମାଝୀ କହିଥିଲେ ଯେ ନୂଆ ସରକାର ଟଙ୍କା ଫେରସ୍ତ ପ୍ରକ୍ରିୟାକୁ ସରଳୀକରଣ କରିବେ। ଏଥିପାଇଁ ନୂଆ ନିର୍ଦ୍ଦେଶାବଳୀ ପ୍ରସ୍ତୁତ କରାଯାଉଛି। ଏଯାବତ୍ ୯୬,୪୭୪ ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତଙ୍କୁ ୪୫ କୋଟି ୯୬ଲକ୍ଷ ଟଙ୍କା ଫେରସ୍ତ କରାଯାଇଛି। ଅବଶିଷ୍ଟ ଜମାକାରୀଙ୍କୁ ଫେରସ୍ତ ପାଇଁ ତ୍ୱରିତ ପଦକ୍ଷେପ ନିଆଯାଉଛି। ନିର୍ବାଚନ ପୂର୍ବରୁ ବିଜେପି ସରକାରକୁ ଆସିଲେ ଦେଢବର୍ଷ ଭିତରେ ଚିଟ୍‌ଫଣ୍ଡ ଟଙ୍କା ଫେରସ୍ତ ଦିଆଯିବ ବୋଲି ଘୋଷଣା କରାଯାଇଥିଲା। ଦଳ କ୍ଷମତାକୁ ଆସିବା ପରେ ନିଜ ପ୍ରତିଶ୍ରୁତି ଅନୁଯାୟୀ ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତଙ୍କୁ ଟଙ୍କା ଫେରସ୍ତ ପାଇଁ ପ୍ରକ୍ରିୟା ଆରମ୍ଭ କରିଥିଲା। ନିକଟରେ ଏକ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ନିଜେ କିପରି ଚିଟ୍‌ଫଣ୍ଡ ଠକେଇର ଶିକାର ହୋଇଥିଲେ ସେ ନେଇ ସୂଚନା ଦେଇଥିଲେ। ସେ କହିଥିଲେ, ୧୯୯୦ ଓ ୨୦୦୨ରେ ଦୁଇଥର ଠକେଇର ଶିକାର ହୋଇଛି। ଗୋଟିଏ ସରକାରୀ ଓ ଗୋଟିଏ ବେସରକାରୀ ସଂସ୍ଥା ତାଙ୍କୁ ଠକିଥିଲେ। ସେ କଥା ମୁତାବକ ଟଙ୍କା ଦେଇଥିଲେ, କିନ୍ତୁ ପରବର୍ତ୍ତୀ • ପୃଷ୍ଠା ୫ ଦେଖନ୍ତୁ

## ମୟୂରଭଞ୍ଜରେ କୁଆପଥର ବର୍ଷା ସହାୟତା

# ୨୦ କୋଟି ମଞ୍ଜୁର

ଭୁବନେଶ୍ୱର, ୨୪।୩(ଭାସ୍କର ନ୍ୟୁଜ): ଗତ ୨୦ ତାରିଖରେ ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ସ୍ଥାନରେ ପ୍ରବଳ କୁଆପଥର ବର୍ଷା ଅନୁଭୂତ ହୋଇଥିଲା। ପ୍ରାରମ୍ଭିକ ଆକଳନ ଅନୁଯାୟୀ ୧୩ ଟି ବ୍ଲକ୍ (ବାଙ୍ଗିରିପୋଷି, ବିଶୋଇ, କୁଳିଅଣା, ସାରସକଣା, କରଞ୍ଜିଆ, ବହଳଦା, ବିଜତଳା, ଯଶିପୁର, ତିରିଙ୍ଗ, ରରୁଆଁ, ଠାକୁରମୁଣ୍ଡା, ରାଇରଙ୍ଗପୁର ଓ କୁସୁମି) ର ୫୧ ଟି ଗ୍ରାମର ୮୫୪୭ ଜଣ ବ୍ୟକ୍ତି ପ୍ରଭାବିତ ହୋଇଥିଲେ । ଜିଲ୍ଲା ପ୍ରଶାସନର ପ୍ରାରମ୍ଭିକ ଆକଳନ ଅନୁଯାୟୀ ୩୫୧୪ଟି ଗୃହ କ୍ଷତିଗ୍ରସ୍ତ ହୋଇଅଛି। ତନ୍ମଧ୍ୟରୁ ୧୩୫୦ଟି କଚ୍ଚାଘର ସଂପୂର୍ଣ୍ଣ ରୂପେ ଓ ୨୧୬୦ଟି ଗୃହ ଆଂଶିକ ରୂପେ ଏବଂ ୪ଟି ଗୁହାଳଘର କ୍ଷତିଗ୍ରସ୍ତ ହୋଇଛି ଏବଂ ସମୁଦାୟ ୪୪୨ ହେକ୍ଟର କୃଷି ଓ ଉଦ୍ୟାନ କୃଷି କ୍ଷତିଗ୍ରସ୍ତ ହୋଇଅଛି । ଜିଲ୍ଲା ପ୍ରଶାସନର ରିପୋର୍ଟ ଆଧାରରେ ତୁରନ୍ତ ୨୦ କୋଟି ୩୮ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି। ଏହି ଅର୍ଥ ଗୃହ ମରାମତି ସହାୟତା, ରିଲିଫ୍ କ୍ୟାମ୍ପ ପରିଚାଳନା ଓ ଅନ୍ୟାନ୍ୟ ସହାୟତା ରାଶି ପାଇଁ ଜିଲ୍ଲା ପ୍ରଶାସନକୁ ଯୋଗାଇ ଦିଆଯାଇଛି । ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ସୋମବାର ବିଧାନସଭାରେ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ତୁରନ୍ତ ପଦକ୍ଷେପ ସ୍ୱରୂପ ପ୍ରଭାବିତ ଲୋକମାନଙ୍କୁ ଜିଲ୍ଲା ପ୍ରଶାସନ ତରଫରୁ ୨୪ ଟି ରିଲିଫ୍ କ୍ୟାମ୍ପ ଖୋଲାଯାଇ ଶୁଖିଲା ଖାଦ୍ୟ ଓ ରନ୍ଧା ଖାଦ୍ୟ ଯୋଗାଇଦିଆଯାଉଛି । ପ୍ରଭାବିତ ଲୋକମାନଙ୍କୁ • ପୃଷ୍ଠା ୫ ଦେଖନ୍ତୁ

## ତୀର୍ଯ୍ୟକ

**ଅର୍ଚ୍ଚିତ ଅନିର୍ବାଣ**



ନବୀନ କେଉଁଠି ଛିଙ୍କିଲେ, କାଶିଲେ
କାହା ସାଥେ ପୁଣି କୁଆଡ଼େ ଗଲେ,
ସେଇକଥା ନେଇ ଅନେକଙ୍କ ଚିନ୍ତା
ମନକୁ ଆସିଲା ଯାହା କହିଲେ ।
ଅଛନ୍ତି ପଲେ,
ଭାବି ଭାବି ଖାଲି ରାତି ଅନିଦିରା
ବୁମ୍ ଦେଖିଲେ ତ ବକି ଚାଲିଲେ !

# ରାଜ୍ୟ ଖବର



ଆସିକା (ଭାସ୍କର ନ୍ୟୁଜ୍) : ଗଞ୍ଜାମ ଜିଲ୍ଲା ପଶ୍ଚିମ କଂଗ୍ରେସ କମିଟି ପକ୍ଷରୁ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ନାରୀଙ୍କ ସୁରକ୍ଷା ପ୍ରସଙ୍ଗ ନେଇ ଆସନ୍ତା ୨୭ ତାରିଖରେ ବିଧାନସଭା ଘେରିବ ରାଜ୍ୟ କଂଗ୍ରେସ । ତା'ପୂର୍ବ ପ୍ରସ୍ତୁତିକୁ ନେଇ ଗଞ୍ଜାମ ଜିଲ୍ଲା ଆସିକା କଂଗ୍ରେସ କାର୍ଯ୍ୟାଳୟ ନିକଟରେ ଗଞ୍ଜାମ ଜିଲ୍ଲା କଂଗ୍ରେସ କମିଟି ପଶ୍ଚିମ ପକ୍ଷରୁ ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ବିଜେପିକୁ ଟାର୍ଗେଟ କରିଛି ଆସିକା କଂଗ୍ରେସ । କଂଗ୍ରେସର ଜିଲ୍ଲା ପ୍ରବକ୍ତା ସୁନାଲୀ କୁମାରୀ ସାହୁ କହିଛନ୍ତି ରାଜ୍ୟରେ ମହିଳାମାନେ ସୁରକ୍ଷିତ ନୁହନ୍ତି । ପ୍ରତ୍ୟେକ ଦିନ ରାଜ୍ୟରେ ୧୨ରୁ ଊର୍ଦ୍ଧ୍ୱ ମହିଳାଙ୍କ ପ୍ରତି ଦୁଷ୍କର୍ମ ହେଉଛି । ନଅମାସ ଭିତରେ ପାଖାପାଖି ୫୭ଜଣ ନାବାଳିକ ମାଆ ହେଲେଣି । କୋଡ଼ିଏ ହଜାରରୁ ଊର୍ଦ୍ଧ୍ୱ ମହିଳା ନିର୍ଯାତନା ମାମଲା ଥାନାରେ ରୁଜୁ ହୋଇଛି । ୧୮ଶହ ମହିଳାଙ୍କ ଉପରେ ହିଂସା ହେଉଛି । ମହିଳାଙ୍କ ପ୍ରତି ହେଉଥିବା ହିଂସା, ବଳାତ୍କାର ଓ ଦୁଷ୍କର୍ମକୁ ନେଇ କଂଗ୍ରେସ ବିଧାନସଭାରେ ଆଲୋଚନା ପାଇଁ ସରକାରଙ୍କ ଉପରେ ଚାପ ପ୍ରୟୋଗ କରିଥିଲା । କିନ୍ତୁ ବିଜେପି ସରକାର ନାରୀମାନଙ୍କ ସୁରକ୍ଷା ଉପରେ ଆଲୋଚନା କରିବା ପରିବର୍ତ୍ତେ କଂଗ୍ରେସର ଜଣେ ବରିଷ୍ଠ ବିଧାୟକଙ୍କୁ ବିଧାନସଭା ଗୃହରୁ ନିଲମ୍ବନ କରିବା ଏକ ଲଜ୍ଜ୍ୟା ଜଣକ ଘଟଣା । ବିଶେଷ କରି ମହିଳାମାନଙ୍କ ଉପରେ ହେଉଥିବା ଅତ୍ୟାଚାରକୁ ବିରୋଧରେ କରି ଆଗାମୀ ୨୭ ତାରିଖରେ କଂଗ୍ରେସ ବିଧାନସଭା ଘେରାଉ କରିବ । ଅନ୍ୟମାନଙ୍କ ମଧ୍ୟରେ ଗଞ୍ଜାମ ଜିଲ୍ଲା ପଶ୍ଚିମ କଂଗ୍ରେସ ସଭାପତି ରବିନ୍ଦ୍ରନାଥ ଶର୍ମା, ପ୍ରଭାରୀ ବିଜୟୀ କୁମାର ପ୍ରଧାନ, ସାଂସଦ ପ୍ରାର୍ଥୀ ଦେବକାନ୍ତ ଶର୍ମା ଓ ସମସ୍ତ ବିଧାୟକ ପ୍ରାର୍ଥୀ ଉପସ୍ଥିତ ଥିଲେ ।



## ପୂର୍ବତନ ସଭାପତିଙ୍କ ପରଲୋକ

ଫୁଲନଖରା (ଭାସ୍କର ନ୍ୟୁଜ୍) : କଟକ ସଦର ଥାନା ଅନ୍ତର୍ଗତ ଅରିଲୋ ଗ୍ରାମର ମୁରବି ତଥା ପୂର୍ବତନ ସଭାପତି ସତ୍ୟନାରାୟଣ ମହାନ୍ତି ମାର୍ଚ୍ଚ ୨୩ ତାରିଖ ରବିବାର ସନ୍ଧ୍ୟା ଛଅ ଘଟିକା ସମୟରେ ବୃକକଜନିତ ରୋଗରେ ୮୩ ବର୍ଷ ବୟସରେ ପରଲୋକ ଘଟିଛି । ସେ ମଧ୍ୟ ଦକ୍ଷିଣ ଉଷୁମା ସ୍ଥିତ ବିବେକାନନ୍ଦ ଶିକ୍ଷା କେନ୍ଦ୍ରର ଆରମ୍ଭରୁ ଆଜି ପର୍ଯ୍ୟନ୍ତ ଦୀର୍ଘ ୨୪ବର୍ଷ ଧରି ସ୍ଥାୟୀ ସଭାପତି ଥିଲେ । କିମସ୍ ହସ୍ପିଟାଲରୁ ତାଙ୍କର ଶବାଧାର ଭୁବନେଶ୍ୱର ଝାରପଡାସ୍ଥିତ ବାସଭବନ ବସନ୍ତ ନିବାସରେ ରବିବାର ରାତି ୧୨ ଟା ୧୫ରେ ପହଞ୍ଚିବା ସମୟରେ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ । ଅରିଲୋ ଗ୍ରାମର ସଭାପତି ପ୍ରବୀର ମହାନ୍ତି, ଗୋପାଳ ଚନ୍ଦ୍ର ମିଶ୍ର, ପ୍ରଭୁପ୍ରସାଦ ମହାନ୍ତି, ନିମାଇଁ ଦାସ, ଦେବେନ୍ଦ୍ର ବେହେରା, ସାଗର ମହାରଣା, ଦୀପକ ଦାସ, ଅରିଲୋ ଜନାର୍ଦ୍ଦନ ଦେବଙ୍କ ଟ୍ରଷ୍ଟ ବୋର୍ଡର ବରିଷ୍ଠ ସଭ୍ୟ ପ୍ରଶାନ୍ତ ବେହେରା, ପ୍ରଶାନ୍ତ ନାୟକ, ମନୋଜ ମହାରଣା ଏବଂ ସୂର୍ଯ୍ୟନାରାୟଣ ବେହେରା ଶେଷ ଦର୍ଶନ କରିଥିଲେ । ଶବାଧାର ନିକଟରେ ତାଙ୍କର ପତ୍ନୀ, ଦୁଇ ପୁଅ, ଝିଅ ଏବଂ ସାନଭାଇ ସୂର୍ଯ୍ୟନାରାୟଣ ମହାନ୍ତି ଉପସ୍ଥିତ ଥିଲେ । ଶ୍ରୀଯୁକ୍ତ ମହାନ୍ତି ଓଡ଼ିଶା ପ୍ରଶାସନିକ ସେବାର ଜଣେ ଦକ୍ଷ ପ୍ରଶାସକ ହିସାବରେ ଅବସର ନେବା ସହିତ ଜଣେ ଉଚ୍ଚ ବ୍ୟକ୍ତିତ୍ୱ ସମ୍ପନ୍ନ ମଣିଷ ଥିଲେ । ତାଙ୍କର ମୃତ୍ୟୁରେ ନିକଟବର୍ତ୍ତୀ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିଲା । ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ କରାଯାଇଥିଲା । ବଡପୁଅ ଶୈଳେଶ ନାରାୟଣ ମହାନ୍ତି ମୁଖାଗ୍ନି ଦେଇଥିଲେ ।

### ନିଆଁ ଦାଉରୁ ଶାଳ ଜଙ୍ଗଲକୁ ସୁରକ୍ଷିତ ରଖିବା ଜରୁରି

## ପୋଡୁ ଚାଷ ନିୟନ୍ତ୍ରଣ ଓ ଜଙ୍ଗଲ ଅଧିକାର ଆଇନର ଦୁରୂପଯୋଗ ବନ୍ଦ ଦାବି

କେନ୍ଦୁଝର (ଭାସ୍କର ନ୍ୟୁଜ୍) : ମାର୍ଚ୍ଚ ମାସର ଶେଷାର୍ଦ୍ଧ ସମୟରେ ରାଜ୍ୟର ଅନ୍ୟାନ୍ୟ ସ୍ଥାନମାନଙ୍କରେ ତାପମାତ୍ରା ଅହେତୁକ ଭାବରେ ବଢୁଥିଲେ ମଧ୍ୟ କେନ୍ଦୁଝର ଜିଲ୍ଲାକୁ ଘେରି ରହିଥିବା ଶାଳ ଜଙ୍ଗଲ କାରଣରୁ ଏହାର ପରିବେଶ ସନ୍ତୁଳିତ ହୋଇରହିଛି । ଜିଲ୍ଲାର ରେବଣା ସଂରକ୍ଷିତ ଜଙ୍ଗଲ, ତେଲକୋଇ ବ୍ଲକର କଳାପାଟ, ରାଣୀବେଡା, ବନ୍ଧନଝରୀ, ତାଳପଦା, ସମାକୋଇ, କାଳିଆହତା, ବଡବିଲ ରେଞ୍ଜର ସିଦ୍ଧମଠ, କାରୋ, ବାଂଶପାଳର କାଞ୍ଜିପାଣି, ଗରଗଡେଇ, ମୁଣ୍ଡୁଳା, ଗନ୍ଧମାର୍ଦ୍ଦନ, କେନ୍ଦୁଝରର ନୟାଗଡ, ବାରବାଙ୍କ, ମଇଦାନକେଲ, ରଘୁନାଥପୁର, ଜଡିପଦା, ଘଟଗାଁ ବ୍ଲକର ଅଟେଇ, ଚମ୍ପୁଆ ବ୍ଲକର ପେଡିପୋଖରୀ, ବୈତରଣୀ, ନଇବୁଗା ଜଙ୍ଗଲରେ ଏବେବି ବ୍ୟାପକ ଶାଳ ଜଙ୍ଗଲ ରହିଛି । ଗ୍ରାମ୍ୟ ଜଙ୍ଗଲ ସୁରକ୍ଷା କମିଟିର ଉଦ୍ୟମକ୍ରମେ ଏହି ଶାଳ ଜଙ୍ଗଲ ଅକ୍ଷୁର୍ଣ୍ଣ ରହିଛି । ଜିଲ୍ଲାରେ ସମୁଦାୟ ଭୌଗଳିକ ଅଞ୍ଚଳର ୩୭.୩୦ ପ୍ରତିଶତ ଜଙ୍ଗଲାଞ୍ଚଳ ରହିଛି । ସମୁଦାୟ ୩୦୯୭.୧୮ ବର୍ଗ କିମି ଜଙ୍ଗଲାଞ୍ଚଳରୁ ୧୮୩୪.୦୯ ବର୍ଗ କିମି ରିଜର୍ଭ ଜଙ୍ଗଲ, ୨୭୩.୬୪ ବର୍ଗ କିମି ଚିହ୍ନିତ ସୁରକ୍ଷିତ ଜଙ୍ଗଲ, ୨୨୦.୭୯ ବର୍ଗ କିମି ଅଚିହ୍ନିତ ଜଙ୍ଗଲ ଓ ଅବଶିଷ୍ଟ ଅନ୍ୟାନ୍ୟ



ରାଜସ୍ୱ ଜଙ୍ଗଲ ରହିଛି । ପ୍ରାକୃତିକ ପରିବେଶରେ ଆପେ ଆପେ ଗଛ ଉଠୁଥିବା ଶାଳ ଜଙ୍ଗଲର ବିକଳ୍ପ ନାହିଁ । ଅର୍ଥାତ ଏହି ଗଛ ପ୍ରସ୍ତୁତ କରି ବନୀକରଣ କରିବା ସହଜ ନୁହେଁ । ତେବେ ଏକଦା କେନ୍ଦୁଝର ଜିଲ୍ଲାରେ ବହୁ ପରିମାଣରେ ଶାଳ ଜଙ୍ଗଲ ରହିଥିବାବେଳେ ଖଣିଖନନ, ଶିଳ୍ପ, ରାସ୍ତା ଓ ବନ୍ଧ ନିର୍ମାଣ ନାମରେ ଜଙ୍ଗଲ ଧ୍ୱଂସ, ଜଙ୍ଗଲ ଜବର ଦଖଲ, ଜଙ୍ଗଲ ପୋଡି, କାଠ ମାଫିଆଙ୍କ ପ୍ରାଦୁର୍ଭାବ, ଘର ନିର୍ମାଣ ଓ ଘର ଉପକରଣର ଆବଶ୍ୟକତା ବୃଦ୍ଧି, ଟ୍ରକ ଡାଲା ନିର୍ମାଣ, ଜାଳ କାଠ ବ୍ୟବହାର ଆଦି କାରଣରୁ ଜିଲ୍ଲାରେ ଶାଳ ଜଙ୍ଗଲ ନଷ୍ଟ ହେବାକୁ ଲାଗିଛି । ତେବେ ଏବେଠୁଁ ଶାଳ ଜଙ୍ଗଲର ସୁରକ୍ଷା କରିବା ଜରୁରି ହୋଇପଡିଛି । ସୂଚନାଯୋଗ୍ୟ ଯେ, ଶାଳ ଗଛ ହେଉଛି ଏକ ଅମୂଲ୍ୟ ସମ୍ପଦ । କାରଣ ଏହା ପ୍ରାକୃତିକ ପରିବେଶରେ ଶାଳ ମଞ୍ଜି ମାଟିରେ ପଡି ୨୪ ଘଣ୍ଟା ମଧ୍ୟରେ ଗଜା ବାହାରିଥାଏ ଓ ଗଛ ଉଠିଥାଏ । ତେବେ ଲକ୍ଷ ଲକ୍ଷ ଶାଳ ମଞ୍ଜି ପଡୁଥିଲେ ହେଁ ବହୁତ କମ୍ ସେଥିରୁ ଗଛ ଉଠିଥାଏ । ଶାଳ ଜଙ୍ଗଲ କୃତ୍ରିମ ଉପାୟରେ ସୃଷ୍ଟି କରିବା ସମ୍ଭବପର ନୁହେଁ । ଶାଳ ଜଙ୍ଗଲ ନଷ୍ଟ ହେବାର ପ୍ରମୁଖ କାରଣ ଜଙ୍ଗଲ ନିଆଁ । କୃତିମ ଜଙ୍ଗଲ ନିଆଁରେ ବ୍ୟାପକ ଜଙ୍ଗଲ ଧ୍ୱଂସ ହେଉଥିବାବେଳେ ଏହାର ପ୍ରତିକାର ନିମନ୍ତେ ବନସୁରକ୍ଷା କମିଟି ଗ୍ରାମବାସୀଙ୍କୁ ଜଙ୍ଗଲରେ ଯେପରି ନିଆଁ ନଲାଗିବ ସେଥିପାଇଁ ସଚେତନ କରିବା ଜରୁରି ହୋଇପଡିଛି । ଶାଳ ମଞ୍ଜି ସଂଗ୍ରହ କରୁଥିବା ବ୍ୟକ୍ତିଙ୍କୁ ନିଆଁ ପ୍ରତି ସାବଧାନତା ଓ ନିୟନ୍ତ୍ରଣ ମଧ୍ୟରେ ନିଆଁ ଲଗାଇ ଶାଳ ମଞ୍ଜି ସଂଗ୍ରହ କରିବେ ଏବଂ ଜଙ୍ଗଲରେ କେନ୍ଦୁପତ୍ର ସଂଗ୍ରହ କରୁଥିବା ପତ୍ର ତୋଳାଳୀମାନେ ଏହି ସମୟରେ ନିଆଁ ଲଗାଇଥାନ୍ତି । ଏଣୁ ଏହାର ବିହୀତ ପଦକ୍ଷେପ ଜରୁରି ଅଟେ । ଶାଳ ଗଛରୁ କାଠ ବ୍ୟତୀତ ଝୁଣା, ଶାଳ ମଞ୍ଜି ଶାଳପତ୍ର, ଦାନ୍ତକାଠି ଆଦି ବନବାସୀମାନେ ପାଇଥାନ୍ତି । ଏହା ଛଡା ଏହି ଗଛ ପରିବେଶର ସୁରକ୍ଷା କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । ଜଙ୍ଗଲ ମଧ୍ୟରେ ବେଆଇନ ମୋରମ, ପଥର ଖଣି ଖନନ, ଜଙ୍ଗଲଜମିକୁ ହାତେଇବା ପାଇଁ ବେଆଇନ ଭାବରେ ଜଙ୍ଗଲ କଟା ଯାଉଥିବା ବେଳେ ପୋଡୁ ଚାଷ, କୋଇଲା ଆଦି ପାଇଁ ଜଙ୍ଗଲ ପୋଡି ଯୋଗୁଁ ଏହି ଶାଳ ଗଛ ସଂକଟରେ ରହିଛି । ତେବେ ଶାଳ ଗଛ ବଦଳରେ ଅନ୍ୟାନ୍ୟ ଗଛ ଜଙ୍ଗଲ ମଧ୍ୟରେ ବନୀକରଣ କରିବା ପରିବର୍ତ୍ତେ ଉଜୁଡା ଜଙ୍ଗଲର ସୁରକ୍ଷା କରାଗଲେ ଆପେ ଆପେ ପ୍ରାକୃତିକ ଉପାୟରେ ଜଙ୍ଗଲ ସୃଷ୍ଟି ହୋଇପାରିବ ବୋଲି ମତପ୍ରକାଶ ପାଉଛି । ପୂର୍ବଘାଟ ପର୍ବତମାଳାର ଅଂଶବିଶେଷ ଭାବେ କେନ୍ଦୁଝର ଜିଲ୍ଲାର ଅର୍ଦ୍ଧଚିରହରିତ ବିସ୍ତୃତ ଶାଳ ଜଙ୍ଗଲ ଏହାର ପ୍ରାକୃତିକ ପରିବେଶକୁ ସନ୍ତୁଳିତ କରି ଆସୁଥିଲା । ଆଦିବାସୀ ଅଧ୍ୟୁଷିତ କେନ୍ଦୁଝରର ଜନଜୀବନ ସହ ଏହାର ଭୌଗଳିକ ପରିବେଶ ମଧ୍ୟ ପ୍ରଭାବିତ କରୁଥିଲା । ବର୍ତ୍ତମାନ ବିସ୍ତୃତ ଶାଳ ଜଙ୍ଗଲ ଧ୍ୱଂସ ହେଉଥିବାରୁ କେବଳ ପରିବେଶ ଉପରେ କ୍ଷତି ହେଉନାହିଁ ଜିଲ୍ଲାର ଅର୍ଥନୀତି, ପର୍ଯ୍ୟଟନ ଭିତ୍ତିକ ଶିଳ୍ପ ପ୍ରଭାବିତ ହେବା ସହ ଆଦିବାସୀମାନଙ୍କ ଜୀବନଜୀବିକା ଉପରେ ପ୍ରଭାବ ପଡିଛି । ଶାଳ ଜଙ୍ଗଲ ସୁରକ୍ଷା ପାଇଁ ପୋଡୁଚାଷ ନିୟନ୍ତ୍ରଣ ସହ ୨୦୦୬ ଜଙ୍ଗଲ ଅଧିକାର ଆଇନର ଅସଦ୍ ବ୍ୟବହାର ରୋକାଯିବା ଉପରେ ପରିବେଶବିତ୍ମାନେ ଗୁରୁତ୍ୱାରୋପ କରିଛନ୍ତି । ଜିଲ୍ଲାରେ ଶାଳ ଜଙ୍ଗଲର ସୁରକ୍ଷା ପାଇଁ ବ୍ୟାପକ ଜନସଚେତନାର ଆବଶ୍ୟକତା ରହିଛି । ଉଜୁଡି ଯାଇଥିବା ଶାଳ ଜଙ୍ଗଲର ପୁନଃଉଦ୍ଧାର ପାଇଁ ମୁଖ୍ୟତଃ ଜନସଚେତନତା ଏବଂ ଜଙ୍ଗଲ ନିଆଁର ପ୍ରତିରୋଧ କଲେ ସୁନ୍ଦର ଶାଳ ଜଙ୍ଗଲ ସୃଷ୍ଟି ହୋଇପାରିବ ବୋଲି ସାଧାରଣରେ ମତବ୍ୟକ୍ତ ହୋଇଛି ।

## ଜିଲ୍ଲାସ୍ତରୀୟ ବିଶ୍ୱ ଜଳ ଦିବସ ପାଳିତ

ବାରିପଦା (ଭାସ୍କର ନ୍ୟୁଜ୍) : ମୟୂରଭଞ୍ଜ ଜିଲ୍ଲାସ୍ତରୀୟ ବିଶ୍ୱ ଜଳ ଦିବସ ଉତ୍ସବ ଆଜି ବାରିପଦା ସ୍ଥିତ ଜିଲ୍ଲା ପରିଷଦ କନ୍ଫରେନ୍ସ ହଲ୍ ପରିସରରେ ଉତ୍ସାହମୟ ପରିବେଶରେ ପାଳିତ ହୋଇଯାଇଛି । ଏହି ଅବସରରେ ଜଳ ସଂରକ୍ଷଣ ଏବଂ ତାହାର ଗୁରୁତ୍ୱ ବିଷୟରେ ବିଭିନ୍ନ ମଧ୍ୟ ଜଳର ଅପବ୍ୟୟ ରୋକିବା, ଜଳ ସଂରକ୍ଷଣ, ଏବଂ ଜଳ ଅଭିକଳ୍ପନା ଯୋଜନାଗୁଡ଼ିକ ବିଷୟରେ ଚିନ୍ତନ ଅଧିବେଶନ ପ୍ରଦାନ କରିଥିଲେ । ଅନ୍ୟାନ୍ୟ ଉପସ୍ଥିତ ଅତିଥିମାନଙ୍କ ମଧ୍ୟରେ ଏମ୍.ଇ ବୈଶିଂଗା ପ୍ରତାପ କୁମାର ଦାସ, ଏମ୍.ଇ ମୋରଡା ସନ୍ତୋଷ କୁମାର




ବିଶେଷଜ୍ଞ ଓ ଅଧିକାରୀମାନେ ଉପସ୍ଥିତ କୃଷକ, ଛାତ୍ରଛାତ୍ରୀ ଏବଂ ସାଧାରଣ ଲୋକଙ୍କୁ ସଚେତନ କରିଥିଲେ । ଉତ୍ସବ ଆରମ୍ଭରେ ପ୍ରଦୀପ ପ୍ରଜ୍ୱଳନ କରି ଜଳ ସଂରକ୍ଷଣର ଗୁରୁତ୍ୱ ବିଷୟରେ ଚିନ୍ତନ କରାଯାଇଥିଲା । ବାରିପଦା ସିଂଚାଇ ବୃତ୍ତର ଅତିରିକ୍ତ ମୁଖ୍ୟଯନ୍ତ୍ରୀ ସୁବ୍ରତ କୁମାର ଦାସ ଉପସ୍ଥିତ ସମସ୍ତଙ୍କୁ ସ୍ୱାଗତ କରିଥିଲେ । ଏହି କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଏ.ପି.ଡି ଶାନ୍ତନୁ ନାୟକ ଅପରିହାର୍ଯ୍ୟ ଜଳ ସଂକଟ ବିଷୟରେ ଚର୍ଚ୍ଚା କରି ଜଳ ସଂରକ୍ଷଣ ଏବଂ ସୁସଂଗଠିତ ବ୍ୟବହାରର ଅବଶ୍ୟକତା ଉପରେ ଜୋର ଦେଇଥିଲେ । ଏହି ଉତ୍ସବରେ ଅନ୍ୟାନ୍ୟ ଅତିଥିମାନେ ଦାସ, ଏମ୍.ଇ ଝାରପୋଖରିଆ ସୁରେଶ୍ ବେହେରା, ଏସ୍.ଇ ରାଇରଙ୍ଗପୁର ତପନ କୁମାର ସି ପ୍ରମୁଖ ଇରିଗେସନ୍ ବିଭାଗର ଉଚ୍ଚ ଅଧିକାରୀମାନେ ମଧ୍ୟ ଉପସ୍ଥିତ ରହିବା ସହିତ ଇ.ଇ ମେଗା ଲିଫ୍ଟ ଡିଭିଜନ ଚୁଡ଼ାମଣି ପୁରୁସେଟ୍ ପ୍ରମୁଖ ଉପସ୍ଥିତ ରହିଥିଲେ । ଏହି ଉତ୍ସବରେ ଅଧକ୍ଷ ଏବଂ ଅତିଥିମାନେ ସମସ୍ତଙ୍କୁ ଜଳ ସଂରକ୍ଷଣ ପାଇଁ ନିଜେମାନେ ଜଗୃତ ହେବା ଏବଂ ଅନ୍ୟମାନଙ୍କୁ ସଚେତନ କରିବାର ଆହ୍ୱାନ କରିଥିଲେ । କାର୍ଯ୍ୟକ୍ରମର ଶେଷରେ ଏସ.ଇ ଝାରପୋଖରିଆ ବିଭାଗର ସୁରେଶ ବେହେରା ଧନ୍ୟବାଦ ଜ୍ଞାପନ ଦେଇ ସମାପନ ଘୋଷଣା କରିଥିଲେ ।

## ଲାଞ୍ଚ ନେବା ହେଲା କାଳ, ନିଲମ୍ବିତ ହେଲେ ଖଣି ଅଧିକାରୀ

କେନ୍ଦ୍ରାପଡ଼ା (ଭାସ୍କର ନ୍ୟୁଜ୍) : ବାଲି ମାଫିଆଙ୍କ ଠାରୁ ବାଲିଖାଦାନ ଚଳାଇବା ପାଇଁ ଟଙ୍କା ନେଉଥିବା ଭିଡିଓ ଭାଇରାଲ ହେବା ପରେ ଖଣି ଅଧିକାରୀ ରାଜେନ୍ଦ୍ର ଖୁଣ୍ଟିଆଙ୍କ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଛି । ରାଜ୍ୟ ସରକାରଙ୍କ ଇସ୍ପାତ ଓ ଖଣି ବିଭାଗ ପକ୍ଷରୁ କେନ୍ଦ୍ରାପଡା ଖଣି ଅଧିକାରୀ ଶ୍ରୀ ଖୁଣ୍ଟିଆଙ୍କୁ ନିଲମ୍ବିତ କରାଯାଇଛି । ନିଲମ୍ବନ ପରେ ଶ୍ରୀ ଖୁଣ୍ଟିଆଙ୍କ ମୁଖ୍ୟାଳୟ କନ୍ଧମାଳ ଜିଲ୍ଲାର ଫୁଲବାଣୀରେ ଥିବା ଖଣି ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟକୁ ପଠାଯାଇଛି । ଖଣି ଉପନିର୍ଦ୍ଦେଶକଙ୍କ ଅନୁମତି ବିନା ମୁଖ୍ୟାଳୟ ଛାଡି ପାରିବେ ନାହିଁ । ନିଲମ୍ବନ ଅବଧି ଶେଷ ନହେବା ପର୍ଯ୍ୟନ୍ତ ତାଙ୍କୁ ନିଲମ୍ବନ ଭତ୍ତା ପ୍ରଦାନ କରାଯିବ ବୋଲି ନିର୍ଦ୍ଦେଶରେ ଉଲ୍ଲେଖ ରହିଛି । ସୂଚନା ଥାଉକି ଶ୍ରୀ ଖୁଣ୍ଟିଆ କେନ୍ଦ୍ରାପଡା ଜିଲ୍ଲାର ବନ୍ଦ ଥିବା ଏକ ବାଲି ଖାଦାନକୁ ଚଳାଇବା ପାଇଁ ଜଣେ ବାଲି ମାଫିଆଙ୍କ ଠାରୁ ୩ଲକ୍ଷ ଟଙ୍କା ଦାବି କରିଥିଲେ । ଏହାସହ ବିଭାଗୀୟ ମନ୍ତ୍ରୀଙ୍କ ପାଇଁ ୧୦ଲକ୍ଷ ଟଙ୍କା ଦାବି କରିଥିଲେ । ମନ୍ତ୍ରୀ ଟଙ୍କା ନେଲେ ଖାଦାନ ଚଳାଇବା ପାଇଁ ଅନୁମତି ଦେବେ ବୋଲି କହିଥିବା ସେ ମାଫିଆଙ୍କୁ କହିଥିଲେ । ମାଫିଆ ଜଣଙ୍କ ପ୍ରଥମ ପର୍ଯ୍ୟାୟରେ ଖଣି ଅଧିକାରୀଙ୍କୁ ୫୦ହଜାର ଟଙ୍କା ଦେଇଥିଲେ । ଏହାର ଭିଡିଓ ଭାଇରାଲ ହୋଇଥିଲା । ଫଳରେ ତାଙ୍କୁ ନିଲମ୍ବନ କରାଯାଇଛି ।

## ପୋଲ ନିର୍ମାଣ ବିଳମ୍ବ ନେଇ ବଢୁଛି ଅସନ୍ତୋଷ

କେନ୍ଦୁଝର (ଭାସ୍କର ନ୍ୟୁଜ୍) : କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ନୂଆଗାଁ ପଞ୍ଚାୟତ କାଦଗଡ ରେଳ ବିଭାଗ ଅଧିନସ୍ଥ ଘୋସଡା ପୋଲ ଉପରେ ଏକ ଉଚ୍ଚ ପୋଲ ନିର୍ମାଣ ପାଇଁ ୧୦ଲକ୍ଷ ଟଙ୍କା ଅନୁମୋଦନ ହୋଇଥିଲେ ହେଁ କାମ ଆରମ୍ଭରେ ବିଳମ୍ବ ହେଉଛି । ଏନେଇ ଜନସାଧାରଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଦୀର୍ଘବର୍ଷ ଧରି ପୋଲ ରାସ୍ତା ଖାଲଖାମା ହୋଇ ପଡି ରହିଥିବାବେଳେ ସାମାନ୍ୟ ବର୍ଷାହେଲେ ରାସ୍ତା ଅବସ୍ଥା ଶୋଚନୀୟ ହୋଇ ପଡୁଛି । ଏହାସହ ନାଳ ଫୁଲି ଉଠିଲେ ୩ ଫୁଟ୍‌ରୁ ଅଧିକମାତ୍ରାରେ



ପାଣି ପ୍ରବାହିତ ହେବା ଯୋଗୁଁ ଯାତାୟତ ଠପ୍ ହୋଇଯାଉଛି । ଏହି ସମୟରେ ୧୦୨, ୧୦୮ ଆମ୍ବୁଲାନ୍ସ ଗର୍ଭବତୀ ମହିଳାଙ୍କୁ ମେଡିକାଲ ଆଣିବାକୁ ଗାଁକୁ ଯାଇପାରୁ ନାହିଁ । ସ୍କୁଲ-କଲେଜ ସମେତ ସାଧାରଣ ଲୋକେ ପଦ୍ମପୁର ବଜାରକୁ ଯିବା ଆସିବା ନକରିପାରି ରାଇସୁଆଁ-ବୀରକିଶୋରପୁର ୧୦ରୁ ଅଧିକ କିଲୋମିଟର ବୁଲି କେନ୍ଦୁଝର ଓ ଅନ୍ୟାନ୍ୟ ସ୍ଥାନକୁ ଯାଉଛନ୍ତି । ଏଥିପାଇଁ ସ୍ଥାନୀୟ ଅଞ୍ଚଳର ହଜାର ହଜାର ଜନସାଧାରଣ ଯାତାୟତରେ କଷ୍ଟ ଭୋଗୁଛନ୍ତି । ତୁରନ୍ତ ପୋଲ ନିର୍ମାଣ ସହ ରାସ୍ତା ମରାମତି କରାଯିବାକୁ ସମାଜସେବୀ ଦିଲ୍ଲିପ କୁମାର ବେହେରା, ସମାଜସେବୀ ବିଦ୍ୟାଧର ମହାନ୍ତଙ୍କ ସମେତ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି ।

## ଇନ୍ତେଜମିୟା କମିଟି ପକ୍ଷରୁ ଇଫତାର ପାର୍ଟି

ଆଳି (ଭାସ୍କର ନ୍ୟୁଜ୍) : ଆଳି ବ୍ଲକ ମେଣ୍ଟପୁର ଗ୍ରାମ ପଞ୍ଚାୟତ ମିଲତନଗର ଠାରେ ଇନ୍ତେଜମିୟା କମିଟି ପକ୍ଷରୁ ଇଫତାର ପାର୍ଟି ଅନୁଷ୍ଠିତ ହୋଇଯାଇଛି । ଏହି ପାର୍ଟିରେ ମୁଖ୍ୟ ଅତିଥି ଭାବେ ବିଜେଡ଼ି ସାଂସଦ ପାର୍ଥ ଅଂଶୁମାନ ମହାନ୍ତି ଏବଂ ମୁଖ୍ୟବକ୍ତା ଭାବେ ପୂର୍ବତନ ମନ୍ତ୍ରୀ ତଥା ଆଳିର ତତ୍କାଳୀନ ବିଧାୟକ ପ୍ରତାପ କେଶରୀ ଦେବ ଯୋଗ ଦେଇ ଏହି ଧର୍ମ ମାସରେ ମୁସଲମାନ ଭାଇ ମାନଙ୍କର ନିଷ୍ପାପର ପାଳନ ରୀତିକୁ ପ୍ରଶଂସା କରିଥିଲେ । ସମ୍ମାନିତ ଅତିଥି ଭାବେ ଆଳି ବ୍ଲକ ବିଜେଡ଼ି ସଭାପତି ସନାତନ ମିଶ୍ର, ନିରଞ୍ଜନ ସେନାପତି, ସୁବ୍ରତ ଦାଶ, ମେଣ୍ଟପୁରର ପୂର୍ବତନ ସରପଞ୍ଚ ପ୍ରତାପ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ । ପଦନପୁର ମିଲତନଗର ଗ୍ରାମ ଜମିୟାତୁଲ୍ ଅଛା ମଦ୍ରାସାର ଅଧକ୍ଷ ମୁଫତି ଯାହାଙ୍ଗିର ସାମୁହିକ ନମାଜ ପାଠ କରାଇଥିଲେ । ସେକ ସଲିମ, ରାସିଦ ଖାଁ , କାଦର ଖାଁ , ସେକ ହଫିଜ, ସେକ ଇମ୍ରାନ, ସେକ ଆଜାଦ, ସେକ ଅବଦୁଲ୍ଲା, ସେକ ଅଜମୂଲ,



ସେକ ମହମ୍ମଦ ଅଲ୍ଲୀ, ସେକ୍ ସଜାଙ୍କ ସହ ଇନ୍ତେଜମିୟା କମିଟିର ଅନ୍ୟ ସଦସ୍ୟ ମାନେ ଓଷା ଫିଟାଇ ଖାଦ୍ୟ ଗ୍ରହଣ କରିଥିଲେ ।

### ୫ ମଦ ଦୋକାନରୁ ଚୋରି ଘଟଣା

## ୫ ଅଭିଯୁକ୍ତ ଗିରଫ, ବିପୁଳ ଟଙ୍କା ଜବତ

ଭଞ୍ଜନଗର (ଭାସ୍କର ନ୍ୟୁଜ୍ ) : ଦୀର୍ଘ ଏକ ମାସ ଧରି ଗଞ୍ଜାମ ଜିଲ୍ଲାର ବିଭିନ୍ନ ଥାନା ଇଲାକାର ବିଦେଶୀ ମଦ ଦୋକାନରୁ ସିରିଜ୍ ଚୋରି ଘଟଣାରେ ପୋଲିସକୁ ମିଳିଛି ବଡ଼ ସଫଳତା । ଏଥିରେ ସଂପୃକ୍ତ ଅଭିଯୋଗରେ ପୋଲିସ ୫ ଜଣକୁ ଗିରଫ କରିଛି । ସେମାନଙ୍କ ନିକଟରୁ ବିପୁଳ ପରିମାଣର ଚୋରି ଟଙ୍କା ମଧ୍ୟ ଜବତ କରିଛି ପୋଲିସ । ରବିବାର ଭଞ୍ଜନଗର ଥାନାରେ ଗଞ୍ଜାମ ଜିଲ୍ଲା ପୋଲିସ ପକ୍ଷରୁ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଏ ସଂପର୍କରେ ସୂଚନା ଦେଇଛନ୍ତି ପ୍ରୋବେସନାରୀ ଆଇପିଏସ୍ ମନୀଷ ସଗୁନ୍ । ଜିଲ୍ଲାର ୫ଟି ଥାନାରୁ ଚୋରି ଯାଇଥିବା ମୋଟ ୩,୪୬,୦୦୦/- ଟଙ୍କା ମଧ୍ୟରୁ ପୋଲିସ ବର୍ତ୍ତମାନ ସୁଦ୍ଧା ୧,୭୫,୦୦୦/- ଟଙ୍କା ଉଦ୍ଧାର କରିଥିବା ବେଳେ ଗୋଟିଏ ମାରୁତି ସ୍ୱିଫ୍ଟ କାର ୬ଟି ମୋବାଇଲ୍ ଓ ଗୋଟିଏ ଲୁହା ଶାବଳ ଜବତ କରାଯାଇଥିବା ସେ ସୂଚନା ଦେଇଛନ୍ତି । ରବିବାର ଅପରାହ୍ନ ସାଢେ ଗୋଟାଏ ବେଳେ ଭଞ୍ଜନଗର ଥାନା ପରିସରରେ ଗଞ୍ଜାମ ଜିଲ୍ଲା ପୋଲିସ ପକ୍ଷରୁ ଏହି ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଥିଲା । ଏଥିରେ ଜିଲ୍ଲାର ଭଞ୍ଜନଗର, ଗଞ୍ଜାମ, ବେଗୁନିଆ ପଡ଼ା, ରମ୍ଭା ଓ ଛତ୍ରପୁର ଥାନା ଇଲାକାର ମଦ ଦୋକାନ ଚୋରି ଘଟଣାରେ ସଂପୃକ୍ତ ୫ ଜଣ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଥିବା ସୂଚନା ଦିଆଯାଇଛି । ଗିରଫ ଅଭିଯୁକ୍ତ



ମାନେ ହେଲେ ହିଞ୍ଜିଳି ଥାନା ବୁରୁପଡା ଗ୍ରାମର ବବୁଲ୍ ଦଳାଇ(୨୧), ପୁରୁଷୋତ୍ତମପୁର ଥାନା ଅଞ୍ଚଳର ଭାପକୁମରଡାର ରଞ୍ଜନ ରାଉଳ(୨୪), ବୁଗୁଡ଼ା ଥାନା ଅନ୍ତର୍ଗତ ଅରଖପୁର ଗାଁର ଅର୍ଜୁନ ନାୟକ(୨୦), ଅଜୟ ନାୟକ (୧୮) ଓ ଚିତ୍ରସେନ ଜେନା (୨୪) । ଏମାନଙ୍କ ଠାରୁ ଏକ ଲକ୍ଷ ୭୫ ହଜାର ଟଙ୍କା ଜବତ କରାଯିବା ସହ ଚୋରିରେ ବ୍ୟବହୃତ ଏକ ସ୍ୱିଫ୍ଟ କାର ୬ ମୋବାଇଲ୍ ଓ ଲୁହା ଶାବଳ ଜବତ କରିଛି ପୋଲିସ । ସୋମବାର ଏମାନଙ୍କୁ କୋର୍ଟ ଚାଲାଣ କରାଯିବ ସୂଚନା ରହିଛି । ଭଞ୍ଜନଗର ଥାନାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପ୍ରୋବେସନାରୀ ଆଇପିଏସ୍ ଅଧିକାରୀ ମନୀଷ ସଗୁନ୍ ଗଣମାଧ୍ୟମ ପ୍ରତିନିଧି ମାନଙ୍କ ଆଗରେ ସୂଚନା ରଖିଥିଲେ ଯେ ଏହି ଚୋରମାନେ ପୂର୍ବରୁ ରାଜ୍ୟର ବିଭିନ୍ନ ସ୍ଥାନରେ ବିଶେଷ କରି ଭୁବନେଶ୍ୱର, ପୁରୀ ଓ ପିପିଲି ଆଦି ଥାନାରେ ଏମାନଙ୍କ ନାମରେ ଚୋରି ମାମଲା ରହିଛି । ଚଳିତ ମାସ ୮ ତାରିଖ ରାତିରେ ଭଞ୍ଜନଗର ଥାନା ଅନ୍ତର୍ଗତ ବାଉଁଶ ଲୁଣ୍ଡି ରୋଡ଼ଠାରେ ଥିବା ବିଦେଶୀ ମଦ ଦୋକାନରୁ ଏମାନେ ମଧ୍ୟ ରାତ୍ରରେ ସଟର ତାଡି କାଉଣ୍ଟରରୁ ୨,୧୮,୫୦୦/- ଟଙ୍କା ଚୋରି କରି ନେଇଥିବା ଅଭିଯୋଗ ହୋଇଥିଲା । ପୂର୍ବରୁ ଛତ୍ରପୁର ଥାନା ଇଲାକାରେ ଏକ ମଦ ଦୋକାନରୁ ଏମାନେ ୧୦ ହଜାର ଟଙ୍କା ଚୋରି କରିଥିଲେ । ସେହିପରି ରମ୍ଭା ଥାନାରେ ଗତ ଫେବୃଆରୀ ୨୧ ତାରିଖରେ ମଦ ଦୋକାନରୁ ୨୫ ହଜାର ଟଙ୍କା ଚୋରି କରିଥିଲେ । ପରେ ଚଳିତ ମାସ ୨ ତାରିଖରେ ଜିଲ୍ଲାର ବେଗୁନିଆ ପଡ଼ା ଥାନାର ଏକ ମଦ ଦୋକାନରୁ ଏକ ଲକ୍ଷ ୯୫ ହଜାର ଟଙ୍କା ଚୋରି କରିଥିଲେ । ଗଞ୍ଜାମ ଥାନା ଇଲାକାର ଏକ ମଦ ଦୋକାନରୁ ଗତ ୧୮ ତାରିଖରେ ୨୫ ହଜାର ଟଙ୍କା ଚୋରି କରିଥିଲେ । ଯାହା ଜିଲ୍ଲା ପୋଲିସ ପାଇଁ ଏକ ବଡ ଆହ୍ୱାନ ସୃଷ୍ଟି କରିଥିଲା । ଶେଷରେ ଏସପିଙ୍କ ନିର୍ଦ୍ଦେଶରେ ଭଞ୍ଜନଗର ଥାନା ଅଧିକାରୀ ଜୀବନାନନ୍ଦ ଜେନାଙ୍କ ନେତୃତ୍ୱରେ ଏଥିପାଇଁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା । ଏହି ଟିମ୍ ଜିଲ୍ଲାର ବିଭିନ୍ନ ସ୍ଥାନରେ ଚଢାଉ କରି ଶେଷରେ ଅଭିଯୁକ୍ତ ମାନଙ୍କୁ ଧରିବାରେ ସଫଳ ହୋଇଥିଲା । ତେବେ ଭଞ୍ଜନଗର ବିଦେଶୀ ମଦ ଦୋକାନରୁ ମାତ୍ର ୯୦ ହଜାର ଟଙ୍କା ଚୋରି କରାଯାଇଥିବା ପୋଲିସ ସ୍ପଷ୍ଟ କରିଛି । ଏହି ଘଟଣାରେ ଆହୁରି ବହୁ ଜଣ ସଂପୃକ୍ତ ଅଛନ୍ତି । ମୁଖ୍ୟ ଅଭିଯୁକ୍ତ ଏବେବି ଫେରାର ରହିଛି । ତେବେ ପୋଲିସ ସମସ୍ତଙ୍କୁ ନିଶ୍ଚୟ ଧରିବ ବୋଲି ଭଞ୍ଜନଗର ଏସଡିପିଓ ସୁଜିତ କୁମାର ନାୟକ ସୂଚନା ଦେଇଛନ୍ତି । ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଅନ୍ୟ ମାନଙ୍କ ମଧ୍ୟରେ ଭଞ୍ଜନଗର ଥାନା ଅଧିକାରୀ ଜୀବନାନନ୍ଦ ଜେନା, ଗଞ୍ଜା ଥାନା ଅଧିକାରୀ ସୁମିତ୍ରା ପାତ୍ର, ଭଞ୍ଜନଗର ଥାନା ଏସଆଇ ସମୀର କୁମାର ସେଠୀ ପ୍ରମୁଖ ଉପସ୍ଥିତ ରହିଥିଲେ ।

## ରଘୁନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ରିଲିଫ୍ ସାମଗ୍ରୀ ବଣ୍ଟନ



କରଞ୍ଜିଆ (ଭାସ୍କର ନ୍ୟୁଜ୍ ) : କରଞ୍ଜିଆ ବ୍ଲକ ଅନ୍ତର୍ଗତ କାଦଡ଼ିହା ସ୍ଥିତ ରଘୁନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ତରଫରୁ ବିଶୋଇ ବ୍ଲକର ଖଡମ ବେଡା ପଞ୍ଚାୟତରେ ଝଡ଼ ତୋଫାନ ଓ କୁଆ ପଥର ବର୍ଷା ଦ୍ୱାରା ପ୍ରଭାବିତ ବିଭିନ୍ନ ଗ୍ରାମରେ ରିଲିଫ୍ ସାମଗ୍ରୀ ବଣ୍ଟନ କରାଯାଇଛି । ଏହି ସ୍ୱତନ୍ତ୍ର ଅଭିଯାନରେ ମହାବିଦ୍ୟାଳୟର ଅଧକ୍ଷା ଡକ୍ଟର ଜ୍ୟୋତିର୍ମୟୀ ତ୍ରିପାଠୀ, ଅଧାପକ ଜନ୍ମେଜୟ ଶତପଥୀ, ରଞ୍ଜନ କୁମାର ବେହେରା ଓ କର୍ମଚାରୀ ବବିତା ମହାନ୍ତ ପ୍ରମୁଖଙ୍କ ସହଯୋଗରେ ତଥା ଅଧାପକ ନାରାୟଣ ମହାନ୍ତଙ୍କ ପ୍ରତ୍ୟକ୍ଷ ସହାୟତାରେ ଖଡମବେଡ଼ା ପଞ୍ଚାୟତର ଅଦିନିଆ କୁଆ ପଥର ବର୍ଷା ଦ୍ୱାରା ପ୍ରଭାବିତ, ବଡ଼ସାହି, ରାଦନ ସାହି, ହେସା ବେଡ଼ା, କୋଲହୋ ସାହି, ଛକ ସାହି ଓ ଡ଼ିପା ସାହି ଇତ୍ୟାଦି ଗ୍ରାମର ଲୋକଙ୍କୁ ଚୁଡା, ଗୁଡ଼, ବିସ୍କୁଟ, ଓଆରଏସ୍ ପ୍ୟାକେଟ, ପାଣି ବୋତଲ ବଣ୍ଟନ କରାଯାଇଥିଲା । ବିଭିନ୍ନ ଗ୍ରାମର ଗ୍ରାମବାସୀ ଗଣ ସେ ସମୟର ପ୍ରକୃତିର ଅଚାନକ କରାଳ ତାଣ୍ଡବକୁ ବର୍ଣ୍ଣନା କରି ଲୋତକ ଭରା ଚକ୍ଷୁରେ କୋହୋ ସମ୍ବରଣ କରିପାରୁନଥିଲେ । ଏହି କାର୍ଯ୍ୟକ୍ରମରେ ଅତ୍ୟନ୍ତ ଉତ୍ସାହ ର ସହିତ ପୂର୍ବତନ ସୁବେଦାର ତ୍ରିନାଥ ମହାନ୍ତ ସାମିଲ ହୋଇ ଥିଲେ । ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ରିଲିଫ୍ ସାମଗ୍ରୀ ବଣ୍ଟନ ସମୟରେ ସେଠାରେ ଉପସ୍ଥିତ ଥିବା ସାମାଜିକ କର୍ମୀ ଓ ବୁଦ୍ଧିଜୀବୀ ଗଣ ଏତାଦୃଶ କାର୍ଯକୁ ପ୍ରଶଂସା କରିବା ସହିତ ସାଧୁବାଦ ଜଣାଇଥିଲେ ।

## ବିପୁଳ ପରିମାଣର କାଠ ଜବତ

ବେତନଟୀ, (ଭାସ୍କର ନ୍ୟୁଜ୍ ): ବେତନଟୀ ରେଞ୍ଜ ଅଧୀନ ତୁଙ୍ଗାଧୁଆ ଗ୍ରାମରେ ଚଢାଉକରି ଚୋରାଚାଲାଣ ନିମନ୍ତେ ରଖାଯାଇଥିବା ବିପୁଳ ପରିମାଣର କାଠକୁ ଜବତ କରିଛି ବନବିଭାଗ । ଘଟଣାରୁ ପ୍ରକାଶ ତୁଙ୍ଗାଧୁଆ ଗ୍ରାମରେ କାଠ କଟାଯାଇଥିବାର ଖବରପାଇ ବେତନଟୀ ବନବିଭାଗ ପକ୍ଷରୁ କୃଷ୍ଣଚନ୍ଦ୍ରପୁର ଫରେଷ୍ଟର ଚିନ୍ତାମଣି ମାହାପାତ୍ର ଚଢାଉ କରିଥିଲେ । ଚଢାଉ ସମୟରେ ବେଆଇନ ଭାବରେ କଟାଯାଇ ବିପୁଳ ପରିମାଣର ରଖାଯାଇଥିବା ବିଭିନ୍ନ ମୋଟେର କାଠକୁ ଜବତ କରି କୃଷ୍ଣଚନ୍ଦ୍ରପୁରସ୍ଥିତ ସିଜରୟାର୍ଡକୁ ଆଣିଥିଲେ । ଏନେଇ ରେଞ୍ଜକାର୍ଯ୍ୟାଳୟ ପକ୍ଷରୁ ଏକ ମାମଲା ରୁଜୁ କରାଯାଇଛି ।

## ସେଣ୍ଟ ଜାଭିୟର୍ସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଉଦ୍‌ଘାଟିତ

କେନ୍ଦୁଝର (ଭାସ୍କର ନ୍ୟୁଜ୍) : କେନ୍ଦୁଝର ସହରସ୍ଥିତ ନିଉ କଲୋନୀ ସ୍ଥିତ ସେଣ୍ଟ ଜାଭିୟର୍ସ ଗ୍ରୁପର ଏକ ନୂତନ ଯୁକ୍ତ ୨ ବିଜ୍ଞାନ ପାଠ୍ୟକ୍ରମ ଥିବା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି । ଏହି ଶିକ୍ଷାନୁଷ୍ଠାନରେ ଯୁକ୍ତ ଦୁଇ ବିଜ୍ଞାନ ପାଠ ପଢା ଚଳିତ ଶିକ୍ଷାବର୍ଷରୁ ଆରମ୍ଭ ହେବ । ଏହି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଟି ଆବାସିକ ହୋଇଥିବାବେଳେ ଦିବାଧାୟୀ ଛାତ୍ରଛାତ୍ରୀ ପଢିବାର ବ୍ୟବସ୍ଥା ରହିଛି । ଓଡିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ପାଠ୍ୟ ଖସଡା ଅନୁଯାୟୀ ଯୁକ୍ତ ୨ ବିଜ୍ଞାନ ପାଠ ପଢା ହେବ । ସମସ୍ତ ଛାତ୍ରଛାତ୍ରୀଙ୍କ ଉପସ୍ଥିତିରେ ପୂଜାପାଠ ପରେ ଶିକ୍ଷାଦାନ ଆରମ୍ଭ ହୋଇଥିଲା । ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଚେୟାରମ୍ୟାନ୍ ଇଂ ଦେବବ୍ରତ ବେହେରାଙ୍କ ପୁତ୍ର ବୈଭବ ବିକ୍ରାନ୍ତ ପୂଜାର୍ଚ୍ଚନାରେ ମୁଖ୍ୟ କର୍ତ୍ତା




ଭାବେ ଯୋଗଦାନ କରିଥିଲେ । ନୂତନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୧୨୮ ଜଣ ଛାତ୍ରଛାତ୍ରୀ ପାଠ ପଢିବା ପାଇଁ ସିଏଚ୍‌ଏସ୍‌ଇ ଠାରୁ ଅନୁମତି ମିଳିଛି । ମୁଖ୍ୟ ଅତିଥି ରୂପେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ କୃଷକ ଚନ୍ଦ୍ରଶେଖର ବେହେରା ନୂତନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ଫିତା କାଟି ଉଦ୍‌ଘାଟନ କରିଥିଲେ । ଉକ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଚେୟାରମ୍ୟାନ୍ ଇଂ ଦେବବ୍ରତ ବେହେରା ପ୍ରତିଦ୍ୱନ୍ଦ୍ୱିତାମୂଳକ ଯୁଗରେ ଗୁଣାତ୍ମକ ଶିକ୍ଷାଦାନ ଉପରେ ଗୁରୁତ୍ୱାରୋପ କରିବା ସହ ଛାତ୍ରଛାତ୍ରୀଙ୍କୁ ଶୀତତାପ ନିୟନ୍ତ୍ରିତ ଶ୍ରେଣୀ ପ୍ରକୋଷ୍ଠ, ସ୍ମାର୍ଟ କ୍ଲାସ, ଉନ୍ନତମାନର ଶିକ୍ଷାଦାନ ଉପରେ ଗୁରୁତ୍ୱାରୋପ କରି କେବଳ କେନ୍ଦୁଝର ସହର ନୁହେଁ ସମଗ୍ର ରାଜ୍ୟରେ ସର୍ବଶ୍ରେଷ୍ଠ ଯୁକ୍ତ ୨ ବିଜ୍ଞାନ ପାଠପଢା ହେବ ବୋଲି ସେ ପ୍ରକାଶ କରିଛନ୍ତି । ଏଠାରେ ଯୁକ୍ତ ୨ ବିଜ୍ଞାନ ପାଠ ପଢା ସହ ମେଧାବୀ ଛାତ୍ରଛାତ୍ରୀମାନଙ୍କ ପାଇଁ ପ୍ରବେଶିକା ଶିକ୍ଷା(ଜେଇଇ, ନିଟ୍)ର ସୁବିଧା ରହିବ । ଅନୁଷ୍ଠାନର ଟ୍ରଷ୍ଟି ସୁସ୍ମିତା ବେହେରା ଶିକ୍ଷାର ବିକାଶ କିପରି ହୋଇପାରିବ ସେ ସଂପର୍କରେ ଆଲୋକପାତ କରିଥିଲେ । ଅନୁଷ୍ଠାନର ଅଧକ୍ଷା ନିବେଦିତା ମିଶ୍ର ଉନ୍ନତ ମାନର ବିଜ୍ଞାନ ଶିକ୍ଷା ଦ୍ୱାରା ଛାତ୍ରଛାତ୍ରୀମାନଙ୍କର ଭବିଷ୍ୟତ କିପରି ଉଜ୍ଜ୍ୱଳମୟ ହୋଇପାରିବ ଏହା ଉପରେ ଗୁରୁତ୍ୱାରୋପ କରିଥିଲେ । ନୂତନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଶୁଭାରମ୍ଭ କାର୍ଯ୍ୟକ୍ରମରେ ଉପସଭାପତି କୀରନ ଭାରତୀ ସହଯୋଗ କରିଥିଲେ ।



କଟକ(ଭାସ୍କର ନ୍ୟୁଜ୍): ଆସନ୍ତା ମାସର ପ୍ରଥମ ସପ୍ତାହରେ ସରକାରଙ୍କ ନିର୍ଦ୍ଦେଶରେ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଆୟୁଷମାନ ବୀମା କାର୍ଡ ବଣ୍ଟନ କରାଯିବାକୁ ନିଷ୍ପତି କରାଯାଇଛି । ଏହି ପରିପ୍ରେକ୍ଷୀରେ ଝୋଲା ସାହି ୟୁପିଏଚ୍‌ସିରେ କଟକ ମହାନଗର ନିଗମର ୫ ୱାର୍ଡ ୨୬,୨୭,୨୮,୨୯,୩୦କୁ ନେଇ ଡାକ୍ତର ଦେବଶ୍ରୀତା ମହାନ୍ତିଙ୍କ ଅଧକ୍ଷତାରେ ଏକ ପୂର୍ବ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ବିଜେପି ଯୁବନେତା କର୍ପୋରେଟର ଗଗନ ଓଝା, କର୍ପୋରେଟର ଇତିଶ୍ରୀ ଦାସ, କର୍ପୋରେଟର ବନଲତା ପ୍ରଧାନ, କର୍ପୋରେଟର ସୁମିତ୍ରା ବସ୍ତିଆ, କର୍ପୋରେଟର ରବିନାରାୟଣ ସାହୁ, ଫାର୍ମାସିଷ୍ଟ ଅମୟ କୁମାର ସାମଲ, ନର୍ସ ରୀନାରାଣୀ ବ୍ରହ୍ମା, ତରୁଲତା ଜେନା, ଲ୍ୟାବ ଟେକ୍ନିସିଆନ ନର୍ମଦା ରାଣୀ ବେହେରା, ସଞ୍ଜୟ ଦାସ, ରତ୍ନାକର ପ୍ରଧାନ, କାବେରୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

## ବିକଶିତ ଭାରତ ଯୁବ ସଂସଦ କାର୍ଯ୍ୟକ୍ରମ ଉଦ୍‌ଯାପିତ




କଟକ(ଭାସ୍କର ନ୍ୟୁଜ୍): ଭାରତ ସରକାରଙ୍କ ଯୁବ ବ୍ୟାପାର ମନ୍ତ୍ରଣାଳୟ ବିଭାଗ ଦ୍ୱାରା ପ୍ରାୟୋଜିତ ରାଜ୍ୟ ଜାତୀୟ ସେବା ଯୋଜନା ଓ କଟକ ଜିଲ୍ଲା ନେହରୁ ଯୁବକେନ୍ଦ୍ର ସହଯୋଗରେ ଦୁଇଦିନ ଧରି ଚାଲୁଥିବା ଜିଲ୍ଲାସ୍ତରୀୟ ବିକଶିତ ଭାରତ ଯୁବ ସଂସଦ କାର୍ଯ୍ୟକ୍ରମ କଟକ ଦେଉଳସାହିସ୍ଥିତ ରଘୁନାଥଜୀଉ ସ୍ନାତକ ମହାବିଦ୍ୟାଳୟରେ ଉଦ୍‌ଯାପିତ ହୋଇଯାଇଛି । ମହାବିଦ୍ୟାଳୟର ଅଧକ୍ଷ ଚନ୍ଦ୍ରମୋହନ ସ୍ୱାଇଁଙ୍କ ସଭାପତିତ୍ୱରେ ଜାତୀୟ ସେବା ଯୋଜନାର ରାଜ୍ୟ ଯୁବ ଅଧିକାରୀ ଅଜିତ ଖୋସ୍‌ୱାଲ୍ ଓ ନେହରୁ ଯୁବକେନ୍ଦ୍ରର ଜିଲ୍ଲା ଯୁବ ଅଧିକାରୀ ବିପିନ୍ କୁମାର, ଯାଜପୁର ଜିଲ୍ଲାର ଜିଲ୍ଲା ଅଧିକାରୀ ସୁଦୀପ୍ତ କୁମାର ବିଶ୍ୱାଳଙ୍କ ଉପସ୍ଥିତିରେ ବାରବାଟୀ-କଟକର ବିଧାୟିକା ସୋଫିଆ ଫିର୍ଦ୍ଦୋଷଙ୍କ କରକମଳରେ ଉଦ୍‌ଘାଟିତ ହୋଇଥିଲା । ଏଥିରେ ଉଭୟ କଟକ ଓ ଯାଜପୁର ଜିଲ୍ଲାରୁ ଶତାଧିକ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ । ମୁଖ୍ୟ ଅତିଥି ଭାବରେ ବିଶିଷ୍ଟ ଶିକ୍ଷାବିତ୍ ତଥା ରାଜନୀତିଜ୍ଞ ବିନୋଦ କୁମାର ଦାଶ, ମୁଖ୍ୟବକ୍ତା ଭାବରେ ଲୋକସେବକ ମଣ୍ଡଳର ଆଜୀବନ ସଦସ୍ୟ ଡଃ ପ୍ରଭାସ କୁମାର ଆଚାର୍ଯ୍ୟ ଯୋଗ ଦେଇଥିଲେ । ଅଧ୍ୟାପିକା ଅନିମା ମହାପ୍ରଶସ୍ତଙ୍କ ସଂଯୋଜନାରେ ନୋଡାଲ୍ ଅଫିସର ଡଃ ସରୋଜ କୁମାର ଦାଶ ବିବରଣୀ ପାଠ କରିଥିଲେ । ଅଧ୍ୟାପିକା ଅନିମା ମହାପ୍ରଶସ୍ତ ଅତିଥିଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପିକା ଚନ୍ଦନା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

## ଉତ୍କଳ ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଉତ୍କଳ ଦିବସ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଉତ୍କଳ ସମ୍ମିଳନୀ କେନ୍ଦ୍ରୀୟ କାର୍ଯ୍ୟାଳୟରେ ସମ୍ମିଳନୀର ରାଜ୍ୟ ସଭାପତି ଅଧିବକ୍ତା ଅନନ୍ତ ପ୍ରସାଦ ଜେନା ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ରାଜ୍ୟ ସଙ୍ଗୀତ 'ବନ୍ଦେ ଉତ୍କଳ ଜନନୀ' ଗାନ କରା ଯାଇ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା । କେନ୍ଦ୍ରୀୟ କାର୍ଯ୍ୟାଳୟରେ ରାଜ୍ୟରେ ଓ ରାଜ୍ୟ ବାହାରେ ଥିବା ଉତ୍କଳ ସମ୍ମିଳନୀର ସମସ୍ତ ଶାଖା ଚଳିତ ବର୍ଷ ଉତ୍କଳ ଦିବସ କିପରି ପାଳନ କରିବେ ସେ ବିଷୟରେ ବୈଠକରେ ଆଲୋଚନା କରାଯାଇଥିଲା । ଉତ୍କଳ ସମ୍ମିଳନୀର ସାଧାରଣ ସମ୍ପାଦକ ତଥା ମଞ୍ଚେଶ୍ୱର ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା ପ୍ରସ୍ତାବ ଦେଇଥିଲେ ଯେ, ଚଳିତ ବର୍ଷ ଉତ୍କଳ ଦିବସର ବାର୍ତ୍ତା ହେବ 'ଭାଷା ସୁରକ୍ଷା-ସଂସ୍କୃତି ରକ୍ଷା' । ପ୍ରସ୍ତାବ ବୈଠକରେ ସର୍ବସମ୍ମତି କ୍ରମେ ଗୃହିତ ହୋଇଥିଲା । ଉତ୍କଳ ସମ୍ମିଳନୀ କେନ୍ଦ୍ରୀୟ ସମିତି ସହ ସମସ୍ତ ଶାଖା ଏହି ବାର୍ତ୍ତା ବିଷୟରେ ଆଲୋଚନା ଚକ୍ର ଆୟୋଜନ କରି ଉତ୍କଳ ଦିବସ ପାଳନ କରିବେ ବୋଲି ନିଷ୍ପତି ନିଆଯାଇଥିଲା । ବୈଠକରେ ସମ୍ମିଳନୀର ରାଜ୍ୟ ଉପ-ସଭାପତି ଡ. ସୁରେନ୍ଦ୍ର ମୋହନ ମିଶ୍ର, ଦିପ୍ତୀମୟୀ ନାୟକ, ଅମର କବି ଶତପଥୀ, ସୁରଜିତ ପରିଡା, ଭଗବାନ ପ୍ରଧାନ ଓ ନାରାୟଣ ସୁତାର ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ । ଶେଷରେ ଉତ୍କଳ ସମ୍ମିଳନୀ ଭୁବନେଶ୍ୱର ଶାଖା ସଭାପତି ସୁବ୍ରତ ମହାପାତ୍ର ଧନ୍ୟବାଦ ପ୍ରଦାନ କରିଥିଲେ ।

## ଅପରାଗ ଅଧିକାରୀ, କର୍ମଚାରୀଙ୍କୁ ଅବସର ପୂର୍ବରୁ ବହିଷ୍କାର କର: ମୁଖ୍ୟ ସଚିବ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): କାର୍ଯ୍ୟରେ ସନ୍ଦେହଜନକ ରହୁଥିବା, ସଚ୍ଚୋଟତା ବା ସାଧୁତା ଅଭାବ ଥିବା କିମ୍ବା ଅପରାଗ ଅଧିକାରୀ ଓ କର୍ମଚାରୀଙ୍କୁ ସେମାନଙ୍କ ପ୍ରକୃତ ଅବସର ଗ୍ରହଣ ସମୟ ପୂର୍ବରୁ ସରକାରୀ ସେବାରୁ ବହିଷ୍କାର କରିବା ନେଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ଦେଇଥିବା ସର୍କୁଲାରକୁ କଡ଼ାକଡ଼ି ଭାବେ ପାଳନ କରିବା ପାଇଁ ମୁଖ୍ୟ ସଚିବ ମନୋଜ ଆହୁଜା ନିର୍ଦ୍ଦେଶ ଦେଇଛନ୍ତି । ଏହି ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବାକୁ ସମସ୍ତ ବିଭାଗକୁ କୁହାଯାଇଛି । ମୁଖ୍ୟ ସଚିବ ଲେଖିଥିବା ଚିଠିରେ ଉଲ୍ଲେଖ କରିଛନ୍ତି ଓଡ଼ିଶା ସେବା କୋଡ୍‌ର ନିୟମ ୭୧ ଏବଂ ଧାରା (କ) ଅନୁଯାୟୀ ସରକାରୀ କର୍ମଚାରୀଙ୍କ ଅକାଳ ଅବସର ମାମଲାର ସମାଧାନ ପ୍ରକ୍ରିୟାକୁ ଶୃଙ୍ଖଳିତ କରିବା ଏବଂ ପ୍ରଶାସନିକ ଦକ୍ଷତାକୁ ସୁନିଶ୍ଚିତ କରିବା ପାଇଁ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ସର୍କୁଲାର ନଂ ୨୭୩୦୭ ତାରିଖ ୨୪.୦୯.୨୦୧୯ରେ ନିର୍ଦ୍ଦେଶନାମା ଜାରି କରାଯାଇଛି ।

## ଆସାମୀକୁ ୩ ବର୍ଷ ସଶ୍ରମ କାରାଦଣ୍ଡ

କଟକ(ଭାସ୍କର ନ୍ୟୁଜ୍): ଏକ ନାବାଳିକା ଅସଦ୍ ଆଚରଣ ମାମଲାରେ କଟକର ଆଡହକ୍ ଆଡିସିନାଲ୍ ଏଣ୍ଡ୍ ସେସନ୍ ଜଜ୍, ଫାଷ୍ଟ୍ରାକ୍ କୋର୍ଟ-୨, ବାରଙ୍ଗ ଥାନା ଅଧିନସ୍ଥ ଫୁଲପୋଖରୀ ଅଞ୍ଚଳର ଆସାମୀ ବିକାଶ ବାରିକ୍ (୩୭)କୁ ୩ ବର୍ଷ ସଶ୍ରମ କରାଦଣ୍ଡ ଆଦେଶ ପ୍ରଦାନ କରିଛନ୍ତି । ସେହିପରି କୋର୍ଟ ଆସାମୀକୁ ୨୦ ହଜାର ଟଙ୍କାର ଜରିମାନା ରାଶି ଦାଖଲ କରିବାକୁ ଆଦେଶ ଦେଇଛନ୍ତି । ଜୋରିମାନା ରାଶି ଦାଖଲ ନ କରିପାରିଲେ ଆସାମୀକୁ ଆଉ ଅଧିକ ୩ ମାସ ସଶ୍ରମ କାରାଦଣ୍ଡ ଭୋଗିବାକୁ ପଡିବ ବୋଲି କୋର୍ଟ ତାଙ୍କ ଆଦେଶରେ ସ୍ପଷ୍ଟ କରିଛନ୍ତି । ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ମାମଲାକୁ ଅତିରିକ୍ତ ପବ୍ଲିକ୍ ପ୍ରସିକ୍ୟୁଟର୍ ଏମ୍‌ଏମ୍ ବେଗ୍ ପରିଚାଳନା କରୁଥିଲେ । ୨୦୧୯ ମସିହା ନଭେମ୍ବର ୨୫ ତାରିଖରେ ଆସାମୀ ବିକାଶ ଜଣେ ନାବାଳିକା ସହ ଅସଦ୍‌ଆଚରଣ କରିଥିବା ନେଇ ଅଭିଯୋଗ ହୋଇଥିଲା ।

## ଛତୁଆ ଖାଇ ଦୁଇ ଶିଶୁଙ୍କ ମୃତ୍ୟୁ ଘଟଣାରେ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଇସ୍ତଫା ଦିଅନ୍ତୁ: ବିଜେଡି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଗଜପତି ଜିଲ୍ଲାରେ ବିଷାକ୍ତ ଛତୁଆ ଖାଇ ୨ ଜଣ ନିରୀହ ଶିଶୁଙ୍କ ମୃତ୍ୟୁ ଘଟଣାରେ ବିଜୁ ଜନତା ଦଳ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ଇସ୍ତଫା ଦାବି କରିଛି । ଶଙ୍ଖ ଭବନ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଜେଡିର ମୁଖପାତ୍ର ଡ଼.ଲେଖାଶ୍ରୀ ସାମନ୍ତସିଂହାର କହିଥିଲେ, ଗଜପତି ଜିଲ୍ଲାର ଆର. ଉଦୟଗିରି ବ୍ଲକର ରାମଗିରି ଗାଁରେ ୨ ନିରୀହ ଆଦିବାସୀ ଶିଶୁ ଅଙ୍ଗନବାଡି କେନ୍ଦ୍ର ଦ୍ୱାରା ପ୍ରଦାନ ଛତୁଆ ଖାଇ ମୃତ୍ୟୁବରଣ କରିଥିବା ବେଳେ ଆଉ ୨ ଗୁରୁତର ହୋଇ ଏମକେସିଜି ମେଡିକାଲ କଲେଜରେ ଚିକିତ୍ସିତ ହେଉଛନ୍ତି । ଏହି ଘଟଣା ସ୍ପଷ୍ଟ କରିଛି ଯେ, ପିଲା ମାନଙ୍କୁ ପ୍ରଦାନ କରାଯାଇଥିବା ଛତୁଆ ଖାଦ୍ୟ ଉପଯୋଗୀ ନଥିଲା ଓ ଏହା ସରକାରୀ ବ୍ୟବସ୍ଥାର ବିଫଳତାକୁ ପଦାରେ ପକାଇଛି । ପୂର୍ବରୁ କନ୍ଧମାଳ ଜିଲ୍ଲାରେ ଖାଦ୍ୟ ଅଭାବରୁ ଆମ୍ବ ଟାକୁଆ ଖାଇ ୪ ମହିଳାଙ୍କ ମୃତ୍ୟୁ ହୋଇଥିଲା । ମୃତକଙ୍କ ପରିବାରବର୍ଗଙ୍କୁ ତୁରନ୍ତ ଅନୁକମ୍ପା ରାଶି ପ୍ରଦାନ କରାଯାଉ । ଶିଶୁଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଣ ପାଇଁ ଡିଣ୍ଡିମ ପିଟୁଥିବା ରାଜ୍ୟ ସରକାର ୨ଟି ନିରୀହ, ନିଷ୍ପାପ ଶିଶୁଙ୍କ ଅକାଳ ବିୟୋଗ ପାଇଁ ନୈତିକ ଦାୟିତ୍ୱ ଗ୍ରହଣ କରି ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ତୁରନ୍ତ ଇସ୍ତଫା ଦିଅନ୍ତୁ ବୋଲି ବିଜୁ ଜନତା ଦଳ ଦାବି କରୁଛି ।

## ଯକ୍ଷ୍ମାମୁକ୍ତ ଭାରତ ଗଠନ ପାଇଁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଆହ୍ୱାନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ବିଶ୍ୱ ଯକ୍ଷ୍ମା ଦିବସ ଅବସରରେ ଯକ୍ଷ୍ମାମୁକ୍ତ ଭାରତ ଗଠନ ପାଇଁ ଆହ୍ୱାନ ଜଣାଇଛନ୍ତି । ସେ ସୋସିଆଲ ମିଡିଆରେ ଲେଖିଛନ୍ତି, ବିଶ୍ୱ ଯକ୍ଷ୍ମା ଦିବସ ଅବସରରେ ଆସନ୍ତୁ ସଚେତନ ହେବା, ୨୦୨୫ ସୁଦ୍ଧା ଯକ୍ଷ୍ମାମୁକ୍ତ ଭାରତ ଗଠନରେ ଯୋଗଦାନକୁ ଆହୁରି ସୁଦୃଢ଼ କରିବା । ଆମ ସମସ୍ତଙ୍କ ପ୍ରୟାସରେ ଯକ୍ଷ୍ମା ହାରିବ, ଭାରତ ଜିତିବ ।

## ଉଦ୍ୟାନ କୃଷି ନିର୍ଦ୍ଦେଶାଳୟର ଦୁଇ ବୁଝାମଣାପତ୍ର ସ୍ୱାକ୍ଷରିତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଅଧୀନରେ ଉଦ୍ୟାନ କୃଷି ନିର୍ଦ୍ଦେଶାଳୟ ଭୁବନେଶ୍ୱର ଲୋକସେବା ଭବନରେ ଦୁଇଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ପ୍ରଥମଟି ଓଡ଼ିଶାର ଢେଙ୍କାନାଳସ୍ଥିତ ଗୋବିନ୍ଦପୁରରେ ସମନ୍ୱିତ ପ୍ୟାକ୍ ହାଉସର ପରିଚାଳନା ଏବଂ ରକ୍ଷଣାବେକ୍ଷଣ ଶୀର୍ଷକ ପ୍ରକଳ୍ପ ପାଇଁ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଅଧିନସ୍ଥ ଉଦ୍ୟାନ କୃଷି ନିର୍ଦ୍ଦେଶାଳୟ ଏବଂ ମନୋନୀତ ପରିଚାଳନା ସଂସ୍ଥା, ମେସର୍ସ କୋଲ୍ଡ ଚେନ୍ ସଲ୍ୟୁସନ୍ସ ମଧ୍ୟରେ ସ୍ୱାକ୍ଷରିତ ହୋଇଥିବା ବେଳେ ଦ୍ୱିତୀୟଟି ଓଡ଼ିଶାରେ କୃଷି ଉତ୍ପାଦନ ପୁଞ୍ଜ ପ୍ରୋତ୍ସାହନ ମାଧ୍ୟମରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟଙ୍କ ଜୀବିକାକୁ ସୁଦୃଢ଼ କରିବା ଶୀର୍ଷକ ପ୍ରକଳ୍ପ ପାଇଁ ଉଦ୍ୟାନ କୃଷି ନିର୍ଦ୍ଦେଶାଳୟ, ମିଶନ ଶକ୍ତି, ଏବଂ ପ୍ରଦାନ ନାମକ ସ୍ୱେଚ୍ଛାସେବୀ ସଂଗଠନ ସହିତ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ବୁଝାମଣାପତ୍ର ଲୋକସେବା ଭବନରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଏବଂ ଶିଶୁ ବିକାଶ, ମିଶନ ଶକ୍ତି ଏବଂ ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡା ଏବଂ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ଉପସ୍ଥିତିରେ ସ୍ୱାକ୍ଷରିତ ହୋଇଛି । ନୂତନ ସ୍ୱାକ୍ଷରିତ ବୁଝାମଣାପତ୍ର କୃଷି ଉତ୍ପାଦନ ପୁଞ୍ଜ (ଏପିସି) ମଡେଲକୁ ଆହୁରି ମଜବୁତ କରିବ ଏବଂ ୧୧ ଜିଲ୍ଲାର ୨୭ ବ୍ଲକରେ ୬୯୫ ଉତ୍ପାଦକ ଗୋଷ୍ଠୀ ଏବଂ ୨୭ ଉତ୍ପାଦକ କମ୍ପାନୀ ର ପ୍ରୋତ୍ସାହନକୁ ସମର୍ଥନ କରିବ, ଯାହାର ଆନୁମାନିକ ବଜେଟ ୬୨୦୫.୮ ଲକ୍ଷ ଟଙ୍କା ହେବ । ପଦକ୍ଷେପର ଲକ୍ଷ୍ୟ ଏହି ନୂତନ ବ୍ଲକରେ ମହିଳା ପିଜି ସଦସ୍ୟଙ୍କ ମଧ୍ୟରେ ସମନ୍ୱିତ, ବଜାର-ସଂଯୁକ୍ତ ଉତ୍ପାଦନ ସ୍ଥାପନ କରିବା । କାର୍ଯ୍ୟକ୍ରମରେ କୃଷି ପ୍ରମୁଖ ସଚିବ ଡକ୍ଟର ଅରବିନ୍ଦ କୁମାର ପାଢୀ, ଉଦ୍ୟାନ କୃଷି ନିର୍ଦ୍ଦେଶକ ନିଖିଲ ପଓ୍ୱନ କଲ୍ୟାଣ, ମିଶନ ଶକ୍ତି ନିର୍ଦ୍ଦେଶକ ଡକ୍ଟର ମୋନିକା ପ୍ରିୟଦର୍ଶିନୀ ଏବଂ କୃଷି ଏବଂ କୃଷକ ସଶକ୍ତିକରଣ ବିଭାଗ, ମିଶନ ଶକ୍ତି ବିଭାଗର ବରିଷ୍ଠ ଅଧିକାରୀ, ପ୍ରତିନିଧିମାନେ ମଧ୍ୟ ଉପସ୍ଥିତ ଥିଲେ ।

## ଯୋଗ୍ୟ ହିତାଧିକାରୀ ବାଦ୍ ପଡିଲେ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପିଏମ ଆବାସ ସର୍ଭେର ଅଧିକାରୀଙ୍କୁ ପଞ୍ଚାୟତିରାଜ ମନ୍ତ୍ରୀ କଡ଼ା ଚେତାବନୀ ଦେଇଛନ୍ତି । ପିଏମ ଆବାସରୁ ଯୋଗ୍ୟ ହିତାଧିକାରୀଙ୍କୁ ବାଦ ଦେଲେ କାର୍ଯ୍ୟାନୁଷ୍ଠାନ ହେବ ବୋଲି କହିଛନ୍ତି ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ । ମନ୍ତ୍ରୀ କହିଛନ୍ତି ଯେ ଏବେ ସୁଦ୍ଧା ୨୪ ଲକ୍ଷ ୨୨ ହଜାର ୭୭୧ ଜଣ ପିଏମ ଆବାସ ଯୋଜନାରେ ପଞ୍ଜିକରଣ କରିଛନ୍ତି । କିଛି ହିତାଧିକାରୀ ବାଦ୍ ପଡିଥିବା ଅଭିଯୋଗ ଆସିଛି । ପାତର ଅନ୍ତର ହେବ ନାହିଁ । ମାର୍ଚ୍ଚ ୩୧ ସୁଦ୍ଧା ତାଲିକା ବିଭାଗର ହସ୍ତଗତ ହେବ । ପଞ୍ଚାୟତ ଏବଂ ବ୍ଲକ ସ୍ତରର ଅଧିକାରୀ ଯଦି କାହାକୁ ଛାଡିଥିବେ, ଯେଉଁଠୁ ଅଭିଯୋଗ ଆସିବ ସେହି ପରିପେକ୍ଷୀରେ ଆମ ବିଭାଗ ସେମାନଙ୍କ ପାଖରେ ପହଞ୍ଚିବ । ଯଦି ପାତର ଅନ୍ତର ହେଇଥିବ କିମ୍ବା ଉଦ୍ଦେଶ୍ୟ ମୂଳକ ଭାବେ ତାଲିକାରେ ହିତାଧିକାରୀଙ୍କୁ ନେଇନଥିବେ ତାହେଲେ କାର୍ଯ୍ୟାନୁଷ୍ଠାନ ହେବ । ବାଦ ପଡ଼ିଥିବା ହିତାଧିକାରୀ ଜିଲ୍ଲାପାଳ ଏବଂ ସିଡିଓ ପାଖରେ ଅଭିଯୋଗ କରି ପାରିବେ ।





- ଦେଶୀ-ବିଦେଶୀ ପର୍ଯ୍ୟଟକଙ୍କୁ ଆକର୍ଷିତ କରିବାରେ ପ୍ରଥମ
- ୫୬ ଲକ୍ଷ+ ପରିବାରଙ୍କ ପାଇଁ ପକ୍କା ଘର
- ପିଏମ୍ କିଶାନ ସମ୍ମାନ ନିଧିର କାର୍ଯ୍ୟକାରିତାରେ ପ୍ରଥମ
- ୧.୮୬ କୋଟି ଉଜ୍ଜ୍ୱଳା ଗ୍ୟାସ କନେକସନ୍‌ର ବିତରଣ
- ଷ୍ଟ୍ରିଟ୍ ଭେଣ୍ଡର୍ସଙ୍କୁ ପିଏମ୍ ସ୍ୱନିଧୀ ଋଣ ବିତରଣରେ ପ୍ରଥମ
- ସର୍ବାଧିକ ୨.୭୫ କୋଟି ଶୌଚାଳୟର ନିର୍ମାଣ

ଉତ୍ତର ପ୍ରଦେଶ ନଂ. 1

- ୧୫ କୋଟି ନାଗରିକଙ୍କୁ ମାଗଣା ରେଶନର ବିତରଣ
- ୬୦ ଲକ୍ଷ ମାତାଙ୍କୁ ପ୍ରଧାନମନ୍ତ୍ରୀ ମାତୃ ବନ୍ଦନା ସହାୟତା
- ୧.୦୫ କୋଟି ଘରକୁ ମାଗଣା ବିଜୁଳି କନେକ୍‌ସନ
- ୯ କୋଟି ଲୋକଙ୍କୁ ଟ.୫ ଲକ୍ଷ ପର୍ଯ୍ୟନ୍ତ ମାଗଣା ଚିକିତ୍ସା
- ୯.୫୭ କୋଟି ଲୋକଙ୍କ ଜନଧନ ବ୍ୟାଙ୍କ ଖାତା
- ୧ କୋଟି ପରିବାରଙ୍କୁ ଭୂମି ପ୍ରମାଣ ପତ୍ର ବିତରିତ

### ସୁଖୀ କୃଷକ, ୟୁପିର ପରିଚୟ
- ପ୍ରଥମ କ୍ୟାବିନେଟର ପ୍ରଥମ ନିର୍ଣ୍ଣୟ : ଟ.୩୬,୩୫୯ କୋଟିର ଫସଲ ଋଣ ମୋଚନ, ୯୪ ଲକ୍ଷ କୃଷକ ଲାଭାନ୍ୱିତ
- ଖାଦ୍ୟାନ୍ନ ଉତ୍ପାଦନ : ବର୍ଷ ୨୦୧୬-୧୭ରେ ୫୫୭.୪୬ ଲକ୍ଷ ମେଟ୍ରିକ୍ ଟନ୍‌ରୁ ବୃଦ୍ଧି ହୋଇ ବର୍ଷ ୨୦୨୩-୨୪ରେ ୬୬୮.୩୯ ଲକ୍ଷ ମେଟ୍ରିକ୍ ଟନ୍ (୨୦% ବୃଦ୍ଧି)
- ସିଞ୍ଚନ କ୍ଷମତା : ବର୍ଷ ୨୦୧୭ ପର୍ଯ୍ୟନ୍ତ ୮୨.୫୮ ଲକ୍ଷ ହେକ୍ଟରରୁ ବୃଦ୍ଧି ହୋଇ ୧୩୧ ଲକ୍ଷ ହେକ୍ଟର, ୯୭୬ ପରିଯୋଜନା ପୂରଣ
- ରେକର୍ଡ ଆଖୁ ମୂଲ୍ୟ ପ୍ରାପ୍ତି : ୨୦୧୭ ଠାରୁ ଏପର୍ଯ୍ୟନ୍ତ ଟ.୨.୮୦ ଲକ୍ଷ କୋଟି ର ପ୍ରାପ୍ତି, ଗତ ୨୨ ବର୍ଷରେ ହୋଇଛି ମୋଟ ପ୍ରାପ୍ତି ଟ.୬୬ ହଜାର କୋଟି + ଅଧିକ
- ଚିନି ମିଲ : ତିନୋଟି ନୂଆ ଚିନି ମିଲ, ୬ଟ ଚିନି ମିଲର ପୁନଃ ସଂଚାଳନ, ୩୮ଟି ଚିନି ମିଲର କ୍ଷମତା ବିସ୍ତାର
- ଶସ୍ୟ କ୍ରୟ : ମଧ୍ୟସ୍ଥିଙ୍କୁ ବାଦ୍ ଦିଆଯାଇଛି, ଟ.୪୩,୪୨୪ କୋଟିର ଗହମ ମୂଲ୍ୟ ଓ ଟ.୮୮, ୭୬୪ କୋଟି ଧାନ ମୂଲ୍ୟ ପ୍ରାପ୍ତି
- ପ୍ରଧାନମନ୍ତ୍ରୀ କିଶାନ ସମ୍ମାନ ନିଧି ଯୋଜନା : ୨.୮୬ କୋଟି କୃଷକଙ୍କୁ ଟ.୮୦,୦୦୦ କୋଟି+ ହସ୍ତାନ୍ତରିତ
- ପ୍ରଧାନମନ୍ତ୍ରୀ କୁସୁମ ଯୋଜନା ଅର୍ନ୍ତଗତ ୭୩,୯୨୪ ସୋଲାର ପମ୍ପ ସ୍ଥାପନା

### ସଶକ୍ତ ନାରୀ ସମୃଦ୍ଧ ରାଜ୍ୟ
- ମହିଳାଙ୍କ ପାଇଁ ପୋଲିସରେ ୨୦% ପଦ, ୧.୩୮ ଲକ୍ଷ+ ଙ୍କୁ ସରକାରୀ ଚାକିରୀ
- ୧୦ ଲକ୍ଷ + ସ୍ୱଂୟ ସହାୟତା ଗୋଷ୍ଠୀଙ୍କୁ ୧ କୋଟି+ ମହିଳାଙ୍କୁ ରୋଜଗାର
- ମହିଳା ୱାର୍କଫୋର୍ସ : ୨୦୧୭ରେ ୧୪.୨% ରୁ ବୃଦ୍ଧି ହୋଇ ୨୦୨୪ରେ ୩୫.୧% ହୋଇଛି
- ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା : ୧.୮୬ କୋଟି ପରିବାରଙ୍କୁ ମାଗଣା ଗ୍ୟାସ ସଂଯୋଗ, ହୋଲି ଓ ଦୀପାବଳିରେ ମାଗଣା ଏଲ୍‌ପିଜି ସିଲିଣ୍ଡର ରିଫିଲ୍
- ମୁଖ୍ୟମନ୍ତ୍ରୀ କନ୍ୟା ସୁମଙ୍ଗଳା ଯୋଜନା : ୨୨.୧୧ ଲକ୍ଷ ବାଳିକା ଲଭାନ୍ୱିତ
- ନିରାଶ୍ରୟ ମହିଳା ପେନସନ୍ ଯୋଜନା : ୩୩.୫୫ ମହିଳା ଲାଭାନ୍ୱିତ
- ମୁଖ୍ୟମନ୍ତ୍ରୀ ସାମୁହିକ ବିବାହ ଯୋଜନା : ୪.୨୨ ଲକ୍ଷ ଯୁବକ ଯୁବତୀଙ୍କ ବିବାହ ସମ୍ପନ୍ନ, ଅର୍ଥ ରାଶି ଟ.୫୧ହଜାର ରୁ ବୃଦ୍ଧି ହୋଇ ଟ. ୧ ଲକ୍ଷ
- ଅଙ୍ଗନବାଡି କର୍ମକର୍ତ୍ତା ଓ ସହାୟିକାଙ୍କ ମାନଦେୟ ବୃଦ୍ଧି, ୩.୭୩ ଲକ୍ଷ ମହିଳା ଲାଭାନ୍ୱିତ
- ବି.ସି.ସଖୀ : ୩୯ ହଜାର + ମାନେ ୩୧,୬୨୬ କୋଟି କାରବାର କରିଛନ୍ତି, ୮୫.୮୧ କୋଟି ଲାଭାଂଶ

### କାମ ଦମ୍‌ଦାର୍, ଯୁବକଙ୍କୁ ରୋଜଗାର
- ୨୦୧୭ରେ ପ୍ରତି ବ୍ୟକ୍ତିଙ୍କ ଆୟ ଟ.୪୬ ହଜାର ରୁ ବୃଦ୍ଧି ପାଇ ୨୦୨୪ରେ ଟ.୧ ଲକ୍ଷ ୨୪ ହଜାର
- ବେରଜଗାରୀ ହାର : ୨୦୧୬ରେ ୧୮% ଯୁବକ ବେରୋଜଗାର, ୨୦୨୪ରେ ବେରୋଜଗାରୀ ହାର ଖସିଛି ୩%
- ନିରପେକ୍ଷ ଓ ପାରଦର୍ଶୀ ଚୟନ ପ୍ରକ୍ରିୟା : ୮.୫ ଲକ୍ଷ + ସରକାରୀ ଚାକିରୀ, ୩.୭୫ ଲକ୍ଷ + ସଂସ୍ଥାରେ ନିଯୁକ୍ତି
- ଏମ୍‌ଏସ୍‌ଏମ୍‌ଇ ଓ ଘରୋଇ କ୍ଷେତ୍ରରେ ୨ କୋଟି + ରୋଜଗାର ଏବଂ ଓଡ଼ିଓପି ଯୋଜନାରୁ ୨.୫୪ ଲକ୍ଷ + ରୋଜଗାର
- ମୁଖ୍ୟମନ୍ତ୍ରୀ ସ୍ୱରୋଜଗାର ଯୋଜନା ଅଧିନରେ ୨.୨୭ ଲକ୍ଷ + ଯୁବକଙ୍କୁ ରୋଜଗାର
- ମୁଖ୍ୟମନ୍ତ୍ରୀ ଯୁବ ଉଦ୍ୟୋଗୀ ବିକାଶ ଅଭିଯାନ ଅର୍ନ୍ତଗତ ୧୦ ଲକ୍ଷ ନୂଆ ଉଦ୍ୟୋଗୀ ପ୍ରସ୍ତୁତ କରିବା ଲକ୍ଷ

### ସମସ୍ତଙ୍କ ସହିତ ସରକାର
- ୩୨୧୩ ଅର୍ଣ୍ଣପୂର୍ଣ୍ଣା ଭବନର ନିର୍ମାଣ ସମ୍ପୂର୍ଣ୍ଣ ୧୬୩୦ ରେ କାର୍ଯ୍ୟ ପ୍ରଗତିଶୀଳ
- ଅନୁସୂଚିତ ଜାତି (ପୂର୍ବ ଦଶମ)ରେ ୩୨,୪୯,୮୫୪ ଛାତ୍ରଛାତ୍ରୀଙ୍କୁ ଟ.୭୦୮୪୯ କୋଟି ଛାତ୍ରବୃତ୍ତି
- ଅନୁସୂଚିତ ଜାତି (ଦଶମୋତ୍ତର)ରେ ୮୯,୩୧,୨୦୩ ଛାତ୍ରଛାତ୍ରୀଙ୍କୁ ଟ.୯୬୬୨.୨୫ କୋଟି ଛାତ୍ରବୃତ୍ତି
- ପଛୁଆବର୍ଗ (ପୂର୍ବ ଦଶମ)ରେ ୬୨,୭୯,୫୧୯ ଛାତ୍ରଛାତ୍ରୀଙ୍କୁ ଟ.୧,୨୮,୬୨୭.୪୮ କୋଟି ଛାତ୍ରବୃତ୍ତି
- ପଛୁଆବର୍ଗ (ଦଶମୋତ୍ତର)ରେ ୧,୩୧,୦୫,୨୬୩ ଛାତ୍ରଛାତ୍ରୀଙ୍କୁ ଟ.୭,୬୨,୫୨୪.୦୩ କୋଟି ଛାତ୍ରବୃତ୍ତି
- ସାଧାରଣବର୍ଗ (ପୂର୍ବ ଦଶମ)ରେ ୮,୫୮,୭୫୦ ଛାତ୍ରଛାତ୍ରୀଙ୍କୁ ଟ.୨୨୧.୯୫ କୋଟି ଛାତ୍ରବୃତ୍ତି
- ସାଧାରଣବର୍ଗ (ଦଶମୋତ୍ତର)ରେ ୪୮,୧୩,୩୪୭ ଛାତ୍ରଛାତ୍ରୀଙ୍କୁ ଟ.୫,୪୯୯.୮୬ କୋଟି ଛାତ୍ରବୃତ୍ତି

### ସ୍ୱାସ୍ଥ୍ୟର ଉପହାର
- ଆୟୁଷ୍ମାନ ଭାରତ : ୯ କୋଟି ଲୋକଙ୍କୁ ଟ.୫ ଲକ୍ଷ ମାଗଣା ଚିକିତ୍ସା ବୀମା
- ୮୦ ମେଡିକାଲ କଲେଜ ପରିଚାଳିତ, ୧୧,୩୦୦ ଏମ୍‌ବିବିଏସ୍ ସିଟ୍ ବୃଦ୍ଧି
- ଗୋରଖପୁର ଓ ରାୟବରେଲିରେ ଏମ୍ସ, ଲକ୍ଷ୍ନୌରେ ଅଟଳବିହାରୀ ବାଜପେୟୀ ଚିକିତ୍ସା ବିଶ୍ୱବିଦ୍ୟାଳୟ
- ମହାଯୋଗୀ ଗୁରୁ ଗୋରଖନାଥ ଆୟୁଷ ବିଶ୍ୱବିଦ୍ୟାଳୟ ଗୋରଖପୁର
- ୨୨,୬୮୧ ଆରୋଗ୍ୟ ମନ୍ଦିର ପରିଚାଳିତ

### ବିକାଶ ପଥରେ ୟୁପିର ରଥ
- ୬ ଏକ୍ସପ୍ରେସ ୱେ ସଞ୍ଚାଳିତ, 11 ଟିରେ କାମ ଚାଲୁ, ଗଙ୍ଗା ଏକ୍ସପ୍ରେସ ୱେ ର ନିର୍ମାଣ ପରେ ଦେଶର ସମୁଦାୟ ଏକ୍ସପ୍ରେସ ୱେରେ 55% ଭାଗିଦାରି
- ଏକ୍ସପ୍ରେସ ୱେର ଦୈର୍ଘ୍ୟ: 2017 ସୁଦ୍ଧା 491 କିଲୋମିଟର, 2024 ସୁଦ୍ଧା 1225 କିଲୋମିଟର
- 32 କିମି + ଦୈର୍ଘ୍ୟ ମାର୍ଗର ନବନିର୍ମାଣ, 25 ହଜାର କିମି ମାର୍ଗର ପ୍ରଶସ୍ତିକରଣ / ସୁଦୃଢ଼ିକରଣ
- 2017 ସୁଦ୍ଧା କେବଳ 04 ଏୟାରପୋର୍ଟ 21 ଏୟାରପୋର୍ଟରେ ବୃଦ୍ଧି ହୋଇ ଦେଶର ଏକମାତ୍ର ରାଜ୍ୟ ଯାହାର 05 ଇଣ୍ଟରନେସନାଲ ଏୟାରପୋର୍ଟ
- ଦେଶର ସବୁଠାରୁ ବୃହତ ଜୋବର ଏୟାରପୋର୍ଟ ପାଖାପାଖି ପ୍ରସ୍ତୁତ, ସବୁଠାରୁ ବଡ଼ ଏୟାରକାର୍ଗୋରେ ପରିଣତ ହେବ ଉତ୍ତରପ୍ରଦେଶ
- ହଳଦୀୟା ରୁ ବାରାଣାସୀ ପର୍ଯ୍ୟନ୍ତ ଜଳମାର୍ଗ ସଞ୍ଚାଳିତ, ପ୍ରୟାଗରାଜ-ଅଯୋଧ୍ୟା ପର୍ଯ୍ୟନ୍ତ ବିସ୍ତାରିତ କାର୍ଯ୍ୟ ଜାରି

### ଅପରାଧ ପ୍ରତି ଶୂନ୍ୟ ସହନଶୀଳତା
- 2017 ରୁ ପୂର୍ବରୁ ମାଫିଆ-ଅପରାଧି ବେଲଗାମ, 2017 ପରେ ଆଇନର ଶାସନ, ଭୟମୁକ୍ତ ବ୍ୟବସ୍ଥା
- ଏନସିଆରବି ର ଆକଳନ ଅନୁସାରେ ଡକାୟତିର ମାମଲାରେ 84.41%, ଲୁଟରେ 77.43%, ହତ୍ୟାରେ 41.01%, ଦଙ୍ଗାରେ 66.40%, ଅପହରଣରେ 54.72%, ଯୌତୁକ ଜନିତ ହତ୍ୟାରେ 17.08% ଓ ବଳାତ୍କାର ମାମଲାରେ 26.15% ହ୍ରାସ
- 79,984 ଅପରାଧରେ ଗ୍ୟାଙ୍ଗଷ୍ଟାର ଏକ୍ଟ 930 ଅପରାଧୀଙ୍କ ବିରୁଦ୍ଧରେ ଏନଏସଏ ଜାରି
- ମାଫିଆଙ୍କ ଅବୈଧ ଦଖଲରେ ପାଖାପାଖି ଟ.3000 କୋଟିର ସମ୍ପତ୍ତି ଜବତ, ଅବୈଧ ସମ୍ପତ୍ତି ନଷ୍ଟ କରି ସେଠାରେ ଗରିବଙ୍କ ପାଇଁ ଆବାସ
- 222 ଦୁର୍ଦ୍ଦାନ୍ତ ଅପରାଧୀଙ୍କ ଏନକାଉଣ୍ଟର ରେ ମୃତ୍ୟୁ, 28,000+ ବଦମାସ ଜେଲରେ ଭର୍ତ୍ତି
- 7 ମହାନଗରରେ ପୁଲିସ କମିଶନରେଟ୍ ବ୍ୟବସ୍ଥା, 18 ଏଣ୍ଟି ଟେରରିଷ୍ଟ ସ୍କ୍ୱାର୍ଡ଼ ୟୁନିଟ ସ୍ଥାପିତ
- 6 ସ୍ପେସାଲ ସିକ୍ୟୁରିଟି ଫର୍ସର ଗଠନ, 3 ମହିଳା ପିଏସି ବାଟାଲିୟନ ସ୍ଥାପିତ
- ସମସ୍ତ ଜନପଥରେ ସାଇବର ଥାନା, 11 ଲକ୍ଷ + ସିସିଟିଭି କ୍ୟାମେରାର ସ୍ଥାପନା
- 112 ପୁଲିସ କଣ୍ଟ୍ରୋଲର ରେସପନ୍ସ ଟାଇମ 2017 ପୂର୍ବରୁ 25.42 ମିନିଟ, 2024 ରେ ହ୍ରାସ ହୋଇ 7.24 ମିନିଟ

### ହର ଘର ରୋଶନ
- ପ୍ରଧାନମନ୍ତ୍ରୀ ସହଜ ବିଜଲି ହର ଘର ଯୋଜନା : 1.58 କୋଟି ଘରକୁ ନିଃଶୁଳ୍କ ବିଦ୍ୟୁତ ସଂଯୋଗ
- ଜିଲ୍ଲା ମୁଖ୍ୟାଳୟକୁ 24 ଘଣ୍ଟା, ତହସିଲ ମୁଖ୍ୟାଳୟକୁ 22 ଘଣ୍ଟା, ଗ୍ରାମୀଣ କ୍ଷେତ୍ରରେ 20 ଘଣ୍ଟା ବିଜୁଳି
- କୃଷକଙ୍କୁ ନିଜ ନଳକୂପରେ ସିଞ୍ଚନ ନିମନ୍ତେ ବିଦ୍ୟୁତ ବିଲ୍‌ରେ ଶତପ୍ରତିଶତ ଛାଡ଼
- ବୁନ୍ଦେଲଖଣ୍ଡରେ ଗ୍ରୀନ ଏନର୍ଜି କରିଡ଼ର ଅଧିନରେ 4000 ମେଗାୱାଟ କ୍ଷମତାର ପ୍ଲାଣ୍ଟ
- 53 କମ୍ପ୍ରେସଡ ବାୟୋଗ୍ୟାସ/ବାୟୋକୋଲ / ବାୟୋଡିଜେଲ ଏବଂ ବାୟୋ ଇଥାନଲ ପ୍ଲାଣ୍ଟର ସ୍ଥାପନା

### ଅନ୍ତୋଦୟରେ ଗରିବ କଲ୍ୟାଣ
- ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା : 15 କୋଟି ଲୋକଙ୍କୁ ମାଗଣା ରାସନ
- ପ୍ରଧାନମନ୍ତ୍ରୀ ଆବାସ ଯୋଜନା : 56 ଲକ୍ଷ+ ଆବାସର ନିର୍ମାଣ
- ପିଏମ ସ୍ୱନିଧି ଯୋଜନା : 1,80,000+ ଷ୍ଟ୍ରିଟ ଭେଣ୍ଡର୍ସଙ୍କୁ ଟ.3000 କୋଟି+ ର ଋଣ
- ହର ଘର ଯୋଜନା : 2.37 କୋଟି + ପରିବାରଙ୍କୁ ନଳରେ ସ୍ୱଚ୍ଛ ପାନୀୟ ଜଳର ସୁବିଧା
- ମନରେଗା : 200 କୋଟି ମାନବ ଦିବସ ସୃଷ୍ଟି, 100 ଦିନର ରୋଜଗାର ପ୍ରଦାନରେ ପ୍ରଥମ

### ସମସ୍ତଙ୍କୁ ଶିକ୍ଷା-ଉତ୍ତମ ଶିକ୍ଷା
- ସମସ୍ତ 18 ମଣ୍ଡଳ ମୁଖ୍ୟାଳୟରେ ଅଟଳ ଆବାସିକ ବିଦ୍ୟାଳୟର ନିର୍ମାଣ
- 57 ଅପହଞ୍ଚ ଜନପଦରେ ସିଏମ ମଡ଼େଲ କମ୍ପୋଜିଟ ବିଦ୍ୟାଳୟର ନିର୍ମାଣ
- ଅଲିଗଡ଼, ଆଜମଗଡ଼, ସହାରନପୁର, ବଲରାମପୁର, ମିରଜାପୁର ଏବଂ ମୁରାଦାବାଦ ରେ ରାଜ୍ୟ ବିଶ୍ୱବିଦ୍ୟାଳୟର ସଞ୍ଚାଳନ
- ପ୍ରୟାଗରାଜରେ ଡ଼ା.ରାଜେନ୍ଦ୍ର ପ୍ରସାଦ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟର ନିର୍ମାଣ
- ଗୋରଖପୁରରେ ସୈନିକ ସ୍କୁଲ, ଫରେଷ୍ଟ୍ରୀ କଲେଜ, ଏନସିସି ଟ୍ରେନିଂ ଏକାଡ଼େମି
- ଗୋରଖପୁର ଏବଂ ଚନ୍ଦୌଲିରେ ପଶୁ ଚିକିତ୍ସା ବିଜ୍ଞାନ ମହାବିଦ୍ୟାଳୟ







ସୂଚନା ଓ ଲୋକସମ୍ପର୍କ ବିଭାଗ, ଉତ୍ତରପ୍ରଦେଶ | UPGovtOfficial | CMOUttarpradesh | CMOfficeUP

ଓଡ଼ିଶା ଭାସ୍କର
ସମ୍ପାଦକୀୟ



"ମାତୃଭୂମି ମାତୃଭାଷାରେ ମମତା ଯା'ହୃଦେ
ଜନମି ନାହିଁ, ତାକୁ ଯଦି ଜ୍ଞାନୀ ଗୁଣିରେ
ଗଣିବା ଅଜ୍ଞାନୀ ରହିବେ କାହିଁ।"
- ସ୍ୱଭାବ କବି ଗଙ୍ଗାଧର ମେହେର



"ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ ଦେଖୁ ଦେଖୁ କେବା ସହୁ
ମୋ ଜୀବନ ପଛେ ନର୍କେ ପଡିଥାଉ ଜଗତ ଉଦ୍ଧାର ହେଉ।"
-ସନ୍ଥକବି ଭୀମଭୋଇ



## ବହୁ ଚର୍ଚ୍ଚିତ ମହାନଦୀ ଜଳ ବିବାଦ

# ସମାଧାନ କ୍ଷେତ୍ରରେ ଆଶାର ଆଲୋକ

ଓଡ଼ିଶାର ଜୀବନରେଖା କୁହାଯାଉଥିବା ଦୀର୍ଘତମ ନଦୀ ମହାନଦୀର ଉତ୍ପତ୍ତିସ୍ଥଳ ଛତିଶଗଡ଼ର ରାୟପୁର ଅଞ୍ଚଳରେ ହୋଇଥିଲେ ମଧ୍ୟ ଏହା ଆମ ରାଜ୍ୟର ବିସ୍ତୃତ ଅଞ୍ଚଳରେ ପ୍ରବାହିତ ହୋଇ ପାରାଦୀପ ନିକଟରେ ବଙ୍ଗୋପସାଗରରେ ବିଲୀନ ହୋଇଛି। ଓଡ଼ିଶାର କୃଷି, ଜଳସେଚନ, ବିଦ୍ୟୁତ୍ ଉତ୍ପାଦନ ଆଦି କ୍ଷେତ୍ରରେ ମହାନଦୀ ଏବଂ ଏଥିରୁ ବାହାରିଥିବା ବହୁ ଶାଖା ନଦୀର ବିପୁଳ ଅବଦାନ ରହିଛି। ଓଡ଼ିଶା ଭିତରେ ପ୍ରବେଶ କରିବା ପରେ ହୀରାକୁଦ ଠାରେ ମହାନଦୀର ଜଳକୁ ଅଟକାଯାଇ ନିର୍ମାଣ କରାଯାଇଥିବା ବୃହତ୍ ଜଳଭଣ୍ଡାର ଯୋଗୁଁ ରାଜ୍ୟର ଅର୍ଥନୀତି ସୁଦୃଢ଼ ହେବା ସହିତ ଜଳସେଚନ, ବନ୍ୟା ନିୟନ୍ତ୍ରଣ ଓ ବିଦ୍ୟୁତ୍ ଉତ୍ପାଦନ ଦିଗରେ ଏହା ବିଶେଷ ସହାୟକ ହୋଇଛି। ମାତ୍ର ଖେଦର ବିଷୟ ଛତିଶଗଡ଼ ସରକାର ଗତ କିଛିବର୍ଷ ହେଲା ତାଙ୍କ ରାଜ୍ୟରେ ମହାନଦୀର ଉପରମୁଣ୍ଡରେ ଏକାଧିକ ବନ୍ଧ ଓ ଜଳଭଣ୍ଡାର ନିର୍ମାଣ କରି ନଦୀର ଜଳକୁ ଅଟକାଇବାରୁ ଓଡ଼ିଶାରେ ଗୁରୁତର ଜଳସଙ୍କଟ ସୃଷ୍ଟି ହେବାର ଆଶଙ୍କା ଦେଖାଦେଇଛି। ଓଡ଼ିଶା ବିରୋଧ ଓ ପ୍ରତିବାଦକୁ ଭ୍ରୁକ୍ଷେପ ନକରି ଥୋଡାଇ କେୟାର ସରକାର ଏକତରଫା ଭାବରେ ସେହିସବୁ ଜଳ ପ୍ରକଳ୍ପ ନିର୍ମାଣ କରୁଥିବାରୁ ଦୁଇ ରାଜ୍ୟ ମଧ୍ୟରେ ବିବାଦ ଉଗ୍ରରୂପ ଧାରଣ କରିଛି। ମହାନଦୀ ଜଳ ବିବାଦର ସମାଧାନ ପାଇଁ କେନ୍ଦ୍ର ସରକାର କିଛିବର୍ଷ ପୂର୍ବେ ଏକ ଟ୍ରିବ୍ୟୁନାଲ୍ ଗଠନ କରିଛନ୍ତି ଏବଂ ମାମଲା ଏବେ ବି ସେଠାରେ ବିଚାରାଧୀନ ରହିଛି। ଛତିଶଗଡ଼ ସରକାରଙ୍କ ଏହି ଅବିବେକୀ ପଦକ୍ଷେପ ଯୋଗୁଁ ବର୍ଷାଋତୁକୁ ବାଦ୍ ଦେଲେ ଅଧିକାଂଶ ସମୟରେ ମହାନଦୀ ଓ ଏହାର ଶାଖା ନଦୀଗୁଡ଼ିକର ଶଯ୍ୟା ଶୁଷ୍କ ହୋଇପଡୁଛି। ଏପରିକି ହୀରାକୁଦ ଜଳଭଣ୍ଡାର ଭିତରକୁ ଜଳପ୍ରବାହ ହ୍ରାସ ପାଇବାରୁ ଏଥିରେ ଜଳସ୍ତର ହ୍ରାସ ପାଇ ଜଳସେଚନ ଓ ବିଦ୍ୟୁତ୍ ଉତ୍ପାଦନ ବ୍ୟାହତ ହେବାକୁ ବସିଲାଣି। ଏହାରି ଭିତରେ ଗୋଟିଏ ଭଲ ଖବର ରାଜ୍ୟବାସୀଙ୍କୁ ଆଶ୍ୱସ୍ତ ଆଣି ଦେଇଛି। ତିନିଦିନ ପୂର୍ବେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ଆମ ରାଜ୍ୟକୁ ଗସ୍ତରେ ଆସିଥିବା ବେଳେ ମହାନଦୀ ଜଳ ବିବାଦକୁ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ଆଲୋଚନା କରିଥିଲେ। ଏହାପରେ ଦୁଇ ରାଜ୍ୟ ଭିତରେ ଥିବା ଜଳ ବିବାଦର ଆପୋଷ ସମାଧାନ ଶୀଘ୍ର ହେବା ନେଇ ଦୁଇ ମୁଖ୍ୟମନ୍ତ୍ରୀ ଏକମତ ହୋଇଥିବାର ଜଣାପଡିଛି। ନିଜେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏହି ସୂଚନା ଦେବା ସଙ୍ଗେ ସଙ୍ଗେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିବାଦ ତୁଟାଇବାକୁ ରାଜି ଥିବାର ପ୍ରକାଶ କରିଛନ୍ତି। ବର୍ତ୍ତମାନ କେନ୍ଦ୍ର ଓ ଦୁଇ ରାଜ୍ୟରେ ଭାରତୀୟ ଜନତା ପାର୍ଟିର ସରକାର କ୍ଷମତାସୀନ ଥିବାରୁ ଟ୍ରିପଲ୍ ଇଞ୍ଜିନ୍ ସରକାର ଲୋକଙ୍କ ସ୍ୱାର୍ଥରେ ଉଚିତ୍ ସେବା ଯୋଗାଇ ଦେବେ ବୋଲି ସେ କହିଥିଲେ। ଆମ ମୁଖ୍ୟମନ୍ତ୍ରୀଙ୍କ ଏହି ବକ୍ତବ୍ୟ ବିବାଦର ସମାଧାନ ପାଇଁ କିଛିଟା ଆଶା ସଞ୍ଚାର କରୁଥିଲେ ହେଁ ବାସ୍ତବ କ୍ଷେତ୍ରରେ ଏହା କେତେଦୂର ସମ୍ଭବପର ହୋଇପାରିବ, ସେଥିନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବର୍ତ୍ତମାନ ନଦୀଜଳ ବିବାଦ କେବଳ ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ସୀମିତ ନୁହେଁ, ଦେଶର ବହୁ ରାଜ୍ୟରେ ବିଭିନ୍ନ ନଦୀର ଜଳ ବଣ୍ଟନକୁ ନେଇ ଟଣାଓଟରା ଲାଗି ରହିଛି। କେନ୍ଦ୍ର ସରକାର ଏ କ୍ଷେତ୍ରରେ ଯେତିକି ତତ୍ପରତାର ସହ ପଦକ୍ଷେପ ଗ୍ରହଣ କରିବା କଥା, ତାହା କରୁନଥିବାରୁ ସ୍ଥିତି ଜଟିଳ ହେଉଛି। ମହାନଦୀ ଜଳ ବିବାଦର ସମାଧାନ ପାଇଁ ଗଠିତ ଟ୍ରିବ୍ୟୁନାଲରେ ମାମଲା ବର୍ଷ ବର୍ଷ ଧରି ପଡି ରହିଥିଲେ ହେଁ ବିଚାର ପ୍ରକ୍ରିୟାରେ ବିଳମ୍ବ ଘଟି ଚାଲିଛି ଏବଂ ଟ୍ରିବ୍ୟୁନାଲର ଅବଧିକୁ କେବଳ ବଢ଼ାଇ ଦିଆଯାଉଛି। ସେହି ଦୃଷ୍ଟିରୁ ଓଡ଼ିଶା ଓ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଯଦି ପ୍ରକୃତରେ ନିଷ୍ଠା ଓ ଆନ୍ତରିକତାର ସହ ଆପୋଷ ସମାଧାନର ବାଟ ବାହାର କରନ୍ତି, ତାହା ନିଶ୍ଚିତ ଭାବରେ ସ୍ୱାଗତଯୋଗ୍ୟ ପଦକ୍ଷେପ ହେବ।

# ଛଳନାର ଅନ୍ତରାଳେ ସଂଜ୍ଞାହୀନ ଧର୍ମ



ମୀରା ବେଉରା
ଦେଉଳ ସାହି, ତୁଳସୀପୁର, କଟକ
ମୋ: ୭୮୪୬୯୨୧୪୦୦

ଜଣେ ଧନୀକଙ୍କ ଘରେ ଜଣେ ଯୁବକ ଉଦ୍ୟାନ ରକ୍ଷକ ଭାବେ କାର୍ଯ୍ୟ କରୁଥନ୍ତି। ଦିନେ ଧନିକଙ୍କ ଘରକୁ ଅତିଥି ଆସିବାରୁ ସେ ସେହି ଯୁବକଙ୍କୁ ବଗିଚାରୁ କିଛି ଆମ୍ବ ତୋଳି ଆଣିବାକୁ ଆଦେଶ ଦେଲେ। ଏହାପରେ ଅତିଥି ଆମ୍ବ ଖାଇବାରୁ ଜଣା ପଡ଼ିଲା ସେହି ଆମ୍ବଗୁଡ଼ିକ ଖଟା ଥିଲା। ଏହାପରେ ସାହୁକାର ଭୀଷଣ ବିରକ୍ତ ହୋଇ ଯୁବକଙ୍କୁ କହିଲେ ତୁମେ କ'ଣ ଏ ପର୍ଯ୍ୟନ୍ତ ଜାଣିପାରିଲ ନାହିଁ କେଉଁଟା ଖଟା ଆଉ କେଉଁଟା ମିଠା। ଧନୀକ ଜଣକ ଏହାର କାରଣ ଜାଣିବାକୁ ଚାହିଁଲେ। ସରଳମନା ଯୁବକ ଜଣକ କହିଲେ ଦେଖନ୍ତୁ ମହାଶୟ ମୁଁ ଆଜି ପର୍ଯ୍ୟନ୍ତ ବଗିଚାର ଗୋଟିଏ ବି ଫଳ ଚାଖିନାହିଁ। ଧନୀକ ଆଶ୍ଚର୍ଯ୍ୟ ହୋଇ ଏହାର କାରଣ ପଚାରିବାରୁ ଯୁବକ କହିଲେ ଆପଣ ତ କେବହେଲେ ମୋତେ ଆମ୍ବ ଚାଖିବାକୁ କହିନାହାନ୍ତି। ଧନୀକ ଜଣକ ଅନୁତାପ କରି କହିଲେ ତୁମେ ଦିନସାରା ବଗିଚାରେ ରହୁଛ ଜେତେପାର ଆମ୍ବ ଖାଇପାରିଥାନ୍ତ ଏଥିରେ କହିବା କ'ଣ ଦରକାର ଥିଲା।

ଏଇଠି ଯୁବକ ଜଣକ କହିଲେ ମୁଁ ଏହାର ରକ୍ଷକଦାତା ମୁଁ କାହାରିକୁ ଆମ୍ବ ଚୋରି କରିବାକୁ ଦେଉନାହିଁ। ପୁଣି ନିଜେ କିପରି ଚୋରିକରି ଖାଇଥାନ୍ତି। ଏହା ଶୁଣି ଧନୀକ ବୁଝିପାରିଲେ ଯେ ଯୁବକ ଜଣକ କିପରି ନିଜର ଧର୍ମ ପାଳନ କରୁଥିଲେ। ପରେ ସେହି ଉଦ୍ୟାନ ରକ୍ଷକ ମହାତ୍ମା ଇବ୍ରାହିମ୍ ନାମରେ ଖ୍ୟାତ ହେଲେ। କଥା ଓ କର୍ମ ମଧ୍ୟରେ କୌଣସି ପ୍ରଭେଦ ନଥିଲା ଯୁବକଙ୍କର। ଯୁବକ ଜଣକ ତାଙ୍କର ଧର୍ମକୁ ସୁଚାରୁ ରୂପେ ପାଳନ କରୁଥିଲେ। ସଚ୍ଚୋଟତା ଓ ସରଳତା ହିଁ ଥିଲା ଯୁବକଙ୍କ ଧର୍ମ।

ହଁ ବନ୍ଧୁଗଣ, ଏହି ପ୍ରସଙ୍ଗ ଏଠାରେ ଉପସ୍ଥାପନ କରିବାର ଉଦ୍ଦେଶ୍ୟ ହେଲା ଆମେ ପ୍ରତ୍ୟେକ ବ୍ୟକ୍ତି ନିଜ ନିଜର ଧର୍ମ ପାଳନ ନକରି କେବଳ ତୁଚ୍ଛା ଧର୍ମ ନାମରେ ରାଜନୀତି କରି ଚାଲିଛୁ। ପ୍ରକୃତ ଧର୍ମ ହେଉଛି ନିଜ କର୍ତ୍ତବ୍ୟକୁ ସୁଚାରୁ ରୂପେ ପାଳନ କରିବା। ଆମେ ତାହା କରୁଛୁ କି? ଛାତ୍ରର ଧର୍ମ ହେଲା ନିଷ୍ଠାର ସହ ଅଧ୍ୟୟନ କରିବା, ଗୁରୁର ଧର୍ମ ହେଲା ପାଠ ପଢାଇବା, ଶାସକର ଧର୍ମ ହେଲା ପ୍ରଜାମାନଙ୍କୁ ପୁତ୍ର ତୁଲ୍ୟ ପାଳିବା ଓ ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖିବା, ସେହିପରି ନାରୀର ଧର୍ମ ହେଲା ମହମବତୀ ପରି ଜଳି ଜଳି ପରିବାରକୁ ଓ ସମାଜକୁ ସୁସ୍ଥ ଓ ଶୃଙ୍ଖଳିତ ରୂପେ ଗଢି ତୋଳି ଆଲୋକ ବିତରଣ କରିବା। ସେନାବାହିନୀର ଧର୍ମ ହେଲା ରାଷ୍ଟ୍ରକୁ ସୁରକ୍ଷା ଦେବା, କୃଷକ ଭାଇର ଧର୍ମ ହେଲା ଶସ୍ୟ ଅମଳ କରି କ୍ଷୁଧା ନିବାରଣ କରିବା, ବିଚାରପତିଙ୍କ ଧର୍ମ ହେଲା ସତ୍ୟକୁ ଚିହ୍ନି ଉଚିତ୍ ନ୍ୟାୟ ବ୍ୟବସ୍ଥା କରିବା, ଇଞ୍ଜିନିୟରର ଧର୍ମ ହେଲା ସୁନ୍ଦର ଓ ନିରାପତ୍ତାମୂଳକ ପ୍ରାସାଦ ଓ ପୋଲ ନିର୍ମାଣ କରିବା, ସାମ୍ବାଦିକର ଧର୍ମ ହେଲା ସତ୍ୟ ତଥ୍ୟକୁ ଲୋକଙ୍କ ପାଖରେ ଉପସ୍ଥାପନ କରିବା, ବ୍ୟବସାୟୀମାନଙ୍କର ଧର୍ମହେଲା ଉଚିତ୍ ମୂଲ୍ୟରେ ଗ୍ରହୀତାମାନଙ୍କୁ ଉତ୍ତମ ମାନର ଜିନିଷ ଯୋଗାଇଦେବା କିନ୍ତୁ ଆମେ ସମସ୍ତେ ଯଦି ନିଜକୁ ଥରେ ପ୍ରଶ୍ନ କରିବା ଆମେ ସଠିକ୍ ଭାବେ ନିଜର ଧର୍ମ ପାଳନ କରୁଛେ କି? ଏହାର ଉତ୍ତର ଆମେ ସମସ୍ତେ ଜାଣୁ। ନିଜ ସହିତ ଛଳନା କରି କେବଳ ଧର୍ମ ନାମରେ ଆମେ ଡିଣ୍ଡିମ ପିଟିବାରେ ଲାଗିଛୁ। କିନ୍ତୁ ପ୍ରକୃତ ଧର୍ମ କ'ଣ ଆମେ ଜାଣୁ। କେବଳ ବିଭିନ୍ନ ତୀର୍ଥକ୍ଷେତ୍ର ଯାଇ ବୁଡ଼ ପକାଇଲେ, ଭିଡ଼ ଭିତରେ ମନ୍ଦିର ଯାଇ ମହଣ ମହଣ ଘିଅରେ ଦୀପ ଜାଳିଲେ ଧର୍ମ ହୁଏନାହିଁ। ବୟସ୍କ ଗୁରୁଜନମାନଙ୍କର ଯଦି ଆମେ ସେବା କରୁଥାନ୍ତେ ତେବେ ଆଜି ପାଶ୍ଚାତ୍ୟ ରାଷ୍ଟ୍ର ପରି ଆମ ଦେଶରେ ଏତେ ପରିମାଣରେ ଜରାଶ୍ରମ ଦେଖାଯାଉ ନଥାନ୍ତା। ଆମେ ସମସ୍ତେ ଜୀବନ୍ତ ଠାକୁର ପିତାମାତାଙ୍କୁ ସେବା ନକରି ମନ୍ଦିରରେ ଥିବା ଠାକୁରଙ୍କୁ ଅର୍ଚ୍ଚନା କରିବାରେ ବ୍ୟସ୍ତ। ମନ୍ଦିର ଯାଇ ଶହ ଶହ ଲିଟର କ୍ଷୀର ଶିବଲିଙ୍ଗ ଉପରେ ଢାଳୁଥିବା ବେଳେ ଆମ ପାଖରେ ଥିବା ଶିଶୁଟି ଟୋପାଏ କ୍ଷୀର ନପାଇ ଅପପୁଷ୍ଟିର ଶିକାର ହୋଇ ଶେଷରେ ମୃତ୍ୟୁବରଣ କରିବାକୁ ବାଧ୍ୟ ହୁଏ। ଏ କେମିତିକା ଧର୍ମ କିଛି ବୁଝାପଡେନା ।

ଏଇଠି ଆମେରିକାର ପୂର୍ବତନ ରାଷ୍ଟ୍ରପତି ଆବ୍ରାହିମ୍ ଲିଙ୍କନ୍‌ଙ୍କ କଥା ମନେପଡ଼େ ଯିଏ କହୁଥିଲେ ଏହି ଦୁନିଆକୁ ବହୁଦିନ ଧରି କେହି ମୂର୍ଖ କରି ରଖିପାରିବେ ନାହିଁ। କିନ୍ତୁ ଧର୍ମ ଏକ ଏଭଳି କ୍ଷେତ୍ର ଯେଉଁଠି ପିଢ଼ି ପରେ ପିଢ଼ି ଲୋକଙ୍କୁ କେବଳ ଧର୍ମ ନାମରେ ମୂର୍ଖ ବନେଇ ହେବ। ପ୍ରାୟ ଦେଖାଯାଉଛି ମନ୍ଦିର, ମସଜିଦ ଆଦି ଧର୍ମପୀଠ ମାନଙ୍କରେ ଦଳାଚକଟା ଯୋଗୁ ଅନେକ ତୀର୍ଥଯାତ୍ରୀ ଖଣ୍ଡିଆ ଖାବରା ହୋଇ ଏପରିକି ମୃତ୍ୟୁବରଣ ମଧ୍ୟ କରୁଛନ୍ତି। ଏହି ନିକଟରେ ମୌନୀ ଅମାବାସ୍ୟା ଦିନ ପ୍ରୟାଗରାଜରେ ୩୦ ଜଣ ଶ୍ରଦ୍ଧାଳୁଙ୍କର ମୃତ୍ୟୁ ଘଟିଥିଲା। ଘଟଣା ଦିନ ତ୍ରିବେଣୀ ସଙ୍ଗମ ଅଞ୍ଚଳରେ ଥିବା ୧୬ ହଜାର ମୋବାଇଲ୍ ନମ୍ବର ଏବେ ତଦନ୍ତ ଘେରରେ ରହିଛି। ପୋଲିସ୍ ସୂତ୍ରରୁ ସୂଚନା ମିଳେ କିଛି ଲୋକ ବ୍ୟାରୀକେଡ ଡେଇଁ ଅନ୍ୟପାର୍ଶ୍ୱରେ ନିଜ ପାଳିକୁ ଅପେକ୍ଷା କରିଥିବା ଲୋକଙ୍କୁ ଧକ୍କା ଦେବାରୁ ଏହି ଅଘଟଣ ଘଟିଥିଲା। କେବଳ ସେତିକି ନୁହେଁ ଏଇ ନିକଟରେ ଆନ୍ଧ୍ରପ୍ରଦେଶ ତିରୁପତି ମନ୍ଦିର ପରିସରରେ ଭକ୍ତମାନଙ୍କ ଦଳାଚକଟା ଯୋଗୁଁ ୬ଜଣ ଲୋକ ମୃତ୍ୟୁବରଣ କଲେ ଏବଂ ଶତାଧିକ ଲୋକ ଖଣ୍ଡିଆ ଖାବରା ହୋଇ ଚିକିତ୍ସିତ ହେଲେ। ନୂଆବର୍ଷର ପ୍ରଥମ ଦିନରେ ଆମ ଓଡ଼ିଶାର ଜଗନ୍ନାଥ ମନ୍ଦିରରେ ଲକ୍ଷ ଲକ୍ଷ ଲୋକ ଏକତ୍ରିତ ହୋଇ ବଡ଼ଦାଣ୍ଡ ସୁରକ୍ଷା ଦ୍ୱାରକୁ ଏମିତି ମାଡ଼ି ଆସିଲେ ଯେ ଶହ ଶହ ଭକ୍ତ ଅଣନିଶ୍ୱାସୀ ହୋଇପଡିଲେ। ଆଉ କେତେଜଣ ମରୁ ମରୁ ବଞ୍ଚିଗଲେ। ତିରୁପତି ବୈଷ୍ଣଦେବୀ ମନ୍ଦିରରେ ଏଭଳି ଠେଲାପେଲା ଘଟଣା ପ୍ରାୟ ଘଟୁଥିବା ବେଳେ ତଥାପି ଭାରତବର୍ଷର ମନ୍ଦିରମାନଙ୍କରେ ଭକ୍ତମାନଙ୍କର ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଜନସଂଖ୍ୟା ବୃଦ୍ଧି ଏହାର ଗୋଟିଏ କାରଣ ହୋଇପାରେ କିନ୍ତୁ ଆଜି ଏକବିଂଶ ଶତାବ୍ଦୀରେ ଜ୍ଞାନ ବିଜ୍ଞାନ ଯୁଗରେ ଧର୍ମ ଭାବନା କିଭଳି ଅହେତୁକ ବୃଦ୍ଧି ପାଇବାରେ ଲାଗିଛି ଓ ଲୋକଙ୍କୁ ବାନ୍ଧି ରଖିଛି ଭାବିଲେ ଆଶ୍ଚର୍ଯ୍ୟ ଲାଗେ।

ଗୋଟିଏ ପଟେ ଦୁର୍ନୀତି, ବ୍ୟଭିଚାର, ଲୁଣ୍ଠନ, ଶୋଷଣ, ପୀଡନ ଅନ୍ୟାୟ ଅତ୍ୟାଚାର, ଅନୀତି ବୃଦ୍ଧି ପାଉଥିବାବେଳେ ଆଉଗୋଟିଏ ପଟେ ଭକ୍ତିଭାବ ମଣିଷକୁ କବଳିତ କରି ରଖିଛି। ସାଧାରଣ ମଣିଷଟିଏ ଧୀରେ ଧୀରେ ଅସହାୟ ଓ ଭୟାତୁର ହୋଇ ସଙ୍କଟରେ ଗତିକରୁଛି ଆଉ ଏଥିରୁ ମୁକ୍ତି ପାଇବା ପାଇଁ ଠାକୁରଙ୍କୁ ପ୍ରାର୍ଥନା କରୁଛି। ବେଳେ ବେଳେ ଦେଖାଯାଏ ଗୋଟିଏ ହାତରେ ନିଜ ଛୁଆକୁ ଧରି ଆର ହାତରେ ଠାକୁରଙ୍କୁ ପ୍ରାର୍ଥନା କରୁଥାଏ। ଗୋଟିଏ କଥା ଏଇଠି ମନେ ପଡୁଛି ଯଦି ଆମେ ଆମର କର୍ତ୍ତବ୍ୟକୁ ଆନ୍ତରିକତାର ସହ କରନ୍ତେ ତେବେ ଆଜି କେଉଁଠି ରୋଗୀଟିଏ ଚିକିତ୍ସା ନପାଇ ମୃତ୍ୟୁମୁଖରେ ପଡୁନଥନ୍ତା କି ନବନିର୍ମିତ ପୋଲଟିଏ ଭୁଶୁଡ଼ି ପଡୁନଥନ୍ତା କି କୋଉଠି ଅଫିସରଟିଏ ଲାଞ୍ଚ ନେଇ ଜନସାଧାରଣଙ୍କୁ ଲୁଟି ବାରମ୍ବାର ଅଫିସକୁ ଦୌଡ଼ାଉ ନଥାଆନ୍ତା । ଆଉ ମଣିଷଟିଏ ମଧ୍ୟ ଏଭଳି ଅସହାୟ ହୋଇ ଈଶ୍ୱରଙ୍କୁ ଆରାଧନା କରିବାକୁ ପଡୁନଥନ୍ତା। ହଁ ପାଠକ ବନ୍ଧୁ ଆମେ ଯଦି ଆନ୍ତରିକତାର ସହ ନିଜ ନିଜର ଦାୟିତ୍ୱ ଓ କର୍ତ୍ତବ୍ୟକୁ ସୁଚାରୁ ରୂପେ ପାଳନ କରିବା ତେବେ ତାହା ହିଁ ଆମର ପ୍ରକୃତ ଧର୍ମ। ଆଉ ଦେଶରୁ ମଧ୍ୟ ଦୁର୍ନୀତି, ଶୋଷଣ, ଅନୀତି, ଲୁଣ୍ଠନ ଅରାଜକତା ଆଦି ବହୁମାତ୍ରାରେ କମିଯାନ୍ତା।

ଏହି ପରିସ୍ଥିତିକୁ ଦୃଷ୍ଟିରେ ରଖି ଦାର୍ଶନିକ କାଲମାର୍କ୍ସ ଧର୍ମକୁ ଲୋକଙ୍କ ପାଇଁ 'ଅଫିମ' ବୋଲି ବର୍ଣ୍ଣନା କରିଥଲେ। ସ୍ୱାମୀ ବିବେକାନନ୍ଦଙ୍କ ମତରେ ମନୁଷ୍ୟ ଭିତରୁ ହତାଶା, ଦୁର୍ବଳତା, ଅନ୍ଧବିଶ୍ୱାସ, ଅସତ୍ୟ ଏବଂ ସର୍ବୋପରି ଦାସତ୍ୱକୁ ହଟାଇ ଦେଇ ମଣିଷ ଭିତରେ ଜ୍ଞାନରୂପକ ଆତ୍ମବିଶ୍ୱାସ ସୃଷ୍ଟି କରିବା ହେଉଛି ଧର୍ମର ପ୍ରକୃତ ଉଦ୍ଦେଶ୍ୟ। ମାନବିକତା ହିଁ ଶ୍ରେଷ୍ଠ ଧର୍ମ। ତୁମେ କୌଣସି ଅନ୍ଧ ବିଶ୍ୱାସକୁ ବିଶ୍ୱାସ କର ବା ନକର ଏହା ତୁମର ଇଚ୍ଛା। ରାସ୍ତାର ଗଳିମୁଣ୍ଡରେ ଏକୁଟିଆ ଛିଡ଼ା ହୋଇଥିବା ଝିଅଟିକୁ କେହି ଜଣେ ପ୍ରଶ୍ନ କରୁଥାନ୍ତି ତୁମେ ହିନ୍ଦୁ ନା ମୁସଲିମ, ନା ଖ୍ରୀଷ୍ଟିଆନ ନା ଶିଖ ଝିଅଟି ଭୟରେ ଥରି ଥରି କହିଲା ମୁଁ ଭୋକିଲା ମୋତେ କିଛି ଖାଦ୍ୟ ଦିଅ। ଝିଅଟିର ଏହି ପଦୁଟିଏ କଥା ଆମ ମାନବ ସଭ୍ୟତାକୁ ସୂଚାଇ ଦିଏ ପ୍ରକୃତରେ ଆମ ଧର୍ମ କ'ଣ।

# ଡିଗ୍ରୀ ହାସଲ ନୁହେଁ ଦକ୍ଷ ହେବା ଆବଶ୍ୟକ



ମାନସ କୁମାର କର
କୋତାଙ୍ଗ, କୋଣାର୍କ
ମୋ: ୭୩୮୧୩୮୨୨୧୦

ଭାରତରେ ଯୁବପିଢ଼ିଙ୍କ ସଂଖ୍ୟା ପ୍ରାୟ ୪୮ କୋଟି, ଯାହା ମୋଟ ଜନସଂଖ୍ୟାର ପ୍ରାୟ ୩୫ ପ୍ରତିଶତ। ଏପରି ପରିସ୍ଥିତିରେ, ସମସ୍ତଙ୍କୁ ନିଯୁକ୍ତି ଦିଆଯାଇପାରିବ କି ନାହିଁ ତାହା ବିତର୍କର ବିଷୟ? ଏଠାରେ ଏହା ମଧ୍ୟ ବୁଝିବା ଆବଶ୍ୟକ ଯେ ଆମ ଦେଶରେ କି ପ୍ରକାରର ନିଯୁକ୍ତି ଉପଲବ୍ଧ ଏବଂ ସେହି ନିଯୁକ୍ତି ଗୁଡ଼ିକ କରିବା ପାଇଁ କି ପ୍ରକାରର ଯୋଗ୍ୟତା ଆବଶ୍ୟକ। ମର୍ସର-ମେଟାଲର ରିପୋର୍ଟ ଇଣ୍ଡିଆର ସ୍ନାତକ ଦକ୍ଷତା ସୂଚକାଙ୍କ ୨୦୨୫ (ଯାହା ୨୦୨୪ ତଥ୍ୟ ଉପରେ ଆଧାରିତ) ଦର୍ଶାଉଛି ଯେ କେବଳ ୪୨.୬ ପ୍ରତିଶତ ଭାରତୀୟ ସ୍ନାତକ ନିଯୁକ୍ତି ପାଇବାକୁ ଯୋଗ୍ୟ ଏବଂ ବାକି ୫୭.୪ ପ୍ରତିଶତ ସ୍ନାତକ, ନିଯୁକ୍ତି ପାଇବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗତ ୧ ବର୍ଷ ମଧ୍ୟରେ ପରିସ୍ଥିତି ଆହୁରି ଖରାପ ହୋଇଛି, କାରଣ ୨୦୨୩ରେ ୪୪.୩ ପ୍ରତିଶତ ସ୍ନାତକଙ୍କୁ ନିଯୁକ୍ତି ପାଇବାକୁ ଯୋଗ୍ୟ ବିବେଚିତ କରାଯାଇଥିଲା।

ଏହି ପରିସଂଖ୍ୟାନଗୁଡ଼ିକ ଆମର ଶିକ୍ଷା ବ୍ୟବସ୍ଥା ଏବଂ ନିଯୁକ୍ତି ନୀତି ଉପରେ ପ୍ରଶ୍ନ ଉଠାଇଛି। ଏହା ସହିତ ଯୁବପିଢ଼ିଙ୍କ ମଧ୍ୟରେ ସଚେତନତାର ଏକ ବିରାଟ ଅଭାବକୁ ମଧ ଇଙ୍ଗିତ କରୁଛି। ପ୍ରତିବର୍ଷ, ଲକ୍ଷ ଲକ୍ଷ ଯୁବକ ଆମ ଦେଶର 'ଶିକ୍ଷା କାରଖାନା'ରୁ ବଡ଼ ବଡ଼ ଡିଗ୍ରୀ ହାସଲ କରନ୍ତି, କିନ୍ତୁ ଗୁଣବତ୍ତା କିମ୍ବା ଜ୍ଞାନର ଅଭାବ ଯୋଗୁଁ କେବଳ କିଛି ଯୁବକ ନିଯୁକ୍ତି ପାଇପାରନ୍ତି। ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କ ପାଖରେ ଡିଗ୍ରୀ ଅଛି, କିନ୍ତୁ ସେମାନଙ୍କର ନା ଅଛି ପୁସ୍ତକୀୟ ଜ୍ଞାନ ନା ଅଛି ସମ୍ପୃକ୍ତ ବିଷୟରେ ବ୍ୟବହାରିକ ଜ୍ଞାନ।

ସମସ୍ତଙ୍କୁ ନିଯୁକ୍ତି ଯୋଗାଇବା ପାଇଁ ପର୍ଯ୍ୟାପ୍ତ ସମ୍ବଳ ନଥିବାରୁ ସରକାର ଆବଶ୍ୟକୀୟ ନିଯୁକ୍ତି ସୃଷ୍ଟି କରିପାରୁନାହାଁନ୍ତି ଏବଂ ଯୁବପିଢ଼ି ମଧ୍ୟ ଦକ୍ଷ ହେବା ପରିବର୍ତ୍ତେ କେବଳ ଡିଗ୍ରୀ ହାସଲ କରିବା ଉପରେ ଧ୍ୟାନ ଦେଉଛନ୍ତି। ନିଯୁକ୍ତି ମୁଖ୍ୟତଃ ସେବା ଏବଂ ଉତ୍ପାଦନ କ୍ଷେତ୍ରରେ ଉପଲବ୍ଧ, ଯାହାକୁ ବୈଷୟିକ ଏବଂ ଅଣ-ବୈଷୟିକ ବର୍ଗରେ ବିଭକ୍ତ କରାଯାଇପାରେ। ଶିଳ୍ପ କିମ୍ବା ବୈଷୟିକ କ୍ଷେତ୍ର ପାଇଁ ଇଞ୍ଜିନିୟର କିମ୍ବା ଟେକ୍ନିସିଆନ ଆବଶ୍ୟକ, ଯେତେବେଳେ ସେବା କ୍ଷେତ୍ର ପାଇଁ ନରମ ଦକ୍ଷତା, ଯୋଗାଯୋଗ ଦକ୍ଷତା, ବିଶ୍ଳେଷଣାତ୍ମକ କିମ୍ବା ସମାଲୋଚନାମୂଳକ ଚିନ୍ତାଧାରା, ନେତୃତ୍ୱ ଗୁଣ ଇତ୍ୟାଦି ଆବଶ୍ୟକ, ଯାହା ସାଧାରଣତଃ ସମସ୍ତଙ୍କ ପାଖରେ ନଥାଏ। ସ୍ୱାସ୍ଥ୍ୟ ଏକ ପୃଥକ ବିଶେଷ କ୍ଷେତ୍ର ଯାହା ପାଇଁ ଡାକ୍ତର, ନର୍ସ, ଚିକିତ୍ସା କୌଶଳୀ ଇତ୍ୟାଦି ଆବଶ୍ୟକ। ଏହା ହେବା ପାଇଁ, ବିଶେଷ ଯୋଗ୍ୟତା ଏବଂ ଶିକ୍ଷା ଆବଶ୍ୟକ।

ଗବେଷଣାର ଏକ ଭିନ୍ନ ଦୁନିଆ ଅଛି, ଯେଉଁଠାରେ ବିଜ୍ଞାନ ବିଷୟ କିମ୍ବା ଅନ୍ୟାନ୍ୟ ବୈଷୟିକ ବିଷୟଗୁଡ଼ିକରେ ଗବେଷଣା କରି ମାନବ କଲ୍ୟାଣ କିମ୍ବା ବାଣିଜ୍ୟିକ ଲାଭ ପାଇଁ କାମ କରାଯାଇପାରିବ। ସେହିପରି, ସଙ୍ଗୀତ, ଚିତ୍ରକଳା, ଅଭିନୟ, ଭିଡିଓ ସମ୍ପାଦନା, ନୃତ୍ୟ ଇତ୍ୟାଦି କ୍ଷେତ୍ରରେ ମଧ ନିଯୁକ୍ତି ସୁଯୋଗ ଉପଲବ୍ଧ, କିନ୍ତୁ ଏଗୁଡ଼ିକ ପାଇଁ ମଧ ବିଶେଷ ଯୋଗ୍ୟତା ଆବଶ୍ୟକ।

ନିଜର ପ୍ରାସଙ୍ଗିକତା ବଜାୟ ରଖିବା ପାଇଁ, ନିଜକୁ ନିରନ୍ତର ଦକ୍ଷ ରଖିବା ଆବଶ୍ୟକ। ଯଦି ଆମେ ବଦଳୁଥିବା ସମୟ ସହିତ ନିଜକୁ ପରିବର୍ତ୍ତନ ନକରୁ, ତେବେ ଆମେ ଆମର ପ୍ରାସଙ୍ଗିକତା ହରାଇବୁ। ଶିଳ୍ପ ଏବଂ ସେବା କ୍ଷେତ୍ରରେ ସ୍ୱୟଂଚାଳିତ ଏବଂ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ପ୍ରବେଶ ସହିତ, ଆମେ କେବଳ ନରମ ଦକ୍ଷତା ଆଧାରରେ ନିଯୁକ୍ତି ପାଇପାରିବୁ ନାହିଁ। ଏଥିପାଇଁ, ଆମକୁ ଡାଟା ବିଶ୍ଳେଷଣ, ଡାଟା ବିଜ୍ଞାନ ଇତ୍ୟାଦିର ସୂକ୍ଷ୍ମତାକୁ ବୁଝିବାକୁ ଏବଂ ଶିଖିବାକୁ ପଡିବ। (ଏଆଇ)ର ଆଗମନ ପରେ, ସୃଜନଶୀଳତାର ଚାହିଦା ହ୍ରାସ ପାଇଛି। ସୃଜନଶୀଳ କାମ କରୁଥିବା ପ୍ରତିଭାଶାଳୀ ଲୋକମାନେ ନିଯୁକ୍ତି ପାଇବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପବ୍ଲିକ୍ ଡୋମେନରେ ଉପଲବ୍ଧ ତଥ୍ୟ ଆଧାରରେ (ଏଆଇ) କିଛି ସେକେଣ୍ଡ ମଧ୍ୟରେ ଆପଣଙ୍କ ନିକଟରେ ଏକ ପ୍ରବନ୍ଧ, କାହାଣୀ କିମ୍ବା କବିତା ଉପସ୍ଥାପନ କରିପାରିବ, ଯାହାଦ୍ୱାରା ସୃଜନଶୀଳ ଲୋକଙ୍କ ଆବଶ୍ୟକତା ହ୍ରାସ ପାଇବ। ନିଯୁକ୍ତି ପାଇବା ବ୍ୟତୀତ, କର୍ମକ୍ଷେତ୍ରରେ ଭଲ ପ୍ରଦର୍ଶନ କରିବା ପାଇଁ ଆପଣଙ୍କୁ ଆପଣଙ୍କର ଯୋଗାଯୋଗ ଦକ୍ଷତା, ସମାଲୋଚନାମୂଳକ ଚିନ୍ତାଧାରା ଏବଂ ନେତୃତ୍ୱ ଗୁଣଗୁଡ଼ିକୁ ନିରନ୍ତର ଉନ୍ନତ କରିବାକୁ ପଡିବ।

ତେଣୁ ସରକାର ଏବଂ ବେକାର ଯୁବକ ଯୁବତୀ ଉଭୟ ସଂଶୋଧନମୂଳକ ପଦକ୍ଷେପ କାର୍ଯ୍ୟକାରୀ କରିବା ପାଇଁ ପଦକ୍ଷେପ ନେବା ଉଚିତ। ଜୀବିକା ନିର୍ବାହ ପାଇଁ, ଯୁବପିଢ଼ିଙ୍କୁ ଆତ୍ମନିଯୁକ୍ତିର ପଥ ମଧ ଆପଣାଇବାକୁ ପଡିବ। ଯୁବକମାନଙ୍କ ପାଇଁ ନିଯୁକ୍ତି ସୃଷ୍ଟି କରିବା ପାଇଁ ବ୍ୟାଙ୍କ ବିଭିନ୍ନ ଯୋଜନା ଚଳାଉଛି। ଆଜିକାଲି, ଷ୍ଟାର୍ଟଅପ୍ ଏକ ବହୁତ ଲୋକପ୍ରିୟ ବ୍ୟବସାୟିକ ପଦକ୍ଷେପ ପାଲଟିଛି, ଯାହା ଅଧୀନରେ ପାରମ୍ପରିକ ବୃତ୍ତିଠାରୁ ଭିନ୍ନ, ଅଭିନବ ବ୍ୟବସାୟ କରାଯାଏ। ବର୍ତ୍ତମାନର ପରିବେଶରେ ଆତ୍ମନିର୍ଭରଶୀଳ ହେବା ପାଇଁ, ଯୁବପିଢ଼ିଙ୍କୁ ରଣନୀତିକ ଭାବରେ କାମ କରିବାକୁ ପଡିବ। ଏଥିପାଇଁ, ସେମାନେ ସେମାନଙ୍କର ଦକ୍ଷତା ଏବଂ ଶକ୍ତିକୁ ଚିହ୍ନିବା, ସରକାରୀ ଯୋଜନା ବିଷୟରେ ସଚେତନ ହେବା, ଦେଶ ଏବଂ ବିଶ୍ୱରେ ଘଟୁଥିବା ପରିବର୍ତ୍ତନ ବିଷୟରେ ସଚେତନ ହେବା ଏବଂ ଭିଡ଼ ବ୍ୟବସ୍ଥାର ଅଂଶ ନହେବା ଗୁରୁତ୍ୱପୂର୍ଣ୍ଣ। ସେହି ସମୟରେ, ସରକାର ସେମାନଙ୍କୁ ସେମାନଙ୍କ କ୍ଷମତା ଅନୁଯାୟୀ କାମ ଯୋଗାଇବା ପାଇଁ ପଦକ୍ଷେପ ନେବା ଉଚିତ।

ତେଣୁ, ଯୁବପିଢ଼ିଙ୍କୁ ଡିଗ୍ରୀଧାରୀ କରିବା ପରିବର୍ତ୍ତେ ସେମାନଙ୍କୁ ଦକ୍ଷ କରିବା ଉପରେ ଧ୍ୟାନ ଦେବାର ଆବଶ୍ୟକତା ଅଛି, ଯାହାଦ୍ୱାରା ସମସ୍ତେ ଆତ୍ମନିର୍ଭରଶୀଳ ହୋଇପାରିବେ। ନିଯୁକ୍ତି କିମ୍ବା ଆତ୍ମନିଯୁକ୍ତି କେବଳ ଜଣେ ବ୍ୟକ୍ତିଙ୍କ ପାଇଁ ଜୀବିକା ନିର୍ବାହର ଏକ ମାଧ୍ୟମ ନୁହେଁ ବରଂ ଏହା ପରିବାର ଏବଂ ଦେଶର ଅର୍ଥନୀତିକୁ ସୁଦୃଢ଼ କରିବାର ସବୁଠାରୁ ଶକ୍ତିଶାଳୀ ମାଧ୍ୟମ। ସମସ୍ତଙ୍କ ସମର୍ଥନରେ ହିଁ ଦେଶରେ ଅନ୍ତର୍ଭୁକ୍ତ ବିକାଶ ସମ୍ଭବ।

# ପାପମୋଚନୀ ଏକାଦଶୀ



ଉତ୍କଳାନନ୍ଦ ଅଜୟ କୁମାର ବେହେରା
ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ
କଟକ, ମୋ: ୯୪୩୭୦୩୧୨୫୩

ଚୈତ୍ର ମାସ କୃଷ୍ଣପକ୍ଷ ଏକାଦଶୀ ତିଥିକୁ ପାପମୋଚନୀ ଏକାଦଶୀ କୁହାଯାଏ। ଏହି ଦିନ ମହାପ୍ରଭୁ ବିଷ୍ଣୁଙ୍କ ପ୍ରତିକାତ୍ମକ ରୂପ ଶାଳଗ୍ରାମଙ୍କୁ ପୂଜା କରାଯାଇଥାଏ ଏବଂ ବ୍ରତ ମଧ କରାଯାଇଥାଏ। ଏହି ବ୍ରତ କଲେ ମନୁଷ୍ୟ ସମସ୍ତ ପାପରୁ ମୁକ୍ତି ପାଏ ଏବଂ ସେ ବୈକୁଣ୍ଠରେ ସ୍ଥାନ ପାଏ ବୋଲି ପୁରାଣରେ ବର୍ଣ୍ଣନା କରାଯାଇଛି। ଏହାଛଡ଼ା ଏହି ବ୍ରତ କଲେ ପିତୃପୁରୁଷଙ୍କୁ ମଧ ସ୍ୱର୍ଗରେ ସ୍ଥାନ ମିଳେ ବୋଲି ଶାସ୍ତ୍ରରେ ଉଲ୍ଲେଖ ରହିଛି। ଏହି ଦିନରେ ଶାଳଗ୍ରାମଙ୍କୁ ବିଧି ପୂର୍ବକ ପୂଜାର୍ଚ୍ଚନା କରି ତାଙ୍କ ସମ୍ମୁଖରେ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ଶ୍ରାଦ୍ଧ କରି ଶ୍ରାଦ୍ଧରୁ ବଞ୍ଚିଥିବା ଦ୍ରବ୍ୟକୁ ଗାଈକୁ ଖାଇବାକୁ ଦେବାକୁ ହୋଇଥାଏ। ଏହି ପବିତ୍ର ଦିନରେ ରାତ୍ରରେ ମୌନ ରହି ସ୍ତ୍ରୀ ପୁତ୍ରାଦିଙ୍କ ସହିତ ଭୋଜନ କରିବା ବିଧି ରହିଛି। ଏହି ଦିନ ଶ୍ରୀବିଷ୍ଣୁ ସହସ୍ରନାମ ପାଠ କଲେ ବିଶେଷ ସୁଫଳ ମିଳିଥାଏ।

କଥୋପ କଥନ ଛଳରେ ଗୀତାରେ ଭଗବାନ କୃଷ୍ଣ ଧର୍ମରାଜ ଯୁଧିଷ୍ଠିରଙ୍କୁ ପାପମୋଚନୀ ଏକାଦଶୀ ସଂପର୍କରେ ସୂଚାଇଥିଲେ। ଏହି ଏକାଦଶୀ ଚୈତ୍ର କୃଷ୍ଣପକ୍ଷ ଏଗାର ଦିବସରେ ପଡ଼େ। ଏହି ଏକାଦଶୀର ମହାତ୍ମ୍ୟ ଏକଦା ଲୋମସଋଷୀ ରାଜା ମାନ୍ଧାତାଙ୍କୁ ବୁଝାଉଥିଲେ। ଲୋମଶଙ୍କ କହିବା ଅନୁଯାୟୀ ଚିତ୍ରର୍ଥ ନାମରେ ଏକ ସୁନ୍ଦର ବନ ଥିଲା। ଏହା ଦେବ ରାଜ ଇନ୍ଦ୍ରଙ୍କର କ୍ରୀଡ଼ାସ୍ଥଳୀ ଥିଲା। ଏଠାରେ ମେଧାବୀ ନାମକ ଜଣେ ମୁନୀ ତପସ୍ୟା କରୁଥିଲେ। ସେ ଥିଲେ ମହାଦେବଙ୍କର ଭକ୍ତ। ଏହା ଏକ ସତ୍ୟ ଘଟଣା ଯେ ଯେଉଁମାନେ ମହାଦେବଙ୍କର ଭକ୍ତ ବା ସେବକ ସେମାନେ କାମ ଦେବଙ୍କର ଭୟଙ୍କର ଶତ୍ରୁ। ସେହି ଜଙ୍ଗଲରେ କାମ ଦେବ ଅପସ୍ରାଙ୍କୁ ଧରି ଉପସ୍ଥିତ ହେଲେ ଏବଂ ନିଜର ମନମୋହନକାରୀ କାମର ପାଞ୍ଚ ବାଣକୁ ପ୍ରୟୋଗ କଲେ। ଏଥିରେ ମୁନି କାମାତୁର ହୋଇଉଠିଲେ। ଏହି ସମୟରେ ମଞ୍ଜୁଷା ନାମକ ଏକ ଅପସ୍ରୀ ମୁନିଙ୍କର ମନ ହରଣ କରିନେଲା। ସେ ଭଗବାନ ଶଙ୍କରଙ୍କୁ ଧ୍ୟାନରୁ ଭୁଲି ଗଲେ। ମୁନି ମନ ମନ୍ଦିରରେ ମଞ୍ଜୁଷାକୁ ଭଲପାଇ ବସିଲେ ଏବଂ ମଞ୍ଜୁଷା ପ୍ରେମରେ ସେ ପୁରା ପାଗଳ ହୋଇ ରାସ ବିଳାସରେ ମାତି ରହିଲେ। ଦିନେ ମଞ୍ଜୁଷା ଋଷିଙ୍କୁ ସ୍ୱର୍ଗ ଫେରିଯିବା ପାଇଁ ଅନୁମତି ଭିକ୍ଷାକଲା। ସେ କହିଲେ ଯେ ସେ ତ ସେଇ ଦିନ ସନ୍ଧ୍ୟାରେ ଆସିଥିଲେ, ଏତେ ଶୀଘ୍ର ଫେରିଯିବେ କିପରି? ଏଥିକୁ ମଞ୍ଜୁଷା କହିଲା ଯେ ତାଙ୍କୁ ଯାହା ଗୋଟିଏ ଦିନ ତା' ପାଇଁ ଏହା ଅନେକ ବର୍ଷା। ମୁନି ଜାଣନ୍ତୁ ଯେ ତାଙ୍କ ସହିତ ରତୀ କ୍ରୀଡ଼ାରେ ଏ ଭିତରେ ଯେତେ ସମୟ କଟିଛି ସେସମୟର ପରିମାଣ ୫୭ ବର୍ଷ ୭ ମାସ ଏବଂ ୩ ଦିନ। ତଥାପି ଋଷି ଆଜି ନୁହେଁ କାଲି ଯିବ କଥାଟି ଆରମ୍ଭ କଲେ। ଏଥିକୁ ଅପ୍ସରା ତାର ପଞ୍ଚାଙ୍ଗ ଉନ୍ମୁକ୍ତ କରି ମୁନିକୁ ଯେତେବେଳେ ଦେଖାଇଲା, ସେତେବେଳେ ସେ ଜାଣିଲେ ଯେ ସେହି ମାୟାବିନୀ ମଞ୍ଜୁଷା ତାଙ୍କର ତପସ୍ୟା ଭଙ୍ଗ କରିଦେଇଛି। ସେ କ୍ରୋଧିତ ହୋଇଗଲେ ଏବଂ ସେ ମଞ୍ଜୁଷା ପିଶାଚନୀ ହୋଇଯାଉ ବୋଲି ଅଭିଶାପ ଦେଲେ। ଏଥିକୁ ସେ ଅପ୍ସରୀ କହିଲା : ଅଭିଶାପ ତ ଦେଇ ଦେଲେ ମୁନି, ଏଥିରୁ ମୁଁ ଉଦ୍ଧାର ପାଇବି କିପରି କୁହନ୍ତୁ? ଏଥିକୁ ମୁନି ଉତ୍ତର ଦେଲେ ପାପମୋଚନୀ ଏକାଦଶୀ କର। ତା'ରି ପ୍ରଭାବରେ ପୁଣି ତୁମେ ତୁମ ଦିବ୍ୟ ଶରୀର ପ୍ରାପ୍ତ ହେବ। ଏହା କହି ମୁନି ନିଜ ପିତା ଚ୍ୟବନ ଋଷିଙ୍କ ପାଖକୁ ଚାଲିଗଲେ ଏବଂ ନିଜର ପାପ କର୍ମ କଥା ସେ ତାଙ୍କୁ କହିଲେ ସେଥିରୁ କିପରି ମୁକ୍ତି ପାଇବେ ତା' ମଧ ଭିକ୍ଷା କଲେ। ନିଜେ ଋଷି ଯେଉଁ ଉପାୟରେ ମଞ୍ଜୁଷା ଅପ୍ସରୀ ପିଶାଚନୀକୁ ମୁକ୍ତି ପାଇବେ ବୋଲି ବାଟ ବତାଇଥିଲେ, ପିତା ଚ୍ୟବନ ମଧ ସେହି କଥା କହିଲେ ଯେ ସେ ପାପମୋଚନୀ ଏକାଦଶ କରନ୍ତୁ। ସେ ତାହା ହିଁ କଲେ। ପାପମୋଚନୀ ଏକାଦଶୀ କରିବା ଫଳରେ ଉଭୟ ମୁନି ଏବଂ ମଞ୍ଜୁଷା ପାପମୁକ୍ତ ହେଲେ।

ପାପମୋଚନୀ ଏକାଦଶୀ ବ୍ରତ ଯେଉଁମାନେ କରନ୍ତି ସେମାନେ ସୁବର୍ଣ୍ଣା ଚୋରୀ ଏବଂ ବ୍ରହ୍ମା ହତ୍ୟା ଇତ୍ୟାଦି ମହାପାପରୁ ମୁକ୍ତି ପାଆନ୍ତି ପ୍ରେମ ଜନିତ ମୋହ ଏବଂ ଅପରାଧରୁ ମୁକ୍ତି ନିମନ୍ତେ ପାପମୋଚନୀ ଏକାଦଶୀ ଏକମାତ୍ର ହିଁ ଆଶ୍ରୟ। ଓଡ଼ିଆ ଆଧ୍ୟାତ୍ମିକ ଓ ସାମାଜିକ ଚେତନାରେ ପାପମୋଚନୀ ଏକାଦଶୀ ଏକ ପବିତ୍ର ଓ ପୁଣ୍ୟ ଦିବସ। ଏହି ଦିନ ପୁରୀ ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ନୀତିକାନ୍ତି ଓ ପୂଜା ବ୍ୟବସ୍ଥା ରହିଛି। ଅନେକ ଶ୍ରଦ୍ଧାଳୁ ମହାପ୍ରଭୁଙ୍କୁ ଦର୍ଶନ କରି ମହାପ୍ରସାଦ ସେବନ କରନ୍ତି ଓ ଦାନଧର୍ମ ପୁଣ୍ୟ କାର୍ଯ୍ୟରେ ନିଜକୁ ସେ ଦିନଟି ଅତିବାହିତ କରିଥାନ୍ତି। ଓଡ଼ିଶାର ବିଶେଷକରି ଗ୍ରାମାଞ୍ଚଳରେ ଥିବା ଜଗନ୍ନାଥଙ୍କ ମନ୍ଦିରରେ ଅନେକ ଶ୍ରଦ୍ଧାଳୁ ବିଷ୍ଣୁ ସହସ୍ର ନାମ ପାଠନ କରିଥାନ୍ତି।

# କବି ତୁଣ୍ଡ...



ଡ. ସୀତାକାନ୍ତ ତ୍ରିପାଠୀ
ଭଦ୍ରକ, ମୋ: ୯୭୭୮୭୬୪୩୯୪

ସମାଜରେ ଥିବା ଅନେକ ଜାଗ୍ରତ ପ୍ରହରୀମାନଙ୍କ ମଧ୍ୟରେ କବିମାନଙ୍କର ସ୍ଥାନ ସ୍ୱତନ୍ତ୍ର। ସେମାନେ ହତାଶା ଓ ନିରାଶା ମନରେ ଆଶା ସଂଚାର କରିବା ସହିତ ଗୁରୁ ଗମ୍ଭୀର ପରିସ୍ଥିତିରେ ହାସ୍ୟରୋଳ ଆଣିବାରେ ସମର୍ଥ ହୋଇଥାଆନ୍ତି। କବି ନିଜ ମୁଣ୍ଡ ଖର୍ଚ୍ଚକରି ଲେଖନୀ, ଆଉ ତୁଣ୍ଡ ବ୍ୟବହାର କରି ନିଜ ଭାବନାର ପରିପ୍ରକାଶ କରିବା ମାଧ୍ୟମରେ ସାମାଜିକ ପରିବର୍ତ୍ତନର ସାରଥି ସାଜିଥାଆନ୍ତି। ଏଥିପାଇଁ ଅନେକ ସମୟରେ ବିଭିନ୍ନ ବର୍ଗର ଲୋକଙ୍କର ଆକ୍ରୋଶର ଶିକାର ହେବାକୁ ପଡିଥାଏ । ତେବେ ଓଡ଼ିଆରେ ଆପ୍ତବାକ୍ୟ ଅଛି 'କବି ତୁଣ୍ଡ, ମେଣ୍ଢାମୁଣ୍ଡ' ଯାହାକୁ ସାଧାରଣତଃ ଲୋକମାନେ ତାଚ୍ଛଲ୍ୟ କରିଥାଆନ୍ତି। କାରଣ ଅନେକ ସମୟରେ ଆମେ ମେଣ୍ଢାକୁ ଏକ ନିର୍ବୁଦ୍ଧିଆ ପଶୁ ଭାବେ ମନେ କରିଥାଉ। କଥାରେ କଥାରେ ଆମେ କହୁ ଗୋଟିଏ ମେଣ୍ଢା ପାଣିରେ ପଡିଲେ ଅନ୍ୟସବୁ ମେଣ୍ଢାମାନେ କିଛି ବୁଝନ୍ତୁ ନବୁଝନ୍ତୁ ପାଣିରେ ଯାଇ ପଡିବେ। ତେଣିକି ସେମାନଙ୍କ ଦେହରେ ଲୋମ ଓଦାହୋଇ ରୋଗାକ୍ରାନ୍ତ ହୁଅନ୍ତୁ ସେ କଥାକୁ ପରବାୟ ନଥାଏ। କିନ୍ତୁ ତାହା ଅନ୍ୟଦିଗରେ 'ସ୍ୱଜାତିପ୍ରୀତି' ଏବଂ 'ନିଃସର୍ତ୍ତ ଭଲପାଇବା'କୁ ସୂଚାଇଥାଏ। ମେଣ୍ଢା ବିଷୟରେ ଆଉ ଗୋଟିଏ ପଦ ଅଛି 'ମେଣ୍ଢା ମୁଣ୍ଡ ଭାରି ଟାଣ, ତା' ମୁଣ୍ଡିଆକୁ ସାବଧାନ।' ସେହି କ୍ରମରେ ଦେଖିବାକୁ ଗଲେ କବିମାନେ ନିର୍ଭୟରେ ଏବଂ ନିର୍ଦ୍ୱନ୍ଦରେ ନିଜ ନିଜର ଲେଖନୀ ଚାଳନା କରି ସାମାଜିକ ପରିବର୍ତ୍ତନ ଆଣିବାକୁ ଚେଷ୍ଟା କରିଥାଆନ୍ତି। 'Pen is mightier than sword' କୁ ପାଥେୟ କରି ଯାହା ଅସ୍ତ୍ରଶସ୍ତ୍ର ଦ୍ୱାରା ଅସମ୍ଭବ ତାହା ନିଜ ଲେଖନୀମୁନରେ କରି ଦେଖାଇବାକୁ ଚେଷ୍ଟା କରିଥାଆନ୍ତି ଯାହା ଅନେକ ସମୟରେ ମଧ ସଫଳ ହୋଇ ଆସିଛି। ଅନ୍ୟପକ୍ଷରେ ମେଣ୍ଢାମାନଙ୍କର ସାମାଜିକ ପ୍ରତିବଦ୍ଧତା ଅଧିକ। ସେମାନେ ଗୋଠଛଡା ହେବାକୁ ପସନ୍ଦ କରିନଥାନ୍ତି। ଆଉ ଖାଇବାବେଳେ ଗଛର ମୂଳଠୁଁ ଖାଇଥାଆନ୍ତି। ଠିକ୍ ସେହିଭଳି କବିମାନେ ପ୍ରତ୍ୟେକ ସମସ୍ୟାର ମୂଳକୁ ଯାଇ ତା'ର ସମାଧାନ କରିବାର ପ୍ରୟାସ କରିଥାଆନ୍ତି। ଆଉ ଯେଉଁ କବିମାନଙ୍କର ସାମାଜିକ ଦାୟିତ୍ୱବୋଧ ନଥାଏ ସେମାନେ କେବେ କବି ପଦବାଚ୍ୟ ନୁହଁନ୍ତି। ଯଦି ଆମେ କବି ଯଦୁମଣୀଙ୍କ ହାସ୍ୟରସାତ୍ମକ କବିତ୍ୱ କଥା ଆଲୋଚନା କରିବା ତେବେ ବ୍ୟଙ୍ଗାତ୍ମକ ତଥା ହାସ୍ୟରସ ମାଧ୍ୟମରେ ସିଏ ତଥାକଥିତ ସମାଜରେ ପରିବର୍ତ୍ତନ ଆଣିବା ସହିତ ରାଜାଙ୍କର ମନ, ଶାସନଶୈଳୀ ତଥା ମନୋବୃତ୍ତିରେ ପରିବର୍ତ୍ତନ ଆଣିବାର ଚେଷ୍ଟାକୁ ସୁରୁଇଥାଏ।

ଇଂରେଜ ଶାସନ ସମୟରେ ଭାରତବର୍ଷର ବିଭିନ୍ନ ସ୍ଥାନରେ କବିମାନେ ସେମାନଙ୍କର ଜାତୀୟତାବାଦୀ କବିତା ଦ୍ୱାରା ଲୋକମାନଙ୍କ ମଧ୍ୟରେ ବିପ୍ଳବର ବହ୍ନିକୁ ପ୍ରଜ୍ୱଳିତ କରି ସେମାନଙ୍କୁ ସ୍ୱାଧୀନତାର ମହାସଂଗ୍ରାମରେ ସାମିଲ୍ ହେବା ପାଇଁ ପ୍ରବର୍ତ୍ତାଇବା ସହିତ ସମାଜରେ ଥିବା ବିଭିନ୍ନ କୁ-ସଂସ୍କାର ଦୂରେଇବା ପାଇଁ ଅନବରତ ଚେଷ୍ଟା କରି ଆସିଥିଲେ। ଏ ପ୍ରକାର କବିତ୍ୱ କେବଳ ଆମ ରାଜ୍ୟ, ଦେଶ ମଧ୍ୟରେ ସିମୀତ ନୁହେଁ ବରଂ ସାରା ବିଶ୍ୱର କୋଣ ଅନୁକୋଣରେ କବିମାନେ ସେମାନଙ୍କର କର୍ତ୍ତବ୍ୟ ଏବଂ ଦାୟିତ୍ୱ ନିର୍ବାହ କରି ଆସିଛନ୍ତି। ଥରେ ରାଜସଭାରେ କବିମାନଙ୍କର ରସମୟ ଅଭିବ୍ୟକ୍ତି ଉପରେ ଆଲୋଚନା ଚାଲିଥାଏ। ଜଣେ ଜଣେ ପାରିଷଦ ଯୁକ୍ତି କଲେ ରାଜା ମିଛଟା'ରେ କବିମାନଙ୍କୁ ପ୍ରୋତ୍ସାହନ ରାଶି ଯୋଗାଉଛନ୍ତି। ସେମାନେ ଖାଇ ପିଇ କିଛି କାମ ନକରି ଅଳସୁଆ ହୋଇ କେବଳ ଲେଖାଲେଖିରେ ମାତି ନିଶ୍ଚିନ୍ତରେ ରହୁଛନ୍ତି। କେବଳ ସ୍ୱପ୍ନିଳ ଦୁନିଆରେ ଭାସିବାରେ କି ଲାଭ? ରାଜା ସବୁ ଶୁଣିସାରି କିଛି ସମୟ ନୀରବ ରହିଲେ ଆଉ ତା'ପରେ ପଚାରିଲେ କହିଲ ଦେଖି ତୁମ ଆଗରେ ଶୁଖିଲା କାଠଟିଏ ଅଛି, ସଂସ୍କୃତରେ କ'ଣ ହେବ। ସିଏ କହିଲେ 'ଶୁଷ୍କ କାଷ୍ଠ ତିଷ୍ଠତ୍ୟଗ୍ରେ'। ଏହା ଶୁଣିସାରି ରାଜା କାଳିଦାସଙ୍କୁ କହିଲେ ଆପଣ ଏବେ ଏହାକୁ ସଂସ୍କୃତରେ ପରିପ୍ରକାଶ କରନ୍ତୁ ତା'ପରେ କାଳିଦାସ କହିଲେ 'ନିରଶ ତରୁବର ପୁରତ ଭାଗେ'। ରାଜା ବୁଝାଇ କହିଲେ ଉଭୟଙ୍କର କଥା ଠିକ୍ କିନ୍ତୁ କାଳିଦାସଙ୍କ ପଦର ଯେଉଁ ରସ ଓ ଲାଳିତ୍ୟ ଅଛି ତାହା ତୁମମାନଙ୍କ ପାଖରେ ନାହିଁ। ତରକାରୀ କେବଳ ପରିବାପତ୍ରକୁ ଲୁଣ ଓ ହଳଦୀରେ ଶିଝାଇ ଦେଲେ ସ୍ୱାଦିଷ୍ଟ ହୁଏନାହିଁ ବରଂ ଏଥିରେ ବିଭିନ୍ନ ମସଲା ପକାଇବାକୁ ପଡିଥାଏ। ତେଣୁ କବି ତୁଣ୍ଡ ସରସ୍ୱତୀଙ୍କର ଆଶୀର୍ବାଦ ବୋଲି ବିବେଚନା କରାଯାଇଥାଏ। ବର୍ତ୍ତମାନ ସମୟରେ କବି ସମ୍ମିଳନୀ ଓ କବିତା ପାଠୋତ୍ସବ ଏକ ନିତ୍ୟ ନୈମିତିକ ଘଟଣା ଭାବେ ପରିଲକ୍ଷିତ ହେଲାଣି ଯାହା ଆମ ସମାଜ ପାଇଁ ଶୁଭ ସଙ୍କେତ। କାରଣ ସେହିଠାରୁ ହିଁ ନୂତନ ପ୍ରତିଭାମାନଙ୍କୁ ସମାଜ ଚିହ୍ନିବାର ସୁଯୋଗ ପାଇବା ସହିତ କବିମାନଙ୍କୁ ସମ୍ମାନ ଦେବା ପାଇଁ ଅବସର ମିଳିଥାଏ। ସାହିତ୍ୟରେ ଥିବା ନବରସ ସହିତ ସାମାଜିକ ଦାୟିତ୍ୱବୋଧକୁ କବିମାନେ ସଠିକ୍ ଭାବେ ମିଶାଇ ପାରିଲେ ତାହା ଏକ ନୂତନ ସ୍ୱପ୍ନିଳ ସକାଳ ଗଢ଼ିବାରେ ସହାୟକ ହୋଇପାରିବ ଏହା ନିଃସନ୍ଦେହ।



ବ୍ରଜରାଜନଗର, (ଭାସ୍କର ନ୍ୟୁଜ୍ ) : ବ୍ରଜରାଜନଗର ସ୍ଥିତ ଅଗ୍ରସେନ ଭବନରେ ଝାରସୁଗୁଡା ଜିଲ୍ଲାର ଜାତୀୟ ସ୍ତରୀୟ ସଂଗଠନ ଅଖିଳ ଭାରତୀୟ ଅଗ୍ରୱାଲ ମହିଳା ସମ୍ମିଳନୀର ନୂତନ ପଦାଧିକାରୀଙ୍କ ଶପଥ ଗ୍ରହଣ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅଖିଳ ଭାରତୀୟ ଅଗ୍ରୱାଲ ସମ୍ମିଳନୀର ଅନେକ ଜାତୀୟ ଏବଂ ପ୍ରାଦେଶିକ ସ୍ତରୀୟ ପଦାଧିକାରୀମାନେ ଯୋଗ ଦେଇଥିଲେ। ଏହି ଅବସରରେ, ରାଷ୍ଟ୍ରୀୟ ଅଧ୍ୟକ୍ଷା ବିନିତା ଖେତାୱତ ତାଙ୍କ ଭାଷଣରେ ଅଗ୍ରୱାଲ ସମାଜର ମହିଳାମାନଙ୍କୁ ପ୍ରତ୍ୟେକ କ୍ଷେତ୍ରରେ ଆଗକୁ ଆସିବାକୁ ଆହ୍ୱାନ କରିଥିଲେ ଏବଂ ରାଜନୀତିରେ ଅଗ୍ରୱାଲମାନଙ୍କୁ ସେମାନଙ୍କର ହାତ ଧରିବାକୁ କହିଥିଲେ। ପ୍ରଦେଶ ଅଧ୍ୟକ୍ଷ ଓମ୍ ପ୍ରକାଶ ବାପୁରିଆ କହିଥିଲେ ଯେ ଆମକୁ ସମାଜର କୁକର୍ମରୁ ଦୂରେଇ ଯିବାକୁ ପଡିବ ଏବଂ ସମାଜକୁ ପ୍ରତ୍ୟେକ ସାମାଜିକ କାର୍ଯ୍ୟରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିବାକୁ ପଡିବ। ରାଷ୍ଟ୍ରୀୟ ଉପାଧ୍ୟକ୍ଷ ପୂର୍ଣ୍ଣମଲ ଅଗ୍ରୱାଲ ମଧ୍ୟ ତାଙ୍କ ଭାଷଣରେ ସମାଜକୁ ନୂତନ ଉଚ୍ଚତାକୁ ନେବା ଏବଂ ଏକତାରେ ରହିବା ପାଇଁ ଶିକ୍ଷା ଦେଇଥିଲେ। ଅନ୍ୟାନ୍ୟ ଅତିଥିମାନଙ୍କ ମଧ୍ୟରେ ପ୍ରାନ୍ତୀୟ ଅଧ୍ୟକ୍ଷା ସୀମା ମୋଦି, ପ୍ରାନ୍ତୀୟ ଉପାଧ୍ୟକ୍ଷ ବିନ୍ଦୁ ଅଗ୍ରୱାଲ, ଜାତୀୟ ସଂଗଠନ ମନ୍ତ୍ରୀ ଆଶା ଅଗ୍ରୱାଲ, ଜାତୀୟ ପରାମର୍ଶଦାତା ସଞ୍ଜୁ ଅଗ୍ରୱାଲ, ପ୍ରାନ୍ତୀୟ ଉପାଧ୍ୟକ୍ଷ ହରିଓମ ଜୀ ବଂଶଲ, ସମ୍ବଲପୁର ଜିଲ୍ଲା ସଭାପତି ଶଙ୍କରଲାଲ ଅଗ୍ରୱାଲ, ସୁନ୍ଦରଗଡ ଜିଲ୍ଲା ସଭାପତି ବିନୋଦ ବାଲଟିୱାଲା, ଉପ-ସଭାପତି କୃଷ୍ଣଚନ୍ଦ୍ର କୃଷ୍ଣ ପ୍ରମୁଖ ଉପସ୍ଥିତ ଥିଲେ। ୟୁପିଏମଏସର ପୂର୍ବତନ ରାଜ୍ୟ ସଭାପତି ଗୋବିନ୍ଦ ଅଗ୍ରୱାଲଙ୍କ ସମେତ ଅନେକ ଅଧିକାରୀ ମଧ୍ୟ ସେମାନଙ୍କର ବକ୍ତବ୍ୟ ଦେଇଥିଲେ।

# ଲାଭ ଦାୟକ ହେଉଛି ସୂର୍ଯ୍ୟମୁଖୀ ଚାଷ



**ଏକ ଏକର ଜମିରେ ଚାଷକରି ଉଦାହରଣ ସାଜିଲେ ଯୋଗେନ୍ଦ୍ର**

କେନ୍ଦୁଝର, (ଭାସ୍କର ନ୍ୟୁଜ୍ ) : କେନ୍ଦୁଝର ଜିଲାରେ ମୁଖ୍ୟତଃ ଧାନଚାଷ ସମେତ ପନିପରିବା ଚାଷ ବିଭିନ୍ନ ସ୍ଥାନରେ ହେଉଛି। ତେବେ ବଜାର ଦର ଅହେତୁକ ବୃଦ୍ଧି ଘଟୁଥିବା ନେଇ ଚାଷୀମାନେ ନିତିଦିନ ଘରେ ବ୍ୟବହାର କରୁଥିବା ଜିନିଷ ବାହାରୁ ନକିଣି ନିଜେ ଚାଷ ଉତ୍ପାଦନ ବ୍ୟବହାର କରିବାକୁ ସଚେତନ ହେଲେଣି। କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ପଦ୍ମପୁର ପଞ୍ଚାୟତ ଜଡିଚାତର ଗ୍ରାମର ଯୋଗେନ୍ଦ୍ର ମାଝୀ ଚଳିତବର୍ଷ ଏକ ଏକର ଜମିରେ ସୂର୍ଯ୍ୟମୁଖୀ ଫୁଲ ଚାଷ କରିଛନ୍ତି। ଏଥିପାଇଁ ସେ ନିଜସ୍ୱ ହାତରୁ ୩ହଜାର ଟଙ୍କାରେ ଟ୍ରାକ୍ଟରରେ ହଳ କରିଥିଲେ। ୧୦ ହଜାର ଟଙ୍କା ଖର୍ଚ୍ଚ କରି ବଜାରରୁ ବିହନ ଆଣି ଜାନୁଆରୀ ମାସରେ ଜମିରେ ଲଗାଇଥିଲେ। ତିନିମାସ ମଧ୍ୟରେ ଜଳସେଚନ ଓ ରକ୍ଷଣାବେକ୍ଷଣ ଠିକ୍ ଭାବେ ହୋଇଥିବାରୁ ହଳଦିଆ ରଙ୍ଗର ସୂର୍ଯ୍ୟମୁଖୀ ଫୁଲ ଜମିରେ ଲହଡି ମାରୁଛି। ଯିଏବି ଜମି ଆଡକୁ ଦେଖୁଛି କ୍ଷଣିକେ ଆଖି ଲାଖି ଯାଉଛି। ସରକାରଙ୍କ ପକ୍ଷରୁ ଜଳନିଧି ଯୋଜନାରେ ମିଳିଥିବା ସୁବିଧାରେ ମଟର ପମ୍ପ ସାହାଯ୍ୟରେ ପାଣି ଉଠାଇ ସୂର୍ଯ୍ୟମୁଖୀ ସମେତ ବିଭିନ୍ନ ଫସଲରେ ସେ ଜଳସେଚନ କରୁଥିବା କହିଛନ୍ତି। ଏହାଛଡା ଦେଢ ଏକର ସୋରିଷ ସୁଲା, ଏକ ଏକର ବୋଇତାଳୁ ୫୦ ଡିସମିଲ ମିଶ୍ରିତ ଚାଷ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି ଯୋଗେନ୍ଦ୍ର। ଶିକ୍ଷାଗତ ଯୋଗ୍ୟତା ମ୍ୟାଟ୍ରିକ ଫେଲ୍ ହୋଇଥିଲେ ହେଁ ତାଙ୍କର ଇଚ୍ଛାଶକ୍ତି ଆଗରେ ହାର ମାନିଛି ଅଭାବ ଅନଟନ। ଚାଷକାର୍ଯ୍ୟ ପାଇଁ ପରିବାର ସ୍ତ୍ରୀ ପିଲାମାନେ ସହଯୋଗର ହାତ ବଢାଉଛନ୍ତି। ସୂର୍ଯ୍ୟମୁଖୀ ଅମଳ ଦ୍ୱିଗୁଣିତ ହେବ ବୋଲି ଯୋଗେନ୍ଦ୍ର ଆଶା ରଖିଛନ୍ତି। ଆଉ ଏକ ମାସ ପରେ ଅମଳ ହେବାର ଲକ୍ଷ ରହିଛି। ସୂର୍ଯ୍ୟମୁଖୀ ତେଲ ଦୁଇ ବର୍ଷ ପର୍ଯ୍ୟନ୍ତ ଘରୋଇ ବ୍ୟବାହରେ ଲାଗିବ ବୋଲି ସେ କହିଛନ୍ତି। ଫଳରେ ବଜାରରେ ଯେମିତି ଅହେତୁକ ଦର ରହିଛି, ଅଧିକ ଖର୍ଚ୍ଚାନ୍ତରୁ ବର୍ତ୍ତି ହେବ ବୋଲି ସେ କହିଛନ୍ତି। କୃଷି ବିଭାଗ ପକ୍ଷରୁ ଅଧିକ ଜ୍ଞାନକୌଶଳ ସହ ଆର୍ଥିକ ସହଯୋଗ ଯୋଗାଇଦେଲେ ସେ ଅଧିକ ଚାଷ କରିବାକୁ ଲକ୍ଷ ରଖିଛନ୍ତି।

# ଭଗତ ସିଂଙ୍କ ୯୪ତମ ଫାଶୀ ଦିବସ ପାଳିତ




ବ୍ୟାସନଗର, (ଭାସ୍କର ନ୍ୟୁଜ୍ ) : ମହାନ କ୍ରାନ୍ତିକାରୀ ସାଲିସ ବିହୀନ ସଂଗ୍ରାମୀ ଯୋଦ୍ଧା ବୀରଶହୀଦ ଭଗତ ସିଂ, ରାଜଗୁରୁ, ସୁଖଦେବଙ୍କ ୯୪ତମ ଫାଶୀ ଦିବସ ମାର୍ଚ୍ଚ ୨୩ ତାରିଖରେ ବ୍ୟାସନଗର ହୋଟେଲ ରୟାଲ କଳିଙ୍ଗ ଠାରେ ଅନୁଷ୍ଠିତ ହୋଇଯାଇଛି। ଯାଜପୁର ଜିଲ୍ଲାର ଅଗ୍ରଣୀ ସମାଜସେବା ଅନୁଷ୍ଠାନ ସହୀଦ ଭଗତ ସିଂ ଯୁବକ ସଂଘ ପ୍ରତିବର୍ଷ ପରି ଚଳିତବର୍ଷ ମଧ୍ୟ ଶହୀଦ ଦିବସ ପାଳନ କରିବାସହ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଶିବିରକୁ ସମାଜସେବୀ ନରେଶ ମସ୍କରା ଉଦ୍‌ଘାଟନ କରିଥିବାବେଳେ ଅତିଥି ଭାବେ ପୂର୍ବତନ ଅଧକ୍ଷା ସବିତା ରାଉତ, ଆଇନଜୀବୀ ବିବେକାନନ୍ଦ ମହାନ୍ତି, ଶିକ୍ଷକ ବିଭୂତି ଭୂଷଣ ପାଲ, ମଦନ ମୋହନ ବେହେରା, କ୍ରୀଡ଼ାବିତ ବ୍ରଜ ବାହୁ ସାମନ୍ତ କେଶରୀ ସାମଲ, ଶିକ୍ଷାବିତ ବନୋଜ ଜେନା, ସାମ୍ବାଦିକ ସୁବାଷ ଧଳ, ଦୀପକ ଦାଶ, ସାମ୍ବାଦିକ ପବିତ୍ର ମହାନ୍ତି, ଶିକ୍ଷାବିତ ରମେଶ ବେହେରା, ସମାଜସେବୀ ରମେଶ ବିଶ୍ୱାଳ, ଆଲୋକ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଏହି ରକ୍ତଦାନ ଶିବିରରେ ୨୨ଜଣ ରକ୍ତ ଦାତା ରକ୍ତଦାନ କରିଥିଲେ ଯାଜପୁର ରୋଡ୍ ରକ୍ତଭଣ୍ଡାରର କର୍ମଚାରୀ ରକ୍ତ ସଂଗ୍ରହ କରିଥିଲେ। ସମାଜର ବିଭିନ୍ନ କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ସମାଜସେବୀ ଅନୁଷ୍ଠାନ ଏବଂ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶହୀଦ ଦିବସ ପାଳନ ପରିପେକ୍ଷୀରେ ପୂର୍ବଦିନ ବ୍ୟାସନଗର ଅଂଚଳର ବିଭିନ୍ନ ଶିକ୍ଷାଅନୁଷ୍ଠାନର ଛାତ୍ରଛାତ୍ରୀ ମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଯଥା ସଂଗୀତ, ନୃତ୍ୟ, ଚିତ୍ରାଙ୍କନ, ବକ୍ତୃତା ଏବଂ ଝୋଟି ଆଦି କରାଯାଇ ପ୍ରତିଭା ଚୟନ କରାଯାଇଥିଲା। ଶହୀଦ ଦିବସ ଅବସରରେ ହୋଟେଲ ରୟାଲ କଳିଙ୍ଗ ଠାରେ ସଂଧ୍ୟା ସମୟରେ ଏକ ଆଲୋଚନା ସଭା ଆୟୋଜନ କରାଯାଇଥିଲା। ଏହି ସଭାରେ ମୁଖ୍ୟ ଅତିଥି ଭାବେ କୋରେଇ ଯୁବ ବିଧାୟକ ଆକାଶ ଦାଶ ନାୟକ, ମୁଖ୍ୟବକ୍ତା ଭାବେ କୋରେଇ ଡିଗ୍ରୀ ମହାବିଦ୍ୟାଳୟର ଅଧକ୍ଷ ମୋହନ ଚରଣ ଖୁଣ୍ଟିଆ, ସନ୍ମାନିତ ଅତିଥି ବନ ବିଭାଗର ନିର୍ଦ୍ଦେଶକ ପିୟୁଷ କାନ୍ତ ପାଣି ସାମ୍ବାଦିକ ତଥା ଶିକ୍ଷାବିତ ଅଭୟ କୁମାର ପତି ଏବଂ ପୂର୍ବତନ କାଉଁସିଲର ସୌମେନ୍ଦ୍ର କୁମାର ରାଉତ ଯୋଗଦେଇ ମହାନ ସଂଗ୍ରାମୀ ଭଗତ ସିଂଙ୍କ ଉପରେ ନିଜର ଅଭିଭାଷଣ ପ୍ରଦାନ କରିଥିଲେ। ସଂଘର ସଭାପତି ରାଜେନ୍ଦ୍ର ବିଶ୍ୱାଳ ସଭାପତିତ୍ୱ କରିଥିବାବେଳେ ସମ୍ପାଦକ ହେମନ୍ତ କୁମାର ଧୀର ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ବ୍ୟାଙ୍ଗ କବି ବାଇଧର ମାଝୀ ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ଶେଷରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ। ଶେଷରେ ସଂଘର ବରିଷ୍ଠ ସଭ୍ୟ ଦୀପକ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମ ପରିଚାଳନାରେ ସଂଘର ସଭ୍ୟ ସଂଘର ଉପଦେଷ୍ଟା ନାରାୟଣ ଚନ୍ଦ୍ର ନାୟକ, ଚନ୍ଦ୍ରମଣି ସାମଲ, ସର୍ବଶ୍ରୀ ହେମନ୍ତ କୁମାର ନାୟକ, ପ୍ରମୋଦ ମଲ୍ଲିକ, ଶଶାଙ୍କ ବ୍ରହ୍ମ, ଖଗେଶ୍ୱର ମଲ୍ଲିକ, ତପନ ମିଶ୍ର, ମାନସ ରାଉତ, ରମେଶ ବିଶ୍ୱାଳ, ମହେଶ୍ୱର ନାୟକ, ବିଜୟ ନନ୍ଦୀ, ସମୀର କୁମାର ମହାନ୍ତି, ଜନ୍ମେଜୟ ରାଉତ, ପରେଶ ଦାଶ, କଳିଙ୍ଗ ପହି, ଅକ୍ଷୟ ନାୟକ, ଚିନ୍ତାମଣି ନାୟକ, ସମୀର ରାୟ, ମନୋଜ ଦାଶ, ସତ୍ୟନାରାୟଣ ଦାଶ, ତପନ ବାରିକ, ବିଶ୍ୱଜିତ ମାଝୀ, ଇନ୍ଦ୍ରମଣି ଦାଶ, ତପନ ସିଂ, ସାହିଲ ବୋଇତାଇ ସମେତ ଉପସ୍ଥିତ ରହିଥିଲେ।

# ମା' ତାରାତାରିଣୀଙ୍କ ପ୍ରସିଦ୍ଧ ଚୈତ୍ର ମଙ୍ଗଳ ଯାତ୍ରାରେ ଆଦାନୀ ଫାଉଣ୍ଡେସନର ସହଯୋଗ




ଛତ୍ରପୁର, (ଭାସ୍କର ନ୍ୟୁଜ୍ ) : ଗଞ୍ଜାମ ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା' ତାରାତାରିଣୀଙ୍କ ପ୍ରସିଦ୍ଧ ଚୈତ୍ର ମଙ୍ଗଳ ଯାତ୍ରା ଆରମ୍ଭ ହୋଇଛି। ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଥିଲାବେଳେ ଏଥିରେ ସହଯୋଗର ହାତ ବଢାଇଛି ଆଦାନୀ ଫାଉଣ୍ଡେସନ। ଏକ ବିଶେଷ ମୂହର୍ତ୍ତରେ ଗଞ୍ଜାମ ଜିଲ୍ଲା ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କୁ ଆଦାନୀ ଫାଉଣ୍ଡେସନ ତରଫରୁ ୬ ଲକ୍ଷ୍ୟ ଟଙ୍କାର ଏକ ଚେକ୍ ପ୍ରଦାନ କରାଯାଇଛି। ଗୋପାଳପୁର ବନ୍ଦରର ବିଜନେସ ମୁଖ୍ୟ ସନ୍ଦୀପ ଜୈସୱାଲ ଗଞ୍ଜାମ ଜିଲ୍ଲାପାଳଙ୍କୁ ଏହି ଚେକ ହସ୍ତାନ୍ତର କରିଛନ୍ତି। ଏହି ଅବସରରେ ଜୈସୱାଲ କହିଛନ୍ତି ଯେ ଏହି ସହଯୋଗ ଗଞ୍ଜାମ ଜିଲ୍ଲାର ସାଂସ୍କୃତିକ ଐତିହ୍ୟର ସଂରକ୍ଷଣ ସହ ସ୍ଥାନୀୟ ପରମ୍ପରାକୁ ପ୍ରୋତ୍ସାହନ କରିବ, ଯାହା ଆଦାନୀ ଫାଉଣ୍ଡେସନର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ମା' ତାରାତାରିଣୀଙ୍କ ପ୍ରସିଦ୍ଧ ଚୈତ୍ର ମଙ୍ଗଳ ଯାତ୍ରା ଭଳି ଏକ ପୁରାତନ ସାଂସ୍କୃତିକ କାର୍ଯକ୍ରମ ସହିତ ଯୋଡି ହୋଇଥିବାରୁ ଆଦାନୀ ଫାଉଣ୍ଡେସନ ନିଜକୁ ଗର୍ବିତ ଅନୁଭବ କରୁଛି ବୋଲି ଶ୍ରୀ ଜୈସୱାଲ କହିଥିଲେ। ଆଦାନୀ ଫାଉଣ୍ଡେସନର ଏହି ସହଯୋଗକୁ ଜିଲ୍ଲାପାଳ ଶ୍ରୀ ପରିଡା ପ୍ରଶଂସା କରିବାସହ ଶ୍ରଦ୍ଧାଳୁମାନଙ୍କ ଶୃଙ୍ଖଳିତ ଦର୍ଶନ ତଥା ଅନ୍ୟାନ୍ୟ ଜରୁରୀ ସେବାକୁ ଉନ୍ନତ କରିବା ଆଦି କ୍ଷେତ୍ରରେ ଏହି ପାଣ୍ଠିର ସୁବିନିଯୋଗ କରାଯିବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୋପାଳପୁର ବନ୍ଦରର ଶିଳ୍ପ ସମ୍ପର୍କ ମୁଖ୍ୟ ଭକ୍ତ ବନ୍ଧୁ ଶତପଥୀ ଏବଂ ସିଏସଆର ବିଭାଗ ମୁଖ୍ୟ ଦେବଦତ୍ତ ମିଶ୍ର ଉପସ୍ଥିତ ଥିଲେ।

# ସରକାରୀ ଉଚ୍ଚ ବିଦ୍ୟାଳୟରେ ବିଶୁଦ୍ଧ ପାନୀୟ ଜଳ ମେସିନ ପ୍ରଦାନ




ନନ୍ଦାହଣ୍ଡି, (ଭାସ୍କର ନ୍ୟୁଜ୍ ) : ଇଏସ୍ଏଏଫ ବ୍ୟାଙ୍କ୍‌ର ଏଲଏଲଏମ୍ଏସ୍ ଫାଇନାନ୍ସ ସଂସ୍ଥା ନବରଙ୍ଗପୁର ଶାଖା ତରଫରୁ ଗ୍ରାମାଞ୍ଚଳରେ ଗ୍ରୁପ ଋଣ ମାଧ୍ୟମରେ ମହିଳା ମାନଙ୍କୁ ଆତ୍ମ ନିର୍ଭରଶିଳ କରିବା ପାଇଁ ଆର୍‌ବିଆଇର ନିୟମ ଅନୁସାରେ ଋଣ ଯୋଗାଇ ଆସୁଛନ୍ତି। ପ୍ରଥମଥର ପାଇଁ ବିଶୁଦ୍ଧ ପାନୀୟ ଜଳର ଅଭାବକୁ ନଜରରେ ରଖି ନବରଙ୍ଗପୁରର ଜଗନ୍ନାଥପୁର ଉଚ୍ଚ ବିଦ୍ୟାଳୟରେ ଏକ ଜଳ ବିଶୋଧନ ମେସିନ ଛାତ୍ରଛାତ୍ରୀ ଏବଂ ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କ ପାଇଁ ବିଶୁଦ୍ଧ ପାନୀୟ ଜଳ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ଏହାର ଉଦ୍‌ଘାଟନ ପାଇଁ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ମୁଖ୍ୟ ଅତିଥି ଭାବରେ ମେସିନକୁ ଉଦ୍‌ଘାଟନ କରିଥିଲେ ଏବଂ ସମ୍ମାନୀୟ ଅତିଥି ହିସାବରେ ଜଗନ୍ନାଥପୁର ଗ୍ରା.ପ.ର ସରପଞ୍ଚ ପ୍ରତିନିଧି ନିଳାମ୍ବର ଅମନାତ୍ୟ, ନନ୍ଦାହାଣ୍ଡି ବ୍ଲକର ଉପାଧ୍ୟକ୍ଷ ସଦନ ଗଉଡ଼, ବିଦ୍ୟାଳୟର ମୋ ସ୍କୁଲ ସଭାପତି ସୁଶୀଲ୍ ମାଳୀ, ଜଗନ୍ନାଥପୁର ଗ୍ରା.ପର ବିଜେପି ସଭାପତି ଭଗବାନ ବିଷୋୟୀ, ସମାଜ ସେବୀ ପ୍ରଭାତ କୁମାର ମହାପାତ୍ର, ଦିବାକର ଗଉଡ଼, ଅଭିମନ୍ୟୁ ପଟ୍ଟନାୟକ, ସୁବାଷ ବାଙ୍କ୍ୟା, ଲକ୍ଷ୍ମଣ ବାଙ୍କ୍ୟା, ତପନ ପଟ୍ଟନାୟକ ଗ୍ରାମର ବରିଷ୍ଠ ନାଗରିକ ଗୁପ୍ତ ପଟ୍ଟନାୟକ, ଚୈତନ୍ୟ ମହାଙ୍କୁଡ଼, ଏବଂ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଭୂତି ଭୂଷଣ ସାହୁ, ଶିକ୍ଷକ ପୌରାଙ୍ଗ ଚନ୍ଦ୍ର ତନ୍ତୀ, ରମେଶ କୁମାର ପୃଷ୍ଟି, ଗଣେଶ ଚନ୍ଦ୍ର ସାହୁ, ବନମାଳୀ ମହାଙ୍କୁଡ଼, ମଥୁରା ହରିଜନ, ଶିକ୍ଷୟିତ୍ରୀ ବାଉରୀ ଦେଇ, ସଞ୍ଜୁଲତା ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସଂସ୍ଥାର ଉପ ସଭାପତି ଡେଭିସ ଟିଭି, ଅର୍ଥ ବିଭାଗର ମୁଖ୍ୟ ବିପିନ ବିଜୟ କୁମାର, ଓଡିଶା ମୁଖ୍ୟ ଚିତରଞ୍ଜନ ଚମ୍ପତିରାୟ, ଇଏସ୍ଏଏଫ ବ୍ୟାଙ୍କ୍‌ର ଶାଖା ସଂଚାଳକ ନିଳମାଧବ ପାତ୍ର, ଏବଂ ଉପ ଶାଖା ସଂଚାଳକ ସାଇ ପ୍ରସନ୍ନ ପଣ୍ଡା, ଏଲ ଏଲଏମଏସ୍‌ର କ୍ଷେତ୍ର ପରିଚାଳକ ଅଶୋକ ହରିଜନ, ଶାଖା ପରିଚାଳକ ପ୍ରେମ ଲାଲ ସାହୁ, ଏବଂ ସଂସ୍ଥାର ସମସ୍ତ କର୍ମଚାରୀ ପ୍ରମୁଖ ଯୋଗ ଦେଇଥିଲେ।

## ବାଇକ୍ ଧକ୍କାରେ ମହିଳା ସାଇକେଲ ଆରୋହୀ ଗୁରୁତର

ତିହିଡ଼ି,(ଭାସ୍କର ନ୍ୟୁଜ୍ ) : ଭଦ୍ରକ-ଚାନ୍ଦବାଲି ରାସ୍ତାର ତିହିଡ଼ି କଲେଜଛକ ନିକଟରେ ସୋମବାର ପୂର୍ବାହ୍ନରେ ବାଇକ୍‌ଧକ୍କାରେ ଜଣେ ମହିଳା ସାଇକେଲ ଆରୋହୀ ଗୁରୁତର ହୋଇଥିବା ବେଳେ ବାଇକ୍ ଚାଳକ ଯୁବକ ମଧ୍ୟ ଆହତ ହୋଇଥିବା ଜଣା ପଡ଼ିଛି। ପ୍ରକାଶ ଯେ ଗୋଳାପୋଖରୀ ଗ୍ରାମର ସ୍ୱର୍ଣ୍ଣଲତା ବାରିକ (୩୬) ନାମ୍ନି ଜଣେ ମହିଳା ତିହିଡ଼ି ବଜାରରୁ ଘରକୁ ଫେରୁଥିବା ବେଳେ କଲେଜ ଛକ ନିକଟରେ ଗୋଳାପୋଖରୀ ଗ୍ରାମର କାହ୍ନୁ ଚରଣ ସେଠୀ (୨୪) ନାମକ ଜଣେ ଯୁବକ ଦ୍ରୁତ ଗତିରେ ବାଇକ୍‌ରେ ଆସି ମହିଳାଙ୍କ ସାଇକେଲକୁ ପଛପଟୁ ଧକ୍କା ଦେଇଥିଲା। ଫଳରେ ସ୍ୱର୍ଣ୍ଣଲତା ତଳେ କଂକ୍ରିଟ୍ ରାସ୍ତାରେ ପଡ଼ି ମୁଣ୍ଡରେ ଆଘାତ ଲାଗି ଗୁରୁତର ଆହତ ହୋଇଥିଲେ। ବାଇକ୍ ଚାଳକ କାହ୍ନୁ ମଧ୍ୟ ଆହତ ହୋଇଥିଲେ। ସେମାନଙ୍କୁ ଚିକିତ୍ସା ପାଇଁ ସ୍ଥାନୀୟ ଲୋକେ ତିହିଡ଼ି ଡାକ୍ତରଖାନାକୁ ପଠାଇଥିଲେ। ସେଠାରେ ତାଙ୍କର ଅବସ୍ଥା ସଂକଟାପନ୍ନ ହେବାରୁ ଉଭୟଙ୍କୁ ଭଦ୍ରକ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି।

# ଚୋରି ପାଣି ପମ୍ପ ଉଦ୍ଧାର

## ଜଣେ ଗିରଫ, ୨ ବାଳ ଅପରାଧୀ ଜେଜେବିରେ ହାଜର



ଭଞ୍ଜନଗର, (ଭାସ୍କର ନ୍ୟୁଜ୍ ) : ଗଞ୍ଜାମ ଜିଲ୍ଲା ତାରା ସିଂ ଥାନା ଅନ୍ତର୍ଗତ ବାରଦଣ୍ଡା ଗ୍ରାମର ଏକ ଚାଷ ଜମିରୁ ୨ଟି ପାଣି ପମ୍ପ ଚୋରି ଘଟଣାରେ ପୋଲିସ ଏଥିରେ ସଂପୃକ୍ତ ଅଭିଯୋଗରେ ୩ ଜଣକୁ ଧରିବା ସହ ସେମାନଙ୍କ ନିକଟରୁ ୨ ଟି ଚୋରି ପାଣି ପମ୍ପ ଜବତ କରିଛି। ଅଭିଯୁକ୍ତ ୩ ଜଣଙ୍କ ମଧ୍ୟରୁ ୨ ଜଣ ନାବାଳକ ହୋଇଥିବାରୁ ସେହି ୨ ଜଣକୁ ଛତ୍ରପୁର ସ୍ଥିତ ଜୁଭିନାଇଲ୍ କୋର୍ଟକୁ ପଠାଯାଇଥିବା ବେଳେ ଅନ୍ୟ ଜଣେ ଅଭିଯୁକ୍ତ ବେଲଗୁଣ୍ଠା ଥାନା ଅନ୍ତର୍ଗତ ଉଢୁରା ଗ୍ରାମର ବଇଁଶୀ ନାଇକା( ୨୨ )କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ରେବତୀ ଶବର ସୂଚନା ଦେଇଛନ୍ତି। ମିଳିଥିବା ସୁଚନା ପ୍ରକାରେ ବାରଦଣ୍ଡା ଗ୍ରାମର ମଦନ କୁମାର ପ୍ରଧାନ ନିଜ ଜମିରେ ୨ ଟି ପାଣି ପମ୍ପ ଲଗାଇ ଜଳସେଚନ ବ୍ୟବସ୍ଥା କରି ଆସୁଥିଲେ। ଗତ ୧୨ ତାରିଖ ରାତିରେ ତାଙ୍କ ଜମିରୁ ଉଚ୍ଚ କ୍ଷମତା ସମ୍ପନ୍ନ ପାଣି ପମ୍ପ ଦୁବୃର୍ତ୍ତ ମାନେ ଚୋରି କରି ନେଇଥିଲେ। ତେବେ ସେ ଏହି ଘଟଣା ସଂପର୍କରେ ୨୦ ତାରିଖରେ ଜାଣିବା ପରେ ତୁରନ୍ତ ତାରା ସିଂ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଆଉ ଅଭିଯୋଗ ଆଧାରରେ ପୋଲିସ ତାରା ସିଂ ଥାନା କେଶ ନମ୍ବର - ୧୩୧/୨୫ ପ୍ରକାରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ମାନଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ଶିକ୍ଷା ମନ୍ତ୍ରୀ ବାଣ୍ଟିଲେ ନିମନ୍ତ୍ରଣ ପତ୍ର

ଉମରକୋଟ, (ଭାସ୍କର ନ୍ୟୁଜ୍ ) : ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କ୍ୟାବିନେଟ୍ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଉମରକୋଟ ବ୍ଲକ ସ୍ଥିତ ସାନଭରଣ୍ଡି ଗ୍ରାମରେ ବାଲ ବାଟିକାରେ ନାମ ଲେଖାଇବା ପାଇଁ ଛାତ୍ରଛାତ୍ରୀ ମାନଙ୍କୁ ଏପ୍ରିଲ ୨ ତାରିଖରେ ହେବାକୁ ଥିବା ପ୍ରବେଶ ଉତ୍ସବ ଓ ଖଡିଛୁଆଁରେ ଯୋଗ ଦେବା ପାଇଁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସ୍ୱାକ୍ଷରିତ ନିମନ୍ତ୍ରଣ ପତ୍ର ପ୍ରଦାନ କଲେ। ଏହି ଅବସରରେ ଜିଲ୍ଲାପାଳ ଡାକ୍ତର ଶୁଭଙ୍କର ମହାପାତ୍ର, ଗୋଷ୍ଠୀ ଶିକ୍ଷା ଅଧିକାରୀ ଈଶ୍ୱର ଚନ୍ଦ୍ର ମାଝୀ, ଅତିରିକ୍ତ ଗୋଷ୍ଠୀ ଅଧିକାରୀ ପୁରସ୍ତମ ମାଝି, ସାନଭରଣ୍ଡି ଅନୁଷ୍ଠାନର ପ୍ରଧାନ ଶିକ୍ଷକ ଶିବ ସୁବେଦାର ଓ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ମାନେ ଉପସ୍ଥିତ ଥିଲେ। ଆଗାମୀ ଏପ୍ରିଲ ୨ ତାରିଖରୁ ଶିକ୍ଷାର୍ଥୀ ମାନଙ୍କ ନାମ ଲେଖାଯିବ ଓ ଏଥିନିମନ୍ତେ ସେପ୍ଟେମ୍ବର ୧ ତାରିଖକୁ ବୟସ ୬ ବର୍ଷ ସମ୍ପୂର୍ଣ୍ଣ ହେଉଥିଲେ ସେହି ପିଲାର ନାମ ପ୍ରଥମ ଶ୍ରେଣୀରେ ଲେଖାଯିବ ।



# 'ପୂର୍ଣ୍ଣାଙ୍ଗ ଶିକ୍ଷାରେ ଅଭିଭାବକଙ୍କ ଭୂମିକା' ଉପରେ ଆଲୋଚନା ଚକ୍ର



ପୁରୁଷୋତ୍ତମପୁର, (ଭାସ୍କର ନ୍ୟୁଜ୍ ) : ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁର କନକା ସ୍ଥିତ କୋଠାରି ନଗର ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଗବେଷଣା କେନ୍ଦ୍ର ଓ ଶ୍ରୀ ଅରବିନ୍ଦ ପାଠଚକ୍ରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମାତୃ ବିହାର, ଖଣ୍ଡଗିରି ଭୁବନେଶ୍ୱର ଠାରେ ଥିବା ଓଡିଶାର ପ୍ରଥମ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଅଧକ୍ଷ ରବିନ୍ଦ୍ରନାଥ ପାଢୀ ମୂଖ୍ୟ ଅତିଥି ଭାବେ ଯୋଗ ଦେଇ ମାତୃ ପତାକା ଉତ୍ତୋଳନ କରିଥିଲେ ଓ ଶ୍ରୀମା ଶ୍ରୀ ଅରବିନ୍ଦଙ୍କ ଶିକ୍ଷା ଦର୍ଶନରୁ 'ପୂର୍ଣ୍ଣାଙ୍ଗ ଶିକ୍ଷାରେ ଅଭିଭାବକଙ୍କ ଭୂମିକା' ପ୍ରସଙ୍ଗ ଉପରେ ଅନେକ ଦିଗଦର୍ଶନ ଦେଇଥିଲେ। ମାତୃଭକ୍ତ ତଥା ଅବସରପ୍ରାପ୍ତ ଶିକ୍ଷୟତ୍ରୀ ଦେବଯାନୀ ପଟ୍ଟନାୟକ ସମସ୍ତଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ। ଶିକ୍ଷାକେନ୍ଦ୍ରର ଅଧକ୍ଷ ମନୋଜ କୁମାର ସ୍ୱାଇଁ ପାଠଚକ୍ରର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ବ୍ରହ୍ମପୁର, ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ସଭାପତି ଭାଗିରଥୀ ମହାପାତ୍ର ଅଭିଭାବକମାନଙ୍କ ପ୍ରଶ୍ନୋତ୍ତର ମାଧ୍ୟମରେ ଅନେକ ଦିଗଦର୍ଶନ ଦେଇଥିଲେ । ଏଥିସହ ନବଜୀବନ ଶିକ୍ଷା ସଂସଦର ସଭ୍ୟ ଶିବରାମ ପଣ୍ଡା, ରାମଚନ୍ଦ୍ର ପରିଡା, ଆସ୍ପୃହା ମଣ୍ଡଳର ସଙ୍ଗଠକ ଲଲାଟେନ୍ଦୁ ସାମନ୍ତ, ଗଞ୍ଜାମ ଜିଲ୍ଲା ସଙ୍ଗଠକ ଲକ୍ଷ୍ମୀ ଚରଣ ଦାଶ, ଶଶଧର ବେହେରା ଏବଂ ବେଗୁନିଆ ପଡ଼ା ବ୍ଲକ୍ ସଙ୍ଗଠକ ଗୋବିନ୍ଦ ପ୍ରଧାନ ଉପସ୍ଥିତ ଥିଲେ । ଶେଷରେ ଶିକ୍ଷାକେନ୍ଦ୍ରର ସଭାପତି ଏ. ରାଜ୍ ଗୋପାଲ୍ ରାଓ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ବିଦ୍ୟାଳୟର ସମସ୍ତ ଗୁରୁଜୀ ଓ ଗୁରୁମା ମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ ରୂପାୟନ ଦେବା ପାଇଁ ସହଯୋଗ କରିଥିଲେ । ଏଥିରେ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଓ ଅବିଭାବକ ମାନେ ଉପସ୍ଥିତ ଥିଲେ।

# ଆମ ପୋଲିସ ସମିତିର ୯୦ ତମ ବୈଠକ

## ଦଣ୍ଡଯାତ୍ରାରେ ଅଶ୍ଳୀଳ ନୃତ୍ୟ ପ୍ରଦର୍ଶନ କଲେ ଦୃଢ କାର୍ଯ୍ୟାନୁଷ୍ଠାନ



ଭଞ୍ଜନଗର, (ଭାସ୍କର ନ୍ୟୁଜ୍ ) : ପାଖେଇଲାଣି ଗଞ୍ଜାମ ଜିଲ୍ଲାର ପାରମ୍ପାରିକ ଦଣ୍ଡ ଯାତ୍ରା। ଗାଁ ଠୁ ସହର ସବୁଠି ଦଣ୍ଡ ଯାତ୍ରାର ଧୁମ ଏପ୍ରିଲ ୧୩ ତାରିଖ ଯାଏଁ ଲାଗି ରହିବ। ଏଥିପାଇଁ ବିଭିନ୍ନ ଦଣ୍ଡ ନାଚ ଦଳ ନିଜ ନିଜର ପ୍ରସ୍ତୁତି ଆରମ୍ଭ କଲେଣି। ଏପଟେ ଆଖାଡା ଶାଳରେ କଳାକାରମାନେ ବେଶ ଝାଳ ବୁହାଇଲେଣି। ତେବେ ପାରମ୍ପରିକ ଦଣ୍ଡ ଯାତ୍ରା ଏବେ ଫ୍ୟାସନରେ ପରିଣତ ହେଲାଣି। ନାଟକ ପରିବେଷଣ ବଦଳରେ ଏବେ ରେକର୍ଡ ଡାନ୍ସ ଉପରେ ଅଧିକ ଫୋକସ ରଖୁଛନ୍ତି ବହୁ ଅନୁଷ୍ଠାନ। ଫଳରେ ଅନେକ ସମୟରେ ବହୁ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଉଛି। ଏସବୁକୁ ଏଡାଇବାକୁ ଭଞ୍ଜନଗର ପୋଲିସ ପକ୍ଷରୁ ରବିବାର ଥାନା ପରିସରରେ ୯୦ ତମ ଆମ ପୋଲିସ ସମିତି ବୈଠକରେ ଥାନା ଇଲାକାର ସବୁ ଦଣ୍ଡ ଯାତ୍ରା କମିଟିକୁ ଡାକି ଅଶ୍ଳୀଳ ନୃତ୍ୟ ପ୍ରଦର୍ଶନ କଲେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଆୟୋଜିତ ବୈଠକରେ ଏସଡିପିଓ ସୁଜିତ କୁମାର ନାୟକ ଅଧ୍ୟକ୍ଷତା କରିଥିବା ବେଳେ ଥାନା ଅଧିକାରୀ ଜୀବନାନନ୍ଦ ଜେନା, ବରିଷ୍ଠ ସଦସ୍ୟ ପ୍ରଫେସର କୃତିବାସ ବିଶ୍ୱାଳ, ଡକ୍ଟର ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ, ଅନ୍ତର୍ଯ୍ୟାମୀ ତ୍ରିପାଠୀ ପ୍ରମୁଖ ମଞ୍ଚାସୀନ ରହିଥିଲେ। ଅନ୍ୟତମ ସଦସ୍ୟ ଅନୁପମ ବାନାର୍ଜୀ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଏଥିରେ ଆମ ପୋଲିସ ସମିତିର ସଦସ୍ୟ ଲୋକନାଥ କର, ଜଗଦୀଶ ପାଣିଗ୍ରାହୀ, ବାସନ୍ତୀ ପାଣିଗ୍ରାହୀ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ବିଭିନ୍ନ ଦଣ୍ଡ ଯାତ୍ରା କମିଟି ପକ୍ଷରୁ ଚଳିତ ବର୍ଷ ସେଭଳି କିଛି ଅସୁବିଧା ହେବନାହିଁ ଓ ଆସନ୍ତାବର୍ଷ ଠାରୁ କେବଳ ପାରମ୍ପରିକ ଦଣ୍ଡ ଚରିତ ହିଁ ଦଣ୍ଡ ଯାତ୍ରାରେ ପରିବେଷଣ କରାଯିବ ବୋଲି ସୂଚନା ଦେଇଥିଲେ। ଶେଷରେ ସୁଶାନ୍ତ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ବୈଠକ ପୂର୍ବରୁ ହନୁମାନ ଜୟନ୍ତୀ ଯେପରି ନିର୍ବିଘ୍ନରେ ସମାପ୍ତ ହେବ ସେଥିପାଇଁ ବିଶ୍ୱ ହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳର ବହୁ ସଦସ୍ୟଙ୍କ ସହ ଖୋଲା ଆଲୋଚନା କରାଯାଇଥିଲା। ଏଥିରେ ମୁରଲୀଧର ପଣ୍ଡା, ବଟକୃଷ୍ଣ ପଣ୍ଡା ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

## ଅବ୍ୟବସ୍ଥାରେ କଣ୍ଟାବାଞ୍ଜି ତହସିଲ ଅଫିସ

# ଡିମାରକେସନ, ଜନ୍ମ ମୃତ୍ୟୁ ମିସକେଶରେ ସଂପୃକ୍ତ କିରାଣିଙ୍କ ମନମାନି, ଲାଞ୍ଚ ନ ଦେଲେ ବଢୁନି ଫାଇଲ

କଣ୍ଟାବାଞ୍ଜି, (ଭାସ୍କର ନ୍ୟୁଜ ) : ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ତହସିଲ ଅଫିସରେ ଘୋର ଅବ୍ୟବସ୍ଥା ଦୀର୍ଘ ଦିନରୁ ଲାଗି ରହିଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତହସିଲ ଅଫିସରେ ଦୀର୍ଘ ଦିନରୁ ଅତିରିକ୍ତ ତହସିଲଦାର ପଦବୀ ଖାଲି ପଡିଥିବାରୁ ଲୋକେ ବିଭିନ୍ନ ସାର୍ଟିଫିକେଟ, ଜନ୍ମ ମୃତ୍ୟୁ ମିସକେସ ଏବଂ ଜମି ଡିମାରକେସନ ଆବେଦନ ମାସ ମାସ ଧରି ପଡିରହୁଛି। ତହସିଲ ଅଫିସରେ ଗୋଟିଏ ମାତ୍ର ତହସିଲଦାର କାର୍ଯ୍ୟରତ ଥିବାରୁ ତହସିଲ ଅଫିସ, ସବ୍ ରେଜେଷ୍ଟ୍ରୀ ଅଫିସ ଏବଂ ଅନ୍ୟାନ୍ୟ ମାଜିଷ୍ଟ୍ରେଟ ଦାୟୀତ୍ୱ ତୁଲାଉଥିବାରୁ ଅନେକ ସରକାରୀ କାର୍ଯ୍ୟ ବାଧାପ୍ରାପ୍ତ ହୋଇ ଠିକ୍ ସମୟରେ ଲୋକେ ସୁବିଧା ପାଇପାରୁ ନାହାନ୍ତି। ଏପରିକି ଜଣେ ମାତ୍ର ତହସିଲଦାର କାର୍ଯ୍ୟରତ ଥିବା ବେଳେ ସଂପୃକ୍ତ ବିଭାଗୀୟ କିରାଣିମାନଙ୍କ ମନମାନି ଏବଂ ଲାଞ୍ଚଖୋର ମନୋବୃତ୍ତି ଯୋଗୁଁ କାର୍ଯ୍ୟ ହେଇପାରୁ ନାହିଁ । ଡିମାରକେସନ ଦାୟୀତ୍ୱରେ ଥିବା ସଂପୃକ୍ତ କିରାଣି ଗତ ୨୦୨୪ ମସିହାରୁ ଆବେଦକ ମାନଙ୍କ ଫାଇଲକୁ ବିନା ଲାଞ୍ଚ ନ ଦେଲେ କାର୍ଯ୍ୟ କରୁନାହାନ୍ତି । ବିଭିନ୍ନ ସମୟରେ ଅଭିଯୋଗ କଲେ ସେ କୌଣସି ପ୍ରକାର ପଦକ୍ଷେପ ନେଉନାହାନ୍ତି। ଫଳରେ କଣ୍ଟାବାଞ୍ଜି ତହସିଲ ଅଫିସକୁ ଆସୁଥିବା ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖିନ ହେଉଥିବାରୁ ଜିଲ୍ଲାପାଳ ବଲାଙ୍ଗିର ଏହାର ଉଚିତ କାର୍ଯ୍ୟାନୁଷ୍ଠାନ କରିବା ସହିତ ଯଥାଶିଘ୍ର ଏକ ଅତିରିକ୍ତ ତହସିଲଦାର ପଦବୀ ପୁରଣ ପାଇଁ ବୁଦ୍ଧିଜୀବୀ ମହଲରୁ ଦାବି ହେଉଛି ।



ଏରସମା (ଭାସ୍କର ନ୍ୟୁଜ୍) : ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ ଅନ୍ତର୍ଗତ ବଳେଇପୁରୁ ପଞ୍ଚାୟତରେ ବିଜୁ ଜନତା ଦଳ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ବଳେଇପୁରୁ ପଞ୍ଚାୟତ ବିଜୁ ଯୁବ ଜନତା ଦଳର ସଭାପତି ପ୍ରଶାନ୍ତ କୁମାର ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବାଲିକୁଦା ଏରସମାର ମାନ୍ୟବର ବିଧାୟକ ସାରଦା ପ୍ରସନ୍ନ ଜେନା ଯୋଗଦେଇ ବଳେଇପୁରୁ ପଞ୍ଚାୟତର ୧୫ ଗୋଟି ଓ୍ୱାର୍ଡର ବିଜୁ ଜନତା ଦଳର କର୍ମୀମାନଙ୍କୁ ଏକତ୍ରିତ କରିବା ସହିତ ପଞ୍ଚାୟତରେ କିପରି ଉନ୍ନୟନମୂଳକ କାର୍ଯ୍ୟକ୍ରମ କରାଯିବା ସହିତ ପଞ୍ଚାୟତର ଜନସାଧାରଣଙ୍କ ସମସ୍ୟା ଯେମିତି ବ୍ଲକ ପ୍ରଶାସନଙ୍କ ପାଖରେ ପହଞ୍ଚାଇ ସେମାନଙ୍କ ସମସ୍ୟାଙ୍କୁ ଯଥାଶୀଘ୍ର ସମାଧାନ କରିବାକୁ ବିଜୁ ଜନତା ଦଳର କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବିଜୁ ଜନତା ଦଳର କର୍ମୀ ରତିକାନ୍ତ ଦାସ, ନିରଞ୍ଜନ ନାୟକ, ହେମନ୍ତ କୁମାର ମହାପାତ୍ର, ଗୋପୀନାଥ ସାହୁ, ଭାଗବତ ସେଠୀ, ଗଙ୍ଗାଧର ସ୍ୱାଇଁ, ଶ୍ରୀକାନ୍ତ ସ୍ୱାଇଁଙ୍କ ସମେତ ବଳେଇପୁରୁ ପଞ୍ଚାୟତର ବିଜୁ ଜନତା ଦଳର କର୍ମୀମାନେ ଯୋଗ ଦେଇଥିଲେ ।

### ଶିଶୁବାଟିକା ଓ ପ୍ରଥମ ଶ୍ରେଣୀରେ ନାମ ଲେଖାଅ
## ନିମନ୍ତ୍ରଣପତ୍ର ବାଣ୍ଟିଲେ ମଣ୍ଡଳ ଶିକ୍ଷା ଅଧିକାରୀ



ଅସ୍ତରଙ୍ଗ (ଭାସ୍କର ନ୍ୟୁଜ୍) : ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ସରକାରୀ ବିଦ୍ୟାଳୟରେ ୫ବର୍ଷରୁ ଉର୍ଦ୍ଧ୍ୱ ଶିଶୁମାନେ ଶିଶୁବାଟିକା ଓ ୬ବର୍ଷରୁ ଉର୍ଦ୍ଧ୍ୱ ଶିଶୁମାନେ ପ୍ରଥମ ଶ୍ରେଣୀରେ ନାମ ଲେଖାଇବା ପାଇଁ ଅଭିଭାବକମାନଙ୍କୁ ନିମନ୍ତ୍ରଣପତ୍ର ବଣ୍ଟା ଶୁଭାରମ୍ଭ ହୋଇଛି । ମୁଖ୍ୟମନ୍ତ୍ରୀଙ୍କ ନିମନ୍ତ୍ରଣ ପତ୍ରକୁ ଅସ୍ତରଙ୍ଗ ମଣ୍ଡଳ ଶିକ୍ଷା ଅଧିକାରୀ ଶ୍ରୀକାନ୍ତ କୁମାର ସ୍ୱାଇଁ, ଅସ୍ତରଙ୍ଗ ସରପଞ୍ଚ ରାମଚନ୍ଦ୍ର କାଣ୍ଡି, ଅସ୍ତରଙ୍ଗ ନୋଡାଲ ଉପ୍ରା ବିଦ୍ୟାଳୟ ପ୍ରଧାନଶିକ୍ଷକ ନିରଞ୍ଜନ ବେହେରା, ଅସ୍ତରଙ୍ଗ ନୋଡାଲ ବିଦ୍ୟାଳୟର ପରିଚାଳନା କମିଟି ସଭାପତି ରମାକାନ୍ତ ବସ୍ତିଆ ପ୍ରମୁଖ ଉପସ୍ଥିତ ଥିଲେ । ଶିକ୍ଷା ବିଭାଗ ଓ ସମଗ୍ର ଶିକ୍ଷା ଅଭିଯାନର କର୍ମକର୍ତ୍ତାମାନେ ବିଭିନ୍ନ ଅଞ୍ଚଳକୁ ଯାଇ ନିମନ୍ତ୍ରଣ ଦେବା ସହ ସରକାରୀ ଶିକ୍ଷା ବ୍ୟବସ୍ଥା ବିଷୟରେ ବୁଝାଉଛନ୍ତି । ଚଳିତ ବର୍ଷ ରାଜ୍ୟରେ ନୂଆ ଶିକ୍ଷାନୀତି କାର୍ଯ୍ୟକାରୀ ହେଉଛି । ଏହି କ୍ରମରେ ୫ବର୍ଷରୁ ଅଧିକ ପିଲା ଶିଶୁ ବାଟିକାରେ ନାମ ଲେଖାଇବେ । ୬ବର୍ଷରୁ ଅଧିକ ପିଲାମାନେ ପ୍ରଥମ ଶ୍ରେଣୀରେ ନାମ ଲେଖାଇ ପଢ଼ିବେ । ସରକାରୀ ବିଦ୍ୟାଳୟରେ ପାଠ ପଢ଼ିଲେ ପିଲାମାନଙ୍କ ପାଇଁ ରହିଥିବା ସୁବିଧା ସୁଯୋଗ ଉପରେ ଅଭିଭାବକମାନଙ୍କୁ ବୁଝାଇଥିଲେ । ନାମଲେଖାଇବାକୁ ଯୋଗ୍ୟ ଶିଶୁମାନଙ୍କ ଘରକୁ ଯାଇ ସେମାନଙ୍କ ଅଭିଭାବକଙ୍କୁ ନିମନ୍ତ୍ରଣପତ୍ର ବଣ୍ଟନ ସହ ପ୍ରବେଶ ଉତ୍ସବ ଏବଂ ଖଡ଼ିଛୁଆଁ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ନାମଲେଖାଇବା ନିମନ୍ତେ ସେମାନଙ୍କ ସହଯୋଗ କାମନା କରିଥିଲେ । ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ଅଙ୍ଗନବାଡି କର୍ମୀ ସହ ସ୍ଥାନୀୟ ଅଞ୍ଚଳ ବୁଦ୍ଧିଜୀବୀ ସାମିଲ ଥିଲେ ।

## ୧୧୦ କେଜି ଗଞ୍ଜେଇ ସହ ସ୍କର୍ପିଓ ଜବତ, ଜଣେ ଗିରଫ

ଆସିକା (ଭାସ୍କର ନ୍ୟୁଜ୍) : ଗଞ୍ଜାମ ଜିଲ୍ଲା ଆସିକା ବାଲିସିରା ନିକଟରେ ଏକ ସ୍କର୍ପିଓରୁ ୧୧୦କେଜି ଗଞ୍ଜେଇ ଜବତ ହୋଇଛି । ଏହି ଘଟଣାରେ ଜଣଙ୍କୁ ଗିରଫ କରାଯାଇଛି । ଗିରଫ ଯୁବକ ଜଣଙ୍କ ହେଲେ ନୟାଗଡ଼ ଶରଣକୂଳର ପ୍ରହଲ୍ଲାଦ ମାଝୀ । ସୂଚନା ଅନୁସାରେ ଆଜି ସକାଳେ ଅବକାରୀ ଗୋଇନ୍ଦା ବିଭାଗ ବିଶେଷ ସୂତ୍ରରୁ ଖବର ପାଇ ଅବକାରୀ ଡେପୁଟି କମଶନରଙ୍କ ନିର୍ଦ୍ଦେଶକ୍ରମେ ଦକ୍ଷିଣାଞ୍ଚଳ ଅବକାରୀ ଏସ୍‌ପି ଡମ୍ବୁରୁଧର ଖଣ୍ଡା ଓ ଅବକାରୀ ସୁପରିଣ୍ଟେଣ୍ଡେଣ୍ଟ ଶ୍ରୁତିକାନ୍ତ ରାଉତଙ୍କ ତତ୍ତ୍ୱାବଧାନରେ ଗୋଟେ ଟିମ୍ ବାଲିସିରା ଠାରେ ଚଢାଉ କଲା ବେଳେ ଗୋଟିଏ ସ୍କର୍ପିଓ ଗାଡ଼ିରୁ ୧୧୦ କେଜି ଗଞ୍ଜେଇ ମିଳିଥିଲା । ସମ୍ପୃକ୍ତ ଗଞ୍ଜେଇ କନ୍ଧମାଳ ବାଲିଗୁଡ଼ାରୁ ନୟାଗଡ଼କୁ ଗଞ୍ଜେଇ ଚାଲାଣ ହେଉଥିବା ବେଳେ ଅବକାରୀ ବିଭାଗ ଗଞ୍ଜେଇ ସହ ସ୍କର୍ପିଓକୁ ଜବତ କରି ଅଭିଯୁକ୍ତ ପ୍ରହଲ୍ଲାଦ ମାଝୀକୁ ଅବକାରୀ ପୋଲିସ କୋର୍ଟ ଚାଲାଣ କରିଛି ।



## ବିଜେପିର ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ



ରଘୁନାଥପୁର (ଭାସ୍କର ନ୍ୟୁଜ୍): ରଘୁନାଥପୁର ବ୍ଲକ ସ୍ଥାନୀୟ ଜଗନ୍ନାଥପୁର ବଜାରେ ଥିବା ସୁଚିତ୍ର ସିନେମା ହଲ୍ ନିକଟରେ ସୋମବାର ରଘୁନାଥପୁର ବିଜେପି ପକ୍ଷରୁ ନୂତନ କାର୍ଯ୍ୟାଳୟ ଉଦ୍ଘାଟନ ହୋଇଯାଇଛି । ବିଜେପି ବରିଷ୍ଠ ନେତା ନିର୍ମଳ ମହାପାତ୍ର ଓ ସୁକାନ୍ତ କୁମାର ସ୍ୱାଇଁ ଏହି କାର୍ଯ୍ୟାଳୟକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ଏଥିରେ ବିଜେପି ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ଅଶୋକ କୁମାର ମହାରଣା, ଓବିସି ମୋର୍ଚ୍ଚାର ଜିଲ୍ଲା ସଭାପତି ସୁବୋଧ ବାରିକ, ପୂର୍ବତନ ମଣ୍ଡଳ ପ୍ରତିନିଧି ଶିବପ୍ରସାଦ ଦାସ, ଗଣେଶ୍ୱର ସାହୁ, ପ୍ରଭଞ୍ଜନ ମଲ୍ଲିକ, ସୋମ୍ୟ ରଞ୍ଜନ ଭୂଇଁଆ, ଅସିତ ମହାରଣା, ଶୁଭେନ୍ଦୁ ଦାସ, ଆଶିଷ ସାମଲ, ବିବେକାନନ୍ଦ ପଟ୍ଟନାୟକ, ବିନୋଦ ବିହାରୀ ପଟ୍ଟନାୟକ, ପବିତ୍ର ପାଣି, ଦିପ୍ତି ରଞ୍ଜନ ସାହୁ, ବାବୁଲା ଭୋଳ, ସୁବାଷ ମହାରଣା, ଅଜୟ ସ୍ୱାଇଁ, ପ୍ରଭାତ ପଣ୍ଡା, ଲିଙ୍ଗରାଜ ବାରିକ, ସୁମିତ ମଣ୍ଡଳଙ୍କ ସମେତ ଶତାଧିକ ବିଜେପି କର୍ମୀମାନେ ଉପସ୍ଥିତ ଥିଲେ ।

## ମହୁମାଛି ଆକ୍ରମଣରେ ଯୁବକ ଗୁରୁତର

ବେଗୁନିଆ (ଭାସ୍କର ନ୍ୟୁଜ୍): ବେଗୁନିଆ ବ୍ଲକ ଅନ୍ତର୍ଗତ ପୋଡ଼ାଡିହ ଗ୍ରାମର ହରିଜନ ସାହିର ଛବି ମଲ୍ଲିକ(୪୮) ବିଲକୁ ଯାଇଥିବା ବେଳେ ଅତର୍କିତ ଭାବେ ମହୁମାଛି ଆକ୍ରମଣର ଶିକାର ହୋଇଥିଲେ । ପରେ ପରିବାର ସଦସ୍ୟ ତାଙ୍କୁ ଗୁରୁତର ଅବସ୍ଥାରେ ୧୦୮ ଆମ୍ବୁଲାନ୍ସ ଯୋଗେ ତୁରନ୍ତ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ସେଠାରେ ଶ୍ରୀ ମଲ୍ଲିକ ଚିକିତ୍ସିତ ହୋଇ ସୁସ୍ଥ ହୋଇଥିବାର ସୂଚନା ମିଳିଛି ।

## କ୍ରାନ୍ତି ଯୁବ ଛାତ୍ରସଂଘ ପକ୍ଷରୁ ରକ୍ତଦାନ ଶିବିର
### ୫୪ ୟୁନିଟ ରକ୍ତ ସଂଗ୍ରହ

ଛତ୍ରପୁର (ଭାସ୍କର ନ୍ୟୁଜ୍) : କ୍ରାନ୍ତି ଯୁବ ଛାତ୍ର ସଂଘ ପକ୍ଷରୁ ଭଗତ ସିଂହଙ୍କ ଶହୀଦ ଦିବସ ଅବସରରେ ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ୫୪ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା । କାର୍ଯ୍ୟକ୍ରମ ପ୍ରାରମ୍ଭରେ ଭଗତ ସିଂହଙ୍କ ତୈଳ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଭଗତ ସିଂହ ଦେଶ ପ୍ରୀତିର ଅମୂଲ୍ୟ ବଳିଦାନକୁ ସ୍ମରଣ କରି ସ୍ମୃତିଚାରଣ କରିଥିଲେ । ଏଥିରେ ମୁଖ୍ୟ ଅତିଥି ଭାବେ ଲୋକ ସେବକ ମଣ୍ଡଳର ସଦସ୍ୟ ରାଜେନ୍ଦ୍ର ଜେନା, ପୂର୍ବତନ ବିଧାୟକ ଅଶୋକ ଚୌଧୁରୀ, ଛତ୍ରପୁର ସରକାରୀ ବିଜ୍ଞାନ ମହାବିଦ୍ୟାଳୟର ଅଧ୍ୟକ୍ଷ ଅଜୟ କୁମାର ତ୍ରିପାଠୀ, ଯୁବ ସମାଜସେବୀ ନୀଳାଞ୍ଚଳ ସେଠି, କ୍ରାନ୍ତି ଯୁବ ଛାତ୍ର ସଂଗଠନର ସଭାପତି ଇଜୁ ଅମିନ ଖାନ, ଛତ୍ରପୁର ବିଜ୍ଞାନ ମହାବିଦ୍ୟାଳୟର ପୂର୍ବତନ ସଭାପତି ଜଲାଲ ଖାନ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।

## ନବରଙ୍ଗପୁରରେ ଦୁଇଟି ନୂତନ ପ୍ରାଇମେରୀ ସବଷ୍ଟେସନ ଉଦ୍‌ଘାଟିତ



ବ୍ରହ୍ମପୁର (ଭାସ୍କର ନ୍ୟୁଜ୍): ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ ପକ୍ଷରୁ ନବରଙ୍ଗପୁର ଜିଲ୍ଲାର ଯୋଡ଼ିଙ୍ଗା ଏବଂ ଧୋଡ୍ରା ଠାରେ ଦୁଇଟି ନୂତନ ପ୍ରାଇମେରୀ ସବଷ୍ଟେସନ (ପିଏସ୍‌ଏସ୍) କାର୍ଯ୍ୟକ୍ଷମ ହୋଇଛି । ଏହା ଉମରକୋଟ, ଝରିଗାଁ ଏବଂ ରାଇଘର ବ୍ଲକରେ ଉପଭୋକ୍ତାଙ୍କୁ ଭରସାଯୋଗ୍ୟ ବିଜୁଳି ସେବା ଯୋଗାଇବ । ଶ୍ରୀ ନିତ୍ୟାନନ୍ଦ ଗଣ୍ଡ, ମାନ୍ୟବର ମନ୍ତ୍ରୀ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଅନୁସୂଚିତ ଜାତି ଓ ଜନଜାତି ବିକାଶ, ସଂଖ୍ୟାଲଘୁ ଏବଂ ପଛୁଆ ବର୍ଗ ବିକାଶ, ନବରଙ୍ଗପୁର ସାଂସଦ ବଳଭଦ୍ର ମାଝି ଏବଂ ଝରିଗାଁ ବିଧାୟକ ନରସିଂହ ଭତ୍ରା ଏହି ସବଷ୍ଟେସନକୁ ଉଦ୍‌ଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ନବରଙ୍ଗପୁର ଜିଲ୍ଲାପାଳ ଡ. ଶୁଭଙ୍କର ମହାପାତ୍ର, ଜୟପୁର ଅଧିକ୍ଷଣ ଯନ୍ତ୍ରୀ ମନ୍ମଥ ନାଥ ମିଶ୍ର, ନବରଙ୍ଗପୁର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଅଶୋକ କୁମାର ରାଉତ ଏବଂ ଉମରକୋଟ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସ୍ୱରୂପ କୁମାର ପାତ୍ରଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ । ଦୁଇଟି ୫ ଏମ୍‌ଭିଏ କ୍ଷମତା ବିଶିଷ୍ଟ ଟ୍ରାନ୍ସଫର୍ମର ଥିବା ଏହି ସବଷ୍ଟେସନ କାର୍ଯ୍ୟକ୍ଷମ ହେବା ପରେ ବର୍ତ୍ତମାନ ରାଇଘର ପିଏସଏସ ଉପରେ ଥିବା ଲୋଡ୍ ହ୍ରାସ ପାଇବ । ଯାହାଫଳରେ ଦଶ ହଜାରରୁ ଉର୍ଦ୍ଧ୍ୱ ଉପଭୋକ୍ତା ଗୁଣାତ୍ମକ ବିଜୁଳି ସେବା ଦ୍ୱାରା ଉପକୃତ ହୋଇପାରିବେ । ଏହାସହ ତୁରୁଡି ଏବଂ ପ୍ରାଚୀପଡ଼ାରେ ଦୁଇଟି ୧୧ କେଭି ଫିଡର୍ କାର୍ଯ୍ୟକ୍ଷମ ହେବା ପରେ ସ୍ଥାନୀୟ ଅଞ୍ଚଳର ଭୋଲଟେଜ୍ ସମସ୍ୟା ଦୂର ହୋଇଛି ଏବଂ ଲୋକେ ଉନ୍ନତମାନର ବିଦ୍ୟୁତ ସେବା ପାଇବେ । ତୁରୁଡି ଫିଡର ବର୍ତ୍ତମାନ ପ୍ରାୟ ୬ ହଜାର ଉପଭୋକ୍ତାଙ୍କୁ ସେବା ଯୋଗାଉଥିବା ବେଳେ ପ୍ରାଚୀପଡ଼ା ଫିଡର ୪ ହଜାରରୁ ଅଧିକ ଉପଭୋକ୍ତାଙ୍କୁ ବିଜୁଳି ସେବା ପ୍ରଦାନ କରୁଅଛି । ସେହିଭଳି ଧୋଡ୍ରାଠାରେ କାର୍ଯ୍ୟକ୍ଷମ ହୋଇଥିବା ନୂତନ ପିଏସ୍‌ଏସ୍ ଯୋଗୁଁ ସ୍ଥାନୀୟ ଅଞ୍ଚଳରେ ବିଦ୍ୟୁତ ଯୋଗାଣରେ ବିଶ୍ୱସନୀୟତା ବୃଦ୍ଧି ପାଇବ ଏବଂ ବର୍ଦ୍ଧିଷ୍ଣୁ ବିଜୁଳି ଚାହିଦା ପୂରଣ ହେବ । ଏହାଦ୍ୱାରା ପ୍ରାୟ ଦଶ ହଜାରରୁ ଅଧିକ ଉପଭୋକ୍ତା ଉପକୃତ ହେବେ । ଏହି ଅବସରରେ ଟିପିଏସ୍‌ଓଡିଏଲର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ଅମିତ କୁମାର ଗର୍ଗ କହିଛନ୍ତି, 'ଟିପିଏସ୍‌ଓଡିଏଲରେ ଆମେ ଦକ୍ଷିଣ ଓଡ଼ିଶାର ବିଦ୍ୟୁତ ଭିତ୍ତିଭୂମିକୁ ସୁଦୃଢ଼ କରିବା ଦିଗରେ ପ୍ରତିବଦ୍ଧ ରହିଛୁ । ନୂତନ ଭାବେ ସ୍ଥାପିତ ସବଷ୍ଟେସନ ଭରସାଯୋଗ୍ୟ ବିଦ୍ୟୁତ ଯୋଗାଣ ବ୍ୟବସ୍ଥାକୁ ସୁନିଶ୍ଚିତ କରିବା ସହ ସ୍ଥାନୀୟ ଅଞ୍ଚଳର ସାମାଜିକ ତଥା ଅର୍ଥନୈତିକ ବିକାଶରେ ସହାୟକ ହେବ ।' ଏସବୁ ପଦକ୍ଷେପ ବିଦ୍ୟୁତ ବିତରଣ ଭିତ୍ତିଭୂମିର ଉନ୍ନତିକରଣ ଦିଗରେ ଟିପିଏସ୍‌ଓଡିଏଲର ପ୍ରତିବଦ୍ଧତାକୁ ଦର୍ଶାଉଛି । ଯାହାଫଳରେ ନବରଙ୍ଗପୁର ଜିଲ୍ଲାର ଉପଭୋକ୍ତାଙ୍କୁ ଗୁଣାତ୍ମକ ବିଜୁଳି ସେବା ଯୋଗାଣ ସୁନିଶ୍ଚିତ ହୋଇପାରିଛି ।

## କୁଜଙ୍ଗ ମହୋତ୍ସବ ନିମନ୍ତେ ପ୍ରଶାସନିକ ପ୍ରସ୍ତୁତି ବୈଠକ



କୁଜଙ୍ଗ (ଭାସ୍କର ନ୍ୟୁଜ୍) : ଆସନ୍ତା ଏପ୍ରିଲ ୯ ତାରିଖ ଠାରୁ ୧୩ ତାରିଖ ପର୍ଯ୍ୟନ୍ତ ପାଞ୍ଚ ଦିନ ବ୍ୟାପୀ ନାରାୟଣ ବୀରବର ସାମନ୍ତ ଟ୍ରଷ୍ଟ ଆନୁକୂଲ୍ୟରେ ପାଳିତ ହେବାକୁ ଯାଉଥିବା କୁଜଙ୍ଗ ମହୋତ୍ସବ ନିମନ୍ତେ ପ୍ରଶାସନିକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । କୁଜଙ୍ଗ ପଞ୍ଚାୟତ ସଭା ଗୃହରେ ପାରାଦ୍ୱୀପର ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ କୁଜଙ୍ଗର ତହସିଲଦାର ସ୍ୱରୂପ ନନ୍ଦନ ବେହେରା, ଥାନା ଅଧିକାରୀ ବଂଶୀଧର ପ୍ରଧାନ, ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଡାକ୍ତର ଦେବାଶିଷ ସାହୁ, ଅଗ୍ନିଶମ ଅଧିକାରୀ କାର୍ତ୍ତିକ ବିଶ୍ୱାଳ, ଅତିରିକ୍ତ ବିଡ଼ିଓ ପ୍ରଶାନ୍ତ କୁମାର ଜେନା, ବ୍ଲକ ସହକାରୀ ଯନ୍ତ୍ରୀ ସଞ୍ଜୟ କୁମାର କାଲୋ, ଜଳ ଓ ପରିମଳ ବିଭାଗ ସହକାରୀ ଯନ୍ତ୍ରୀ ମାନସୀ ବେହେରା, ବିଦ୍ୟୁତ ବିଭାଗ ଏସଡିଓ କମଳାକାନ୍ତ ବିଶୋଇ ପ୍ରମୁଖ ଉପସ୍ଥିତ ରହି ମହୋତ୍ସବ ନିମନ୍ତେ ନିଜ ନିଜ ବିଭାଗର ଦାୟିତ୍ୱ ଉପରେ ଆଲୋଚନା କରିଥିଲେ । ମହୋତ୍ସବରେ ଜନସାଧାରଣ ଯେପରି କୌଣସି ଅସୁବିଧାର ସମ୍ମୁଖୀନ ନହୁଅନ୍ତି ସେଥିପ୍ରତି ବିଭାଗମାନେ ଯତ୍ନବାନ ହେବାକୁ ଅତିରିକ୍ତ ଜିଲ୍ଲାପାଳ ଗୁରୁତ୍ୱ ପ୍ରଦାନ କରିଥିଲେ । ବିଶେଷ କରି ବିଜୁଳି ଓ ଜଳଯୋଗାଣ କିପରି ନୀରବଚ୍ଛିନ୍ନ ଭାବେ ଜାରି ରହିବ ସେଥିପାଇଁ ବିଭାଗୀୟ ଅଧିକାରୀମାନେ ପ୍ରସ୍ତୁତି ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ପାଞ୍ଚଦିନ ବ୍ୟାପୀ ଏହି ମହୋତ୍ସବରେ କେବଳ କୁଜଙ୍ଗର ଐତିହାସିକ ଗରିମା ଓ କୁଜଙ୍ଗର ଗାନ୍ଧୀ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ପୂର୍ବତନ ଉପ ବାଚସ୍ପତି ନାରାୟଣ ବୀରବର ସାମନ୍ତଙ୍କ ଜୀବନାଦର୍ଶ ଉପରେ ସ୍ମୃତିଚାରଣ କରାଯିବ । ପ୍ରତ୍ୟେହ ସନ୍ଧ୍ୟାରେ ରାଜ୍ୟ ଓ ରାଜ୍ୟ ବାହାରର କଳାକାରମାନଙ୍କ ଦ୍ୱାରା ବିଭିନ୍ନ ପାରମ୍ପରିକ ନୃତ୍ୟ, ସଙ୍ଗୀତ ପରିବେଷଣ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା । ଏହି କାର୍ଯ୍ୟକ୍ରମରେ କୁଜଙ୍ଗ ସରପଞ୍ଚ ବନ୍ଦିତା ଦାସ, ଗୋପିଆକୁଦ ସରପଞ୍ଚ ଶ୍ରୀନିବାସ ସ୍ୱାଇଁ, ବାଗୋଇ ସରପଞ୍ଚ ପ୍ରଭାଞ୍ଜଳି ସେଠୀ, ନୂଆଗଡ଼ ସରପଞ୍ଚ ଦେବେନ୍ଦ୍ର କୁମାର ରାଉତ, ମନ୍ତ୍ରୀଙ୍କ ପ୍ରତିନିଧି ଦିଲ୍ଲୀପ ବେହେରା, ଯୁବନେତା ରାଜେନ୍ଦ୍ର ନାରାୟଣ ଦାସ, ଦୁଷ୍ମନ୍ତ ନାଥ ଶର୍ମା, ଚିରଞ୍ଜୀବ୍ ନାୟକ, ପ୍ରଭାସ ରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

## ସ୍ୱର୍ଗତ ଦେବେନ୍ଦ୍ର ପ୍ରଧାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ

ପରଜଙ୍ଗ (ଭାସ୍କର ନ୍ୟୁଜ୍) : ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ସ୍ଥିତ ସତ୍ୟ ପ୍ୟାଲେସ ଠାରେ ପରଜଙ୍ଗ ବ୍ଲକ ବିଜେପି ପକ୍ଷରୁ ଦେହାନ୍ତ ହୋଇ ଯାଇଥିବା ଡ ଦେବେନ୍ଦ୍ର ପ୍ରଧାନଙ୍କ ଉଦେଶ୍ୟରେ ସୋମବାର ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ଏହି ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ପରଜଙ୍ଗ ଅଂଚଳର ଶତାଧିକ କାର୍ଯ୍ୟକର୍ତ୍ତା ଉପସ୍ଥିତ ହୋଇ ପ୍ରଥମେ ଏକ ମିନିଟ ନିରବ ପ୍ରାର୍ଥନା କରି ତାଙ୍କର ଫଟୋଚିତ୍ର ଉପରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ପୂର୍ବକ ପୁଷ୍ପ ମାଲ୍ୟାର୍ପଣ କରି ଡକ୍ଟର ପ୍ରଧାନଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ । ଏହି ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମରେ ବିଜେପିର ଏକ ନଂ ଏବଂ ତିନି ନଂ ମଣ୍ଡଳ ସଭାପତି ଦ୍ୱୟ, ରାଜ୍ୟ ସାଧାରଣ ସମ୍ପାଦକ ଦୀପକ ଗୋଛାୟତ, ଜିଲ୍ଲା ସଭାପତି ରାସବିହାରୀ ବେହେରା, ବ୍ଲକ ସମିତି ଅଧ୍ୟକ୍ଷା ଶର୍ମିଷ୍ଠା ଦଳବେହେରା, ଉପାଧ୍ୟକ୍ଷା ଯଶସ୍ୱିନୀ ରାଉତ, ପ୍ରାକ୍ତନ ବିଜେପି ବ୍ଲକ ମଣ୍ଡଳ ସଭାପତି ଦୁର୍ଗା ଚରଣ ନାୟକ, ରମେଶ ଚନ୍ଦ୍ର ସାହୁ, ବିଜେପି ଉପଦେଷ୍ଟା ଦୁର୍ଗା ଚରଣ ସାହୁ, ବରିଷ୍ଠ ନାରୀନେତ୍ରୀ ବନଲତା ମହାନ୍ତି, ବରିଷ୍ଠ ନେତା ହେମନ୍ତ ସାମଲ, ବିଏମଏସ ଜିଲ୍ଲା ସଭାପତି ଅନିଲ ଭୁତିଆ, ବରିଷ୍ଠ ବିଜେପି ନେତା ସନ୍ତୋଷ ରାଉତ, ଲକ୍ଷ୍ମୀଧର ସାହୁ, ପ୍ରାକ୍ତନ କଲେଜ ଅଧ୍ୟକ୍ଷ ତ୍ରିଲୋଚନ ଭୁତିଆ, ବୟୋଜ୍ୟେଷ୍ଠ ସମାଜସେବୀ ତଅଂଲୁ ସାହୁ, ବରିଷ୍ଠ ବିଜେପି ନେତା ପ୍ରଶାନ୍ତ କୁମାର ଦଳବେହେରା, ପ୍ରାକ୍ତନ ବିଜେପି ଜିଲ୍ଲା ପରିଷଦ ସଭ୍ୟ ଶରତ ସାହୁ, ବରିଷ୍ଠ ବିଜେପି ନେତା ଟୁଟୁ ପାଣି, ହିମାଂଶୁ ପାଢ଼ୀ, ବସନ୍ତ ସାହୁ, ଲକ୍ଷ୍ମୀକାନ୍ତ କର, ସରପଞ୍ଚ ବିଜେନ୍ଦ୍ରୀ ସାହୁ, ବରିଷ୍ଠ କାର୍ଯ୍ୟକତା ସନ୍ତୋଷ ସାହୁଙ୍କ ସମେତ ବିଭିନ୍ନ ଗ୍ରାମରୁ ଯୋଗ ଦେଇଥିବା କାର୍ଯ୍ୟକର୍ତ୍ତାମାନେ ଶ୍ରଦ୍ଧାଞ୍ଜଳି ସଭାରେ ସାମିଲ ହୋଇଥିଲେ ।



## 'ଆତ୍ମରକ୍ଷା କୌଶଳ ହିଁ ଭବିଷ୍ୟତର ରକ୍ଷା କବଚ'

### ଛାତ୍ରୀ ଆତ୍ମରକ୍ଷା ତାଲିମ୍ ଶିବିର ଉଦ୍‌ଯାପିତ



ଅସ୍ତରଙ୍ଗ (ଭାସ୍କର ନ୍ୟୁଜ୍) : ପୁରୀ ଜିଲ୍ଲା ଅସ୍ତରଙ୍ଗ ଡିଗ୍ରୀ ମହାବିଦ୍ୟାଳୟରେ ଆତ୍ମରକ୍ଷା ତାଲିମ୍ ଶିବିର ସୋମବାର ଦିନ ଉଦ୍‌ଯାପିତ ହୋଇଯାଇଛି । କଲେଜ ଅଧ୍ୟକ୍ଷା କୁନିଲତା ରାଉତଙ୍କ ସଭାପତିତ୍ୱରେ ଏହା ଉଦ୍‌ଯାପିତ ହୋଇଛି । ଛାତ୍ରୀମାନେ କିଭଳି ନିଜକୁ ନିଜେ ପ୍ରାଥମିକ ସ୍ତରରେ ସୁରକ୍ଷା ଦେଇପାରିବେ, ସେଥିନେଇ ଆଲୋଚନା କରିଥିଲେ । ଛାତ୍ରୀ ଆତ୍ମରକ୍ଷା କୌଶଳ ହିଁ ବାସ୍ତବରେ ଭବିଷ୍ୟତ ଜୀବନ ପାଇଁ ସେମାନଙ୍କ ରକ୍ଷା କବଚ । ନାରୀ ନିଜକୁ ସୁରକ୍ଷିତ ରଖିଲେ ସମାଜ ଶୃଙ୍ଖଳିତ ରହିବ । ବର୍ତ୍ତମାନ ସମାଜରେ ନାରୀ ହିଂସା ଓ ନିର୍ଯାତନା ବଢ଼ି ଚାଲିଥିବା ସହ ଛାତ୍ରୀମାନଙ୍କ ସୁରକ୍ଷା ମଧ୍ୟ ସମସ୍ୟାର ବିଷୟ ହୋଇଛି । ଛାତ୍ରୀମାନଙ୍କ ସୁରକ୍ଷା ପାଇଁ ଏକ ଆତ୍ମରକ୍ଷା କୌଶଳ ଜାଣିବା ଜରୁରି ବୋଲି ସେ ପ୍ରକାଶ କରିଥିଲେ । କଲେଜର ସମସ୍ତ ଛାତ୍ରୀଙ୍କୁ ନେଇ ଶିବିରଟି ୮ଦିନ ଧରି ଚାଲିଥିଲା । କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥିମାନଙ୍କ ମଧ୍ୟରେ ମୁଖ୍ୟ କିରାଣୀ ତ୍ରିଲୋଚନ ପ୍ରଧାନ, ଅଧ୍ୟାପକ ସାଗର ଜେନା, ଗୌରହରି ପାତ୍ର, ଅଧ୍ୟାପିକା ମୋନାଲିସା ଶ୍ରୀଚନ୍ଦନସିଂ, ନିର୍ମଳା ବିଶ୍ୱାଳ, ସରସ୍ୱତୀ ପରିଡାଙ୍କ ସହ କୈଳାଶ ସାହୁ, ବ୍ରହ୍ମାନନ୍ଦ ପ୍ରଧାନ, ସୁରେନ୍ଦ୍ର ଲେଙ୍କା, ସଂଯୋଜିକା ଅଧ୍ୟାପିକା କବିତା ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ । ପ୍ରଶିକ୍ଷିକା ସାକ୍ଷୀଲତା ନାୟକ (ହାପି )ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଦେଇଥିଲେ । ଶେଷରେ ଛାତ୍ରୀମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଛି ।

## ବିଶ୍ୱ ଜଳ ଦିବସ ପାଳିତ

ଗୋପ (ଭାସ୍କର ନ୍ୟୁଜ୍) : ବିଶ୍ୱ ଜଳ ଦିବସ ଅବସରରେ ଆଜି ଗୋପ ବ୍ଲକସ୍ଥିତ ଶାରଡା ବତ୍ୟା ଅଶ୍ରୟସ୍ଥଳୀରେ ଜଳବାୟୁ ପରିବର୍ତ୍ତନ, ଜଳ ଓ ପରିମଳ ବ୍ୟବସ୍ଥା ଶୀର୍ଷକ ଏକ କର୍ମଶାଳା ଅୟୋଜିତ ହୋଇଯାଇଛି । ଓ୍ୱାଟର ଏଡ୍, ଓ୍ୱାଟର ଇନସିଏଟିଫ୍ ଓ ୟୁଥ ପର ଓ୍ୱାଟର ଇଣ୍ଡିଆ ସହାୟତାରେ ସ୍ଥାନୀୟ ୱେଲକମ୍ ଅନୁଷ୍ଠାନ ଦ୍ୱାରା ଅୟୋଜିତ ଏହି କର୍ମଶାଳାରେ ଓଡିଶାର ଜନ ପରୁଷ ଭାବେ ପରିଚିତ ଶ୍ରୀ ରଞ୍ଜନ କୁମାର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ ଜଳବାୟୁ ପରିବର୍ତ୍ତନ ଦ୍ୱାରା ଉପକୂଳବର୍ତ୍ତୀ ଅଞ୍ଚଳମାନଙ୍କରେ ବିଭିନ୍ନ ସମସ୍ୟା ଦେଖା ଦେଉଛି । ବିଶେଷକରି ପୁରୀ ଜିଲ୍ଲାର ଯେଉଁ ଅଞ୍ଚଳ ସମୁଦ୍ର ପତନ ବୃଦ୍ଧି ହେବା ଦ୍ୱାରା ପାନୀୟ ଜଳ, ପରିମଳ ଏବଂ ଜୀବନ ଜୀବିକା ଉପରେ ପ୍ରଭାବ ପକାଇବା ସହିତ ବିଭିନ୍ନ ସମସ୍ୟା ଦେଇ ଗତି କରୁଛି ସେ ସଂପର୍କରେ ଆଲୋକପାତ କରିବା ସହିତ ଏହାର ସମାଧାନ କରିବା ପାଇଁ ସମସ୍ତଙ୍କ ମିଳିତ ଉଦ୍ୟମ ଆବଶ୍ୟକ ବୋଲି ମତ ରଖିଥିଲେ । ସେହିପରି ସମ୍ମାନୀତ ଅତିଥିଭାବେ ଓ୍ୱାଟର ଏଡ୍ ଇଣ୍ଡିଆର ଜଳ ଓ ପରିମଳ ବିଶେଷଜ୍ଞ ବିକାଶ କୁମାର ପତି ଯୋଗଦେଇ କହିଥିଲେ ଜଳବାୟୁ ପରିବର୍ତ୍ତନ ଦ୍ୱାରା ପୁରୀ ଉପକୂଳ ଅଞ୍ଚଳରେ ବାତ୍ୟା ଓ ବନ୍ୟାର ପ୍ରଭାବ ବଢ଼ିବାରେ ଲାଗିଛି । ଆମ ପାଖରେ ମାତ୍ର ୨.୬୭ ଭାଗ ମଧୁର ଜଳ ରହିଥିବାରୁ ଏହାର ସଂରକ୍ଷଣ ଉପରେ ଧ୍ୟାନ ନଦଲେ ଭବିଷ୍ୟତ ପିଢିଙ୍କୁ ଦୁର୍ଦ୍ଦଶା ଭୋଗିବାକୁ ପଡିବ । ଏ ଦିନରେ ସ୍ୱଚ୍ଛ ଜଳରେ ଲୁଣି ପାଣି ମାଡିଯିବା ଜନିତ ସମସ୍ୟା ଉପରେ ବିଶେଷ ଗୁରୁତ୍ୱ ଦେଇ ସେ ଜଳ ସଂରକ୍ଷଣ ଓ ଜଳ ପରିମଳ ବ୍ୟବସ୍ଥାର ସୁଦୃଢ଼ୀକରଣ ଦିଗରେ କାର୍ଯ୍ୟ କରିବା ପାଇଁ ପରାମର୍ଶ ଦେଇଥିଲେ । ବନାଖଣ୍ଡି ପଞ୍ଚାୟତର ପୂର୍ବତନ ସମିତିସଭ୍ୟ କୃଷ୍ଣଚନ୍ଦ୍ର ପରିଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ୱେଲକମ୍ ସଂସ୍ଥାର ସଂପାଦକ ପ୍ରଭାତ କୁମାର ଦାସ, ସଭାପତି ପ୍ରତାପ କୁମାର ସେଠୀ, ବସନ୍ତ ଦାସ, ବନାଖଣ୍ଡି ସରପଞ୍ଚ ପ୍ରଜ୍ଞା ପରମିତା ନାୟକ, ସାରଡା ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷ ସଂପଦ କୁମାର ଛାଟୋଇ, ବାଙ୍ଗୁରି ଗାଁ ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ଦିଲ୍ଲୀପ କୁମାର ସେନାପତି, ସାରଡା ଉନ୍ନତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରମୋଦ କୁମାର ଦାସ, ମହିଳା ମହାସଂଘର ସଂପାଦିକା ରେଣୁବାଳା ସ୍ୱାଇଁ ପ୍ରମୁଖ ଯୋଗ ଦେଇ ସୁସ୍ଥ ପରିବେଶ ଗଠନ ସହ ଜଳ କିପରି ସଂରକ୍ଷଣ କରାଯାଇପାରିବ ସେ ସଂପର୍କରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମରେ ସାରଡା ଅଙ୍ଗନବାଡି କର୍ମୀ ଶର୍ମିଷ୍ଠା ମହାନ୍ତି, ସୁଚିସ୍ମିତା ମହାପାତ୍ରଙ୍କ ସମେତ ଅଙ୍ଗନବାଡି ହେଲପର, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାଙ୍କ ସମେତ ଶତାଧିକ ମହିଳା ଓ ପୁରୁଷ ଯୋଗ ଦେଇଥିଲେ ।

## ମା' ଅମ୍ବିକେଶ୍ୱରୀ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଟଙ୍କ ତୋରାଣି ବଣ୍ଟନ

ଫୁଲନଖରା (ଭାସ୍କର ନ୍ୟୁଜ୍) : କଟକ ସଦର ବାରଦା ଉପକଣ୍ଠ ମା' ଅମ୍ବିକେଶ୍ୱରୀଙ୍କ ପ୍ରାଙ୍ଗଣରେ ପଖାଳ ଦିବସ ଅବସରରେ ମା' ଅମ୍ବିକେଶ୍ୱରୀ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଟଙ୍କ ତୋରାଣି ବଣ୍ଟନ କାର୍ଯ୍ୟକ୍ରମ ଉପଦେଷ୍ଟା ନାରାୟଣ ଚନ୍ଦ୍ର ସିହ୍ନାଙ୍କ ତତ୍ତ୍ୱାବଧାନରେ ପାଳିତ ହୋଇଯାଇଛି । ଶ୍ରୀକ୍ଷେତ୍ରରୁ ଜଗନ୍ନାଥ ମହାପ୍ରଭୁଙ୍କର ଅବଡାରୁ ପ୍ରସ୍ତୁତ ଟଙ୍କ ତୋରାଣି ମଞ୍ଚର ସଦସ୍ୟମାନେ ଶ୍ରଦ୍ଧାଳୁମାନଙ୍କୁ ବଣ୍ଟନ କରିଥିଲେ । ଉକ୍ତ ସଭାରେ ଅରକ୍ଷିତ ଦଳାଇ, କ୍ଷେତ୍ରବାସୀ ପରିଡ଼ା, ଉମେଶ ଚନ୍ଦ୍ର ଦାସ, ଫକୀର ଦାସ, ଲୋକନାଥ ସାହୁ, ମାଧବ ସାହୁ, ଦିଲ୍ଲୀପ ଦତ୍ତ, ଅକ୍ଷୟ ଦାସ, ମାୟାଧର ପଟ୍ଟାୟତ, ଦିବାକର ଓଝା, ଗଙ୍ଗାଧର ବେହେରା, ସୁରେନ୍ଦ୍ର ସାହୁ, ପଞ୍ଚାନନ ଭୋଇ ଓ ବିଷ୍ଣୁଚରଣ ଦଳାଇ ପ୍ରମୁଖ ଉପସ୍ଥିତ ଥିଲେ । ଚୈତ୍ର ମାସରେ ପଖାଳ ଦିବସରେ ଟଙ୍କ ତୋରାଣି ବଣ୍ଟନକୁ ସମସ୍ତ ଜନସାଧାରଣ ସ୍ୱାଗତ କରିଥିଲେ ।

## ନିଆରା ଢଙ୍ଗରେ ଜନ୍ମଦିନ ପାଳିଲେ ସାମ୍ବାଦିକ



ଧାମନଗର(ଭାସ୍କର ନ୍ୟୁଜ୍): ଧାମନଗର ବ୍ଲକ ଅନ୍ତର୍ଗତ କାଞ୍ଜିଆ ପାଳ ଆଶ୍ରମରେ ଯୁବ ସାମ୍ବାଦିକ ଆକାଶ ଆଦିତ୍ୟ ବେହେରା ତାଙ୍କ ଜନ୍ମଦିନ ନିଆରା ଢଙ୍ଗରେ ପାଳନ କରିଛନ୍ତି । ଆଶ୍ରମର ପିଲାମାନଙ୍କୁ ପାଠ୍ୟ ସାମଗ୍ରୀ ଏବଂ ମିଠା ଜଳଖିଆ ଖୁଆଇ ପାଳନ କରିଥିଲେ ଜନ୍ମଦିନ । ଏହି କାର୍ଯ୍ୟକ୍ରମରେ ସଭାପତି ନକୁଳ ଦେବ ସାସ୍ତ୍ରୀ, ସାମ୍ବାଦିକ ପ୍ରଶାନ୍ତ ସାହୁ, ରାଜକିଶୋର ଜେନା, ଭଗବାନ୍ ସାମଲ, ମନ ରଞ୍ଜନ ମହାନ୍ତି, ଜଗନ୍ନାଥ ଦାସ, କମଳା କାନ୍ତ ପରିଡ଼ା, ମଣ୍ଟୁ ମନୋରଞ୍ଜନ ସେଠୀ, ଯୁବ ସମାଜସେବୀ ଜ୍ୟୋତିରଞ୍ଜନ ନାୟକ ପ୍ରମୁଖ ଉପସ୍ଥିତ ରହି ଜନ୍ମ ଦିବସକୁ ପାଳନ କରିଥିଲେ ।

## ରାଶିଫଳ
**ମଙ୍ଗଳବାର, ୨୫ ମାର୍ଚ୍ଚ ୨୦୨୫**



**ମେଷ:** କର୍ମକ୍ଷେତ୍ରରେ ଇଚ୍ଛା ନଥାଇ ମଧ୍ୟ କେତେକ କାମ କରିବାକୁ ବାଧ୍ୟ ହେବେ । ଆକସ୍ମିକ ଭାବରେ ଅନ୍ୟଦ୍ୱାରା ପ୍ରେରିତ ହୋଇ ଦୂରସ୍ଥାନକୁ ଯାତ୍ରା କରିବାକୁ ପଡ଼ିପାରେ । ସରକାରୀ ସ୍ତରରୁ ଅପେକ୍ଷା କରିଥିବା ଖବରଟି ମଧ୍ୟାହ୍ନ ପରେ ପାଇବେ ।



**ବୃଷ:** ପାରସ୍ପରିକ ଦୋଷଦର୍ଶିତା ହେତୁ ପାରିବାରିକ ପରିସ୍ଥିତି ଗୋଳମାଳିଆ ରହିବ । ବେପରୁଆ କାର୍ଯ୍ୟକଳାପ ସକାଶେ ଉଚ୍ଚବର୍ଗଙ୍କଠାରୁ ସମାଲୋଚିତ ହୋଇପାରନ୍ତି । ଅଭାବ ପୂରଣ ଦିଗରେ ଚେଷ୍ଟିତ ହେବେ, ଅବଶ୍ୟ କିଛି ରିହାତି ମିଳିବ ।



**ମିଥୁନ:** ବନ୍ଧୁଙ୍କ ଶ୍ଳେଷାତ୍ମକ କଥାକୁ ଠିକ୍ ? ଭାବେ ବୁଝିପାରିବେ ନାହିଁ । ହାତକୁ ନେଇଥିବା କାମଟି ବିଳମ୍ବରେ ହେବାରୁ ମନରେ ଶାନ୍ତି କିମ୍ବା ସନ୍ତୋଷ ଆସିବ ନାହିଁ । ବ୍ୟବସାୟରେ ଶାଖା ପ୍ରଶାଖା ଖୋଲିବାର ପ୍ରଯନତ୍ କରିବେ । ପରକଥାରେ ପଡ଼ି ନିଜ ଲୋକଙ୍କୁ ଭୁଲ୍ ବୁଝିପାରନ୍ତି ।



**କର୍କଟ:** ପାରିବାରିକ କ୍ଷେତ୍ର ବୁଝାମଣା ଭିତ୍ତିରେ ଶୃଙ୍ଖଳିତ ରହିବ । କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ ଏବଂ ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିବ । ନୂତନ କର୍ମାରମ୍ଭ ପ୍ରୀତିପଦ ହେବ, ମାତ୍ର ସମସ୍ୟା ଛାଡିବ ନାହିଁ । ରାଜନୀତିରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ ।



**ସିଂହ:** ଯେତେଟା ପରିସ୍ଥିତିକୁ ଜଟିଳ ମନେକରୁଛନ୍ତି, ବାସ୍ତବରେ ସେପରି କିଛି ହେବନି । ପାରିବାରିକ କ୍ଷେତ୍ରରେ ହସ ଖୁସିର ବାତାବରଣରୁ ମନ ପ୍ରଫୁଲ୍ଲ ରହିବ । ଛୋଟ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି । ଧାର ସୂତ୍ରରେ ଅର୍ଥ ସଂଗ୍ରହ କରିବେ ଏବଂ ଆବଶ୍ୟକ ମନେକରୁଥିବା ଜିନିଷ ସମୂହକୁ କିଣିପାରିବେ ।



**କନ୍ୟା:** ଆର୍ଥିକ ସମସ୍ୟାକୁ ସୁଧାରି ନେବେ ଏବଂ କର୍ମକ୍ଷେତ୍ର ସ୍ୱାଭାବିକ ରହିବ । ପାରିବାରିକ ପ୍ରତିକୂଳ ପରିସ୍ଥିତି ଯୋଗୁ ଚିନ୍ତା କରିଥିବା କାମଗୁଡ଼ିକ ଠିକ୍‌ଭାବେ ସମ୍ପୂର୍ଣ୍ଣ ହେବ ନାହିଁ । ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ । ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଦେଖାଦେଇପାରେ ।



**ତୁଳା:** ଦ୍ୱନ୍ଦ୍ୱରେ ପଡ଼ି ସହକର୍ମୀମାନଙ୍କ ଦ୍ୱନ୍ଦ୍ୱଯୁକ୍ତ ପ୍ରତ୍ୟେକ କଥାକୁ ଠିକ୍ ଭାବେ ବୁଝିପାରିବେ ନାହିଁ । କଚେରି ମାମଲାର ଶୁଣାଣି ବିଳମ୍ବରେ ଘଟିବା ହେତୁ ବ୍ୟସ୍ତତା ବୃଦ୍ଧି ପାଇବ । ବିଶେଷ କାର୍ଯ୍ୟବ୍ୟସ୍ତତା ଯୋଗୁ ଖାଦ୍ୟପେୟ ମଧ୍ୟ ଠିକ୍ ରହିବ ନାହିଁ ।



**ବିଛା:** ପ୍ରତ୍ୟେକ କ୍ଷେତ୍ରରେ ସତର୍କରେ ନଚଳିଲେ ନିନ୍ଦିତ ହେବେ । ଅଭାବ ସୁଧାରିବା ପରିପ୍ରେକ୍ଷୀରେ ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ । ଯାତ୍ରା ସମୟରେ ଅପରିଚିତ ବ୍ୟକ୍ତି ଜଣକ ସକାଶେ ବ୍ୟସ୍ତତା ବୃଦ୍ଧି ପାଇବ । ପାରିବାରିକ ସମସ୍ୟାର ସମାଧାନ କରିବା ସକାଶେ ବନ୍ଧୁମାନଙ୍କ ସହଯୋଗ ଆଶା କରିବେ ।



**ଧନୁ:** ସମସ୍ତ ପ୍ରକାର ଅଭିଳାଷକୁ ପୂରଣ କରିବା ଦିଗରେ ଅନୁକୂଳ ପରିବେଶ ସୃଷ୍ଟି ହେବ । ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କଲେ ଭଲ ହେବ । ଦୀର୍ଘଦିନର ଅପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରି ଶାନ୍ତିରେ ନିଃଶ୍ୱାସ ମାରିବେ । ଖଳଲୋକମାନଙ୍କ ହାବୁଡ଼ରୁ ଅପମାନଜନକ ସ୍ଥିତିରୁ ଖସି ଯାଇପାରନ୍ତି ।



**ମକର:** ଆଜିହିଁ ସମ୍ପୂର୍ଣ୍ଣ କରିବାକୁ ଭାବୁଥିବା କାମଟି ପୂର୍ଣ୍ଣାଙ୍ଗ କରିବା କଷ୍ଟ ହୋଇଯିବ । ଜମିଜମା ବିବାଦ କ୍ରମଶଃ ଜଟିଳ ଆକାର ଧାରଣ କରିବାର ଆଶା କରାଯାଇପାରେ । ପାରିବାରିକ କ୍ଷେତ୍ର କେତେକାଂଶରେ ଉନ୍ନତ ରହିବ । ପ୍ରତ୍ୟେକ କ୍ଷେତ୍ରରେ ନିଜର ସୀମା ଭିତରେ ଜଗି ରଖି ଚଳିବା ଭଲହେବ ।



**କୁମ୍ଭ:** ପ୍ରତ୍ୟେକ କ୍ଷେତ୍ରରେ ସୁଯୋଗ ଛାଏଁ ଆସିବ । ସଭାସମିତି ଓ ଆନୁଷ୍ଠାନିକ କାର୍ଯ୍ୟରେ ସଫଳତା ହାସଲ କରିବେ । ବ୍ୟବସାୟିକ କ୍ଷେତ୍ରରେ ପ୍ରତିଯୋଗିତା ମନୋଭାବ ଉପୁଜିପାରେ । ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିଯିବାର ଆଶଙ୍କା ରହିଛି । ପାରିବାରିକ ସ୍ତରରେ ଅଯଥା ମୂଲ୍ୟହୀନ କଥାକୁ ଗୁରୁତ୍ୱ ଦେଇ ଶୋକାକୁଳ ରହିବେ ।



**ମୀନ:** ହାତକୁ ନେଇଥିବା କାମଗୁଡ଼ିକ ଅବଶ୍ୟ ସମ୍ପନ୍ନ କରିବେ, କିନ୍ତୁ ଏଥିସକାଶେ କଠିନ ପରିଶ୍ରମ କରିବାକୁ ପଡ଼ିବ । ସାହିତ୍ୟ, ଗବେଷଣା, ଆଲୋଚନା, ଏଜେନ୍ସି, ସାମ୍ବାଦିକତାରେ ପ୍ରଶଂସିତ ହେବେ । ଉନ୍ନୟନମୂଳକ କାମ ବାଧାପ୍ରାପ୍ତ ହେବାର ଆଶଙ୍କା ଉପୁଜିପାରେ । ଈର୍ଷା ପରାୟଣ ବ୍ୟକ୍ତିମାନେ ପ୍ରତିଷ୍ଠା ଓ ପ୍ରଶଂସାକୁ ସହି ନପାରି କଟୁ ମନ୍ତବ୍ୟ ଦେଇପାରନ୍ତି ।



ପ୍ରସ୍ତୁତି
ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



କୋରାପୁଟ,(ଭାସ୍କର ନ୍ୟୁଜ) ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କୋରାପୁଟ ଜିଲ୍ଲା ଗସ୍ତ କରିଛନ୍ତି । ଜିଲ୍ଲା ଦକ୍ଷତା ଓ ବିକାଶ ତାଲିମ କେନ୍ଦ୍ରରେ ଜିଲ୍ଲାପାଳ ଭି କୀର୍ତ୍ତି ଭାସନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମୀକ୍ଷା ବୈଠକରେ ଯୋଗଦେଇଥିଲେ । ଖାଉଟି ଓ ଚାଷୀଙ୍କ ସ୍ୱାର୍ଥକୁ ସରକାର ପ୍ରାଥମିକତା ଦେଉଛନ୍ତି । ତେଣୁ ଚାଉଳ ସହ ଗହମ, ତେଲ ସାବୁନ, ଡାଲି ଭଳି ସାମଗ୍ରୀ ହିତାଧିକାରୀଙ୍କୁ ସୁଲଭ ମୂଲ୍ୟରେ ଯୋଗାଇ ଦେବାକୁ ସରକାର ବିଚାର କରୁଥିବ ସୂଚନା ଦେଇଥିଲେ । ଗରିବଙ୍କୁ ଚିହ୍ନଟ କରି ରାସନକାର୍ଡ ବଣ୍ଟନ କରାଯିବ । ଜିଲ୍ଲାପାଳ ଓ ବିଭାଗୀୟ ଅଧିକାରୀ ମଣ୍ଡି ଠିକ୍ ରୂପେ ପରିଚାଳନା କରିଛନ୍ତି । ଯାହା ତ୍ରୁଟି ରହିଛି ସେଥିରେ ସୁଧାର ଅଣାଯିବ ବୋଲି ପ୍ରକାଶ କରିଥିଲେ । ସମୀକ୍ଷା ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଦେବୀ ପ୍ରସାଦ ମହାନ୍ତ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବେଣୁଧର ଶବର, ଜୟପୁର ଉପଜିଲ୍ଲାପାଳ ଆକବରାମ ସସ୍ୟା ରେଡ଼ି, ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ପ୍ରଦୀପ କୁମାର ପଣ୍ଡାଙ୍କ ସମେତ ଯୋଗାଣ ବିଭାଗ ଅଧିକାରୀ , ଅନ୍ୟ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ । ଜିଲ୍ଲା ଯୋଗାଣ ଅଧିକାରୀଙ୍କ ସୂଚନା ଅନୁଯାଇ ମାର୍ଚ୍ଚ ୧୮ତାରିଖ ସୁଦ୍ଧା ଜିଲ୍ଲାରେ ୧୧୭୩୬୪୧ ରାସନକାର୍ଡ ହିତାଧିକାରୀ ଅଛନ୍ତି । ୮୯ ପ୍ରତିଶତ ହିତାଧିକାରୀଙ୍କ କେୱାଇସି ସଂଶୋଧନ ହୋଇଛି । ଚଳିତ ବର୍ଷ ଖରିଫ ଋତୁରେ ୨୫୭୨୮୮ ମେଟ୍ରିକ ଟନ୍ ଧାନ କ୍ରିୟ କରିବା ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ ହେଇଥିଲା । ୩୯୩୩୩ ଚାଷୀ ପୀକରଣ କରିଥିଲା ବେଳେ ୩୯୦୬୭ ଚାଷୀ ଯୋଗ୍ୟ ବିବେଚିତ ହୋଇଥିଲେ । ଫେବୃଆରି ୨୮ତାରିଖ ସୁଦ୍ଧା ୩୭୪୭୭ଜଣ ଚାଷୀଙ୍କ ଠାରୁ ୨୫୦୯୭୬.୫୨୯ ମେଟ୍ରିକ ଟନ୍ ଧାନ କିଣାଯାଇଛି ।

## ମନ୍ତ୍ରୀ ଓ ସାଂସଦଙ୍କ ଉପସ୍ଥିତିରେ ବିଦ୍ୟୁତ୍ ସବଷ୍ଟେସନ ଲୋକାର୍ପିତ



ରାଇଘର,(ଭାସ୍କର ନ୍ୟୁଜ): ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଅନ୍ତର୍ଗତ ଯୋଡ଼ିଙ୍ଗା ଠାରେ ବିଦ୍ୟୁତ ବିଭଗ ଦ୍ୱାରା ନିର୍ମିତ ହେଇଥିବା ୩୩ କେଭି ଏବଂ ୧୧ କେଭି ସବ୍ ଷ୍ଟେସନ ଲୋକାର୍ପିତ ହୋଇଯାଇଛି । ଏହି ଅବସରରେ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟା ନନ୍ଦ ଗଣ୍ଡ, ସାଂସଦ ବଳଭଦ୍ର ମାଝୀ, ସାଂସଦ ପ୍ରତିନିଧି ପ୍ରୀତିସ୍ନିଗ୍ଧା ମହାପାତ୍ର , ଜିଲ୍ଲାପାଳ ଶୁଭଙ୍କର ମହାପାତ୍ର, ସ୍ଥାନୀୟ ବିଡିଓ ଲକ୍ଷ୍ମୀ ସାଗର ମାଝୀ, ବ୍ଲକ ଅଧ୍ୟକ୍ଷ ଗୁପ୍ତ ପ୍ରସାଦ ଝାଙ୍କର, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଲିପିକା ବାରୋଇଙ୍କ ସହ ବିଦ୍ୟୁତ ବିଭାଗର କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ଯୋଡିଙ୍ଗା ଆଖପାଖ ଅଞ୍ଚଳରେ ଥିବା ୧୦ ୧୧ ଗୋଟି ପଞ୍ଚାୟତର ଲୋକ ଲୋ ଭୋଲଟେଜର ଅସୁବିଧାର ସମ୍ମୁଖୀନ ହେଉଥିଲେ ବର୍ତ୍ତମାନ ସବ୍ ଷ୍ଟେସନ ଲୋକାର୍ପିତ ହେବାପରେ ସ୍ଥାନୀୟ ଅଞ୍ଚଳରେ ଆଉ ଅସୁବିଧାର ସମ୍ମୁଖୀନ ହେବାକୁ ପଡିବ ନାହିଁ କହି ଉପସ୍ଥିତ ଥିବା ସାଂସଦ ଓ ମନ୍ତ୍ରୀ କହିଥିବା ଦେଖିବାକୁ ମିଳିଥିଲା ।

# କାଳବୈଶାଖୀରେ ବ୍ୟାପକ ମକା ଫସଲ ନଷ୍ଟ



ଉମରକୋଟ, (ଭାସ୍କର ନ୍ୟୁଜ): ଗତ ଶୁକ୍ରବାର ଦିନ ରାତି ୯ ରୁ ୯ଟା ୩୦ ପର୍ଯ୍ୟନ୍ତ ହୋଇଥିବା କାଳବୈଶାଖୀର ପ୍ରଭାବରେ ଭୀଷଣ ପବନ ଓ ବର୍ଷା ହୋଇଥିଲା । ଏଥିଯୋଗୁ ନବରଙ୍ଗପୁର ଜିଲ୍ଲାର ଉମରକୋଟ ଅଞ୍ଚଳରେ ମକା ଫସଲର ବ୍ୟାପକ କ୍ଷୟକ୍ଷତି ହେଉଛି । ଯାହାକି ଚାଷୀ ଚିନ୍ତାରେ ପଡ଼ିଯାଇଛି । ମାତ୍ର ଅଧଘଣ୍ଟିଆ ଭୀଷଣ ପବନରେ ମୃତମା, ହୀରାପୁର, ବଡ଼ କୁମାରୀ, ବଡ଼ ଭରଣ୍ଡି, ସିଲାଟି ଅଞ୍ଚଳରେ ଶହ ଶହ ଏକର ମକା ଗଛ ଧରାଶାୟୀ ହୋଇପଡିଛି । କେବଳ ମୃତମା ଗାଁରେ ହିଁ ୧୦୦ ଏକରରୁ ଉର୍ଦ୍ଧ୍ୱ ଜମିର ମକା ଫସଲ ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଥିଲା ମୃତମା ଗାଁର ମକା ଚାଷୀ ବିଶ୍ୱନାଥ ବିଶ୍ୱାସ ସୂଚନା ପ୍ରଦାନ କରିଛନ୍ତି । ସମଗ୍ର ଉମରକୋଟ ଅଞ୍ଚଳରେ ରବିରେ ଲଗା ଯାଇଥିବା ମକା ଫସଲ ମଧ ବହୁତ୍ ଭଲ ହୋଇଥିଲା । ମକା ଗଛ ଦେଖିକି ଚାଷୀ ମଧ ଭାରି ଖୁସି ଅନୁଭବ କରିଥିଲେ । କିନ୍ତୁ ମାତ୍ର ଅଧଘଣ୍ଟାର କାଳ ବୈଶାଖୀରେ ଚାଷୀର ସମସ୍ତ ଆଶାକୁ ଧୂଳିସାତ କରିଦେଇଛି । ଗଛଗୁଡ଼ିକ ପ୍ରାୟ ସାଢ଼େ ୪ ଫୁଟରୁ ୫ ଫୁଟ ଯାଏଁ ବଢ଼ି ଯାଇଥିଲା । ପ୍ରାୟ ସବୁ ଗଛରେ ଫୁଲ ଧରି ମକା ପ୍ରାୟ କସି ହୋଇଯାଇଥିଲା । ଆଉ ୨୦ ରୁ ୨୫ ଦିନ ପରେ ମକା ଅମଳ ହୋଇ ଚାଷୀ ବିକ୍ରି ପାଇଁ ମଧ ସ୍ୱପ୍ନ ଦେଖୁଥିଲା । ଅପରପକ୍ଷରେ ଚାଷୀମାନେ କିଏ ବ୍ୟାଙ୍କରୁ ଋଣ ଆଣି ତ କିଏ ସାହୁକାର ମହାଜନଙ୍କ ପାଖରୁ ବିହନ, ସାର ଓ କୀଟ ନାଶକ ଔଷଧ ବାକି ଆଣି ମକା ଚାଷ କରିଥିବା ବେଳେ ବର୍ତ୍ତମାନ ଏହା କିପରି ଶୁଝିବୁ ଚିନ୍ତା ଲାଗିଲାଣି ବୋଲି କହିଛନ୍ତି ଚାଷୀ ବିଶ୍ୱନାଥ ବିଶ୍ୱାସ । ଅପରପକ୍ଷରେ ଉମରକୋଟ ବ୍ଲକ କୃଷି ଅଧିକାରୀ ସନ୍ତୋଷ କୁମାର ନାୟକ କହିଛନ୍ତି ମକା ଫସଲ ନଷ୍ଟ ହେଇଥିବା ତାଙ୍କ ପାଖରେ କୌଣସି ଖବର ନାହିଁ ଆଉ ମକା ଚାଷୀ ମକା ଫସଲକୁ ବୀମା କରିଥିଲେ ହିଁ କ୍ଷତି ପୂରଣ ପାଇବା ପାଇଁ ସରକାରଙ୍କ ନିୟମ ରହିଛି ବୋଲି କହିଛନ୍ତି ।

### ଜଙ୍ଗଲରୁ ଦୁଇ ନାବାଳିକାଙ୍କ ମୃତଦେହ ଉଦ୍ଧାର ଘଟଣା

# ନ୍ୟାୟ ଦାବିରେ ୨୫ରେ ସତ୍ୟାଗ୍ରହ

ମାଲକାନଗିରି, (ଭାସ୍କର ନ୍ୟୁଜ): ଜଙ୍ଗଲରୁ ଦୁଇ ଆଦିବାସୀ ଦଳିତ ନାବାଳିକା ଛାତ୍ରୀ ମୃତ ଦେହ ଉଦ୍ଧାର ଘଟଣାକୁ ନେଇ ମୃତକଙ୍କ ପରିବାରଙ୍କୁ ନ୍ୟାୟ ଦାବିରେ ୨୫ ତାରିଖରେ ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ନ୍ୟାୟ ସତ୍ୟାଗ୍ରହ ପାଇଁ ବିଭିନ୍ନ ସଂଗଠନ ପକ୍ଷରୁ ପ୍ରସ୍ତୁତି ଶେଷ ହୋଇଛି । ମାଲକାନଗିରି ଜିଲ୍ଲା କାଳିମେଳା ବ୍ଲକ ଅନ୍ତର୍ଗତ ଏମ୍ଭି-୭୨ ନୋଡାଲ ପ୍ରାଥମିକ ବିଦ୍ୟାଳୟର ଦୁଇ ନାବାଳିକା ଛାତ୍ରୀଙ୍କ ଝୁଲନ୍ତା ମୃତ ଦେହ ଜଙ୍ଗଲରୁ ଉଦ୍ଧାର ଘଟଣାକୁ ଇତି ମଧ୍ୟରେ ଦେଢ଼ ମାସରୁ ଅଧିକ ସମୟବିତିଲାଣି । କିନ୍ତୁ ଏହି ଚର୍ଚ୍ଚିତ ସମ୍ୱେଦନଶୀଳ ଘଟଣାକୁ ଆତ୍ମହତ୍ୟାର ରୂପ ଦେଇ ପୁଲିସ ଚୁପ୍ ବସିବା ଓ ପରିବାରଲୋକଙ୍କ ସମେତ ବିଭିନ୍ନ ସଙ୍ଗଠନ ପୁଲିସ୍‌ର ଭୂମିକା ଓ ଶବ ବ୍ୟବଚ୍ଛେଦ ରିପୋର୍ଟକୁ ନେଇ ସନ୍ଦେହ ପ୍ରକାଶ କରୁଛନ୍ତି । ଏ ପର୍ଯ୍ୟନ୍ତ ଅଭିଯୁକ୍ତଙ୍କ ଟେର ପୁଲିସ ପାଇପାରୁ ନାହିଁ । ପୀଡ଼ିତାଙ୍କ ପରିବାରଙ୍କୁ ଉପଯୁକ୍ତ ନ୍ୟାୟ ଦେବା ଦାବି ନେଇ ମାଲକାନଗିରି ଜିଲ୍ଲାର ବିଭିନ୍ନ ସଙ୍ଗଠନର ସଦସ୍ୟମାନେ ଆସନ୍ତା ୨୫ ତାରିଖରେ ସହର ରେ ବିରାଟ ଶୋଭାଯାତ୍ରା କରିବା ସହ ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ନ୍ୟାୟ ସତ୍ୟାଗ୍ରହ କରା ଯିବ ବୋଲି ସମାଜ ସେବୀ ଆଦିବାସୀ ନେତା ସରତଚନ୍ଦ୍ର ବୁରୁଦା ସାମାଜିକ ଗଣ ମାଧ୍ୟମ ରେ ସୂଚନା ଦେଇଛନ୍ତି । ସେ ସୂଚନା ଦେଇଛନ୍ତି ଯେ ଏହି ସତ୍ୟାଗ୍ରହ ରେ ଜିଲ୍ଲା ଆଦିବାସୀ ସମାଜ ମହାସଂଘ, ଜିଲ୍ଲା ବେଙ୍ଗଲୀ ସମାଜ, ସେଣ୍ଟ୍ରାଲ ହରିଚାନ୍ଦ ସେବା ଆଶ୍ରମ, ଏସ ଏସଟି ସଂଘ, ଜିଲ୍ଲା ସରପଞ୍ଚ ସଂଘ, ଦେଶିଆ ଆଞ୍ଚଳିକ ମୁକ୍ତି ମୋର୍ଚ୍ଚା, ରାଜ୍ୟ ଆଦିବାସୀ ମହାସମାଜ ସହିତ ବିଭିନ୍ନ ସଂଗଠନ ପକ୍ଷରୁ ଏହି ସତ୍ୟାଗ୍ରହ ରେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି ।

# କେବୁଲ ତାର ଚୋରି, ୫ ଗିରଫ



ବେଲପାହାଡ଼,( ଭାସ୍କର ନ୍ୟୁଜ ): ଝାରସୁଗୁଡ଼ା ଜିଲା ଏମସିଏଲ ଲଖନପୁର କ୍ଷେତ୍ରର ଛର୍ଲା ରେଲୱେ ସାଇଡିଙ୍ଗର ପ୍ଲେ-ବ୍ରିଜ ଅଞ୍ଚଳରୁ କବେଲ ଚୋରି କରିବା ଅଭିଯୋଗରେ ବନହରପଲି ପୋଲିସ ୫ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ଗିରଫ ଅଭିଯୁକ୍ତମାନେ ହେଉଛନ୍ତି ଲଖନପୁର ଥାନା ଅନ୍ତର୍ଗତ ଶୋଲଦିଆ ଗ୍ରାମର ଅର୍ଜୁନ ଛତ୍ରୀଆ(୨୫), ଉତ୍ତମ ଭୋଇ(୨୯), ବିଜୁ ପୋଇ(୨୯), ଜୁନିଏନ ଗ୍ରାମର ସୌଦାଗର ମୁଣ୍ଡା(୩୪) ଓ ରୋହିସ ମୁଣ୍ଡା(୨୭ । ପୋଲିସ ସେମାନଙ୍କଠାରୁ ପ୍ରାୟ ୫୦ ମିଟର ତମ୍ବା ତାର ଜବି କରିଛି । ଏହାର ଆନୁମାନିକ ମୂଲ୍ୟ ୫୦ ହଜାର ଟଙ୍କା ହେବ । କେବୁଲ କାଟିବା ସାମଗ୍ରୀ ଏବଂ ଓଡି୧୫ ଏଚ୍ ୦୪୨୯, ଓଡି ୨୩ ଏଚ୍ ୪୪୨୨ ନମ୍ବର ବିଶିଷ୍ଟ ଦୁଇଟି ବାଇକ ଜବତ ହୋଇଥିବା ବନହରପାଲି ଥାନା ଅଧିକାରୀ ରଞ୍ଜିତ ନାଏକ କହିଛନ୍ତି । ଏହି ଅଭିଯୁକ୍ତ ମାନେ ଗତ ଶନିବାର ରାତି ପ୍ରାୟ ସାଢ଼େ ୯ ପାଖାପାଖି ଛର୍ଲା ରେଲୱେ ସାଇଡିଙ୍ଗର -ବ୍ରିଜ ଅଞ୍ଚଳରୁ କବେଲ ଚୋରି କରୁଥିବା ସମ୍ପର୍କରେ ଜାଣିପାରି ସେଠାରେ କାର୍ଯ୍ୟରତ ଥିବା ଏମସିଏଲର ସୁରକ୍ଷାକର୍ମୀମାନେ ରାତି ପେଟ୍ରୋଲିଂ ଦଳକୁ ସୂଚନା ଦେଇଥିଲେ । ରାତି ପେଟ୍ରୋଲିଂ ଦଳ ସ୍ଥାନୀୟ ପୋଲିସ ସହାୟତାରେ ସେମାନଙ୍କୁ କାବୁ କରି ନେଇଥିଲେ । ଗତ ଫେବୃୟାରୀ ୫ ତାରିଖ ଦିନ ବଡ଼ସରୁଆ ଓ ୯ ତାରିଖ ଦିନ ସୋଲପାଲି ଅଞ୍ଚଳରୁ ମଧ ଏହି ଚୋର ଦଳ କେବୁଲ ଚୋରି କରିଥିବା ଜଣାପଡ଼ିଛି । ଉଭୟ ସ୍ଥାନର କେବୁଲକୁ ସେମାନେ ଚୋରାଇ କେରୁଆଲବାହାଲ ଜଙ୍ଗଲରେ ଲୁଚାଇ ରଖିଥିବା ପୋଲିସ ନିକଟରେ ସ୍ୱୀକାର କରିଛନ୍ତି । ପୋଲିସ ସେହି ଚୋରି ହୋଇଥିବା୧୫୦ ମିଟର କେବୁଲ ତାରକୁ ମଧ ଜବତ କରିଛି ।

# ଟ୍ରାକ୍ଟର ସହ ୨୨୦ ଖଣ୍ଡ ବଳି ଖୁଣ୍ଟ ଜବତ , ବେପାରୀ ଗିରଫ

ଖଡ଼ିଆଳ, (ଭାସ୍କର ନ୍ୟୁଜ): ନୂଆପଡା ଜିଲ୍ଲା ଖଡ଼ିଆଳ ବନାଞ୍ଚଳ ଅଧୀନରେ ଥିବା ବୋଡ଼େନ ବ୍ଲକ ପାଟଦରା ଓ ଜାମଗାଁ ସଂରକ୍ଷିତ ଜଙ୍ଗଲରୁ ବୋଡ଼େନ ଗ୍ରାମର ସୁଭମ ଅଗ୍ରୱାଲ ୨୨୦ ଖଣ୍ଡ ବଳି ଖୁଣ୍ଟ ରାତ୍ର ଦୁଇ ଘଣ୍ଟା ସମୟରେ ଟ୍ରାକ୍ଟର ରେ ଓଡ଼ି ୨୬ ଜି ୦୫୯୦ ଯୋଗେ ବୋଡ଼େନ ଗ୍ରାମକୁ ଅଣୁଥିବା ବେଳେ ଖଡ଼ିଆଳ ବନ ବିଭାଗ ପକ୍ଷରୁ ପେଟ୍ରୋଲିଂ କରୁଥିବା ସମୟରେ ବୁଏରଗାଁ ଠାରେ ଅଟକ ରକ୍ଷୀ ଖଡ଼ିଆଳ ବନଖଣ୍ଡକୁ ଆଣି ତଦନ୍ତ ପରେ ବେଆଇନ ଭାବରେ ସଂରକ୍ଷିତ ଜଙ୍ଗଲରୁ ଗଛ କାଟିବା ଅଭିଯୋଗରେ ଫୋରେଷ୍ଟ ଆଇନ ଅନୁଯାଇ କୋର୍ଟ ଚାଲାଣ କରିଛନ୍ତି । ପେଟ୍ରୋଲିଙ୍ଗ ସମୟରେ ଫରେଷ୍ଟ ଖଗେଶ୍ୱର ମାଝି, ସୁଦାମ ବାଗ, ନରେଶ ଦଣ୍ଡସେନା, ଘନଶ୍ୟାମ ଶବର, ବିରେନ୍ଦ୍ର ମାଝି ଓ ତରୁଣ ତେଜି ସହ ଏକ ଚଢ଼ାଉ କରିଥିବା ଖଡ଼ିଆଳ ବନାଞ୍ଚଳ ଅଧିକାରୀ ଜୟଦେବ ମାଝୀ ପ୍ରକାଶ କରିଛନ୍ତି ।

### ଆନ୍ତର୍ଜାତିକ ସମବାୟ ବର୍ଷ-୨୦୨୫

# ମହିଳା ସଶକ୍ତିକରଣକୁ ଗୁରୁତ୍ୱ



ଖଇରପୁଟ, (ଭାସ୍କର ନ୍ୟୁଜ): କୁଡୁମୁଲୁଗୁମ୍ମା ସ୍ଥିତ ଲ୍ୟାମ୍ପ ପରିସରରେ ରାଜ୍ୟ ସମବାୟ ବିଭାଗ ଓ ମହିଳା ସଶକ୍ତିକରଣ ଆନୁକୂଲ୍ୟରେ ଏକ ବାର୍ଷିକ ସାଧାରଣ ସମବାୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଆଜିର ଏହି ବୈଠକରେ ମାଲକାନଗିରି ଜିଲ୍ଲା ସମବାୟ ସମୂହ ବରିଷ୍ଠ ସହକାରୀ ନିବନ୍ଧକ ଥିଲୋପାଟି ଶବର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲା ବେଳେ ଲ୍ୟାମ୍ପ ସଭାପତି ଗୋପୀ ପାଙ୍ଗୀ ବୈଠକର ସଭାପତିତ୍ୱ କରିଥିଲେ । ଅନ୍ୟ ଅତିଥି ମାନଙ୍କ ମଧ୍ୟରେ କୁଡୁମୁଲୁଗୁମ୍ମା ସରପଞ୍ଚ ମଙ୍ଗଳା ମାଢୀ, ଲ୍ୟାମ୍ପ ଡାଇରେକ୍ଟର ସାଧୁ ହନ୍ତାଳ, ଭଗବାନ ସାହୁ,ହରୀ ମାଢୀ , ପହଲା ପାଙ୍ଗୀ ଓ ତ୍ରିନାଥ ସଗରୀଆ ପ୍ରମୁଖ ଉପସ୍ଥିତ ଥିଲେ ଓ କାର୍ଯ୍ୟକ୍ରମ କୁ ଲ୍ୟାମ୍ପ ପରିଚାଳନା ନିର୍ଦ୍ଦେଶକ ରମେଶ ଚନ୍ଦ୍ର ରାଉତ ପରିଚାଳନା କରିଥିଲେ । ଯେହେତୁ ଆଜିର କାର୍ଯ୍ୟକ୍ରମ ଟି ଚଳିତ ଆନ୍ତର୍ଜାତିକ ସମବାୟ ବର୍ଷ ୨୦୨୫ କୁ ସମ୍ପୂର୍ଣ୍ଣ ଭାବେ ମହିଳା ମାନଙ୍କ ସଶକ୍ତିକରଣ ଉପରେ ପର୍ଯ୍ୟବେସିତ ଓ ସମର୍ପୀତ, ଏହି ଉଦ୍ଧେଶ୍ୟରେ ମୁଖ୍ୟ ଅତିଥି ଶ୍ରୀ ଶବର କହିଥିଲେ ଯେ ମହିଳା ମାନଙ୍କ ଆର୍ଥିକ ଅବସ୍ଥା ସୁଧାରିବା ସହ ପାରିବାରିକ ଜୀବନ ଶୈଳୀରେ ସୁଧାର ଆଣିବା ପାଇଁ ରାଜ୍ୟ ସରକାର ବିଭିନ୍ନ ଯୋଜନା ମାନ ପ୍ରଣୟନ କରିଛନ୍ତି, ତା ମଧ୍ୟରୁ ପ୍ରତ୍ୟେକ ପଞ୍ଚାୟତରେ କୃଷି ସମବାୟ ସମିତି ଗଠନ ଓ ସମସ୍ତ ଚଇଉଝ ମାନଙ୍କୁ ୫ ଲକ୍ଷ ଟଙ୍କାର ସିଡ୍ ମନି ସହାୟତା ପ୍ରଦାନ, ପଞ୍ଚାୟତରେ ପ୍ରଧାନମନ୍ତ୍ରୀ କୃଷି ବୃଦ୍ଧି ସମୃଦ୍ଧି କେନ୍ଦ୍ର ସ୍ଥାପନ, ଅତ୍ୟାଧୁନିକ ଗୋଦାମ ଗୃହ ନିର୍ମାଣ, କିଷାନ କ୍ରେଡିଟ କାର୍ଡ ଜରିଆରେ ୫ ଲକ୍ଷ ଟଙ୍କାକୁ ବୃଦ୍ଧି ତଥା ସ୍ୱୟଂ ସହାୟିକା ଦଳର ସଦସ୍ୟା ମାନଙ୍କୁ କୃଷି ଋଣ ରିହାତି, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ମାନଙ୍କୁ ଦୀର୍ଘ ମିଆଦୀ କୃଷି ଋଣ ରିହାତି ପ୍ରଦାନ ସହ କ୍ଷୁଦ୍ର ଜଳସେଚନ, ଉଦ୍ୟାନ କୃଷି,ଗୋପାଳନ ତଥା କୃଷି ଯନ୍ତ୍ରପାତି କ୍ରୟରେ ୭ % ପର୍ଯ୍ୟନ୍ତ ସୁଧ ରିହାତି ପ୍ରଦାନ କରାଯାଇଥିବା ଉଲ୍ଲେଖ କରିଥିଲେ । ଆଜିର ଏହି ବୈଠକରେ ପାଖାପାଖି ୨୦୦ ରୁ ଉର୍ଦ୍ଧ ମହିଳା ଯୋଗ ଦେଇଥିଲା ବେଳେ ୫୦ ରୁ ଉର୍ଦ୍ଧ ପୁରୁଷ କୃଷକ ମାନେ ଯୋଗ ଦେଇଥିଲେ । ପରିଶେଷରେ ଲ୍ୟାମ୍ପ ପରିଚାଳକ ଶ୍ରୀ ରାଉତ ସମସ୍ତ ଅତିଥି ମାନଙ୍କୁ ଧନ୍ୟବାଦ ଅର୍ପଣ ସହ ବୈଠକରେ ଉପସ୍ଥିତ ସମସ୍ତ ମହିଳା ମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଇ ବୈଠକ ପରି ସମାପ୍ତି ଘୋଷଣା କରିଥିଲେ ।

# ବିଶ୍ୱ ଜଳ ଦିବସ ପାଳିତ

ରାୟଗଡ଼ା, (ଭାସ୍କର ନ୍ୟୁଜ): ବିଶ୍ୱ ଜଳ ଦିବସ ଅବସରରେ ରାୟଗଡ଼ା ଜିଲ୍ଲାର ଏକ ଅଗ୍ରଣୀ ସାମାଜିକ ସଂଗଠନ ଗ୍ରୀନ ରାୟଗଡ଼ା ପକ୍ଷରୁ ବିଶ୍ୱ ଜଳ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଗ୍ରୀନ ରାୟଗଡ଼ା ଅନୁଷ୍ଠାନର ସଂଯୋଜକ ଶ୍ରୀକୃଷ୍ଣ କାନ୍ତ ଜେନା ଏବଂ ଯୋଗେଶ୍ୱର ଦାସଙ୍କ ନେତୃତ୍ୱରେ ପ୍ରଥମେ ରାୟଗଡ଼ା ରେଳ ଷ୍ଟେସନ ସମ୍ମୁଖ ଏବଂ ମୁଖ୍ୟ ରାସ୍ତାର ଦୁଇ ପାର୍ଶ୍ୱରେ ଲାଗି ଥିବା ଗଛଗୁଡ଼ିକରେ ଜଳ ଦେବା ସହ ସହରର ବିଭିନ୍ନ ବସ୍ତି ଏବଂ ରାସ୍ତା କଡ଼ରେ ଲଗା ଯାଇଥିବା ଗଛ ଗୁଡ଼ିକରେ ଜଳ ଦିଆଯାଇଥିଲା । ଏହି ମହତ କାର୍ଯ୍ୟକ୍ରମରେ ଗ୍ରୀନ ରାୟଗଡ଼ା ଦୀର୍ଘ ୧୮ ବର୍ଷ ଧରି ରାୟଗଡ଼ା ସହରକୁ ପଲିଥିନ ମୁକ୍ତ କରିବା , ବୃକ୍ଷ ଚାରା ରୋପଣ କରି ତାର ଯତ୍ନ ନେବା , ନିଜ ଜନ୍ମ ଦିନରେ ଗୋଟିଏ ଗଛଟି ଲଗାଇବା ସହ ତାର ଯତ୍ନ କିପରି ନିଆଯିବ, ପଲିଥିନ ବ୍ୟବହାର କୁ କିପରି ଦୂରେଇ ରହିବା ଏପରି ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ସହରର ସ୍କୁଲ ଛାତ୍ରଛାତ୍ରୀଙ୍କୁ , ଦୈନନ୍ଦିନ ବ୍ୟବସାୟ ବଜାରରେ ଏବଂ ଜନସାଧାରଣଙ୍କ ମହଲରେ ଏପରି ଭିନ୍ନ ଭିନ୍ନ ଉପାୟରେ ସଚେତନତା ସୃଷ୍ଟି କରି ଆସୁଛୁ ବୋଲି ଅନୁଷ୍ଠାନର ସଂଯୋଜକ ଯୋଗେଶ୍ୱର ଦାସ ଏବଂ ଶ୍ରୀକୃଷ୍ଣ କାନ୍ତ ଜେନା ପ୍ରକାଶ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ସମାଜ ସେବୀ ତଥା ଓଡିଶା କର୍ମଜୀବୀ ସାମ୍ବାଦିକ ସଂଘ ର ରାଜ୍ୟ ସଭାପତି ଶ୍ରୀ ବାଦଲ ତା , ପ୍ରାଧ୍ୟାପକ ଡଃ ଦୁଷ୍ମନ୍ତ କୁମାର ମହାନ୍ତି, ଡଃ ପ୍ରସନ୍ନ କୁମାର ଗନ୍ତାୟତ, ପି . ଗୌରୀ , ଭାରତୀୟ ମଜଦୂର ସଂଘର ଜିଲ୍ଲା ସମ୍ପାଦକ ଶ୍ରୀ ଗଣେଶ କୁମାର ସାହୁଙ୍କ ସହ ସହର ବିଭିନ୍ନ ଅନୁଷ୍ଠାନର ନେତୃବୃନ୍ଦ ଏବଂ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇ ଗ୍ରୀନ ରାୟଗଡାର ଏପରି କାର୍ଯକ୍ରମ କୁ ପ୍ରଶଂସା କରିବା ସହ ସାଧୁବାଦ ଜଣାଇଥିଲେ ।

# ୨୭ରେ ବିଧାନସଭା ଘେରଉ ପାଇଁ କଂଗ୍ରେସର ପ୍ରସ୍ତୁତି



ପାରଳାଖେମୁଣ୍ଡି, (ଭାସ୍କର ନ୍ୟୁଜ): ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ରେ ଆଜି ତାରିଖ ୨୩/୦୩/୨୦୨୫, ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ଠାରେ ମୋହନା ବିଧାୟକ ତଥା ଗଜପତି ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ଦାଶରଥି ଗମାଙ୍ଗଙ୍କ ଆଦେଶ କ୍ରମେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଓଡିଶା ପ୍ରଦେଶର କଂଗ୍ରେସ ସଭାପତିଙ୍କ ନିର୍ଦ୍ଦେଶନାରେ ବୈଠକ ଅନୁଷ୍ଠିତ ହୋଇଥିଲା । ବର୍ତ୍ତମାନ ବିଜେପି ମୋହନ ସରକାର ଆସିବା ପରେ ଓଡ଼ିଶା ରାଜ୍ୟରେ ଛାତ୍ରୀ ଓ ମହିଳା ମାନଙ୍କ ଉପରେ ହେଉଥିବା ନିର୍ଯାତନା , ଅତ୍ୟାଚାର ଓ ଅପରାଧ ବିଷୟରେ ଆସନ୍ତା ୨୭/୦୩/୨୦୨୫ ରେ ଓଡିଶାର ସମସ୍ତ ଜିଲ୍ଲାରୁ ନେତା କର୍ମୀ ମାନଙ୍କ ଉପସ୍ଥିତିରେ ସେହିପରି ଗଜପତି ଜିଲ୍ଲା ସମସ୍ତ ସାତଟି ବ୍ଲକ, ଗୋଟିଏ ଏନ୍ ଏ ସି, ଗୋଟିଏ ମ୍ୟୁନିସିପାଲଟି ରୁ ସତାଧିକ ନେତା କର୍ମୀ ଓଡ଼ିଶାର ବିଧାନସଭା ଘେରାଉ କରିବା ପାଇଁ ଭୁବନେଶ୍ୱର ଯିବା ବିଷୟ ଉପରେ ଏହି ବୈଠକ ରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା । ଏହି ଆଲୋଚନାରେ ବିଧାୟକ ତଥା ଗଜପତି ଜିଲ୍ଲା କଂଗ୍ରେସ କମିଟିର ସଭାପତି, ଦାସରଥି ଗମାଙ୍ଗ, ନଗର କଂଗ୍ରେସ ସଭାପତି ବସନ୍ତ କୁମାର ପଣ୍ଡା, ଅଭିମନ୍ୟୁ ପଣ୍ଡା, ସେକ୍ ଜସ୍ମୀନ ରାବି, ଅଶୋକ ଅଧିକାରୀ,ଜାଖବ ରଚିତ, ମସୁଧା ମଣ୍ଡଳ, ଗୋପାଳ ରୋଇତ, ଈଶ୍ୱର ମାଝୀ, ଗଜପତି ଜିଲ୍ଲା ନିମନ୍ତେ ପର୍ଯ୍ୟବେକ୍ଷକ ଭାବେ ରାୟଗଡା ଜିଲ୍ଲାର ପୂର୍ବତନ ଜିଲ୍ଲା ସଭାପତି ଦୂର୍ଗା ପଣ୍ଡା ଉପସ୍ଥିତ ଥିଲେ ।

# 'ସୁବର୍ଣ୍ଣଦୀପ' ବାର୍ଷିକ ଉତ୍ସବରେ ପ୍ରତିଭାଙ୍କୁ ସମ୍ବର୍ଦ୍ଧନା



ବରଗଡ଼, (ଭାସ୍କର ନ୍ୟୁଜ): ସ୍ଥାନୀୟ ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟ ସମ୍ମିଳନୀ ପ୍ରକୋଷ୍ଠରେ ଯୁଗୋପଯୋଗୀ ସୁବର୍ଣ୍ଣଦୀପ ଶିଶୁ କିଶୋର ପତ୍ରିକାର ୩୦ତମ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଭୀମସାର, ବୁର୍ଲା ର ବିଶିଷ୍ଟ ଡାକ୍ତର ଶଙ୍କର ରାମଚନ୍ଦାନୀ, ମୁଖ୍ୟ ବକ୍ତା ଭାବେ ଏଡଭୋକେଟ କିରଣ ମିଶ୍ର, ସମ୍ମାନିତ ଅତିଥି ଭାବେ ମନୋରଞ୍ଜନ ମେହେର, ଯଶବୀର ସିଂ ସୈନି, ଡ଼ା ଦିଲ୍ଲୀପ କୁ. ପଣ୍ଡା ଓ ସ୍କୁଲର ପ୍ରଧାନ ଶିକ୍ଷକ କିଶୋର ସାହୁ ଯୋଗ ଦେଇ ସୁବର୍ଣ୍ଣଦୀପ ପତ୍ରିକା ର ୩୦ ବର୍ଷ ର ନିୟମିତ ପ୍ରକାଶନ ତଥା ପ୍ରତିଭା ସୃଷ୍ଟି କରିବା ଭୂମିକା କୁ ନେଇ ଭୂୟସୀ ପ୍ରସଂଶା କରିଥିଲେ । ଏହି ଅବସରରେ ଚିକିତ୍ସା କ୍ଷେତ୍ରରେ ନିସ୍ୱାର୍ଥପର ସେବା ପାଇଁ ଡ଼ା ଶଙ୍କର ରାମଚନ୍ଦାନୀଙ୍କୁ ସେବା ସମ୍ମାନ, କଲିକତାର ସୁଧାଂଶୁ ଶେଖର ଦ୍ୱିବେଦୀ,ଭୁବନେଶ୍ୱର ର ପ୍ରଭାତ ନଳିନୀ ସାହୁ ଙ୍କୁ ସାରସ୍ୱତ ସମ୍ମାନ, ରାଧାରାଣୀ ପଟ୍ଟନାୟକ ଙ୍କୁ ସୁବର୍ଣ୍ଣଦୀପ ପ୍ରକାଶନୀ ସମ୍ମାନ,ଅଧାପକ ନବକୃଷ୍ଣ ମିଶ୍ରଙ୍କୁ ପ୍ରତିଭା ସମ୍ମାନ, ରାଜେଶ ପାତ୍ରଙ୍କୁ ସମାଜସେବୀ ସମ୍ମାନରେ ସମ୍ମାନିତ ଓ ସମ୍ବର୍ଦ୍ଧିତ କରାଯିବା ସହ ଭାଗ୍ୟଶ୍ରୀ ମାନବୀ ମିଶ୍ର ଓ ଅମରେଶ ବାରିକଙ୍କୁ ମଧ ସମ୍ବର୍ଦ୍ଧିତ କରାଯାଇଥିଲା । ଉକ୍ତ ସଭାରେ ପତ୍ରିକାର ଉପଦେଷ୍ଟା ସର୍ଦ୍ଦାର ପ୍ରୀତମ ସିଂ ସଭାପତିତ୍ୱ କରିଥିବା ବେଳେ ଅତିଥି ପରିଚୟ ଓ ସମ୍ପାଦକୀୟ ବିବରଣୀ ପାଠ ପ୍ରଦୀପ୍ତ ଭାନୁ ମହାନ୍ତି କରିଥିଲେ ।ଏହି ସଭାରେ ସୁବର୍ଣ୍ଣଦୀପର ୩୦ତମ ବାର୍ଷିକ ସଂଖ୍ୟା ସହ ସୁଧାଂଶୁ ଶେଖର ଦ୍ୱିବେଦୀଙ୍କ ରଚିତ କଳିଯୁଗ ଶ୍ରେଷ୍ଠ ଓ ବାନର ହେଲେ ବିଶ୍ୱକର୍ମା ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା ।ଉକ୍ତ ସଭାରେ କାବ୍ୟା ତ୍ରିପାଠୀଙ୍କ ଗୀଟାର ବାଦନ ସହ ବାପୁଜୀ ବିଦ୍ୟାଳୟ ଛାତ୍ରୀଗଣ ସ୍ୱାଗତ ସଂଗୀତ ଗାନ କରିଥିଲେ ଏବଂ ସାନ ଡାନ୍ସ ଏକାଡେମୀ ର ଛାତ୍ରଛାତ୍ରୀ ଓ ଅଭିମନ୍ୟୁ ଦୁବେ ନୃତ୍ୟ ପରିବେଷଣ କରିଥିଲେ ।ସଞ୍ଚିତା ପାତ୍ର, ଶ୍ରୀଶାନ୍ତ ପଣ୍ଡା, ସାଇଶ୍ରୀ ପ୍ରିୟଦର୍ଶିନୀ, ନିଖିଲେଶ ମିଶ୍ର, ଅର୍ପିତ ରଥ ଓ ଅଂଶିକା ନାଗଙ୍କୁ ମଧ ପୁରସ୍କୃତ କରାଯାଇଥିଲା । ଏହି ସଭାରେ ଶାଗରୀକା ପାଣିଗ୍ରାହୀ, କବିତା ଦେବତା,ଡ଼ ତପସ୍ୱିନୀ ଗୁରୁ,ମିନତୀ ଦାଶ, ଭୂମିସୁତା ସାହୁ,ତପସ୍ୱିନୀ ମହାପାତ୍ର,ନୁରାବତୀ ସାହୁ, ସନ୍ତୋଷିନୀ ଦାଶ ମାନପତ୍ର ପଠନ କରିଥିବା ବେଳେ ବାସନ୍ତି ଗୁରୁ,ଦୟାନିଧି ମହାପାତ୍ର, ସୁଶୀଳା ପଶାୟତ ପ୍ରମୁଖ ସହଯୋଗ କରିଥିଲେ । ପରିଶେଷରେ ଶ୍ରୀ ଦୁଃଖୀସେବକ ସାହୁ ଧନ୍ୟବାଦ ଜ୍ଞାପନ କରିଥିଲେ । ଏହା ପରେ କବିତା ପାଠୋତ୍ସବ ହୋଇଥଲା । ଏହି କାର୍ଯ୍ୟକ୍ରମକୁ ସଂଚାଳନ କରିଥିଲେ ଦୁଃଖୀସେବକ ସାହୁ ଓ ଡ଼ ତପସ୍ୱିନୀ ଗୁରୁ ।

# ଶ୍ରୀ ଅରବିନ୍ଦ ଟ୍ରଷ୍ଟ ପକ୍ଷରୁ ସମାଜସେବିକା ମଞ୍ଜୁରାଣୀଙ୍କୁ ସମ୍ବର୍ଦ୍ଧନା



ଖଡ଼ିଆଳ, (ଭାସ୍କର ନ୍ୟୁଜ): ନୂଆପଡା ଜିଲ୍ଲା ଖଡ଼ିଆଳ ଠାରେ ଥିବା ଶ୍ରୀ ମା' ଶ୍ରୀଅରବିନ୍ଦ ଟ୍ରଷ୍ଟ ପକ୍ଷରୁ ସମାଜ ସେବୀ ମଞ୍ଜୁଳତା ଦାସଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ତାଙ୍କର ବିଭିନ୍ନ ଅବଦାନ ପାଇଁ ମାନପତ୍ର ଓ ଉପଢୌକନ ଆଦି ଦେଇ ଶ୍ରୀଅରବିନ୍ଦ ନଗର ସ୍ଥିତ ତାଙ୍କର ବାସଭବନରେ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଏହି ଅବସରରେ ଟ୍ରଷ୍ଟର ସଭାପତି ମେଜର୍ ଡକ୍ଟର ରାମଚନ୍ଦ୍ର ମିଶ୍ର , ଉପ ସଭାପତି ଶ୍ରୀବତ୍ସ ବାରିକ ସଂପାଦକ ସବିତା ବେହେରା ,କୋଷାଧ୍ୟକ୍ଷ ଲକ୍ଷ୍ମୀ ନାରାୟଣ ସାହୁ , ଅବସରପ୍ରାପ୍ତ ମୁଖ୍ୟ ଆୟକର କମିଶନର ଶ୍ରୀକାନ୍ତ ଚଟର୍ଜୀ, ଶିକ୍ଷାବିତ ନବୀନ କିଶୋର ପାଢ଼ୀ , ସୁପ୍ରିୟୋ ଚଟର୍ଜୀ , ଗୌରାଙ୍ଗ କୁମାର ସାହୁ , ବୀରେନ୍ଦ୍ର ବେହେରା , ପ୍ରହାସିନୀ ପାଢ଼ୀ , ବେଣୁଧର ବାଗ , ଶ୍ରୀମନ୍ତ ହୋତା , ବେଣୁଧର ବାଗ , ଦୁର୍ଗା ଚରଣ ପଣ୍ଡା , ସୁନୀତି ଅପା , ରାଜଶ୍ରୀ ଅପା , ସୁରେନ୍ଦ୍ର ଅଦା , ଡକ୍ଟର ସୋଭିତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ । ପ୍ରକାଶ ଥାଉକି , ମଞ୍ଜୁରାଣୀ ଦାସ ୧୯୭୫ ମସିହାରେ ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ରେ ଚାକିରିରେ ଯୋଗଦାନ କଲାପରେ ଖଡ଼ିଆଳ ଠାରେ ଶ୍ରୀମା ଶ୍ରୀଅରବିନ୍ଦ ସେବାଶ୍ରମ ,ପାଠଚକ୍ର, ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର ସର୍ବୋପରି ଶ୍ରୀଅରବିନ୍ଦଙ୍କ ଦେହାଂଶ ମନ୍ଦିର ପ୍ରତିଷ୍ଠା କରିବା ସହିତ ସେବାଶ୍ରମକୁ ନିଜର ୧୦ ଡି.ସିମିଲ ଜାଗା ଦାନକରି ଅଦ୍ୟାବଧି ସେବାପ୍ରଦାନରେ ବ୍ରତୀ ଅଛନ୍ତି ।

# ଦୁଇ ବାଇକ୍ ମୁହାଁମୁହିଁ ୨ ଆହତ

ମାଲକାନଗିରି, (ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ଠାରେ ଦୁଇଟି ବାଇକ ମୁହାଁମୁହିଁ ଧକ୍କାରେ ଜଣେ ମହିଳା ସମେତ ଦୁଇ ଜଣ ଗୁରୁତର ଆହାତ । ମିଳିଥିବା ସୂଚନା ଅନୁଯାୟୀ ଚିତ୍ରକୋଣ୍ଡା ସଦର ନିକଟସ୍ଥ ଗୋଜିଆ ଗୁଡା ଗାଁ ନିକଟରେ ଉଭୟ ପଟରୁ ଆସୁଥିବା ଦୁଇ ବାଇକର ମୁହାଁମୁହିଁ ଧକ୍କା ହୋଇଥିଲା । ଦୁର୍ଘଟଣା ଏତେ ଶକ୍ତିଶାଳୀ ଥିଲା ଯେ ଏସାର କମ୍ପାନୀ ପଟୁ ଆସୁଥିବା କାଳିମେଳା ର ନିଳାଞ୍ଚଳ ସାହୁ ନାମକ ବ୍ୟକ୍ତିଙ୍କ ହାତ ଭାଙ୍ଗି ଯାଇଥିବା ବେଳେ ଚିତ୍ରକୋଣ୍ଡା ବଜାର ପଟରୁ ଯାଉଥିବା ବାଇକରେ ବସିଥିବା ଜମୁନା ଖରା ନାମକ ଜଣେ ମହିଳାଙ୍କ ମୁଣ୍ଡରେ ଶକ୍ତ ଆଘାତ ଲାଗିବା ଫଳରେ ଘଟଣା ସ୍ଥଳରେ ହିଁ ସେ ଚେତା ଶୂନ୍ୟ ହୋଇ ପଡ଼ିଥିଲେ । ତା ସହିତ ଗଳା ପାଖରୁ ଅତ୍ୟଧିକ ରକ୍ତସ୍ରାବ ହେଉଥିଲା ।ସ୍ଥାନୀୟ ଅଞ୍ଚଳବାସୀ ସଙ୍ଗେ ସଙ୍ଗେ ଉଭୟ ଆହାତଙ୍କୁ ନିକଟସ୍ଥ ଚିତ୍ରକୋଣ୍ଡା ଡାକ୍ତରଖାନାକୁ ନେଇଥିଲେ । ତେବେ ଡ଼ାକ୍ତରଙ୍କ ପ୍ରାଥମିକ ଚିକିତ୍ସାରୁ ମହିଳା ଜଣଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସଙ୍କଟାପନ୍ନ ଥିବା ଚିତ୍ରକୋଣ୍ଡା ପୁଲିସ ସୂଚନାରୁ ଜଣାପଡିଛି । ଗୁରୁତର ଥିବା ମହିଳା ଯମୁନା ଖରାଙ୍କ ଘର ଚିତ୍ରକୋଣ୍ଡା ବ୍ଲକ ଅନ୍ତର୍ଗତ ବଡ଼ପଦର ପଞ୍ଚାୟତର ରେଖାପାଲି ଗାଁରେ ହୋଇଥିବା ବେଳେ ନିଳାଞ୍ଚଳ ସାହୁଙ୍କ ଘର କାଳିମେଳା ସଦର ମହକୁମାର ବୋଲି ଜଣାପଡିଛି ।

# ସରକାରୀ ଆଶ୍ରମ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ



ତେନ୍ତୁଲିଖୁଣ୍ଟି, (ଭାସ୍କର ନ୍ୟୁଜ): ନବରଙ୍ଗପୁର ଜିଲ୍ଲା ତେନ୍ତୁଲିଖୁଣ୍ଟି ବ୍ଲକ ପୂଜାରିଗୁଡା ଗ୍ରାମପଞ୍ଚାୟତର କୁଜା ଜାନୀ ଗୁଡ଼ା ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗର ଆବାସିକ ଉଚ୍ଚ ବିଦ୍ୟାଳୟରେ ଉଭୟ ସରକାରୀ ଉଚ୍ଚ ବିଦ୍ୟାଳୟ ଓ କୁଜାଜାନିଗୁଡା ଆଶ୍ରମ ବିଦ୍ୟାଳୟର ଦ୍ୱିତୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରମଣୀ ରଂଜନ ଗରଡ଼ାଙ୍କ ସଭାପତିତ୍ୱରେ ଏହି ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇ ଥିଲା । ସର୍ବ ପ୍ରଥମେ ପ୍ରଦୀପ ପ୍ରଜ୍ୱଳନ କରି ବିଦ୍ୟା ଦାତା ବିଘ୍ନବିନାଶକ ଶ୍ରୀଗଣେଶ ଙ୍କର ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା । ଏହାପରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ । ବିଦ୍ୟାଳୟର ଶିକ୍ଷୟତ୍ରୀ ଶର୍ମିଳା ଦେବୀ ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ । ପରେ ଆଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁବାସ ପୂଜାରୀ ନିଜ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ । ଏହି କାର୍ଯ୍ୟକ୍ରମରେ ନବରଂଗପୁର ବିଧାୟକ ଗୌରୀ ଶଙ୍କର ମାଝୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିବା ବେଳେ ମୁଖ୍ୟବ୍ୟକ୍ତ ଭାବେ ଜିଲ୍ଲା ମଙ୍ଗଳ ଅଧିକାରୀ ପଲକା ରବୀନ୍ଦ୍ର ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ତେନ୍ତୁଲିଖୁଣ୍ଟି ବ୍ଲକ ଉପାଧକ୍ଷ ରାଜେନ୍ଦ୍ର ବିଷୋୟୀ, ପୂଜାରି ଗୁଡା ସରପଞ୍ଚ ଅନାଦି ମାଝୀ, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ନିବେଦିତା ବିଶ୍ୱାଳ, ଭରତ ଚନ୍ଦ୍ର ସାହୁ, ସାଂସଦ ପ୍ରତିନିଧି ସନ୍ତୋଷ ପାତ୍ର, ବିଧାୟକଙ୍କ ସହଧର୍ମିଣୀ ତରୁଣୀ ମାଝୀ ନନ୍ଦହାଣ୍ଡି ସାଂସଦ ପ୍ରତିନିଧି, ଜାନକୀକାନ୍ତ ବିଷୋୟୀ, ବିସାଗୁଡ଼ା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗୋପୀନାଥ ଜାନି , କୋଡ଼ିଙ୍ଗା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପଙ୍କଜ ଚୌଧୁରୀ, ପାତ୍ରପୁଟ ବିଦ୍ୟାଳୟର ପ୍ରଧାନଶିକ୍ଷକ ବ୍ରଜ ବଳବ ବ୍ରହ୍ମା, ବିଦ୍ୟାଳୟ ସଭାପତି ପର୍ଶୁ ହରିଜନ, କୁଜା ଜାନିଗୁଡା ବିଦ୍ୟାଳୟର ସଭାପତି ଜୟନ୍ତୀ ମାଳା ମୁଦୁଲି ମଞ୍ଚାସୀନ ଥିଲେ । ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ରୀ ପାଲକା ଛାତ୍ରଛାତ୍ରୀମାନେ ଅଧିକ ପରିଶ୍ରମ କରି ପାଠପଢାକୁ ଧ୍ୟାନଦେଇ ନିଜର ଭବିଷ୍ୟତ ଗଢ଼ିବା ସହ ନିଜ ବିଦ୍ୟାଳୟର ନାମ ରଖିବା ସହ ପିତା ମାତାଙ୍କ ନାମ ରଖିବା ପାଇଁ ପରାମର୍ଶ ଦେଇ ଥିଲେ । ଅତୀତର ବହୁ ପରିଶ୍ରମ କରି ଆଜି ଏହି ସ୍ଥାନରେ ପହଞ୍ଚି ଥିବା କହିଥିଲେ । ସେହି ପରି ଛାତ୍ରଛାତ୍ରୀ ମାନଙ୍କ ପାଇଁ ସରକାର ଯେଉଁ ସବୁ ଯୋଜନା କରିଛନ୍ତି ସେହି ସବୁର ଭରପୁର ଫାଇଦା ଉଠାଇ ଭଲ ପାଠ ପଢିବା ପାଇଁ କହି ଥିଲେ । ବିଦ୍ୟାଳୟ ରେ ଯେଉଁ ସବୁ ସମସ୍ୟା ରହିଛି ସେଗୁଡିକ ର ତୁରନ୍ତ ସମାଧାନ କରାଯିବ ବୋଲି ବିଧାୟକ ଶ୍ରୀ ମାଝୀ କହି ଥିଲେ । ବିଶେଷ କରି ଜଳର ସମସ୍ୟା ତୁରନ୍ତ ସମାଧାନ କରାଯିବ ବୋଲି କହି ଥିଲେ । ଶେଷରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇ ଥିଲା । ପରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ଅଥିତି ମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା । ବିଦ୍ୟାଳୟର ଶିକ୍ଷୟିତ୍ରୀ ସଙ୍ଗୀତା ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିବା ବେଳେ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ପ୍ରଶାନ୍ତ କୁମାର ମାଝୀ ଅମୃତା ପ୍ରଧାନ ବିରେନ୍ଦ୍ର ହରିଜନ,ବବିତା ପରିଛା, ନମ୍ରତା ପଟ୍ଟନାୟକ,ପ୍ରଜ୍ଞା ପରମିତା ପାଣି ,ଶକୁନ୍ତଳା ନାୟକ,ନମ୍ରତା ପ୍ରଧାନ,ଯତୀଶ କୁମାର ପାଣ୍ଡେ ,ରଞ୍ଜନ କୁମାର ଗୌଡ଼, ଛାତ୍ର ଛାତ୍ରୀ ଓ ଉଭୟ ବିଦ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ।



ଭଞ୍ଜନଗର (ଭାସ୍କର ନ୍ୟୁଜ): ସ୍ଥାନୀୟ ବିଜ୍ଞାପିତ ଅଞ୍ଚଳ ପରିଷଦର ବିଭିନ୍ନ ୱାର୍ଡରେ ରହିଥିବା ଆଲୋକିକରଣ ବ୍ୟବସ୍ଥାକୁ ସୁଧାରିବା ପାଇଁ ପ୍ରୟାସ ଆରମ୍ଭ ହୋଇଛି। ସହରର ସମସ୍ତ ଗଳିକନ୍ଦିରେ ନୂତନ ଲାଇଟ୍ ଲଗାଇବା ନିମନ୍ତେ ବ୍ୟବସ୍ଥା କରାଯିବ। ଏନେଇ ଆଜି ନଗରପାଳ ଗୋପବନ୍ଧୁ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ନୂତନ ଅଲୋକିକରଣ କାର୍ଯ୍ୟର ଶୁଭାରମ୍ଭ କରିଛନ୍ତି। ଆଲୋକ ବ୍ୟବସ୍ଥା ସୁଧାରିବା ପାଇଁ ବିଭିନ୍ନ ୱାର୍ଡରେ ରହିଥିବା ପୁରୁଣା ଲାଇଟକୁ ପରିବର୍ତ୍ତନ କରି ନୂତନ ଲାଇଟ୍ ଲଗାଇବା ପାଇଁ ପୂର୍ବରୁ ଏନଏସି ପକ୍ଷରୁ ପ୍ରସ୍ତାବ ଦିଆଯାଇଥିବା ବେଳେ ଆଜି ଠାରୁ ସହର ସବୁ ସ୍ଥାନରେ ନୂତନ ଲାଇଟ୍ ଲଗାଇବା କାର୍ଯ୍ୟ ଆରମ୍ଭ ହେବା ସହ ଲାଇଟ୍ ନଥିବା ଅଞ୍ଚଳକୁ ମଧ୍ୟ ଆଲୋକିକରଣ କରାଯିବ ନେଇ ଯୋଜନା ରହିଥିବା କାର୍ଯ୍ୟନିର୍ବାହୀ ଅଧିକାରୀ ମୂରଲୀକୃଷ୍ଣ ପଣ୍ଡା ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମ କାଉନସିଲର ଉପେନ୍ଦ୍ର କୁମାର ପ୍ରଧାନ,କେ.ପ୍ରଶାନ୍ତ ରାଓ,ରବି ବେହେରା,ଶିବରାମ ଜେନା,ଶୁଭମ୍ ପାଢ଼ୀ,ସୁଶାନ୍ତ ମିଶ୍ର,ଅଶୋକ ମହାପାତ୍ରଙ୍କ ସମେତ ଲାଇଟ୍ ଲଗାଉଥିବା ସଂସ୍ଥାର କର୍ମଚାରୀ ମାନେ ଉପସ୍ଥିତ ଥିଲେ।

## ବାଲୁକା ଆନିମେସନ ଜରିଆରେ ଡା. ଦେବେନ୍ଦ୍ର ପ୍ରଧାନଙ୍କୁ ଶ୍ରଦ୍ଧାଞ୍ଜଳି




ଭୁବନେଶ୍ୱର (ଭାସ୍କର ନ୍ୟୁଜ): ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ମାନସ ସାହୁ ବାଲୁକା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଡ. ଦେବେନ୍ଦ୍ର ପ୍ରଧାନଙ୍କୁ ଆନିମେସନ୍ ଭିଡିଓ ଜରିଆରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ଅଭିନବ ଢଙ୍ଗରେ ପ୍ରସ୍ତୁତ ହୋଇଥିବା ଏହି କ୍ଷୁଦ୍ର ବାଲୁକା ଆନିମେସନରେ ନିଖୁଣ ଭାବରେ ଡା. ପ୍ରଧାନଙ୍କ ଚିତ୍ର ଅତି ନିଖୁଣ ଭାବରେ ଅଙ୍କାଯାଇଛି । ତାଙ୍କ ଦ୍ୱାରା ପ୍ରସ୍ତୁତ ଭିଡିଓ ଡା. ପ୍ରଧାନଙ୍କ ପ୍ରତି ଥିବା ସମ୍ମାନ ଓ ସ୍ମୃତିର ବାର୍ତ୍ତା ବହନ କରୁଛି । ଡ଼ାକ୍ତର ଦେବେନ୍ଦ୍ର ପ୍ରଧାନ ଓଡ଼ିଶାର ଜଣେ ଅଭିଜ୍ଞ ରାଜନେତା, ବିଶିଷ୍ଟ ଡାକ୍ତର ତଥା ଜଣେ ଉତ୍ସର୍ଗୀକୃତ ସମାଜସେବୀ ଥିଲେ । ଦୁଇ ଥର ସାଂସଦ ତଥା କେନ୍ଦ୍ରମନ୍ତ୍ରୀ ଥିବା ଡାକ୍ତର ପ୍ରଧାନ ଜନସେବା, ସ୍ୱାସ୍ଥ୍ୟସେବା ଏବଂ ତୃଣମୂଳ ରାଜନୀତିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । ଏକ ଛୋଟ ସହରରୁ ଚାଷୀ ପରିବାରରୁ ଆସି ରାଜ୍ୟର ଜଣେ ସୁନାମଧନ୍ୟ ଡାକ୍ତର ଭାବରେ ପ୍ରତିଷ୍ଠିତ ହେବା ଏବଂ ପରବର୍ତ୍ତୀ ପର୍ଯ୍ୟାୟରେ ଜାତୀୟ ସ୍ତରରେ ନେତା ହେବା ଡ଼. ପ୍ରଧାନଙ୍କ ସେବା, ସମର୍ପଣ ଓ ପ୍ରତିବଦ୍ଧତାକୁ ସୂଚାଉଛି । ସମାଜ କଲ୍ୟାଣ ଓ ନୀତିଗତ ନେତୃତ୍ୱ ପ୍ରତି ତାଙ୍କର ଆଜୀବନ ପ୍ରତିବଦ୍ଧତା ଓଡ଼ିଶାର ସାମାଜିକ-ରାଜନୈତିକ ଦୃଶ୍ୟପଟ୍ଟରେ ଏକ ଅବିସ୍ମରଣୀୟ ଛାପ ଛାଡ଼ିଛି ।

## ଦେବେନ୍ଦ୍ର ଶର୍ମାଙ୍କ ପାଇଁ ବିଧାନସଭାରେ ଶୋକ ପ୍ରସ୍ତାବ ପାରିତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଆଳିର ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମାଙ୍କ ବିୟୋଗ ହେବା ପରେ ଆଜି ବିଧାନସଭାରେ ତାଙ୍କର ଅମର ଆତ୍ମାର ସଦଗତି କାମନା କରାଯାଇ ଶୋକ ପ୍ରସ୍ତାବ ପାରିତ କରାଯାଇଥିଲା । ଆଜି ପ୍ରଶ୍ନକାଳ ଆରମ୍ଭ ହେବା ପୂର୍ବରୁ ଶୋକ ପ୍ରସ୍ତାବ ଆସିଥିଲା ଓ ଶୋକ ପ୍ରସ୍ତାବ ଉପରେ ଆଲୋଚନା ହୋଇ ଏହା ପାରିତ ହୋଇଥିଲା । ଆଜି ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ଗୃହର ନେତା ତଥା ମୁଖ୍ୟମନ୍ତ୍ରୀ ଦିବଙ୍ଗତ ଆଳିର ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମାଙ୍କ ପାଇଁ ଶୋକ ପ୍ରସ୍ତାବ ଆଗତ କରିଥିଲେ । ଏହି ପ୍ରସ୍ତାବକୁ ବିରୋଧୀ ଦଳର ଉପ ନେତା ପ୍ରସନ୍ନ ଆଚାର୍ଯ୍ୟ ଓ କଂଗ୍ରେସ ବିଧାୟକ ଦଳର ନେତା ରାମଚନ୍ଦ୍ର କାଡାମ ସମର୍ଥନ କରିଥିଲେ। ଏହାପରେ ଶୋକ ପ୍ରସ୍ତାବ ପାରିତ ହୋଇଥିଲା । ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ ଦିବଙ୍ଗତ ଆତ୍ମାର ସଦଗତି କାମନା କରି ଏକ ମିନିଟ ନୀରବ ପ୍ରାର୍ଥନା କରାଇଥିଲେ ।

## ଏକ ଲକ୍ଷ ଟଙ୍କାର କାଠ ପଟା ଜବତ ସହ ଆସାମୀ ସେଠାରୁ ଫେରାର




ମାଲକାନଗିରି (ଭାସ୍କର ନ୍ୟୁଜ): ସୋମବାର ସକାଳ ସମୟରେ ମାଲକାନଗିରି ଖଣ୍ଡିୟ ବନାଧିକାରୀ ପ୍ରତାପ କତାପଲ୍ଲୀ ଙ୍କ ନିର୍ଦ୍ଦେଶ କ୍ରମେ ଏବଂ ବନାଞ୍ଚଳ ଅଧିକାରୀ ରମେଶ ଚନ୍ଦ୍ର ରାଉତଙ୍କ ତତ୍ତ୍ୱାବଧନରେ ମାଲକାନଗିରି ବନାଞ୍ଚଳର ସମସ୍ତ ବନପାଳ,ଆରକ୍ଷୀ ଓ ପାରାଷ୍ଟାଫଙ୍କୁ ନେଇ ଏମ ଭି ୨୩ ଗ୍ରାମର ଶ୍ରୀବାସ ବେପାରୀଙ୍କ ଘରୁ ୪୬ ଖଣ୍ଡ ସାଗୁଆନ ପଟା,୧୪ ଖଣ୍ଡ ପିଆଶାଳ ସାଇଜ,୨ ଗୋଟି ଅର୍ଧନିର୍ମିତ ଖଟ, ଏବଂ ବ୍ୟବହୃତ ହୋଇଥିବା ସରଞ୍ଜାମ ଗୁଡ଼ିକୁ ଜବତ କରି ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଅଣାଯାଇଥିଲା ଯାହାକି ଏହାର ଆନୁମାନିକ ମୂଲ୍ୟ ୧ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହୋଇଥିବା ଜଣାପଡିଛି ।ପ୍ରକାଶ ଥାଉକି ଯେ ଉକ୍ତ ଆସାମୀ ସେଠାରୁ କୌଶଳ କ୍ରମେ ଖସି ପଳାଇ ଯାଇଥିଲା।

## AFFIDAVIT

By virtue of an affidavit sworn before Notary Public, Berhampur, Ganjam dated 21.03.2025, I Rudra Prasad Nayak, Address: Village-Biswanathpur, PO-Biswanathpur, PS-Golanthara, Dist-Ganjam, Odisha, PIN-761008 declare that I have changed my name from Madhab Nayak to Rudra Prasad Nayak. Henceforth I shall be known as Rudra Prasad Nayak for all purposes.

**Sd/- Rudra Prasad Nayak**

## ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି

କଟକ(ଭାସ୍କର ନ୍ୟୁଜ): ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ନିଶ୍ଚିଂକୋଇଲି ବ୍ଲକ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ୍ ଦତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଜନ ଅଭିଯୋଗ ଶୁଣାଣିରେ ଡିସିପି କଟକ ଖିଲାରୀ ଋଷିକେଶ, ଏସପି କଟକ ପ୍ରତୀକ ସିଂହ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ପ୍ରଶାନ୍ତ କୁମାର ନାୟକ, ଅତିରିକ୍ତ ଜିଲ୍ଲାପାଳ ଶିବ ଟପୋ, କଟକ ସଦର ଉପଜିଲ୍ଲାପାଳ ଦିବ୍ୟଜ୍ୟୋତି ସ୍ୱତିରନ ଦେଓ, ନିଶ୍ଚନ୍ତକୋଇଲି ତହସିଲଦାର ଅନୀତା ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ଜିଲ୍ଲାପାଳଙ୍କ ପରବର୍ତ୍ତୀ ଜନଶୁଣାଣି ଆସନ୍ତା ଏପ୍ରିଲ ୭ ତାରିଖରେ ତିଗିରିଆ ବ୍ଲକରେ ଅନୁଷ୍ଠିତ ହେବ ।

## ମେଗା ପ୍ରକଳ୍ପରୁ ପାଇପ୍ ଚୋରି, ୨ ଅଭିଯୁକ୍ତ ଗିରଫ

ମାଲକାନାଗିରି (ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ ଅନ୍ତର୍ଗତ ଭେଙ୍କଟପଲମ ନଦୀ ନିକଟରେ ନିର୍ମାଣାଧୀନ ମେଗା ପାନୀୟ ଜଳ ପ୍ରକଳ୍ପରୁ ଲୁହା ପାଇପ୍ ଚୋରି କରିବା ଅଭିଯୋଗରେ କାଲିମେଳା ଥାନା ପକ୍ଷରୁ ଦୁଇଜଣ ଚୋରକୁ ଗିରଫ କରି କୋର୍ଟ ଚାଲାଣ କରିଛି କାଲିମେଳା ପୁଲିସ। ଗିରଫ ଦୁହେଁ ହେଲେ ଏମଭି-୮ ଗ୍ରାମର ଦେବବ୍ରତ ହାଲଦାର (୩୪) ଓ ଏମଭି-୧୭ ଗ୍ରାମର ଅମିତ ମଣ୍ଡଳ (୩୮)। ଗିରଫ ଦୁଇଜଣ ଚୋର ମେଗା ପାନୀୟ ଜଳ ପ୍ରକଳ୍ପରୁ ଲୁହା ପାଇପ୍ ଚୋରି କରି ନେଉଥିବା ବେଳେ ଭେଙ୍କଟପଲମ ଓ ପାନିମେଟଲା ଗ୍ରାମବାସୀଙ୍କ ହାବୁଡ଼ରେ ପଡ଼ିଥିଲେ। ଏହାପରେ ଗ୍ରାମବାସୀ କାଲିମେଳା ପୁଲିସକୁ ଜିମା ଦେବା ପରେ ଏମାନଙ୍କ ବିରୁଦ୍ଧରେ କେସ୍ ନଂ-୭୨/୨୫ ରେ ଏକ ମାମଲା ରୁଜୁ କରାଯାଇଥିଲା । ଆଜି ଦୁଇ ଅଭିଯୁକ୍ତ ଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିବା ଜଣାପଡ଼ିଛି। ତେବେ ଏମାନେ ମେଗା ପାନୀୟ ଜଳ ପ୍ରକଳ୍ପରୁ ଲୁହା ପାଇପ୍ ଚୋରି କରି ଆଣୁଥିଲେ ନା ଏହା ପଛରେ କିଏ ରହିଛି ତାର ଖୁଲାସା ପୁଲିସ କରିନାହିଁ। ଯେଉଁଠି ମେଗା ପାନୀୟ ଜଳ ପ୍ରକଳ୍ପ ନିର୍ମାଣ ଚାଲିଛି ସେଠାରେ ଠିକା ସଂସ୍ଥାର ସିକ୍ୟୁରିଟି ଗାର୍ଡ ୨୪ ଘଣ୍ଟା ଜଗି ରହିଛନ୍ତି । ଏପରି ସ୍ଥଳେ ଲୁହା ପାଇପ୍ ଚୋରି ଘଟଣାରେ ସଂସ୍ଥାର କିଛି କର୍ମଚାରୀଙ୍କ ହାତ ଥାଇପାରେ ବୋଲି ସନ୍ଦେହ ପ୍ରକାଶ ପାଇଛି।

**ଦକ୍ଷିଣ ପୂର୍ବ କେନ୍ଦ୍ରୀୟ ରେଳପଥ**

**ଇ-ଟେଣ୍ଡର ନୋଟିସ୍**

ଟେଣ୍ଡର ନୋଟିସ ନଂ.: ଏସ୍ଏନ୍‌ଟି-ଆର୍-୨୦୨୫-୦୮, ତାରିଖ: ୨୦.୦୩.୨୦୨୫

କାର୍ଯ୍ୟର ନାମ: ରାୟପୁର ଡିଭିଜନର ୦୨ଟି ମାନବ ଲେଭଲ୍ କ୍ରସିଂ ନମ୍ବର ୩୯୫ ଏବଂ ୩୯୯ର ଇଣ୍ଟରଲକିଂ ସହିତ ଜଡ଼ିତ ସିଗନାଲିଂ ଏବଂ ଟେଲି କମ୍ୟୁନିକେସନ୍ କାର୍ଯ୍ୟ। ଟେଣ୍ଡର ମୂଲ୍ୟ:ଟ.୧,୦୫,୦୯,୩୪୯.୭୦। ସର୍ବଶ୍ରେଷ୍ଠ ଟଙ୍କା ଜମା: ଟ.୨,୦୨,୬୦୦.୦୦। ସମ୍ପୂର୍ଣ୍ଣ ଅବଧି: ୦୬ (ଛଅ) ମାସ। ବିଡ଼ରମାନେ ତା.୧୭.୦୪.୨୦୨୫ର ୧୫.୦୦ ଘଣ୍ଟା ପର୍ଯ୍ୟନ୍ତ ସେମାନଙ୍କର ମୂଳ / ସଂଶୋଧିତ ବିଡ୍ ଦାଖଲ କରିପାରିବେ। ଏହି ଟେଣ୍ଡରଗୁଡ଼ିକ ବିରୁଦ୍ଧରେ ମାନୁଆଲ୍ ପ୍ରସ୍ତାବଗୁଡ଼ିକୁ ଅନୁମତି ଦିଆଯାଇ ନାହିଁ। ବିବରଣୀ ଆମର ୱେବସାଇଟ www.ireps.gov.inରେ ଉପଲବ୍ଧ।

ସିନିଅର ଡିଭିଜନାଲ ଏସ୍ ଏଣ୍ଡ ଟି ଇଞ୍ଜିନିୟର, PR/R/S&T/PC/276 ଏସ୍.ଇ.ସି. ରେଳପଥ, ରାୟପୁର

South East Central Railway @secrail

## ସରକାରୀ ବିଦ୍ୟାଳୟରେ ସୌର ହାଇମାଷ୍ଟ ଲାଇଟ୍ ସ୍ଥାପନ ପାଇଁ ଏମ୍‌ସିଏଲ୍‌ର ଚୁକ୍ତିନାମା




ସମ୍ବଲପୁର, (ଭାସ୍କର ନ୍ୟୁଜ): ଭଦ୍ରକ ଜିଲ୍ଲାର ନଅଟି ସରକାରୀ ବିଦ୍ୟାଳୟରେ ସୋଲାର ହାଇମାଷ୍ଟ ଏଲ୍‌ଇଡି ଲାଇଟ୍ ସ୍ଥାପନ ପାଇଁ ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ (ଏମ୍‌ସିଏଲ) ଭଦ୍ରକ ଜିଲ୍ଲା ପ୍ରଶାସନ ସହିତ ଏକ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷର କରିଛି। ଏମ୍‌ସିଏଲ୍ ଏହାର ସିଏସ୍‌ଆର ପଦକ୍ଷେପ ଅଧୀନରେ ଏହି ପ୍ରକଳ୍ପ ପାଇଁ ୬୦ ଲକ୍ଷ ଆର୍ଥିକ ସହାୟତା ଯୋଗାଇବ। ଏହି ପ୍ରକଳ୍ପ ଅଧୀନରେ ଭଦ୍ରକ ଜିଲ୍ଲାର ସାତୋଟି ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଗୋଟିଏ କେନ୍ଦ୍ରୀୟ ବିଦ୍ୟାଳୟ ଏବଂ ଗୋଟିଏ ଜବାହାର ନବୋଦୟ ବିଦ୍ୟାଳୟ ଉପକୃତ ହେବେ। ଏହି ପଦକ୍ଷେପର ଲକ୍ଷ୍ୟ ହେଉଛି ବିଦ୍ୟାଳୟଗୁଡ଼ିକରେ ସ୍ଥାୟୀ ଆଲୋକ ବ୍ୟବସ୍ଥା ଯୋଗାଇବା ଏବଂ ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା। ଏହି ବୁଝାମଣାପତ୍ରରେ ଏମ୍‌ସିଏଲ୍‌ର ମହାପ୍ରବନ୍ଧକ (ସିଏସ୍‌ଆର) ବିଚିତ୍ରାନନ୍ଦ ବେହେରା ଏବଂ ଭଦ୍ରକର ସବ-କଲେକ୍ଟର ତନ୍ମୟ ରଞ୍ଜନ ଜେନା ସ୍ୱାକ୍ଷର କରିଥିଲେ। ଏହି ପଦକ୍ଷେପ ମାଧ୍ୟମରେ, ଏମ୍‌ସିଏଲ୍ ଛାତ୍ରମାନଙ୍କ ପାଇଁ ଉନ୍ନତ ଭିତ୍ତିଭୂମି ସୁନିଶ୍ଚିତ କରିବ ଏବଂ ସ୍ଥାୟୀ ବିକାଶ ପ୍ରତି ଏହାର ପ୍ରତିବଦ୍ଧତାକୁ ଦୋହରାଇବ।

## ମହିଳାଙ୍କ ଘରୁ ୨୦ କେଜି ସୁନା, ବିପୁଳ ଟଙ୍କା ଜବତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ପୁରୀ ଉପକଣ୍ଠ ଚନ୍ଦନପୁରରେ ଜଣେ ମହିଳାଙ୍କ ଘରୁ ପୋଲିସ ୨୦କେଜି ସୁନା ଓ ଟ୍ରଲି ବ୍ୟାଗ ଭର୍ତ୍ତି ୫୦୦ ଟଙ୍କିଆ ନୋଟ୍ ଜବତ କରିଛି। ଏକ ଠକେଇ ମାମଲାରେ ଚଢ଼ାଉ ସମୟରେ ଏହି ପରିମାଣର ସୁନା ଓ ଟଙ୍କା ଜବତ କରାଯାଇଛି। ପୋଲିସ ମହିଳାଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ଏତେ ପରିମାଣର ଟଙ୍କା ଓ ସୁନା ମହିଳାଜଣକ କିପରି ପାଇଲେ ସେ ନେଇ ପୋଲିସ ଛାନଭିନ୍ ଚଳାଇଛି।

JAPIT

Jharkhand Agency for Promotion of Information Technology

(An Autonomous body under Department of Information Technology & e-Governance, Govt of Jharkhand)

Ground Floor, Engineer's Hostel – I, Near Golchakkar, Dhurwa, Ranchi, Jharkhand

Phone. 0651-2401044, 2401047 email: japit_doit@rediffmail.com

**Notice Inviting Tender**

A. Introduction

On behalf of the Department of Health and Family Welfare, Government of Jharkhand, the Jharkhand Agency for Promotion of Information Technology (JAP-IT) invites a tender on Jharkhand e-Procurement Portal (https://jharkhandtenders.gov.in) Portal for Procurement of Azure Kubernetes Service (AKS) and Associated Cloud Services. The purpose is to host the 10BedICU software on a secure and scalable Azure cloud infrastructure through a Microsoft Managed Services Provider (MSP).

B. Invitation for BID

| SN | Basic Requirement | Specific Requirement |
|---|---|---|
| 1. | Tender Ref No. | JAPIT/PAC-CS/01/2025 |
| 2. | Name of the Work | Procurement of Microsoft Azure Kubernetes Service and Associated Cloud Services for hosting of 10BedICU Software Deployment for Department of Health and Family Welfare, Government of Jharkhand |
| 3. | Name & address of the issuer of this tender | The CEO, Jharkhand Agency for Promotion of Information Technology (JAP-IT) Ground Floor, Engineers hostel 1,Near Golchakkar, Dhurwa, Ranchi-834004. Tel: 0651-2401044 Email: ceo.japit@jharkhandmail.gov.in / japit_doit@rediffmail.com |
| 4. | Cost of Tender Document | Rs. 5,000/- (Rs. Five Thousand only)online as per Jharkhand e-Procurement portal (Nonrefundable) |
| 5. | Earnest Money Deposit (EMD) | Rs. 5,00,000/- (Rupees five Lakh only) online as per Jharkhand e-Procurement portal |
| 6. | Date of download of tender document | 24/03/2025 at 6.30 PM |
| 7. | Last Date for Submission of Bids online | 02/04/2025 to 3:00 PM. |
| 8. | Last Date for Technical Bid Opening online | 03/04/2025 to 3:30 PM. |

Note:
1. JAPIT reserves the right to change any schedule of bidding process. Please visit Procurement website https://jharkhandtenders.gov.in regularly for the same.
2. Proposals must be received as per time, date and venue mentioned in the Fact Sheet. Proposals received after due date and time WILL NOT be considered in this procurement process.
3. The Bidders are advised to submit the Bids well in advance as JAPIT/GoJ will not be responsible for non-submission of the bids because of any technical glitches or any problems in connectivity services used by the Bidder.

PR 349106 Information Technology(24-25)D (OSD, JAP-IT)

## ଭର୍ଥନା ଫାଇନାନ୍ସ ପ୍ରାଇଭେଟ୍ ଲିମିଟେଡ୍

varthana

ପଞ୍ଜୀକୃତ କାର୍ଯ୍ୟାଳୟ : ନଂ-୫ବିସି-୧୧୦, ଭରସିଦ୍ଧି, ତୃତୀୟ ମହଲା, ଆଉଟର ରିଙ୍ଗରୋଡ୍, ସର୍ଭିସ ରୋଡ୍, ତୃତୀୟ ବ୍ଲକ୍, ଏଚ୍ଆର୍‌ବିଆର୍ ଲେଆଉଟ୍, କଲ୍ୟାଣ ନଗର, ବାଙ୍ଗାଲୋର - ୫୬୦୦୪୩, ୱେବ୍‌ସାଇଟ୍ - www.vardhana.com, ଇମେଲ୍ -www.vardhana.com, ଫୋନ୍ ୦୮୦-୬୮୪୫୫୭୭୭, ଶାଖା କାର୍ଯ୍ୟାଳୟ : ଏନ୍/୬-୧୭୩, ଆଇଆର୍‌ସି ଭିଲେଜ୍, ନୟାପଲ୍ଲୀ, ରାମେଶ୍ୱର ମନ୍ଦିର ନିକଟସ୍ଥ, ଭୁବନେଶ୍ୱର, ଓଡ଼ିଶା - ୭୫୧୦୧୫

**ଅସ୍ଥାବର ସମ୍ପତ୍ତି ବିକ୍ରିପାଇଁ ସର୍ବସାଧାରଣ ନିଲାମ ନୋଟିସ୍**

ସିକ୍ୟୁରିଟାଇଜେସନ୍ ଓ ରିକନଷ୍ଟ୍ରକ୍ସନ ଅଫ୍ ଫାଇନାନ୍ସିଆଲ ଆସେଟ୍ ଓ ଏନଫୋର୍ସମେଣ୍ଟ ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ ଆଇନ, ୨୦୦୨ ରୁଲ୍ ୯ (୧) ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍-୨୦୦୨ ଅଧୀନରେ ଅସ୍ଥାବର ସମ୍ପତ୍ତି ବିକ୍ରି ପାଇଁ ନିଲାମ ବିକ୍ରି ନୋଟିସ୍ । ଏମଏସ୍ ଭର୍ଥନା ଫାଇନାନ୍ସ ପ୍ରାଇଭେଟ ଲିମିଟେଡ୍ ଭୁବନେଶ୍ୱର, (ପୂର୍ବରୁ ଥିରୁମଣି ଫାଇନାନ୍ସ ପ୍ରାଇଭେଟ୍ ଲିମିଟେଡ୍ ଭାବେ ଜଣାଶୁଣା) ଦ୍ୱାରା ସିମ୍ବଲିକ୍ ପୋଜେସନ ହୋଇଥିବା ନିମ୍ନଲିଖିତ ଅସ୍ଥାବର ସମ୍ପତ୍ତି ବନ୍ଧକ/ସିକ୍ୟୁର୍ଡ କ୍ରେଡିଟରଙ୍କୁ ଚାର୍ଜ ହୋଇଥିବା ନୋଟିସ ଦ୍ୱାରା ସର୍ବସାଧାରଣ ଓ ନିର୍ଦ୍ଦିଷ୍ଟ ଭାବେ ଋଣଗ୍ରହୀତା (ମାନେ) ଓ ବନ୍ଧକକର୍ତ୍ତା (ମାନେ)ଙ୍କୁ ଜଣାଇ ଦିଆଯାଉଅଛି କି ନିମ୍ନଲିଖିତ ଋଣ ପରିମାଣ ଉଦ୍ଧାର କରିବା ପାଇଁ ଆସନ୍ତା ୦୭.୦୪.୨୦୨୫ (ସୋମବାର) ଅପରାହ୍ନ ୧-୦୦ରେ "ଯେଉଁଠାରେ ଅଛି", "ଯେପରି ଅଛି", "ଯେଉଁ ସ୍ଥିତିରେ ଅଛି" ବିକ୍ରି କରାଯିବ । ଋଣକର୍ତ୍ତା(ମାନେ), ବନ୍ଧକ କର୍ତ୍ତା (ମାନେ), ସିକ୍ୟୁଓର୍ଡ ଆସେଟ୍ସ/ ବ୍ୟୁଜ୍/ ରିଜର୍ଭ ପ୍ରାଇସ୍/ ନିଲାମ ତାରିଖ ଓ ସମୟ, ଇଏମ୍‌ଡି ଓ ନିଲାମ ବୃଦ୍ଧି ପରିମାଣର ସବିଶେଷ ବିବରଣୀ ନିମ୍ନରେ ପ୍ରଦାନ କରାଗଲା ।

ଋଣଗ୍ରହୀତା/ବନ୍ଧକଦାତାଙ୍କ ନାମ : ୧. ଏମ୍/ଏସ୍ ଶାଶ୍ୱତ ଶିଶୁ ମନ୍ଦିର, ଅଧିକୃତ ଦସ୍ତଖତକାରୀ ଭିପିଙ୍କ ଦ୍ୱାରା ଉପସ୍ଥାପିତ, ୨. ଏମ୍/ଏସ୍ ଶାଶ୍ୱତ ଶିଶୁ ବିଦ୍ୟା ମନ୍ଦିର, ଅଧିକୃତ ଦସ୍ତଖତକାରୀ ଭିପିଙ୍କ ଦ୍ୱାରା ଉପସ୍ଥାପିତ, ୩. ଶ୍ରୀ ରାମକୃଷ୍ଣ ଜେନା, ୪. ଶ୍ରୀ ବାସୁଦେବ ଜେନା, ପିତ - ଦାଶରଥୀ ଜେନା, ୫. ଶ୍ରୀ ପ୍ରଫୁଲ୍ଲ କୁମାର ରଥ, ପିତ -ଭୁବନ୍ଦ୍ର ରାଓ।

ଲୋନ୍ ଆକାଉଣ୍ଟ ନଂ. ୟୁ୨୧ବିୟୁବି-ବିଆର୍-୦୧୬୭୧୧, ଏସ୍୨୦ବିୟୁବି-ବିଆର୍-୦୧୩୪୭୩, ୟୁ୨୦ବିୟୁବି-ବିଆର୍-୦୧୪୫୯୮, ୟୁ୨୨ବିୟୁବି-ବିଆର-୦୧୯୫୯୬।

ମୋଟ ଆଉଟଷ୍ଟାଣ୍ଡିଂ ପରିମାଣ ସବିଶେଷ : ଟ.୪୭,୯୬,୧୩୪/-(ସତଚାଳିଶ ଲକ୍ଷ ଛୟାନବେ ହଜାର ଶହେ ଚଉତିରିଶ ଟଙ୍କା ମାତ୍ର) ୧୮.୦୩.୨୦୨୫ ସୁଦ୍ଧା, ସମ୍ପୂର୍ଣ୍ଣ ପରିମାଣ ସହିତ ଭବିଷ୍ୟତ ଏଗ୍ରୀଡ କଣ୍ଟ୍ରାକ୍ଟୁଆଲ୍ ସୁଧ ଓ ଲିଗାଲ ମୂଲ୍ୟ ଏବଂ ଚାର୍ଜେସ୍, ମୋଟ ପରିମାଣ ରିୟଲାଇଜେସନ୍ ପର୍ଯ୍ୟନ୍ତ ।

ସ୍ଥାବର ସମ୍ପତ୍ତିର ସବିଶେଷ ବିବରଣୀ : ସମସ୍ତ ସମ୍ପତ୍ତିର ଅଂଶବିଶେଷ ଖାତା ନଂ ୩୧୧/୧୧୦୦, ପ୍ଲଟ୍ ନଂ ୫୩୬/୨୩୦୬, ଘରବାରି ଏକର: ୦.୧୬୭ ଡିସିମିଲ୍ ଏବଂ ଖାତା ନଂ. ୩୧୧/୧୧୦୧, ପ୍ଲଟ୍.ନଂ.୫୩୬/୨୩୦୭, ଘରବାରି ଏକର.୦.୨୭୨ ଡିସିମିଲ, ସମୁଦାୟ ଏକର.୦.୪୩୯ ଡିସିମିଲ, ଖାତା, ଗ୍ରାମ ଏବଂ ମୌଜା, ଥାନା. ପୁରୁଷୋତ୍ତମପୁର, ପି.ଏସ୍.ନଂ.୧୭୩, ତହସିଲ ନଂ.୯୫ ଓ ଚତୁଃପାର୍ଶ୍ୱରେ ପୂର୍ବ : ରୋଡ଼, ପଶ୍ଚିମ : ଖାଲି ଜମି, ଉତ୍ତର : ପୋଖରୀ, ଦକ୍ଷିଣ : ଖାଲି ଜମି ।

ଉପରୋକ୍ତ ସମ୍ପତ୍ତିର ସଂରକ୍ଷିତ ମୂଲ୍ୟ ଟଙ୍କା. ୬୬,୯୨,୭୦୦/- ଓ ୟର୍ନେଷ୍ଟ ମନି ଡିପୋଜିଟ୍ ହେବ (ରିଜର୍ଭ ପ୍ରାଇସ୍‌ର ଇଏମ୍‌ଡି ୧୦ପ୍ରତିଶତ) ୬,୬୯,୨୭୦/- ଟଙ୍କା । ଯଦି କିଛି ଆପତ୍ତି ଥାଏ : ନିଲ୍

ଆଗ୍ରହୀ ବିଡର୍ସମାନେ ସେମାନଙ୍କ ଇଏମ୍‌ଡି ଆମାଉଣ୍ଟ ସହିତ କେୱାଇସି ଡକ୍ୟୁମେଣ୍ଟ (ପାନ୍‌କାର୍ଡ ଓ ଆଧାର/ ଭୋଟର୍ସ ଆଇଡି/ଡ୍ରାଇଭିଂ ଲାଇସେନ୍ସ) ଓ ୧୦୦୦ ଟଙ୍କା-ଅଣଫେରସ୍ତ ଯୋଗ୍ୟ, ଟେଣ୍ଡର ଫି ଭୁବନେଶ୍ୱର କାର୍ଯ୍ୟାଳୟରେ ଡିମାଣ୍ଡ ଡ୍ରାଫ୍ଟ/ ପେ ଅର୍ଡର ନିର୍ଦ୍ଧାରିତ ବ୍ୟାଙ୍କ, ଏମଏସ୍ ବର୍ଥନା ଫାଇନାନ୍ସ ପ୍ରାଇଭେଟ ଲିମିଟେଡ୍‌ଙ୍କ ସପକ୍ଷରେ ଭୁବନେଶ୍ୱରଠାରେ ୦୭.୦୪.୨୦୨୫ (ଗୁରୁବାର) ସକାଳ ୧୧ଟା ସୁଦ୍ଧା କିମ୍ବା ପୂର୍ବରୁ ଦାଖଲ କରିବାକୁ ପଡ଼ିବ।

ସମ୍ପତ୍ତିର ନିଲାମ ଅନୁଷ୍ଠିତ ହେବ: ପ୍ଲଟ୍ ନମ୍ବର: ଏନ୍/୬-୧୭୩, ଆଇଆରସି ଭିଲେଜ, ନୟାପଲ୍ଲୀ, ରାମେଶ୍ୱର ମନ୍ଦିର ନିକଟ, ଭୁବନେଶ୍ୱର, ଓଡ଼ିଶା-୭୫୧୦୧୫ ରେ ତା-୦୭.୦୪.୨୦୨୫ (ସୋମବାର) ଅପରାହ୍ନ ୧ଟାରେ ।

ବିକ୍ରିର କଣ୍ଡିସନ ଓ ସବିଶେଷ ଟର୍ମ୍ସ ପାଇଁ ଦୟାକରି କମ୍ପାନୀର ୱେବ୍‌ସାଇଟ୍ ଯଥା : www.vardhana.com ଲିଙ୍କ୍‌ରେ ଯୋଗାଯୋଗ କରନ୍ତୁ। ଆଗ୍ରହୀ କ୍ରେତାମାନେ ଅଧିକୃତ ଅଫିସର ରାଜେଶ କୁମାର ପଟ୍ଟନାୟକ - ଫୋନ୍ ନଂ : ୯୯୩୭୦୩୮୩୪୨ ଓ ସୋହନ ଲାଲ - ଫୋନ୍ ନଂ : ୯୯୫୦୬୦୬୪୬୬ଙ୍କ ସହିତ ସବିଶେଷ ବିବରଣୀ ପାଇଁ ଯୋଗାଯୋଗ କରନ୍ତୁ।

ତାରିଖ : ୨୫.୦୩.୨୦୨୫ ସ୍ଥାନ : ବାଙ୍ଗାଲୋର — ଅଧିକୃତ ଅଧିକାରୀ, ଭର୍ଥନା ଫାଇନାନ୍ସ ପ୍ରାଇଭେଟ୍ ଲିମିଟେଡ

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଖୁବ୍‌ଶୀଘ୍ର ଚିଟ୍‌ଫଣ୍ଡ...

ପର୍ଯ୍ୟାୟରେ ଉକ୍ତ ସଂସ୍ଥା ଉଭାନ ହୋଇଯାଇଥିଲେ। ୧୯୮୬ ଆଇନ ଅନୁଯାୟୀ ସେ ଟଙ୍କା ଫେରସ୍ତ ପାଇଁ ଅପିଲ କରିଥିଲେ ମଧ୍ୟ ଟଙ୍କା ଫେରସ୍ତ ମିଳିନଥିଲା। ଅନ୍ୟପକ୍ଷରେ ବିଭିନ୍ନ ଚିଟ୍‌ଫଣ୍ଡ ସଂସ୍ଥାରେ ଟଙ୍କା ଜମା କରିଥିବା କ୍ଷତିଗ୍ରସ୍ତମାନେ ଟଙ୍କା ପାଇବା ପାଇଁ ବାରମ୍ବାର ସରକାରଙ୍କ ନିକଟରେ ଦାବିକରି ଆସୁଛନ୍ତି।

### ବିଦ୍ୟୁତ ଦର...

ଅଧିକ ଲୋଡ ବ୍ୟବହାରକାରୀଙ୍କୁ ଦିନ ୮ଟାରୁ ଅପରାହ୍ନ ୪ଟା ଯାଏ ବିଜୁଳି ବିଲ୍‌ରେ ୨୦ ପ୍ରତିଶତ ରିହାତି ମିଳିବ। କିନ୍ତୁ ସନ୍ଧ୍ୟା ୬ଟାରୁ ରାତି ୧୨ଟା ଯାଏ ପିକ୍ ଆୱାରରେ ବ୍ୟବହାର ପାଇଁ ୟୁନିଟ୍ ପିଛା ଅଧିକ ୩୦ ପଇସା ଦେବାକୁ ପଡ଼ିବ।

### ୧ ଲକ୍ଷରୁ...

ସଦସ୍ୟଙ୍କ ପାଇଁ ମଧ୍ୟ କିଛି ରହିଥାଏ। ଏଥିରେ ପତ୍ନୀ କିମ୍ବା ସାଥୀଙ୍କ ପାଇଁ ୩୪ଟି ମାଗଣା ବିମାନ ଯାତ୍ରା, ଅସୀମିତ ଟ୍ରେନ ଯାତ୍ରା ଏବଂ ସଂସଦ ଅଧିବେଶନ ସମୟରେ ଘରୁ ଦିଲ୍ଲୀକୁ ବାର୍ଷିକ ୮ଟି ବିମାନଯାତ୍ରା ଅନ୍ତର୍ଭୁକ୍ତ ରହିଛି।

### ୨୦ କୋଟି ମଞ୍ଜୁର...

ପଲିଥିନ ଯୋଗାଇ ଦିଆଯିବା ସହିତ ସେମାନଙ୍କ ରହିବା ପାଇଁ ଆଶ୍ରୟସ୍ଥଳୀର ସୁବନ୍ଦୋବସ୍ତ କରାଯାଇଛି। ବିପନ୍ନ ମାନଙ୍କ ସ୍ୱାସ୍ଥ୍ୟସେବା ନିମନ୍ତେ ୧୫ ଟି ଡାକ୍ତରୀ ଦଳ ମୁତୟନ କରାଯାଇଛି । ଜିଲ୍ଲା ପାଖରେ ପାଖାପାଖି ୧୨୦୦୦ ପଲିଥିନ୍ ସିଟ୍ ମହଜୁଦ୍ ରହିଥିବା ସ୍ଥଳେ, ଜିଲ୍ଲା ପ୍ରଶାସନ, ମୟୂରଭଞ୍ଜକୁ ୨୫୦୦ ପଲିଥିନ୍ ସିଟ୍ କେନ୍ଦୁଝର, ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାରୁ ତୁରନ୍ତ ଯୋଗାଇ ଦିଆଯାଇଥିଲା ଓ ଏତଦବ୍ୟତୀତ ରାଜ୍ୟରୁ ମଧ୍ୟ ଅଗ୍ରାଧିକାର ଭିତିରେ ପୁଣି ୨୫୦୦ ପଲିଥିନ୍ ସିଟ୍ ମୟୂରଭଞ୍ଜ ଜିଲ୍ଲାକୁ ପ୍ରଦାନ କରାଯାଇଛି। ୨୧୩୩ ସିଟପଲିଥିନ ପ୍ରଭାବିତ ଲୋକଙ୍କୁ ବର୍ଷା ସରିଥିବା ସ୍ଥଳେ ଆବଶ୍ୟକତା ଅନୁଯାୟୀ ଅଧିକ ପଲିଥିନ ବଣ୍ଟନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ।

### ୧୮ ଦିନରେ...

ଆଲୋଚନା ପାଇଁ ସବୁବେଳେ ପ୍ରସ୍ତୁତ ରହିଛନ୍ତି। ତେବେ ଯେଉଁ ଧରଣର ବିଧାନସଭା ଚାଲିଛି, ଏଭଳି ଚାଲିଲେ ଓଡ଼ିଶାବାସୀ କ୍ଷମା ଦେବେ ନାହିଁ। ଘଣ୍ଟ, ଗିନି ବଜାଇବା ପାଇଁ ସେମାନେ ଆମକୁ ପଠାଇନାହାନ୍ତି। ସୂଚନାଯୋଗ୍ୟ ଯେ ସୋମବାର ମଧ୍ୟ ବିରୋଧୀଙ୍କ ହଟ୍ଟଗୋଳ ଯୋଗୁ ବିଧାନସଭା ଚାଲିପାରି ନାହିଁ । ପ୍ରଶ୍ନକାଳ ଆରମ୍ଭରୁ ହଟ୍ଟଗୋଳ ପ୍ରବଳ ହୋଇଥିଲା। ଉଭୟ ବିରୋଧୀ କଂଗ୍ରେସ ଓ ବିଜେଡି ପ୍ରତିବାଦ କରିଥିଲେ। ବାଚସ୍ପତିଙ୍କ ପୋଡିୟମ ନିକଟରେ ପ୍ଲାକାର୍ଡ ଧରି ହୋହଲ୍ଲା କରିଥିଲେ। ଘଣ୍ଟ, ଝାଞ୍ଜ ବଜାଇ ପ୍ରତିବାଦ କରିଥିଲା କଂଗ୍ରେସ। ଅନ୍ୟପକ୍ଷରେ ମେଡ଼ିକାଲ ଶିକ୍ଷାରେ ସଂରକ୍ଷଣ ଦାବି ନେଇ ବିଜେଡି ମଧ୍ୟ ହଲାଗୋଲା କରିଥିଲା। ତେବେ ପ୍ରବଳ ହଟ୍ଟଗୋଳ ଯୋଗୁ ବାଚସ୍ପତି ଗୃହକୁ ମୁଲତବୀ ରଖିଥିଲେ।

### ଆଦିବାସୀଙ୍କ...

ଏକ ଅବିଚ୍ଛେଦ୍ୟ ଅଙ୍ଗ। ଆଦିବାସୀ ଭାଇଭଉଣୀମାନେ ଜଙ୍ଗଲ, ବୃକ୍ଷ ଇତ୍ୟାଦିକୁ ଦେବତା ଭାବରେ ପୂଜା କରନ୍ତି । ଆଦିବାସୀଙ୍କ ବିଶ୍ୱାସ ଅନୁଯାୟୀ ସେମାନଙ୍କ ପୂର୍ବ ପୁରୁଷଙ୍କ ଆତ୍ମା ଜଙ୍ଗଲରେ ବାସ କରନ୍ତି । ଏହି ବିଶ୍ୱାସ ଜଙ୍ଗଲ ସୁରକ୍ଷାର ମହାନ ମନ୍ତ୍ର ବୋଲି ସେ କହିଥିଲେ। ସେ ଆହୁରି କହିଥିଲେ ଯେ ଆଦିବାସୀ ଭାଇଭଉଣୀଙ୍କ କଳା ଓ ସଂସ୍କୃତିର ସଂରକ୍ଷଣ ତଥା ପ୍ରସାର ସହିତ ସେମାନଙ୍କ ସଶକ୍ତିକରଣ ଓ ଆତ୍ମନିର୍ଭରଶୀଳତା ପାଇଁ ସରକାର କଲ୍ୟାଣକାରୀ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଲୋକଙ୍କ ସହଯୋଗ ଓ ଭାଗିଦାରୀରେ ହିଁ ଯୋଜନା ସଫଳ ହୁଏ ବୋଲି ସେ କହିଥିଲେ। ସୋମବାର ଅପରାହ୍ନ ୧.୩୦ରେ ରାଷ୍ଟ୍ରପତି ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବା ପରେ ତାଙ୍କୁ ରାଜ୍ୟପାଳ ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭବ୍ୟ ସ୍ୱାଗତ କରିଥିଲେ। ସେଠାରୁ ଏକ ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ କଣ୍ଟିଲୋ ନୀଳମାଧବ ଅଭିମୁଖେ ଯାଇଥିଲେ।

## ଡା.ଦେବେନ୍ଦ୍ର ପ୍ରଧାନଙ୍କୁ ଶ୍ରଦ୍ଧାଞ୍ଜଳି

ତାଳଚେର(ଭାସ୍କର ନ୍ୟୁଜ): ବରିଷ୍ଠ ନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଡା. ଦେବେନ୍ଦ୍ର ପ୍ରଧାନଙ୍କୁ ତାଳଚେର ସ୍ଥିତ ହାଣ୍ଡିଧୂଆଁ ବାସଭବନରେ ଅନେକ ରାଷ୍ଟ୍ରୀୟ ସ୍ତରର ନେତୃତ୍ୱଙ୍କ ସମେତ ଛତିଶଗଡ଼, ହରିୟାଣା, ବିହାରର ଅନେକ ମନ୍ତ୍ରୀସମୂହ, ବିଭିନ୍ନ ରାଜ୍ୟର ପୂର୍ବତନ ମନ୍ତ୍ରୀ, ସାଂସଦ, ଜନପ୍ରତିନିଧି ଏବଂ ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷମାନେ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି । ଏହି ଅବସରରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଭେଟିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି । ଏଥିରେ ସୌଦାନ ସିଂହ, ବିଜେପି ରାଷ୍ଟ୍ରୀୟ ଉପାଧକ୍ଷ, ବିଜେପି, ଶ୍ୟାମ ସିଂହ ରଣା, କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରୀ, ହରିୟାଣା, ରଣବୀର ସିଂହ ଗଙ୍ଗୱା, ଜନସ୍ୱାସ୍ଥ୍ୟ ଇଞ୍ଜିନିୟରିଂ ଏବଂ ପୂର୍ତ୍ତ ମନ୍ତ୍ରୀ, ହରିୟାଣା, କେଦାର କଶ୍ୟପ, ଜଙ୍ଗଲ ଏବଂ ଜାଳବାୟୁ ପରିବର୍ତ୍ତନ ମନ୍ତ୍ରୀ, ଛତିଶଗଡ଼, ରାଜୁ କୁମାର ସିଂହ, ପର୍ଯ୍ୟଟନ ମନ୍ତ୍ରୀ, ବିହାର, ସଞ୍ଜୟ ସିଂହ ରଣା, ପୂର୍ବତନ ମନ୍ତ୍ରୀ, ବିଧାୟକ, ହରିୟାଣା, ମୂଳଚାନ୍ଦ ଶର୍ମା, ବିଧାୟକ, ପୂର୍ବତନ ମନ୍ତ୍ରୀ, ହରିୟାଣା, କିରଣ ସିଂହ ଦେଓ, ବିଜେପି ରାଜ୍ୟ ସଭାପତି, ଛତିଶଗଡ଼, ଜିତୁ ଜିରତି, ବିଜେପି ରାଜ୍ୟ ଉପ ସଭାପତି, ମଧ୍ୟପ୍ରଦେଶ, ଶଶି ରଞ୍ଜନ, ବିଜେପି ସାଧାରଣ ସମ୍ପାଦକ, ବିହାର, ବଲରାଜ କୁଣ୍ଡୁ, ପୂର୍ବତନ ବିଧାୟକ, ହରିୟାଣା, ଅମର ଅଗ୍ରୱାଲ, ବିଧାୟକ, ବିଳାସପୁର, ଛତିଶଗଡ଼, ସତିଶ ଦ୍ୱିବେଦୀ, ପୂର୍ବତନ ଶିକ୍ଷା ମନ୍ତ୍ରୀ, ଉତ୍ତରପ୍ରଦେଶ ପ୍ରମୁଖ ସାମିଲ ହୋଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

OFFICE OFFICE THE ROURKELA MUNICIPAL CORPORATION: ROURKELA

INVITATION FOR BID — C-1971

No. 4111 Dated 21.03.2025

Bid Identification No. :- MC/RMC/17/2025

The Municipal Commissioner, Rourkela Municipal Corporation on behalf of Rourkela Municipal Corporation invites bids for works on percentage rate basis in single cover on online Mode. Bid Identification No. MC/RMC/17/2025 for 07 nos. Civil work with value of Rs. 6.22 lakh to 44.81 Lakh.

1. Bid documents will be available in website www.tendersorissa.gov.in from 24.03.2025.
2. Bids must be submitted on "online" on or before 07 .04.2025 by 17.00 hours.
3. Bids shall be opened at 11.00 hours on 08 .04.2025 in the office of the undersigned in the presence of the bidders or their authorized agents.
4. Other details will be available in the web site tendersorissa.gov.in

Sd/- Municipal Commissioner, Rourkela Municipal Corporation

OIPR 13131/11/0109/2425

Email ID – nacpolasara72@gmail.com — C1967 — Ph. No. - 06810– 282235

**OFFICE OF THE, NOTIFIED AREA COUNCIL POLASARA, GANJAM.**

Letter No. /681 — Date 21.03.2025

ନୋଟିସ

କାର୍ଯ୍ୟନିର୍ବାହୀ ଅଧିକାରୀ, ବିଜ୍ଞାପିତ ଅଞ୍ଚଳ ପରିଷଦ, ପୋଲସରା ଗ୍ରୀଷ୍ମ ପ୍ରବାହ ନିମନ୍ତେ ଜଳଛତ୍ର କେନ୍ଦ୍ର ଖୋଲିବାକୁ ଯାଉଛନ୍ତି ସେଥିଲାଗି ଦରଖାସ୍ତ ଗ୍ରହଣ ନିମନ୍ତେ ଆହ୍ୱାନ କରାଯାଉଅଛି ।

ତେଣୁ ପୋଲାସରା ଅନ୍ତର୍ଗତ ଥିବା ସମସ୍ତ ସ୍ୱୟଂ ସହାୟକ ଗୋଷ୍ଠି , ଆଞ୍ଚଳିକ ସ୍ତରିୟ ମହାସଙ୍ଘ ଓ ଏନଜିଓ ଙ୍କୁ ଜଣାଇ ଦିଆଯାଉଛି ଗ୍ରୀଷ୍ମ ପ୍ରବହ ନିମନ୍ତେ ଜଳଛତ୍ର ମାଧ୍ୟମରେ ଜଳ ଯୋଗାଣ (୧ ଏପ୍ରିଲ ତାରିଖ ରୁ ଜୁନ ୧୫ ତାରିଖ ପର୍ଯ୍ୟନ୍ତ) ଦିଆଯିବ,ଏଥିପାଇଁ କାମ କରିବାକୁ ଇଚ୍ଛୁକ ସ୍ୱୟଂସହାୟକ ଗୋଷ୍ଠୀ, ଆଞ୍ଚଳିକ ସ୍ତରିୟ ମହାସଙ୍ଘ ଓ ଏନଜିଓ ତା ୨୧ .୦୩ . 2025 ରୁ ୩୧ .୦୩ .2025 ରିଖ ମଧ୍ୟରେ ଆବେଦନ କରିବା ଆବଶ୍ୟକ।

କାର୍ଯ୍ୟନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ ପୋଲସରା

OIPR 13214/11/0008/2425

Email ID : secretarysdasbp@gmail.com — C-1962

GOVERNMENT OF ODISHA
SAMBALPUR DEVELOPMENT AUTHORITY, SAMBALPUR.
NOTICE INVITING TENDERS
NATIONAL COMPETITIVE BIDDING THROUGH e-Procurement
Bid Identification No. SDASBP- 11 /2024-25 Dt. 21.03.2025

| | | |
|---|---|---|
| 01. | Name of the Work | 1 Nos. Work |
| 02. | Type of Bid | Single Bid System |
| 03. | Estimated Cost | Rs. 41.54 Lakhs |
| 04. | Period of Completion | 2 (Two months) |
| 05 | Class of Contractor | 'A' Class/'B' Class. |
| 06. | Date & Time of availability of bid document in the portal | From 11.00 AM of dt.25.03.2025 to 5.00 PM of 04.04.2025 |
| 07. | Date & time of receipt of Technical portal | From 11.00 AM of dt.25.03.2025 to 5.00 PM of 04.04.2025 |
| 08. | Last date / time of receipt of bids in the portal | 5.00 PM of 04.04.2025 |
| 09. | Date & Time of opening of bids | At 11.00 AM of 05.04.2025 |
| 10. | Name and Address of the Officer Inviting Bid | Engineer Member, Sambalpur Development Authority, SMC & SDA Office building, Durgapali, Dist- Sambalpur-768 006. |

Further details can be seen from the web site www.tendersodisha.gov.in

Sd/- Engineer Member SDA, Sambalpur

OIPR 13240/11/0004/2425

GOVERNMENT OF ODISHA — B-1098
OFFICE OF THE SUPERINTENDING ENGINEER
GANJAM[R&B]DIVISION NO.I BERHAMPUR
Phone/Fax : (0680) 2233683, e-mail : eernb1_bam@yahoo.com

"e" Procurement Notice

Bid Identification No. S.E R&B Divn.No.I Bam. 58 /2024-25 Lr.No 5328 Dtd. 17.03.2025

| | |
|---|---|
| Name of work | Electrical work. |
| No. of work | 1 (One) No |
| Estimated Cost | Approximately Rs 5.70 Lakh |
| Period of completion of agreement | Three Calendar months |
| Date and time of Availability of bid document in the portal. | From 10.00 hours of 24.03.2025 to 16.00 hours of 03.04.2025. |
| Last date / time for receipt of bids in the portal | Upto 16.00 hours of 03.04.2025 |
| Name & address of the Officer Inviting Bid | Superintending Engineer, Ganjam (R&B) Division No. I, Berhampur. |

Further details can be seen from the e-Procurement portal https://tendersodisha.gov.in

Sd/-Superintending Engineer
Ganjam(R&B)Division No.I
Berhampur

OIPR 34109/11/0024/2425

# ଜାତୀୟ ଓ ଅନ୍ତର୍ଜାତୀୟ



ନୂଆଦିଲ୍ଲୀ: ଅନ୍ୟ ଧର୍ମରେ ବିବାହକୁ ପସନ୍ଦ କରୁନାହାଁନ୍ତି ଭାରତୀୟ । ଭାରତର ପ୍ରାୟ ୬୧% ଲୋକ ଅନ୍ୟ ଧର୍ମରେ ବିବାହ କରିବାକୁ ଚାହାଁନ୍ତି ନାହିଁ । ଏନେଇ ଏକ ରିପୋର୍ଟ ପ୍ରକାଶ ପାଇଛି । ଭାରତୀୟ ସମାଜର ଆଚରଣ ଏବଂ ମନୋଭାବକୁ ବୁଝିବା ପାଇଁ ପ୍ରଥମ ଥର ପାଇଁ ଗ୍ରସ୍ ଡୋମେଷ୍ଟିକ୍ ବିହେବିଅର ସର୍ଭେ କରାଯାଇଛି । ଯେଉଁଥିରୁ ଏହା ସ୍ପଷ୍ଟ ଜଣାପଡୁଛି ଯେ, ୬୧% ଭାରତୀୟ ଅନ୍ୟ ଧର୍ମରେ ବିବାହକୁ ବିରୋଧ କରୁଛନ୍ତି । ସେହିପରି ୩୭% ଭାରତୀୟ ଏହାକୁ ସମର୍ଥନ କରୁଛନ୍ତି । ରିପୋର୍ଟରେ ଆହୁରି ଜଣାପଡିଛି ଯେ, ୫୬% ଭାରତୀୟ ଲୋକେ ଅନ୍ୟ ଜାତିରେ ବିବାହକୁ ବିରୋଧ କରିଥିବାବେଳେ ୪୩% ଲୋକେ ଏହାକୁ ସମର୍ଥନ କରୁଛନ୍ତି । ତେବେ କେରଳରେ ସର୍ବାଧିକ ୯୪% ଲୋକ ଅନ୍ୟ ଧର୍ମରେ ବିବାହକୁ ସମର୍ଥନ କରୁଥିବା ନେଇ ରିପୋର୍ଟରେ ଉଲ୍ଲେଖ କରାଯାଇଛି । ଏହା ପଛକୁ ରହିଛି ତାମିଲନାଡୁ ଏବଂ ପଶ୍ଚିମବଙ୍ଗ । ସେହିପରି ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ ଏବଂ ଉତ୍ତରାଖଣ୍ଡର ଲୋକମାନେ ଅନ୍ୟ ଧର୍ମରେ ବିବାହକୁ ସର୍ବାଧିକ ବିରୋଧ କରୁଥିବା ମଧ୍ୟ ଜଣାପଡ଼ିଛି ।

## କର୍ଣ୍ଣାଟକ ସଂରକ୍ଷଣ ମାମଲାରେ ବିଜେପି ଉପରେ ବର୍ଷିଲେ ଖଡ଼୍‌ଗେ



ନୂଆଦିଲ୍ଲୀ : କର୍ଣ୍ଣାଟକ ସରକାର ମୁସଲମାନଙ୍କୁ ସରକାରୀ ଠିକାରେ ୪ ପ୍ରତିଶତ ସଂରକ୍ଷଣ ଦେଇଛନ୍ତି । ଏହାକୁ ନେଇ ବିଜେପି ଏବେ ଆକ୍ରମକ ହୋଇ ଉଠିଛି । ବିଜେପିର କହିବା କଥା ହେଉଛି କଂଗ୍ରେସ ସମ୍ବିଧାନର ଅବମାନନା କରିଛି । ବିଜେପିର ଏହି ଅଭିଯୋଗ ଉପରେ ଏଆଇସିସି ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ ସୋମବାର ପାଲଟା ଆକ୍ରମଣ କରିଛନ୍ତି । ସେ କହିଛନ୍ତି ଧର୍ମ ଆଧାରରେ ବିଜେପି ଆଇନ ତିଆରି କରେ, ହେଲେ ଆଜି ଏହି ପ୍ରସଙ୍ଗ ଉଠାଇ ନିଜର ଦୁର୍ନୀତିକୁ ଲୁଚେଇବାକୁ ଚେଷ୍ଟା କରୁଛି । ମଲ୍ଲିକାର୍ଜୁନ ଖଡଗେ କହିଛନ୍ତି ଯେ ଏହା ପୂର୍ବରୁ କର୍ଣ୍ଣାଟକରେ ଯେଉଁ ବି ଦଳ ଶାସନ କରୁଥିଲେ ସେମାନେ ସେହି ସମୟର ରିଜର୍ଭେସନକୁ ସ୍ୱୀକାର କରିଥିଲେ, ଯାହା ୧୯୯୪ ମସିହାରେ ଆରମ୍ଭ ହୋଇଥିଲା ଓ ଏପର୍ଯ୍ୟନ୍ତ ରହିଛି । ସେପଟେ କର୍ଣ୍ଣାଟକ ଉପମୁଖ୍ୟମନ୍ତ୍ରୀ ଡି.କେ.ଶିବକୁମାର ରାଜ୍ୟରେ ମୁସଲମାନଙ୍କ ନିମନ୍ତେ ୪% ସଂରକ୍ଷଣ ବ୍ୟବସ୍ଥା କରିବା ପାଇଁ ସମ୍ବିଧାନ ବଦଳାଇବା ସମ୍ପର୍କରେ ଦେଇଥିବା ବୟାନକୁ ସୋମବାର ଅସ୍ୱୀକାର କରିଛନ୍ତି । ସେ କହିଛନ୍ତି ଯେ ତାଙ୍କ କଥାକୁ ଭୁଲ ଭାବେ ଉପସ୍ଥାପନା କରାଯାଇଛି । ସେ କହିଛନ୍ତି ମୁଁ ଜଣେ ସମ୍ବେଦନଶୀଳ ନେତା, ଗତ ୩୬ ବର୍ଷ ହେଲା ବିଧାନସଭାକୁ ଆସୁଛି । ମୁଁ ସମ୍ବିଧାନ ବଦଳାଇବା କଥା ଆଦୌ କହି ନାହିଁ । ଅନ୍ୟପକ୍ଷରେ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେଣ ରିଜିଜୁ ସାମ୍ବିଧାନିକ ପଦରେ ବସିଥିବା ବ୍ୟକ୍ତିଙ୍କ ଦ୍ୱାରା ମୁସଲମାନଙ୍କୁ ୪ ପ୍ରତିଶତ ସଂରକ୍ଷଣ ଦେବା ପାଇଁ ସମ୍ବିଧାନ ବଦଳାଇବାର କଥା କହିବା ଆଦୌ ସ୍ୱୀକାରଯୋଗ୍ୟ ନୁହେଁ ବୋଲି କହିଛନ୍ତି । କିରେଣ ରିଜିଜୁ କହିଛନ୍ତି ଯେ ଏ କଥାକୁ ସଂସଦ ଚୁପଚାପ ବସି ଦେଖି ପାରିବନି । ପ୍ରସଙ୍ଗରେ କଂଗ୍ରେସକୁ ସ୍ପଷ୍ଟିକରଣ ଦେବାକୁ ପଡିବ । ଏପରି ମତମନ୍ତବ୍ୟ ଦେଇଥିବା ବ୍ୟକ୍ତିକୁ ବହିଷ୍କାର କରିବା ଦରକାର । ଗୋଟିଏ ପଟେ ମୁସଲମାନଙ୍କୁ ସଂରକ୍ଷଣ ଦେବା କଥା କହୁଛନ୍ତି ଅନ୍ୟପଟେ ବାବା ସାହେବଙ୍କ ଫଟୋ ଓ ସମ୍ବିଧାନ ବହି ପକେଟରେ ରଖି ନାଟକ କରୁଛନ୍ତି ।

## ବାରମ୍ବାର ମୁଲତବୀ ହେଲା ଲୋକସଭା ଓ ରାଜ୍ୟସଭା



ନୂଆଦିଲ୍ଲୀ: ଏକ ନିର୍ଦ୍ଦିଷ୍ଟ ସଂଖ୍ୟାଲଘୁ ଗୋଷ୍ଠୀକୁ ସଂରକ୍ଷଣ ଦେବା ପାଇଁ ସମ୍ବିଧାନରେ ପରିବର୍ତ୍ତନ ଆଣିବାକୁ କର୍ଣ୍ଣାଟକ ଉପମୁଖ୍ୟମନ୍ତ୍ରୀ ଡିକେ ଶିବକୁମାର ଦେଇଥିବା ମନ୍ତବ୍ୟକୁ ନେଇ ସଂସଦର ଉଭୟ ସଦନ ଆଜି ଏକାଧିକ ଥର ମୁଲତବୀ ରହିଥିଲା । ଏହି ପ୍ରସଙ୍ଗରେ ରାଜ୍ୟସଭାକୁ ଆଜି ଦିନକ ପାଇଁ ମୁଲତବୀ ରଖାଯାଇଥିବା ବେଳେ ଲୋକସଭାକୁ ୨ ଥର ମୁଲତବୀ ରଖାଯାଇଥିଲା । ରାଜ୍ୟସଭାରେ ଦ୍ୱିତୀୟ ମୁଲତବୀ ପରେ ଗୃହ ୨.୧୫ରେ ପୁଣି ଥରେ ଆରମ୍ଭ ହୋଇଥିବା ବେଳେ ତୈଳ କ୍ଷେତ୍ର (ନିୟନ୍ତ୍ରଣ ଓ ବିକାଶ) ସଂଶୋଧନ ବିଲ୍, ୨୦୨୪ରେ ଲୋକସଭା ଦ୍ୱାରା କରାଯାଇଥିବା କେତେକ ସଂଶୋଧନକୁ ଗୃହ ଅନୁମୋଦନ କରିଛି । ଏହି ବିଲ୍ ରାଜ୍ୟସଭାରେ ପାରିତ ହୋଇସାରିଛି । ହଟ୍ଟଗୋଳ ଜାରି ରହିବାରୁ ଗୃହକୁ ଦିନକ ପାଇଁ ମୁଲତବୀ ରଖାଯାଇଥିଲା । ଅପରାହ୍ନ ୨ଟାରେ ପ୍ରଥମ ମୁଲତବୀ ପରେ ଗୃହ ପୁଣି ଥରେ ଆରମ୍ଭ ହୋଇଥିବା ବେଳେ ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖଡଗେ ସ୍ପଷ୍ଟ କରିଛନ୍ତି ଯେ କର୍ଣ୍ଣାଟକର ଉପମୁଖ୍ୟମନ୍ତ୍ରୀ ସମ୍ବିଧାନ ପରିବର୍ତ୍ତନ ପାଇଁ କିଛି କହିନାହାନ୍ତି ଏବଂ ଶାସକ ଦଳର ନେତାମାନେ ହିଁ ସମ୍ବିଧାନ ପରିବର୍ତ୍ତନ ବିଷୟରେ ଅନେକ ଥର କଥାବାର୍ତ୍ତା କରିଛନ୍ତି । ଶ୍ରୀ ଖଡ଼ଗେଙ୍କୁ ଜବାବ ଦେଇ ଗୃହ ନେତା ଜେପି ନଡ୍ଡା କହିଛନ୍ତି ଯେ ଡକ୍ଟର ବିଆର ଆମ୍ବେଦକର ଏବଂ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଧର୍ମ ଆଧାରିତ ସଂରକ୍ଷଣକୁ ବିରୋଧ କରୁଥିଲେ । ଲୋକସଭାରେ ମଧ୍ୟାହ୍ନ ୧୨ଟାରେ ପ୍ରଥମ ମୁଲତବୀ ପରେ ଗୃହ ପୁନଃ ଆରମ୍ଭ ହୋଇଥିବା ବେଳେ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ କହିଥିଲେ ଯେ ୧୯୪୭ ମସିହାରେ ଧର୍ମ ଆଧାରିତ ସଂରକ୍ଷଣ ପ୍ରସଙ୍ଗ ଆସିଥିଲା ଏବଂ ସେତେବେଳେ ସମସ୍ତ ପ୍ରମୁଖ ନେତା ଏହାକୁ ପ୍ରତ୍ୟାଖ୍ୟାନ କରିଥିଲେ । ହଟ୍ଟଗୋଳ ଜାରି ରହିବାରୁ ପିଠାସୀନ ଅଧିକାରୀ ଗୃହକୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ମୁଲତବୀ ରଖିଥିଲେ ।

## ବିହାର, ଓଡ଼ିଶା ଏବଂ ପଶ୍ଚିମବଙ୍ଗରେ ମେଗା ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକର ସମୀକ୍ଷା କଲା ପିଏମ୍‌ଜି

ନୂଆଦିଲ୍ଲୀ: ଶିଳ୍ପ ଏବଂ ଆଭ୍ୟନ୍ତରୀଣ ବାଣିଜ୍ୟ ପ୍ରୋତ୍ସାହନ ବିଭାଗ (ଡିପିଆଇଆଇଟି)ର ପ୍ରୋଜେକ୍ଟ ମନିଟରିଂ ଗ୍ରୁପ୍ (ପିଏମଜି) ବିହାର, ପଶ୍ଚିମବଙ୍ଗ ଏବଂ ଓଡ଼ିଶାରେ ପ୍ରମୁଖ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକର ଏକ ସବିଶେଷ ସମୀକ୍ଷା କରିଛି । ପିଏମଜିର ଅଧିକାରୀମାନେ ୧୯ଟି ପ୍ରମୁଖ ପ୍ରକଳ୍ପର ୨୩ଟି ପ୍ରସଙ୍ଗ ଉପରେ ଯାଞ୍ଚ କରିଥିଲେ, ଯେଉଁଥିରେ ମୋଟ ୬୩,୮୫୮ କୋଟି ଟଙ୍କାରୁ ଅଧିକ ନିବେଶ ହୋଇଛି । ଏଥିରେ ଶ୍ରମ ଏବଂ ନିଯୁକ୍ତି ମନ୍ତ୍ରଣାଳୟ ଅଧୀନସ୍ଥ ପାଞ୍ଚଟି ପ୍ରକଳ୍ପ ଅନ୍ତର୍ଭୁକ୍ତ, ବିଶେଷକରି ତିନୋଟି ରାଜ୍ୟର କର୍ମଚାରୀ ରାଜ୍ୟ ବୀମା ନିଗମ (ଇଏସଆଇସି) ହସ୍ପିଟାଲ ଉପରେ ଫୋକସ କରାଯାଇଥିଲା । ଏହି ହସ୍ପିଟାଲଗୁଡ଼ିକର ଉଦ୍ଦେଶ୍ୟ ହେଉଛି ବୀମାକୃତ ନାଗରିକ ଏବଂ ସେମାନଙ୍କ ପରିବାରକୁ ସ୍ୱତନ୍ତ୍ର ଚିକିତ୍ସା, ଔଷଧ ଏବଂ ହସ୍ପିଟାଲରେ ଭର୍ତ୍ତି ସମେତ ଅତ୍ୟାବଶ୍ୟକ ସ୍ୱାସ୍ଥ୍ୟସେବା ସୁବିଧା ପ୍ରଦାନ କରିବା । ଏହା ସହିତ, ଇସ୍ପାତ, କୋଇଲା, ସଡ଼କ ପରିବହନ ଏବଂ ରାଜପଥ, ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ଗ୍ୟାସ୍, ରେଳ ଏବଂ ଶକ୍ତି ମନ୍ତ୍ରଣାଳୟ ସହ ଜଡିତ ପ୍ରକଳ୍ପଗୁଡ଼ିକର ସମୀକ୍ଷା କରାଯାଇଥିଲା ଯାହାଦ୍ୱାରା ପ୍ରତିବନ୍ଧକଗୁଡ଼ିକୁ ଚିହ୍ନଟ କରି ଦୂର କରାଯାଇପାରିବ ଏବଂ ସେଗୁଡ଼ିକୁ ସୁଗମ କାର୍ଯ୍ୟାନ୍ୱୟନ ସୁନିଶ୍ଚିତ କରାଯାଇପାରିବ । ଉଲ୍ଲେଖନୀୟ, ବିହାରର ବକ୍ସର ଥର୍ମାଲ ପାୱାର ପ୍ଲାଣ୍ଟ (୧୩୨୦ ମେଗାୱାଟ) ପ୍ରକଳ୍ପ, ଯାହାର ଆନୁମାନିକ ମୂଲ୍ୟ ୧୦,୪୩୯.୦୯ କୋଟି ଟଙ୍କା, ସମୀକ୍ଷାର ମୁଖ୍ୟ କେନ୍ଦ୍ର ଥିଲା । ପ୍ରମୁଖ ଅର୍ଥନୈତିକ ପରାମର୍ଶଦାତା ପ୍ରବୀଣ ମାହାତୋଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ କେନ୍ଦ୍ରୀୟ ମନ୍ତ୍ରଣାଳୟ, ରାଜ୍ୟ ସରକାର ଏବଂ ପ୍ରକଳ୍ପ ସମ୍ବନ୍ଧୀୟ ସଂସ୍ଥାଗୁଡ଼ିକର ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ ଏବଂ ପ୍ରକଳ୍ପ କାର୍ଯ୍ୟାନ୍ୱୟନକୁ ପ୍ରଭାବିତ କରୁଥିବା ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗଗୁଡ଼ିକୁ ଚିହ୍ନଟ ଏବଂ ଆଲୋଚନା କରିଥିଲେ । ପ୍ରବୀଣ ମାହାତୋ ପ୍ରକଳ୍ପ ତଦାରଖ ପାଇଁ ସାଂସ୍ଥାଗତ ଢାଞ୍ଚାକୁ ସୁଦୃଢ଼ କରିବା ପାଇଁ ସରକାରଙ୍କ ପ୍ରତିବଦ୍ଧତାକୁ ପୁନଃଦୋହରାଇଥିଲେ ଏବଂ ପଡ଼ି ରହିଥିବା ସମସ୍ୟାଗୁଡ଼ିକର ସମାଧାନରେ ତତ୍ପରତା ଦେଖାଇବାକୁ ଅଧିକାରୀମାନଙ୍କୁ ଅନୁରୋଧ କରିଥିଲେ । ପ୍ରକଳ୍ପ କାର୍ଯ୍ୟାନ୍ୱୟନକୁ ତ୍ୱରାନ୍ୱିତ କରିବା ପାଇଁ ପ୍ରକଳ୍ପ ମନିଟରିଂ ଗ୍ରୁପ୍ (ପିଏମଜି) ମେକାନିଜିମ୍ (ଷଚ୍ଚଚ୍ଚଜ୍ଞ://କ୍ସ୍ତଞ୍ଜଶ.ୟକ୍ସସଚ୍ଚ.ଶକ୍ଟଙ୍ଗ.ସଭ)କୁ ଉପଯୋଗ କରିବାରେ ସେ ଘରୋଇ ଅଂଶୀଦାରମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ । ଏହା ଉଲ୍ଲେଖନୀୟ ଯେ ଏହି ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକର ସମୟସୀମା ଏବଂ ଦକ୍ଷ କାର୍ଯ୍ୟାନ୍ୱୟନ ସୁନିଶ୍ଚିତ କରିବା ପାଇଁ କେନ୍ଦ୍ର ସରକାର, ରାଜ୍ୟ କର୍ତ୍ତୃପକ୍ଷ ଏବଂ ଘରୋଇ କ୍ଷେତ୍ର ମଧ୍ୟରେ ଉତ୍ତମ ସମନ୍ୱୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଡିପିଆଇଆଇଟି ଏହାର ପ୍ରକଳ୍ପ ମନିଟରିଂ ଗୋଷ୍ଠୀ ମାଧ୍ୟମରେ ଉଚ୍ଚ ପ୍ରଭାବଶାଳୀ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକୁ ସହଜ କରିବା ଜାରି ରଖିବ । ଏହା ସେମାନଙ୍କର ସମୟସୀମା ସମାପ୍ତିକୁ ସୁନିଶ୍ଚିତ କରିବ ଏବଂ ଭାରତର ଆର୍ଥିକ ଅଭିବୃଦ୍ଧିରେ ଯୋଗଦାନ ଦେବ ।

## ଆପ୍ ସରକାରର କାର୍ଯ୍ୟକାଳ ଉପରେ ଶ୍ୱେତପତ୍ର ଜାରି କରିବେ ସରକାର



ଦିଲ୍ଲୀ: ଆରମ୍ଭ ହୋଇଛି ଦିଲ୍ଲୀ ବିଧାନସଭା ବଜେଟ ଅଧିବେଶନ । ସୋମବାର ଠାରୁ ଅଧିବେଶନ ଆରମ୍ଭ ହୋଇଥିବାବେଳେ ଦ୍ୱିତୀୟ ଦିନ ଅର୍ଥାତ ମଙ୍ଗଳବାର ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଏବଂ ଅର୍ଥମନ୍ତ୍ରୀ ରେଖା ଗୁପ୍ତା ବଜେଟ ଉପସ୍ଥାପନ କରିବେ । ପ୍ରାୟ ୨୭ ବର୍ଷ ପରେ ରାଜଧାନୀ ଦିଲ୍ଲୀରେ ଶାସନକୁ ଆସିବା ପରେ ବିଜେପି ସରକାର ଏହାର ପ୍ରଥମ ବଜେଟ ଉପସ୍ଥାପନ କରିବ । ତେବେ ଏହା ପୂର୍ବରୁ ସୋମବାର ଅର୍ଥାତ୍ ଅଧିବେଶନର ପ୍ରଥମ ଦିନରେ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ବଡ଼ ଘୋଷଣା କରିଛନ୍ତି । ବିଧାନସଭାରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଦିଲ୍ଲୀର ପୂର୍ବ ସରକାର ତଥା ଆମ ଆଦମୀ ପାର୍ଟୀର କାର୍ଯକାଳ ଉପରେ ଶ୍ୱେତ ପତ୍ର ଜାରି କରାଯିବ । ସୂଚନାଯୋଗ୍ୟ, ଶ୍ୱେତ ପତ୍ର ଏକ ସରକାରୀ ଦସ୍ତାବିଜ୍ । ଏହାକୁ ସରକାରଙ୍କ ସମର୍ଥନ ଏବଂ ଲୋକଙ୍କ ମତ ଜାଣିବା ପାଇଁ ପ୍ରସ୍ତୁତ କରାଯାଇଥାଏ । ସେତିକି ନୁହେଁ ଶ୍ୱେତ ପତ୍ର ଦ୍ୱାରା ପୂର୍ବ ସରକାରଙ୍କ ତ୍ରୁଟିକୁ ମଧ୍ୟ ସାମ୍ନାକୁ ଅଣାଯାଇଥାଏ ଏବଂ ଏଥିରୁ ଶିଖି ନୂଆ ସରକାର ନୀତିରେ ପରିବର୍ତ୍ତନ କରିଥାନ୍ତି ।

## ଆହ୍ଲାବାଦ ହାଇକୋର୍ଟ ଓକିଲଙ୍କ ଧର୍ମଘଟ ଡାକରା

ନୂଆଦିଲ୍ଲୀ : ସୋମବାର ଦିନ ଭାରତର ମୁଖ୍ୟ ବିଚାରପତି (ସିଜେଆଇ) ସଞ୍ଜିବ ଖାନ୍ନାଙ୍କ ଅଧ୍ୟକ୍ଷତାରେ ଗଠିତ ସୁପ୍ରିମକୋର୍ଟ କଲେଜିୟମ ଜଷ୍ଟିସ୍ ଯଶୱନ୍ତ ବର୍ମାଙ୍କୁ ଆହ୍ଲାବାଦ ହାଇକୋର୍ଟକୁ ଫେରାଇବାକୁ କେନ୍ଦ୍ରକୁ ସୁପାରିଶ କରିଛନ୍ତି । ଏହାର ଅଳ୍ପ ସମୟ ପରେ, ଆହ୍ଲାବାଦ ହାଇକୋର୍ଟର ଓକିଲମାନେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧର୍ମଘଟ କରିବାକୁ ନିଷ୍ପତ୍ତି ନେଇଛନ୍ତି । ଏହା ଫଳରେ ଆସନ୍ତା କାଲି ଅର୍ଥାତ୍ ମଙ୍ଗଳବାରଠାରୁ ଆହ୍ଲାବାଦ ହାଇକୋର୍ଟରେ ବିଭିନ୍ନ ମାମଲାର ଶୁଣାଣିକାର୍ଯ୍ୟ ପ୍ରଭାବିତ ହେବାର ସମ୍ଭାବନା ରହିଛି । ଗତ ସପ୍ତାହରେ ହିଁ ଆହ୍ଲାବାଦ ହାଇକୋର୍ଟ ବାର୍ ଆସୋସିଏସନ ଜଷ୍ଟିମ ବର୍ମାଙ୍କୁ ସେଠାକୁ ବଦଳି କରିବାକୁ ବିରୋଧ କରିଥିଲା । ଆହ୍ଲାବାଦ ହାଇକୋର୍ଟ ଡଷ୍ଟବିନ ନୁହେଁ ବୋଲି ବାର୍ କହିଥିଲା । ଏହା ପୂର୍ବରୁ ଗତ ସପ୍ତାହରେ ହିଁ ଆହ୍ଲାବାଦ ହାଇକୋର୍ଟ ବାର୍ ଆସୋସିଏସନ ଜଷ୍ଟିମ ବର୍ମାଙ୍କୁ ସେଠାକୁ ବଦଳି କରିବାକୁ ବିରୋଧ କରିଥିଲା । ଆହ୍ଲାବାଦ ହାଇକୋର୍ଟ ଡଷ୍ଟବିନ ନୁହେଁ ବୋଲି ବାର୍ କହିଥିଲା । ସୋମବାର ଦିନ ଲାଇବ୍ରେରୀ ହଲରେ ଆଲ୍ଲାହାବାଦ ହାଇକୋର୍ଟ ବାର ଆସୋସିଏସନର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ୧୧ଟି ପ୍ରସ୍ତାବ ଗୃହୀତ ହୋଇଥିଲା ।

## ଭକ୍ତ ମାତା କର୍ମା ଜୟନ୍ତୀ ପାଇଁ ଶୁଭେଚ୍ଛା ଜଣାଇଲେ ବିଷ୍ଣୁଦେବ



ରାୟପୁର: ଛତିଶଗଡ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ରାଜ୍ୟବାସୀଙ୍କ ଭକ୍ତ ମାତା କର୍ମା ଜୟନ୍ତୀ ଅବସରରେ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି । ମାତା କର୍ମାଙ୍କ ଆଶୀର୍ବାଦରୁ ସମସ୍ତ ଛତିଶଗଡବାସୀଙ୍କ ଜୀବନରେ ସୁଖ, ସମୃଦ୍ଧି ଓ ଶାନ୍ତି ଭରିଯାଉ ଏନେଇ ମଧ୍ୟ କାମନା କରିଥିଲେ । ଶ୍ରୀ ସାଏ କହିଥିଲେ ଭଗବାନ ଶ୍ରୀକୃଷ୍ଣଙ୍କ ଅନନ୍ୟ ଭକ୍ତଭାବେ ପରିଚିତ ଭକ୍ତମାତା କର୍ମା ଆମ ସମସ୍ତଙ୍କ ପାଇଁ ଏକ ଆଦର୍ଶ ଓ ଏ ସମାଜ ପାଇଁ ପ୍ରେରଣା । ସେ ଆହୁରି କହିଥିଲେ ଯେ, ତାଙ୍କ ଜୀବନ ଭକ୍ତି, ତ୍ୟାଗ ଏବଂ ପରଉପକାରରେ ବିନିଯୋଗ ରହିଥିଲା । ସେ କହିଥିଲେ ତାଙ୍କୁ ସମାଜରେ ଜଣେ ଶ୍ରଦ୍ଧାବାନ୍ ବ୍ୟକ୍ତି ଭାବେ ପୂଜା କରନ୍ତି । ସାହୁ ତୈଳିକ ସମାଜର ଆରାଧ୍ୟ ଦେବୀ ମାତା କର୍ମାଙ୍କ ଜୟନ୍ତୀ ପାଇଁ ସାରା ରାଜ୍ୟରେ ଶୋଭାଯାତ୍ରା, କଳସ ଯାତ୍ରା ଏବଂ ଧାର୍ମିକ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ କରାଯାଇଛି । ଯାହାକି ଭାଇଚାରାର ନିଦର୍ଶନ ବୋଲି କୁହାଯାଇପାରେ । ମାତା କର୍ମାଙ୍କ ଆଶୀର୍ବାଦ ସମସ୍ତଙ୍କ ଉପରେ ସବୁଦିନ ରହିଥାଉ ଏବଂ ତାଙ୍କ କାର୍ଯ୍ୟ ସବୁଦିନେ ସମସ୍ତଙ୍କୁ ପ୍ରେରଣା ଦେଇଥାଉ ଏହା ହିଁ କାମନା କରିଥିଲେ ବିଷ୍ଣୁଦେବ ।

## ପହିଲାରୁ ଏଟିଏମ୍‌ରୁ ଟଙ୍କା ଉଠାଣ ହେବ ମହଙ୍ଗା !

ନୂଆଦିଲ୍ଲୀ: ୧ ମଇ ୨୦୨୫ରୁ ଏଟିଏମ୍‌ରୁ ଟଙ୍କା ଉଠାଇବା ମହଙ୍ଗା ହୋଇପାରେ । ଭାରତୀୟ ରିଜର୍ଭ ବ୍ୟାଙ୍କ ଏଟିଏମ ବିନିମୟ ଶୁଳ୍କ ବୃଦ୍ଧିକୁ ଅନୁମୋଦନ କରିଛି । ଏହି କାରଣରୁ, ଘରୋଇ ବ୍ୟାଙ୍କ ନେଟୱାର୍କ ବାହାରେ ଏଟିଏମ୍ ବ୍ୟବହାର କରୁଥିବା ଗ୍ରାହକମାନଙ୍କ ପାଇଁ ଟଙ୍କା ଉଠାଇବା କିମ୍ବା ବାଲାନ୍ସ ଯାଞ୍ଚ କରିବା ଏବେ ଟିକେ ମହଙ୍ଗା ହୋଇଯିବ । ଯେତେବେଳେ ଆପଣ ଗୋଟିଏ ମାସରେ ମାଗଣା କାରବାରର ସୀମା ଅତିକ୍ରମ କରିବେ, ସେତେବେଳେ ଏହି ଶୁଳ୍କଗୁଡ଼ିକ ଆପଣଙ୍କଠାରୁ ଲାଗୁ ହେବ । ମେଟ୍ରୋ ସହରଗୁଡ଼ିକରେ, ଘରୋଇ ବ୍ୟାଙ୍କ ବ୍ୟତୀତ ଅନ୍ୟ ବ୍ୟାଙ୍କର ଏଟିଏମରୁ ମାଗଣା କାରବାରର ସୀମା ପାଞ୍ଚଥର ଥିବାବେଳେ, ଅଣ-ମେଟ୍ରୋ ସହରଗୁଡ଼ିକରେ ମାଗଣା କାରବାରର ସୀମା ତିନିଥର ଧାର୍ଯ୍ୟ କରାଯାଇଛି । ଭାରତୀୟ ଜାତୀୟ ପେମେଣ୍ଟ ନିଗମ (ଏନ୍‌ପିସିଆଇ)ର ପ୍ରସ୍ତାବକୁ ରିଜର୍ଭ ବ୍ୟାଙ୍କ ସବୁଜ ସଙ୍କେତ ଦେଇଛି । ପ୍ରକୃତରେ, ହ୍ୱାଇଟ୍ ଲେବଲ ଏଟିଏମ୍ ଅପରେଟରମାନେ ଶୁଳ୍କ ବୃଦ୍ଧି କରିବା ଦାବି ରଖିଥିଲେ । ସେମାନେ ଯୁକ୍ତି ଦେଇଥିଲେ ଯେ ବର୍ଦ୍ଧିତ ପରିଚାଳନା ଖର୍ଚ୍ଚକୁ ଦୃଷ୍ଟିରେ ରଖି ପୁରୁଣା ଫି ଯଥେଷ୍ଟ ନୁହେଁ । ଅନ୍ୟପଟେ ଏଟିଏମ୍ ବିନିମୟ ଶୁଳ୍କ ବୃଦ୍ଧିର ଚାପ ଛୋଟ ବ୍ୟାଙ୍କଗୁଡ଼ିକ ଉପରେ ପଡ଼ିବ କାରଣ ସୀମିତ ଭିତ୍ତିଭୂମି ଯୋଗୁଁ ଏମାନଙ୍କ ପାଖରେ ସାଧାରଣତଃ କମ୍ ଏଟିଏମ୍ ଥାଏ । ଏଗୁଡ଼ିକ ଅନ୍ୟ ବ୍ୟାଙ୍କର ଏଟିଏମ ନେଟୱାର୍କ ଉପରେ ଅଧିକ ନିର୍ଭର କରନ୍ତି ।

# ବାଣିଜ୍ୟ



ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): କେନ୍ଦୁଝର ଜିଲ୍ଲାର ଏକ ଦୁର୍ଗମ ଗାଁର ପାଞ୍ଚ ମହିଳା ବିଦେଶୀ ଡ୍ରାଗନ ଫ୍ରୁଟ୍ ଚାଷ କରି ନୂଆ ସମ୍ଭାବନା ସୃଷ୍ଟି କରିଛନ୍ତି । ପ୍ରମୁଖ ପର୍ଯ୍ୟଟନ ସ୍ଥଳ ଭୀମକୁଣ୍ଡ ଜଳପ୍ରପାତ ଠାରୁ ୨୦ କିମି ଏବଂ ବାରିପଦାଠାରୁ ୬୦ କିମି ଦୂରରେ ଥିବା ସାହାରପଡ଼ା ବ୍ଲକ ତାଳପଡା ଗାଁର ଉମା ମହାନ୍ତ, ସଂଗୀତା ମହାନ୍ତ, ବନିତା ମହାନ୍ତ, ସରସ୍ୱତୀ ମହାନ୍ତ ଏବଂ ସୁଲୋଚନା ମହାନ୍ତ ପୂର୍ବରୁ ପରିବାରର ଖାଦ୍ୟ ଓ ଖର୍ଚ୍ଚ ଯୋଗାଡ଼ ପାଇଁ ପରିବା ଚାଷ କରୁଥିଲେ । କିନ୍ତୁ ଦୀର୍ଘକାଳୀନ ଉଦ୍ୟାନ କୃଷିରେ ଅଧିକ ଲାଭ ହେଉଥିବା ଜାଣିବା ପରେ ବିଦେଶୀ ଡ୍ରାଗନ ଫ୍ରୁଟ୍ ଚାଷ ପାଇଁ ଆଗ୍ରହୀ ହୋଇଥିଲେ । ସାମାଜିକ ସଂଗଠନ ସିୱାଇଏସ୍‌ଡି, ଡିଏମ୍‌ଏଫ୍ ଏବଂ ଏପିସି କର୍ମକର୍ତ୍ତାଙ୍କ ଆର୍ଥିକ ତଥା ବୈଷୟିକ ସହାୟତାରେ ପ୍ରାୟ ୨ ବର୍ଷ ପୂର୍ବେ ୧.୨୦ ଏକର ଜମିରେ ଡ୍ରାଗନ ଫ୍ରୁଟ୍ ଚାଷ ଆରମ୍ଭ କରିଥିଲେ । ଚାଷ ପୂର୍ବରୁ ଏହି ପାଞ୍ଚ ଆଗ୍ରହୀ ମହିଳାଙ୍କୁ ନେଇ ମା ତାରିଣୀ ପ୍ରଡ୍ୟୁସର ଗ୍ରୁପ ଗଠନ କରାଯାଇଥିଲା । ଜମିର ବିକାଶ ପରେ ଟିଟିଲାଗଡ଼ରୁ ଅଣାଯାଇଥିଲା ୧୭୨୦ଟି ଲାଲ୍ କିସମ ଡ୍ରାଗନ୍ ଫ୍ରୁଟ୍ ଚାରା । ଆବଶ୍ୟକୀୟ ଯତ୍ନ ଓ ଦେଖାରଖା ଫଳରେ ରୋପଣର ୮/୯ ମାସ ମଧ୍ୟରେ ଅମଳ ହୋଇଥିଲା ଫଳ ।

## ପୂର୍ବାଞ୍ଚଳ ଓ ଦକ୍ଷିଣାଞ୍ଚଳ ରାଜ୍ୟର ଜୋନାଲ୍ ସମୀକ୍ଷା ବୈଠକ



ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ଜାତୀୟ ଆପ୍ରେଂଟିସ୍ ପ୍ରୋତ୍ସାହନ ସ୍କିମ୍-୨ ଅଧୀନରେ ପୂର୍ବାଞ୍ଚଳ ଓ ଦକ୍ଷିଣାଞ୍ଚଳ ରାଜ୍ୟର ଜୋନାଲ୍ ସମୀକ୍ଷା ବୈଠକ ଅନୁଷ୍ଠିତ ହେବା ସହ ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରଣାଳୟ (ଏମ୍‌ଏସ୍‌ଡିଇ) ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଂଟ ହାସଲ କରିଛି । ଭୁବନେଶ୍ୱରର ବିଶ୍ୱ ଦକ୍ଷତା କେନ୍ଦ୍ରରେ ଏହି କର୍ମଶାଳା ଅନୁଷ୍ଠିତ ହୋଇଥଲା ଯେଉଁଥିରେ ୧୮ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳର ପ୍ରମୁଖ ଅଂଶୀଦାରମାନେ ଭାଗ ନେଇ ୨୦୨୬ ମାର୍ଚ୍ଚ ସୁଦ୍ଧା ୪୬ ଲକ୍ଷ ଆପ୍ରେଂଟିସ ନିୟୋଜିତ କରିବାର ଲକ୍ଷ୍ୟ, ଅଗ୍ରଗତି, ଆହ୍ୱାନ ଓ ରୋଡମ୍ୟାପ୍ ଉପରେ ଆଲୋଚନା ହୋଇଥିଲା । ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରଣାଳୟର ସଚିବ ଅତୁଲ କୁମାର ତିୱାରୀ କହିଛନ୍ତି ଯେ, 'ଜାତୀୟ ଆପ୍ରେଂଟିସିପ୍ ପ୍ରୋତ୍ସାହନ ଯୋଜନା କେବଳ ଏକ କାର୍ଯ୍ୟକ୍ରମ ନୁହେଁ । ଏହା ଭାରତର ଅଭିବୃଦ୍ଧି ଆକାଂକ୍ଷା ସହିତ ସମନ୍ୱିତ ଏକ ଶିଳ୍ପ ପ୍ରସ୍ତୁତ କର୍ମଚାରୀ ଗଠନ ଦିଗରେ ଏକ ପରିବର୍ତନଶୀଳ ଯାତ୍ରା । ଗତ କିଛି ବର୍ଷ ମଧ୍ୟରେ ଆମେ ଉଲ୍ଲେଖନୀୟ ଅଗ୍ରଗତି ଦେଖିଛୁ । ତିନି ଥର ଆପ୍ରେଂଟିସିପ୍ ସଂପୃକ୍ତିଠାରୁ ଆରମ୍ଭ କରି ଅନ୍ତର୍ଭୁକ୍ତୀକରଣକୁ ପ୍ରୋତ୍ସାହିତ କରିବା ଏବଂ ମହିଳାଙ୍କ ଅଂଶଗ୍ରହଣରେ ଉଲ୍ଲେଖନୀୟ ବୃଦ୍ଧି ଘଟିଛି । ଆର୍ଟିଫିସିଆଲ ଇଂଟେଲିଜେନ୍ସ ଏବଂ ଇଲେକ୍ଟ୍ରିକ୍ ଯାନ ମେକାନିକ୍ ଭଳି ଉଦୀୟମାନ ଶିଳ୍ପ ଧାରାକୁ ଆମେ ଗ୍ରହଣ କରୁଥିବା ବେଳେ ଆମର ଧ୍ୟାନ ଏକ ଦୃଢ଼, ସୁବ୍ୟବସ୍ଥିତ ଇକୋସିଷ୍ଟମ ସୃଷ୍ଟି କରିବା ଉପରେ ରହିଛି ଯାହା ଯୁବଗୋଷ୍ଠୀଙ୍କୁ ବିଶ୍ୱସ୍ତରୀୟ ପ୍ରାସଙ୍ଗିକ ଦକ୍ଷତା ସହିତ ସଶକ୍ତ କରୁଛି । ରାଜ୍ୟ, ଶିଳ୍ପ ଏବଂ ଏମଏସଏମଇ ସହିତ ସହଯୋଗୀ ପ୍ରୟାସ ଏବଂ ଟେକ୍ନୋଲୋଜିର ଉପଯୋଗ ମାଧ୍ୟମରେ, ଆମେ ଲକ୍ଷ ଲକ୍ଷ ଯୁବ ଭାରତୀୟଙ୍କ ପାଇଁ ଆପ୍ରେଂଟିସିପ୍ ପ୍ରଶିକ୍ଷଣକୁ ଆକାଂକ୍ଷୀ ଏବଂ ପ୍ରଭାବଶାଳୀ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ । ବୈଠକର ବିଷୟବସ୍ତୁ 'ଶିଳ୍ପ-ପ୍ରସ୍ତୁତ କର୍ମଚାରୀଙ୍କ ପାଇଁ ଆପ୍ରେଟିଂସିପ୍ ପ୍ରଶିକ୍ଷଣ' ଶିକ୍ଷା ଏବଂ ନିଯୁକ୍ତି ମଧ୍ୟରେ ଥିବା ବ୍ୟବଧାନକୁ ଦୂର କରିବାରେ ଆପ୍ରେଂଟିସିପର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲା । ରାଜ୍ୟଗୁଡ଼ିକ ଏବଂ ଟୋୟୋଟା କିର୍ଲୋସ୍କର, ଟାଟା ଗ୍ରୁପ୍ ଏବଂ ଭାରତ ଇଲେକ୍ଟ୍ରୋନିକ୍ସ ଲିମିଟେଡ୍ ଦ୍ୱାରା ଆକର୍ଷଣୀୟ ଏବଂ ବୁଝାମଣାପୂର୍ଣ୍ଣ ତଥ୍ୟ ଉପସ୍ଥାପନା କରାଯାଇଥିଲା । ଆରମ୍ଭ ହେବା ପରଠାରୁ ଏହି ସ୍କିମ୍‌ରେ ସମଗ୍ର ଦେଶରେ ୪୧.୨ ଲକ୍ଷରୁ ଅଧିକ ପ୍ରଶିକ୍ଷାର୍ଥୀଙ୍କୁ ନିୟୋଜିତ କରିଛି । କେବଳ ଏନଏପିଏସ -୨ ଅଧୀନରେ ୨୬ ଲକ୍ଷ ପ୍ରଶିକ୍ଷାର୍ଥୀ ପ୍ରଶିକ୍ଷଣ ନେଇଛନ୍ତି । ପ୍ରତ୍ୟକ୍ଷ ଲାଭ ହସ୍ତାଂର (ଡିବିଟି) ଜରିଆରେ ଷ୍ଟାଇପେଣ୍ଡ ସହାୟତା ବାବଦରେ ୧୫୫୦ କୋଟି ଟଙ୍କା ପ୍ରଶିକ୍ଷାର୍ଥୀଙ୍କ ଖାତାକୁ ସିଧାସଳଖ ପ୍ରଦାନ କରାଯାଇଛି । ସେହିପରି ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ଓ ଓଡ଼ିଶା ପୂର୍ବାଚଂଳରେ ଦୃଢ଼ ଅଂଶଗ୍ରହଣ କରି ଆଂଚଳିକ କର୍ମଶକ୍ତି ବିକାଶରେ ଉଲ୍ଲେଖନୀୟ ଅବଦାନ ରଖିଛନ୍ତି । ଆପ୍ରେଂଟିସିପ୍‌ରେ ମହିଳାଙ୍କ ଅଂଶଗ୍ରହଣ କ୍ରମାଗତ ଭାବେ ବୃଦ୍ଧି ପାଉଛି ଯାହା ଦକ୍ଷତା ବିକାଶକୁ ମହିଳା ଏବଂ ଅବହେଳିତ ସମୁଦାୟମାନଙ୍କ ପାଇଁ ଅଧିକ ଅନ୍ତର୍ଭୁକ୍ତୀକରଣ ଏବଂ ଉପଲବ୍ଧ କରାଇବା ପାଇଁ ପ୍ରୟାସକୁ ପ୍ରତିଫଳିତ କରୁଛି । ବୈଠକରେ ଉତ୍ତର ପୂର୍ବାଚଂଳ ଭଳି ଅନଗ୍ରସର ଅଂଚଳରେ ଆପ୍ରେଂଟିସିପ ସୁଯୋଗ ବଢ଼ାଇବା, ଡିବିଟିରେ ଷ୍ଟାଇପେଣ୍ଡ ପ୍ରଦାନ ପାଇଁ ଥିବା ବ୍ୟବଧାନ ଦୂର କରିବା ଆଦି ଉପରେ ଆଲୋଚନା ହୋଇଥିଲା । ରାଜ୍ୟ କ୍ରିୟାନ୍ୱୟନ ସମୀକ୍ଷା କମିଟି (ଏସଆଇଆରସି) ଓ ରାଜ୍ୟ ଆପ୍ରେଂଟିସିପ ପରିଷଦ (ଏସ୍‌ଏସି) ଭଳି ପ୍ରଶାସନିକ ଢାଂଚାକୁ ମଜଭୁଦ କରିବାର ରଣନୀତି ସମ୍ପର୍କରେ ଅଂଶୀଦାରମାନେ ଆଲୋଚନା କରିଥିଲେ । ଶିକ୍ଷା ଓ ଦକ୍ଷତା ବିକାଶର ସମନ୍ୱୟ ଲାଗି ଆପ୍ରେଂଟିସିପ୍ ଏମ୍ବେଡେଡ୍ ଡିଗ୍ରି ପ୍ରୋଗ୍ରାମର ପ୍ରସାର କରାଯାଇଥିଲା । ପ୍ରଧାନମନ୍ତ୍ରୀ ଜାତୀୟ ଆପ୍ରେଂଟିସିପ୍ ମେଳା ଓ ସଚେତନତା କର୍ମଶାଳା ଜରିଆରେ ଆପ୍ରେଂଟିସିପ୍ ନିୟୋଜନ ବଢ଼ାଇବାକୁ ମନ୍ତ୍ରଣାଳୟ ପ୍ରତିବଦ୍ଧ ରହିଛି ।

## ବଢ଼ିବ ପିଆଜ ଦର !

ନୂଆଦିଲ୍ଲୀ: ଆଗାମୀ ଗ୍ରୀଷ୍ମ ଋତୁରେ ମହଙ୍ଗା ହୋଇପାରେ ପିଆଜ । ଗ୍ରୀଷ୍ମ ଋତୁରେ ପିଆଜର ଚାହିଦା ବୃଦ୍ଧି ପାଏ, ତେଣୁ ଏହାର ଯୋଗାଣ ଏବଂ ମୂଲ୍ୟକୁ ନିୟନ୍ତ୍ରଣରେ ରଖିବା ଗୁରୁତ୍ୱପୂର୍ଣ୍ଣ । କିନ୍ତୁ ଏବେ ସରକାର ଦେଶରୁ ପିଆଜ ରପ୍ତାନି କରିବା ସହଜ କରିଦେଇଛନ୍ତି । ବର୍ତ୍ତମାନ ଭାରତରେ ପିଆଜ ରପ୍ତାନି ଉପରେ ଶୁଳ୍କ ଲାଗୁ ହୋଇଛି । ଏହାର ହାର ୨୦ ପ୍ରତିଶତ । ଏବେ ସରକାର ପିଆଜ ରପ୍ତାନି ଉପରେ ଏହି ୨୦ ପ୍ରତିଶତ ଶୁଳ୍କ ଏପ୍ରିଲ ୧ ରୁ ପ୍ରତ୍ୟାହାର କରିବାକୁ ନିଷ୍ପତ୍ତି ନେଇଛନ୍ତି । ୨୦ ପ୍ରତିଶତ ରପ୍ତାନି ଶୁଳ୍କ ପ୍ରତ୍ୟାହାର ନିଷ୍ପତ୍ତି ସମ୍ପର୍କରେ ସରକାରଙ୍କ ସରକାରୀ ବିଜ୍ଞପ୍ତିରେ କୁହାଯାଇଛି ଯେ ଚାଷୀଙ୍କ ସ୍ୱାର୍ଥ ରକ୍ଷା ପାଇଁ ଏହି ପଦକ୍ଷେପ ନିଆଯାଇଛି । ତଦନୁସାରେ, କନଜ୍ୟୁମର ବିଭାଗରୁ ଚିଠି ପାଇବା ପରେ ହିଁ ରାଜସ୍ୱ ବିଭାଗ ୨୦ ପ୍ରତିଶତ ରପ୍ତାନି ଶୁଳ୍କ ପ୍ରତ୍ୟାହାର କରିବା ପାଇଁ ଏକ ବିଜ୍ଞପ୍ତି ଜାରି କରିଛି । ସରକାର ସେପ୍ଟେମ୍ବର ୨୦୨୪ ରେ ପିଆଜ ରପ୍ତାନି ଉପରେ ଏହି ଶୁଳ୍କ ଲାଗୁ କରିଥିଲେ ।

## ଇରେଡାକୁ ସିବିଆଇପି ପୁରସ୍କାର




ନୂଆଦିଲ୍ଲୀ: ଅକ୍ଷୟ ଶକ୍ତିକ୍ଷେତ୍ରର ବିକାଶ ପ୍ରତି ଉଲ୍ଲେଖନୀୟ ଅବଦାନ ପାଇଁ ଭାରତୀୟ ଅକ୍ଷୟଶକ୍ତି ବିକାଶ ଏଜେନ୍ସି ଲିମିଟେଡ୍ (ଇରେଡା)କୁ 'ସିବିଆଇପି ପୁରସ୍କାର ୨୦୨୪' ପ୍ରଦାନ କରାଯାଇଛି । ଉଲ୍ଲେଖନୀୟ ନେତୃତ୍ୱ ଦକ୍ଷତା ପାଇଁ ଇରେଡାର ଅଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ପ୍ରଦୀପ କୁମାର ଦାସଙ୍କୁ 'ଅକ୍ଷୟ ଶକ୍ତିକ୍ଷେତ୍ରର ବିକାଶ ପ୍ରତି ଗୁରୁତ୍ୱପୂର୍ଣ୍ଣ ଅବଦାନ ପାଇଁ ସିବିଆଇପିଇଣ୍ଡିଭିଜୁଆଲ୍ (ବ୍ୟକ୍ତିଗତ) ପୁରସ୍କାରରେ ସମ୍ମାନିତ କରାଯାଇଛି । ନୂଆଦିଲ୍ଲୀରେ ଅନୁଷ୍ଠିତ ଏକ ସମାରୋହରେ କେନ୍ଦ୍ରୀୟ ବିଦ୍ୟୁତ୍ କର୍ତ୍ତୃପକ୍ଷ (ସିଇଏ) ଅଧ୍ୟକ୍ଷ ଘନଶ୍ୟାମ ପ୍ରସାଦ ଓ କେନ୍ଦ୍ରୀୟ ଜଳ ଆୟୋଗ ଅଧ୍ୟକ୍ଷ ଡକ୍ଟର ମୁକେଶ କୁମାର ସିହ୍ନା ପୁରସ୍କାର ପ୍ରଦାନ କରିଥିଲେ । ଇରେଡାସି ଏମ୍‌ଡି ପ୍ରଦୀପ କୁମାର ଦାସଙ୍କ ସହିତ ନିର୍ଦ୍ଦେଶକ (ଫାଇନାନ୍ସ) ଡକ୍ଟର ବିଜୟ କୁମାର ମହାନ୍ତି ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ପୁରସ୍କାର ଗ୍ରହଣ କରିଥିଲେ । କୃତଜ୍ଞତା ଜ୍ଞାପନ କରି ଇରେଡାରସି ଏମ୍‌ଡି ପ୍ରଦୀପ କୁମାର ଦାସ କହିଛନ୍ତି ଯେ, 'ଏହି ସ୍ୱୀକୃତି ଭାରତର ଅକ୍ଷୟ ଶକ୍ତି ଭବିଷ୍ୟତ ଗଠନ କରିବାରେ ଇରେଡାର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଦୋହରାଉଛି । ଏହ ।ଇରେଡାଟିମ୍‌ର ନିରନ୍ତର ସମର୍ପଣ ପ୍ରତି ସମ୍ମାନ ଯାହା ଏହି କ୍ଷେତ୍ରକୁ ସ୍ୱରୂପ ଦେବା ଲାଗି ନବସୃଜନ ଓ ସ୍ଥାୟିତ୍ୱ ପ୍ରତି ପ୍ରତିବଦ୍ଧ ରହିଛି । ଏହି ପୁରସ୍କାର ପାଇଁ ସିବିଆଇପିକୁ ଏବଂ ଏକ ସ୍ଥାୟୀ ଭବିଷ୍ୟତ ପ୍ରତି ଆମ ମିଳିତ ଲକ୍ଷ୍ୟକୁ ମୂଲ୍ୟବାନ ସମର୍ଥନ ଦେବା ପାଇଁ କେନ୍ଦ୍ରମନ୍ତ୍ରୀ, କେନ୍ଦ୍ର ରାଷ୍ଟ୍ର ମନ୍ତ୍ରୀ, ନବୀକରଣ ଓ ଅକ୍ଷୟଶକ୍ତି ମନ୍ତ୍ରଣାଳୟର ସଚିବ, ଆମ ନିର୍ଦ୍ଦେଶକ ବୋର୍ଡ ଏବଂ ମନ୍ତ୍ରଣାଳୟର ଅଧିକାରୀଙ୍କୁ ମୁଁ ହାର୍ଦ୍ଦିକ କୃତଜ୍ଞତା ଜଣାଉଛି ।

## ୧୦ ବର୍ଷରେ ଦୁଇଗୁଣା ହେଲା ଅର୍ଥନୀତି

ନୂଆଦିଲ୍ଲୀ: ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି ତଥ୍ୟ ଅନୁଯାୟୀ, ଭାରତ ଗତ ୧୦ ବର୍ଷ ମଧ୍ୟରେ ୧୦୫ ପ୍ରତିଶତ ଅଭିବୃଦ୍ଧି ସହିତ ଏହାର ଜିଡିପି (ମୋଟ ଘରୋଇ ଉତ୍ପାଦ) ଦ୍ୱିଗୁଣିତ କରିଛି, ଯାହା ୨୦୧୫ ରେ ୨.୧ ଟ୍ରିଲିୟନ ଡଲାରରୁ ୨୦୨୫ ରେ ୪.୩ ଟ୍ରିଲିୟନ ଡଲାର ହୋଇଛି । ଭାରତ ତୁଳନାରେ, ସମାନ ସମୟ ମଧ୍ୟରେ ଯୁକ୍ତରାଷ୍ଟ୍ର ଆମେରିକା ଏବଂ ଚାଇନାର ଜିଡିପି ଯଥାକ୍ରମେ ୬୬ ପ୍ରତିଶତ ଏବଂ ୪୪ ପ୍ରତିଶତ ବୃଦ୍ଧି ପାଇଛି । ଏହା ସହିତ, ଭାରତ ବର୍ତ୍ତମାନ ଯୁକ୍ତରାଷ୍ଟ୍ର (୩୦.୩ ଟ୍ରିଲିୟନ ଡଲାର), ଚାଇନା (୧୯.୫ ଟ୍ରିଲିୟନ ଡଲାର), ଜର୍ମାନୀ (୪.୯ ଟ୍ରିଲିୟନ ଡଲାର) ଏବଂ ଜାପାନ (୪.୪ ଟ୍ରିଲିୟନ ଡଲାର) ପରେ ବିଶ୍ୱର ଜିଡିପି ଦୃଷ୍ଟିରୁ ପଞ୍ଚମ ବୃହତ ଦେଶ । ଆଇଏମ୍‌ଏଫ୍ ତଥ୍ୟ ଅନୁଯାୟୀ, ଭାରତ ଖୁବ୍ ଶୀଘ୍ର ଜାପାନକୁ ପଛରେ ପକାଇବାକୁ ଯାଉଛି । ଭାଜପା ନେତା ଅମିତ ମାଲବ୍ୟ ତାଙ୍କ ଏକ୍ସ ପୋଷ୍ଟରେ ଅଭୂତପୂର୍ବ ହାରରେ ଭାରତର ଜିଡିପି ଅଭିବୃଦ୍ଧି ଦର୍ଶାଉଥିବା ଆଇଏମ୍‌ଏଫ୍ ତଥ୍ୟ ସେୟାର କରିଛନ୍ତି । ସେ କହିଛନ୍ତି, "ଭାରତ ଏକ ଉଲ୍ଲେଖନୀୟ ଅର୍ଥନୈତିକ ମାଇଲଖୁଣ୍ଟ ହାସଲ କରିଛି, ୨୦୧୫ ରେ ଏହାର ଜିଡିପି ୨.୧ ଟ୍ରିଲିୟନ ଡଲାରରୁ ୨୦୨୫ ରେ ୪.୩ ଟ୍ରିଲିୟନ ଡଲାର ହୋଇଛି – ଏହା ଅନ୍ୟ କୌଣସି ପ୍ରମୁଖ ବିଶ୍ୱ ଅର୍ଥନୀତି ଦ୍ୱାରା ଅତୁଳନୀୟ ୧୦୫ % ଅଭିବୃଦ୍ଧି । ଏହି ଅସାଧାରଣ ସଫଳତା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିର୍ଣ୍ଣାୟକ ନେତୃତ୍ୱ ଏବଂ ତାଙ୍କ ସରକାରଙ୍କ ନିଷ୍ଠୁର ପ୍ରୟାସର ପ୍ରମାଣ ।"

## ବନ୍ଧନ ଏଏମ୍‌ସି ପକ୍ଷରୁ ବେଦାର୍ଥର ଶୁଭାରମ୍ଭ

ନୂଆଦିଲ୍ଲୀ : ଭାରତୀୟ ନିବେଶ ପରିଚାଳନା ଶିଳ୍ପ କ୍ଷେତ୍ରରେ ଏକ ଅଗ୍ରଣୀ ନାମ ବନ୍ଧନ ଏଏମସି ଏହାର ନୂଆ ବୈକଳ୍ପିକ ନିବେଶ ପ୍ଲାଟଫର୍ମ ବେଦାର୍ଥର ଘୋଷଣା କରିଛି । ଏହି ନୂଆ ପ୍ଲାଟଫର୍ମ ବନ୍ଧନ ଏଏମ୍‌ସିର ଅଲ୍ଟରନେଟିଭ ଇନ୍‌ଭେଷ୍ଟମେଂଟ ଫଣ୍ଡ (ଏଆଇଏଫ) ସମେତ ପୋର୍ଟଫୋଲିଓ ମ୍ୟାନେଜମେଣ୍ଟ ସର୍ଭିସେସ (ପିଏମଏସ) ଅଧିନରେ ତାଲିକାଭୁକ୍ତ ଇକ୍ୱିଟି ଓ ଫିକ୍ସଡ-ଇନକମ ସଲ୍ୟୁଶନର ବ୍ୟବହାର କରୁଥିବା ଉତ୍ପାଦ ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛି । ବେଦାର୍ଥ ଅଧିନରେ ଦିଆଯାଉଥିବା ଇକ୍ୱିଟି-କୈନ୍ଦ୍ରିକ ଉତ୍ପାଦଗୁଡ଼ିକୁ ଅଲ୍ଟରନେଟସ୍ (ଲିଷ୍ଟେଡ ଇକ୍ୱିଟିଜ୍)ର ମୁଖ୍ୟ ମୃଣାଳଙ୍କ ନେତୃତ୍ୱାଧୀନ ଏକ ଟିମ ଦ୍ୱାରା ପରିଚାଳନା କରାଯିବ, ସେହିପରି ବେଦାର୍ଥ ଅଧିନରେ ଦିଆଯାଉଥିବା ଫିକ୍ସଡ ଇନକମ ଉତ୍ପାଦଗୁଡ଼ିକୁ ପିଏମଏସ ଆଣ୍ଡ ଅଲ୍ଟରନେଟିଭ -ଫିକ୍ସଡ ଇନକମ ବିଭାଗର ମୁଖ୍ୟ ଭୁପେନ୍ଦ୍ର ମିଲ୍ଲଙ୍କ ନେତୃତ୍ୱାଧୀନ ଏକ ଟିମ ପରିଚାଳନା କରିବ । ଏ ସମ୍ପର୍କରେ ବନ୍ଧନ ଏଏମ୍‌ସିର ସିଇଓ ବିଶାଲ କପୁର କହିଛନ୍ତି, 'ବେଦାର୍ଥ, ସ୍ୱତନ୍ତ୍ର ଆବଶ୍ୟକତା ଥିବା ଏକ ନିର୍ଦ୍ଦିଷ୍ଟ ଗ୍ରାହକ ଆଧାରଙ୍କ ଚାହିଦା ପୂରଣ କରିବାର ଏକ ଲକ୍ଷ୍ୟରୁ ଜନ୍ମ ହୋଇଥିଲା । ବେଦାର୍ଥ ସଂସ୍କୃତ ଶବ୍ଦ ବେଦରୁ ଏହାର ମହତ୍ୱ ବା ଗୁଣକୁ ଧାରଣ କରିଛି, ଜ୍ଞାନ ଓ ଅର୍ଥ ମାଧ୍ୟମରେ ବିଜ୍ଞତାର କାଳଜୟୀ ଅନୁସନ୍ଧାନକୁ ନୂଆ ରୂପ ଦେଇଛି, ଉଦ୍ଦେଶ୍ୟମୂଳକ ସମ୍ପତି ସୃଷ୍ଟି ମାଧ୍ୟମରେ ସମୃଦ୍ଧତାକୁ ସୂଚିତ କରୁଛି । ସେହିପରି ବନ୍ଧନ ଏଏମ୍‌ସିର ଅଲ୍ଟରନେଟିଭ୍‌ସ (ଲିଷ୍ଟେଡ ଇକ୍ୱିଟିଜ୍) ବିଭାଗର ମୁଖ୍ୟ ମୃଣାଳ ସିଂହ କହିଛନ୍ତି, 'ବେଦାର୍ଥ ଆମର ଗ୍ରାହକଙ୍କ ବିବିଧ ଆର୍ଥିକ ଆକାଂକ୍ଷାକୁ ପୂରଣ କରୁଥିବା ଅତ୍ୟାଧୁନିକ ସମାଧାନ ପ୍ରଦାନ କରିବା ପାଇଁ ଆମର ପ୍ରତିବଦ୍ଧତାକୁ ପ୍ରତିଫଳନ କରୁଛି । ତାଲିକାଭୁକ୍ତ ଇକ୍ୱିଟି କ୍ଷେତ୍ରରେ ଉଦ୍ଭାବନ, ବିଶେଷଜ୍ଞତା ଓ ଉଦ୍ଦେଶ୍ୟ-ଚାଳିତ ରଣନୀତିଗୁଡିକୁ ଏକତ୍ରିତ କରି, ଆମେ ଆମର ଗ୍ରାହକଙ୍କୁ ସେମାନଙ୍କର ସମ୍ପତି ସୃଷ୍ଟି ଯାତ୍ରାରେ ସହଯୋଗ କରିବା ପାଇଁ ଲକ୍ଷ୍ୟ ରଖିଛୁ ।

## ଭି ପକ୍ଷରୁ ନୂଆ ରିଚାର୍ଜ ପ୍ଲାନ୍‌ର ଶୁଭାରମ୍ଭ

ନୂଆଦିଲ୍ଲୀ: ଦର୍ଶକମାନେ ଟି୨୦ ଲିଗ୍‌ର ରୋମାଂଚ ଦେଖିବା ଲାଗି ପ୍ରସ୍ତୁତ ଥିବାବେଳେ ମ୍ୟାଚ୍‌ର ନିରବଚ୍ଛିନ୍ନ ଷ୍ଟ୍ରିମିଂ ପାଇଁ ଯଥେଷ୍ଟ ପରିମାଣର ଓ ଦ୍ରୁତସ୍ପିଡ୍‌ର ଡାଟା ଦରକାର । ଭିଗ୍ରାହକମାନେ ଅତୁଳନୀୟ ଡାଟା ଅନୁଭୂତି ଓ ଜିଓ ହଟ୍‌ଷ୍ଟାର୍‌ର ବଣ୍ଡଲଡ ନିଃଶୁଳ୍କ ସବ୍‌ସ୍କ୍ରିପ୍‌ସନ୍ ସହିତ ଏହିମ୍ୟାଚ୍ ଗୁଡ଼ିକର ପ୍ରତିଟି ମୁହୂର୍ତ୍ତକୁ ଉପଭୋଗ କରିପାରିବେ । ଏକ ନିରବଚ୍ଛିନ୍ନ କ୍ରିକେଟ୍ ଅନୁଭୂତି ପାଇଁ ଭିଗ୍ରାହକମାନେ ବିଭିନ୍ନ ପ୍ୟାକ୍‌ରୁ ଚୟନ କରିପାରିବେ । ଏହିସିଜନ୍‌ରେ ଭି ପକ୍ଷରୁ ଶ୍ରେଷ୍ଠ ମୂଲ୍ୟ ଓ ଲାଭ ପାଇଁ ୩ଟି ନୂଆ ରିଚାର୍ଜ ପ୍ଲାନ୍‌ର ଶୁଭାରମ୍ଭ କରାଯାଇଛି । ୧୦୧ ଟଙ୍କାର ରିଚାର୍ଜ ପ୍ଲାନ୍‌ରେ ୩ ମାସର ଜିଓହଟଷ୍ଟାର (ମୋବାଇଲ) ସବ୍‌ସ୍କ୍ରିପ୍‌ସନ୍ ସହିତ ୫ ଜିବି ଡାଟା ପାଇପାରିବେ । ୩୯୯ ଟଙ୍କାର ରିଚାର୍ଜ ପ୍ଲାନ୍‌ରେ ଅସୀମିତ କଲ୍ ସହିତ ମଧ୍ୟ ରାତି ୧୨ଟାରୁ ମଧାହ୍ନ ୧୨ଟା ପର୍ଯ୍ୟନ୍ତ ଅତୁଳନୀୟ ଡାଟା, ଦୈନିକ ଅତିରିକ୍ତ ୨ ଜିବି ଡାଟା, ଜିଓହଟ୍‌ଷ୍ଟାର୍‌ର ମୋବାଇଲ୍ ସବ୍‌ସ୍କ୍ରିପ୍‌ସନ୍ ମିଳିବ । ଏହାର ବୈଧତା ୨୮ ଦିନ ରହିଛି । ୨୩୯ ଟଙ୍କିଆ ରିଚାର୍ଜରେ ଅସୀମିତ କଲ୍ ସହିତ ୨ ଜିବି ଡାଟା ଓ ୨୮ ଦିନ ପାଇଁ ଜିଓ ହଟ୍‌ଷ୍ଟାର୍ ମୋବାଇଲ୍ ସବ୍‌ସ୍କ୍ରିପ୍‌ସନ ମିଳିବ । ଭି ପକ୍ଷରୁ ଡାଟା ଲାଭ ସହିତ ଜିଓ ହଟଷ୍ଟାର ସବ୍‌ସ୍କ୍ରିପ୍‌ସନ୍‌ର ଅନେକ ପ୍ଲାନ୍ ରହିଛି । ୪୬୯ ଟଙ୍କିଆ ପ୍ଲାନ୍‌ର ବୈଧତା ୨୮ ଦିନ ଥିବାବେଳେ ସେଥିରେ ଅସୀମିତ କଲ୍, ରାତି ୧୨ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଅସୀମିତ ଡାଟା ସହିତ ଦୈନିକ ୨.୫ ଜିବି ଡାଟା ମିଳିବ । ୯୯୪ ଟଙ୍କିଆ ପ୍ଲାନ୍‌ର ବୈଧତା ୮୪ ଦିନ ଥିବାବେଳେ ଅସୀମିତ କଲ୍, ରାତି ୧୨ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଅସୀମିତ ଡାଟା ସହିତ ଦୈନିକ ୨ ଜିବି ଡାଟା ମିଳିବ । ସେହିପରି, ୩୬୯୯ ଟଙ୍କିଆ ପ୍ଲାନ୍‌ର ବୈଧତା ୩୬୫ ଦିନ ଥିବାବେଳେ ସେଥିରେ ଅସୀମିତ କଲ୍, ରାତି ୧୨ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଅସୀମିତ ଡାଟା ସହିତ ଦୈନିକ ୨ଜିବି ଡାଟା ମିଳିବ ।

ଓଡିଶା ଭାସ୍କର
ଖେଳ ଖବର
ପୃଷ୍ଠା-୭
Page-7
ଭୁବନେଶ୍ୱର
Bhubaneswar
୨୫.୦୩.୨୦୨୫
25.03.2025



ମୁମ୍ବାଇ : ୨୩ତାରିଖରେ ଚେପକରେ ଜମିଥିଲା ଚେନ୍ନାଇ ସୁପର କିଙ୍ଗ୍ସ ଓ ମୁମ୍ବାଇ ମଧ୍ୟରେ ଆଇପିଏଲ୍ ମୁକାବିଲା । ପ୍ରଥମ ମ୍ୟାଚ୍ ଚେନ୍ନାଇର ସବୁଠାରୁ ବଡ଼ ପ୍ରତିଦ୍ୱନ୍ଦ୍ୱୀ ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷରେ ଥିଲା । ଚେନ୍ନାଇ ଦଳ ଏହି ମ୍ୟାଚ୍‌କୁ ବହୁତ ସହଜରେ ଜିତିନେଇଥିଲା। ଦଳର ପୂର୍ବତନ ଅଧିନାୟକ ଏମ୍ ଏସ୍ ଧୋନିଙ୍କ ରଣନୀତି ଏହି ବିଜୟକୁ ଆହୁରି ସ୍ୱତନ୍ତ୍ର କରିଥିଲା । ଧୋନିଙ୍କ ବ୍ୟାଟିଂ ଯାଦୁ ଦେଖାଇବାର ସୁଯୋଗ ମିଳିନଥିଲା । କିନ୍ତୁ ସେ ନିଶ୍ଚିତ ଭାବେ ଦୁଇଟି ବଲ ଖେଳିଥିଲେ । ଖାଲି ବ୍ୟାଟିଂ କରିନଥିଲେ ତ ମୁମ୍ବାଇର ଜଣେ ବୋଲରଙ୍କୁ ବ୍ୟାଟ୍‌ରେ ପିଟିଥିଲେ ମଧ୍ୟ । ଯାହାର ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ସୂଚନା ଥାଉକି, ଚେପକରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଚେନ୍ନାଇ ୪ ୱିକେଟ୍‌ରେ ମୁମ୍ବାଇକୁ ପରାସ୍ତ କରିଥିଲା। ଏହି ମ୍ୟାଚ୍‌ରେ ଧୋନି ତାଙ୍କର ଉତ୍କୃଷ୍ଟ ୱିକେଟକିପିଂ ସହିତ ମୁମ୍ବାଇର ସବୁଠାରୁ ବଡ଼ ୱିକେଟ୍ ତାଙ୍କ ଦଳକୁ ଦେଇଥିଲେ । ଆଖି ପିଛୁଳାକେ ସେ ମୁମ୍ବାଇ ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କୁ ଷ୍ଟମ୍ପ ଆଉଟ୍ କରି ଚେପକ ଷ୍ଟାଡିୟମରେ ହଇଚଇ ସୃଷ୍ଟି କରିଥିଲେ। ଚେନ୍ନାଇର ବିଜୟ ପରେ, ଉଭୟ ଦଳର ଖେଳାଳିମାନେ ପରସ୍ପର ସହିତ ହାତ ମିଳାଇବା ଆରମ୍ଭ କରିଥିଲେ। ଏହି ସମୟରେ ଧୋନି ମୁମ୍ବାଇ ଖେଳାଳିମାନଙ୍କ ସହ କଥା ହେଉଥିଲେ ଓ ହାତ ମିଳାଉଥିଲେ । ଏତିକିବେଳେ ପାଳି ପଡିଥିଲା ମୁମ୍ବାଇ ଇଣ୍ଡିଆନ୍ସର ବୋଲର ଦୀପକ ଚହର । ତାଙ୍କ ଟର୍ଣ୍ଣ ପଡିବା ପରେ ସେ ବି ତାଙ୍କ ସାମ୍ନାକୁ ଆସିଥିଲେ । ଚହର ଧୋନିଙ୍କୁ କିଛି କହିଥିଲେ । ପରେ ଧୋନି ସଂଗେ ସଂଗେ ତାଙ୍କ ବ୍ୟାଟ୍ ଉଠାଇ ତାଙ୍କୁ ଟିକିଏ ବାଡେଇଥିଲେ। ତେବେ ଏହା ଆକ୍ରୋଶମୂଳକ ନଥିଲା । ମଜ୍ଜା ମଜ୍ଜାରେ ଧୋନୀ ଚହରଙ୍କୁ ପିଟିଥିଲେ । ଚହର ବି ହସି ହସି ଦୌଡ଼ିଥିଲେ ।

୪ର୍ଥ ମ୍ୟାଚ୍ | ଦିଲ୍ଲୀ କ୍ୟାପିଟାଲ୍ସ ବନାମ ଲକ୍ଷ୍ନୌ ସୁପରଜିଆଣ୍ଟସ

# ଦିଲ୍ଲୀ କ୍ୟାପିଟାଲ୍ସ ୧ ୱିକେଟ୍‌ରେ ବିଜୟୀ



ବିଶାଖାପାଟଣା : ବିଶାଖାପାଟଣାଠାରେ ସୋମବାର ଦିଲ୍ଲୀ କ୍ୟାପିଟାଲ୍ସ ଓ ଲକ୍ଷ୍ନୌ ସୁପରଜିଆଣ୍ଟ ମଧ୍ୟରେ ଚତୁର୍ଥ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ୧ୱିକେଟ୍‌ରେ ବିଜୟ ହାସଲ କରିଛି। ଏହି ମ୍ୟାଚରେ ଦିଲ୍ଲୀ ଟସ ଜିତି ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଲକ୍ଷ୍ନୌ ପକ୍ଷରୁ ଏଇଡେନ ମାର୍କରାମ ଓ ମିଚେଲ ମାର୍ସ ସତର୍କତାର ସହ ବ୍ୟାଟିଂ ଆରମ୍ଭ କରିଥିଲେ ବି ମାର୍କରାମ ୧୫ ରନ କରି ଆଉଟ ହୋଇଥିଲେ । ତେବେ ମାର୍ସ ଓ ନିକୋଲାସ ପୁରନ ଆକ୍ରାମକ ବ୍ୟାଟିଂ କରି ସ୍କୋରକୁ ଦ୍ରୁତ ଗତିରେ ଆଗେଇ ନେଇଥିଲେ । ମାର୍ସ ମାତ୍ର ୩୬ ବଲରେ ୭୨ ରନ କରିଥିବାବେଳେ ପୁରନ ମାତ୍ର ୩୦ ବଲରେ ୭୫ ରନ କରିଥିଲେ । ଡେଭିଡ ମିଲର ୨୭ ରନ କରିଥିଲେ । ମାତ୍ର ଅଧିନାୟକ ଋଷଭ ପନ୍ତ ଖାତା ଖୋଲିପାରିନଥିଲେ । ଦଳ ନିର୍ଦ୍ଧାରିତ ୨୦ ଓଭରରେ ୮ ୱିକେଟ ହରାଇ ୨୦୯ ରନ କରିଥିଲା । ଦିଲ୍ଲୀ ପକ୍ଷରୁ ମିଚେଲ ଷ୍ଟାର୍କ ୩ଟି ୱିକେଟ ନେଇଥିବାବେଳେ କୁଳଦୀପ ଯାଦବ ୨ଟି ୱିକେଟ ନେଇଥିଲେ । ୨୧୦ରନ୍‌ର ଟାର୍ଗେଟ ନେଇ ମୈଦାନକୁ ଓହ୍ଲାଇଥିଲା ଦିଲ୍ଲୀ କ୍ୟାପିଟାଲ୍ସ। ଜାକ୍ ଫ୍ରାସ୍‌ର ଓ ଫାଓ ଡୁପ୍ଲେସିସ୍ ଓପନିଂ ଆସିଥିଲେ। ଜାକ୍ ଫ୍ରାସ୍‌ର ମାତ୍ର ୧ରନ୍ କରି ଆଉଟ ହୋଇଯାଇଥିଲେ। ପରେ ପରେ ଫାଓ ଡୁପ୍ଲେସିସ୍ ୨୯ରନ୍ କରି ଆଉଟ୍ ହୋଇଥିଲେ। ୱିକେଟ କିପର ଅଭିଷେକ ପୋରେଲ୍ ଖାତା ଖୋଲି ପାରିନଥିଲେ। ସେହିପରି ସମିର ରିଜ୍‌ଭି ମଧ୍ୟ ୪ ରନ୍ କରି ଆଉଟ୍ ହୋଇଥିଲେ। ଯାହା ଲାଗୁଥିଲା ଦିଲ୍ଲୀ କ୍ୟାପିଟାଲ ଆଉ ମ୍ୟାଚ୍‌କୁ ଫେରି ପାରିବ ନାହିଁ। କିନ୍ତୁ ଅଧିନାୟକ ଅକ୍ଷର ପଟେଲ କିଛିଟା ଆଶ ସଂଚାର କରିଥିଲେ। ସେ ୨୨ ରନ୍ କରି ଆଉଟ ହୋଇଥିଲେ। ତ୍ରସାନ ଷ୍ଟୁବସ୍ ୩୪ କରି ମ୍ୟାଚ୍‌ର ରୋମାଞ୍ଚ ଭରି ଦେଇଥିଲେ। କିନ୍ତୁ ଆଜିର ମ୍ୟାଚର ହିରୋ ସାଜି ଥିଲେ ଆଶୁତୋଷ ଶର୍ମା। ସେ ୩୧ଟି ବଲ୍‌ରେ ଧୁଆଁଧାର ୬୬ କରି ଶେଷ ପର୍ଯ୍ୟନ୍ତ ରହି ମ୍ୟାଚ୍ ଜିତାଇଥିଲେ। ତାଙ୍କୁ ସହଯୋଗ କରିଥିଲେ ଭିପରାଜ ନିଗମ, ସେ ୩୯ରନ୍ କରି ଆଉଟ ହୋଇଯାଇଥିଲେ। ତାଙ୍କ ପରେ କୁଳଦିପ୍ ଯାଦବ ୫ ଓ ମିଚେଲ୍ ଷ୍ଟ୍ରାସ୍ ୨ କରି ଆଉଟ ହୋଇଯାଇଥିଲେ। ଶେଷ ଆଶା ନେଇ ମୈଦାନକୁ ଓହ୍ଲାଇଥିଲେ ମୋହିତ ଶର୍ମା ସେ ୧କରି ନଟ୍‌ଆଉଟ୍ ରହିଥିଲେ।

# ସେଣ୍ଟ୍ରାଲ କଣ୍ଟ୍ରାକ୍ଟ ଘୋଷଣା କଲା ବିସିସିଆଇ



ନୂଆଦିଲ୍ଲୀ: ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସୋମବାର ମହିଳା ଦଳର କେନ୍ଦ୍ରୀୟ ଚୁକ୍ତିନାମା ଘୋଷଣା କରିଛି। ବୋର୍ଡ ୧୬ ଜଣ ଖେଳାଳିଙ୍କୁ ୩ଟି ବର୍ଗରେ ବିଭକ୍ତ କରିଛି। ଗ୍ରେଡ୍ ଏ ରେ ସ୍ମୃତି ମନ୍ଧାନା ଏବଂ ହରମନପ୍ରୀତ କୌରଙ୍କ ସମେତ ୩ ଜଣ ଖେଳାଳି ଅଛନ୍ତି। ଗ୍ରେଡ୍ ବି ରେ ସେଫାଲି ବର୍ମାଙ୍କ ସମେତ ୪ ଜଣ ଖେଳାଳି ଏବଂ ଗ୍ରେଡ୍ ସିରେ ୯ ଜଣ ଖେଳାଳି ଅଛନ୍ତି। ବିସିସିଆଇ ଅଲରାଉଣ୍ଡର ଦୀପ୍ତି ଶର୍ମାଙ୍କ ସହିତ ସ୍ମୃତି ମନ୍ଧାନା ଏବଂ ହରମନପ୍ରୀତ କୌରଙ୍କୁ କେନ୍ଦ୍ରୀୟ ଚୁକ୍ତିନାମାର ଏ ବର୍ଗରେ ସାମିଲ କରିଛି। ରେଣୁକା ସିଂହ, ଜେମିମା ରଡ୍ରିଗ୍ସ, ରିଚା ଘୋଷ ଏବଂ ସେଫାଲି ବର୍ମାଙ୍କୁ ତାଲିକା ବିରେ ସାମିଲ କରାଯାଇଛି। ବିସିସିଆଇ ଖୁବ୍‌ଶୀଘ୍ର ପୁରୁଷ ଜାତୀୟ ଦଳର କେନ୍ଦ୍ରୀୟ ଚୁକ୍ତିନାମାର ତାଲିକା ମଧ୍ୟ ପ୍ରକାଶ କରିବ। ଗ୍ରେଡ୍ ଏରେ ସାମିଲ ସ୍ମୃତି ମନ୍ଧାନା, ହରମନପ୍ରୀତ କୌର ଏବଂ ଦୀପ୍ତି ଶର୍ମା ପ୍ରତ୍ୟେକେ ବାର୍ଷିକ ୫୦ ଲକ୍ଷ ଟଙ୍କା ପାଇବେ। ଗ୍ରେଡ୍ ବିରେ ସାମିଲ ହୋଇଥିବା ୪ ଖେଳାଳିଙ୍କୁ ବାର୍ଷିକ ୩୦ ଲକ୍ଷ ଟଙ୍କା ମିଳିବ। ଗ୍ରେଡ୍ ସିରେ ଅନ୍ତର୍ଭୁକ୍ତ ୯ ଜଣ ମହିଳା ଖେଳାଳିଙ୍କୁ ପ୍ରତିବର୍ଷ ୧୦ ଲକ୍ଷ ଟଙ୍କା ମିଳିବ । ୨୦୨୨ ମସିହାରେ ବିସିସିଆଇ ଘୋଷଣା କରିଥିଲା ଯେ ପୁରୁଷ ଏବଂ ମହିଳା କ୍ରିକେଟରଙ୍କୁ ସମାନ ମ୍ୟାଚ୍ ଫି ଦିଆଯିବ। ତଥାପି, ବାର୍ଷିକ କେନ୍ଦ୍ରୀୟ ଚୁକ୍ତିନାମାରେ ଏକ ପାର୍ଥକ୍ୟ ଅଛି। ପୁରୁଷ କ୍ରିକେଟରମାନଙ୍କୁ ୪ଟି ବର୍ଗରେ ଏବଂ ମହିଳା କ୍ରିକେଟରମାନଙ୍କୁ ୩ଟି ବର୍ଗରେ ରଖାଯାଇଛି । ପୁରୁଷ ସି ବର୍ଗର ଖେଳାଳିମାନେ ମଧ୍ୟ ମହିଳା ଏ ବର୍ଗର ଖେଳାଳିଙ୍କ ତୁଳନାରେ ଅଧିକ ଟଙ୍କା ପାଆନ୍ତି। ଭାରତୀୟ ପୁରୁଷ କ୍ରିକେଟରଙ୍କ କେନ୍ଦ୍ରୀୟ ଚୁକ୍ତି ବିଷୟରେ କହିବାକୁ ଗଲେ, ଗ୍ରେଡ୍ ଏ ଖେଳାଳିମାନେ ପ୍ରତିବର୍ଷ ୫ କୋଟି ଟଙ୍କା ପାଆନ୍ତି। ଗ୍ରେଡ୍ ବି ଖେଳାଳିମାନେ ପ୍ରତ୍ୟେକଙ୍କୁ ୩ କୋଟି ଟଙ୍କା ଏବଂ ଗ୍ରେଡ୍ ସି ଖେଳାଳିମାନେ ୧ କୋଟି ଟଙ୍କା ପାଆନ୍ତି। ପୁରୁଷ କ୍ରିକେଟରେ ସବୁଠାରୁ ବଡ଼ ଗ୍ରେଡ୍ ହେଉଛି ଏ ପ୍ଲସ୍, ଏଥିରେ ସାମିଲ ଖେଳାଳିମାନେ ପ୍ରତିବର୍ଷ ୭ କୋଟି ଟଙ୍କା ପାଆନ୍ତି।

ଗ୍ରେଡ୍ ଏ: ହରମନପ୍ରୀତ କୌର, ସ୍ମୃତି ମନ୍ଧାନା, ଦୀପ୍ତି ଶର୍ମା
ଗ୍ରେଡ୍ ବି: ରେଣୁକା ସିଂହ, ଜେମିମା ରଡ୍ରିଗ୍ସ, ରିଚା ଘୋଷ, ସେଫାଳି ବର୍ମା
ଗ୍ରେଡ୍ ସି: ଯସ୍ତିକା ଭାଟିଆ, ରାଧା ଯାଦବ, ଶ୍ରେୟଙ୍କା ପାଟିଲ, ତିତସ ସାଧୁ, ଅରୁନ୍ଧତୀ ରେଡ୍ଡୀ, ଅମନଜୋତ କୌର, ଉମା ଛେତ୍ରୀ, ସ୍ନେହା ରାଣା, ପୂଜା ବସ୍ତ୍ରାକର।

# ଜୁନିଅର କ୍ରିକେଟ୍ ତାଲିମ୍ ଶିବିର ଉଦ୍‌ଘାଟିତ



ମାଲକାନଗିରି (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ସଦରରେ ଥିବା ଚାଲାଣଗୁଡ଼ା ସ୍ଥିତ କ୍ରିକେଟ ଖେଳ ପଡ଼ିଆ ଠାରେ ଅନୁଷ୍ଠିତ ସ୍ୱତନ୍ତ୍ର ତାଲିମ ଶିବିରରେ ଭାରତୀୟ କ୍ରିକେଟ ଦଳର ପୂର୍ବତନ କୋଚ ତଥା ବୈଷୟିକ ନିର୍ଦ୍ଦେଶକ ଭି ଭେଙ୍କଟ ରାମ ଯୋଗ ଦେଇଥିଲେ। ୧୭ ବର୍ଷରୁ କମ ଜୁନିଅର କ୍ରିକେଟରଙ୍କ ନିମନ୍ତେ ଆୟୋଜିତ ସ୍ୱତନ୍ତ୍ର ତାଲିମ ଶିବିରରେ ସେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଧୋନି, ତେନ୍ଦୁଲକର, ବିରାଟ କୋହଲି, ଗମ୍ଭୀରଙ୍କ ଭଳି ଖେଳାଳିଙ୍କ ଉଦାହରଣ ଦେଇଥିଲେ । ଖେଳରେ ସଫଳତା ପାଇଁ ଶୃଙ୍ଖଳା ଓ କଠିନ ପରିଶ୍ରମ ଓ ନିଷ୍ଠା ସହ ସଂଗ୍ରାମ କଲେ ସଫଳତା ଆପଣଙ୍କ ପାଦ ଛୁଇଁବ ବୋଲି ପ୍ରକାଶ କରିଥିଲେ। ତିନିଦିନିଆ ଶିବିରରେ ୧୦୦ରୁ ଊର୍ଦ୍ଧ୍ୱ ଖେଳାଳି ଯୋଗ ଦେଇଥିବା ବେଳେ ଅନ୍ୟ ମାନଙ୍କ ମଧ୍ୟରେ ଓସିଏର କୋଚ ପ୍ରୀତମଜିତ ଦାସ ଓ ସୌରଭ ସାଇଗଲ ଉପସ୍ଥିତ ରହି କ୍ରୀଡାବିତଙ୍କୁ ଉତ୍ସାହିତ କରି ଓ ତାଲିମ ଦେଇଥିଲେ। ଭାରତୀୟ କ୍ରିକେଟ ଦଳର ପୂର୍ବତନ ମ୍ୟାନେଜର ପପୁ ସିଂ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଜିଲା କ୍ରିକେଟ ଆସୋସିଏସନ ସଭାପତି ଏମଡି ଫାରୁକ, ସମ୍ପାଦକ ହୃଦାନନ୍ଦ ସାହୁ ଉପସ୍ଥିତ ଥିଲେ।

## ମ୍ୟାଚ ବେଳେ ତାମିମ ଇକବାଲଙ୍କୁ ହୃଦ୍‌ଘାତ



ନୂଆଦିଲ୍ଲୀ: ପୂର୍ବତନ ବାଂଲାଦେଶ ଅଧିନାୟକ ତମିମ ଇକବାଲ ହୃଦଘାତର ଶିକାର ହୋଇଛନ୍ତି। ମ୍ୟାଚ ଖେଳୁଥିବା ସମୟରେ ତମିମ ଇକବାଲଙ୍କୁ ହୃଦଘାତ ହୋଇଥିଲା। ତାଙ୍କୁ ତୁରନ୍ତ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସୂଚନା ଅନୁସାରେ, ଡିପିଏଲରେ ମହମ୍ମଦାନ ସ୍ପୋର୍ଟିଂ କ୍ଲବ ଏବଂ ଶିନେପୁକୁର କ୍ରିକେଟ କ୍ଲବ ମଧ୍ୟରେ ମ୍ୟାଚ ଚାଲିଥିଲା। ଏହି ମ୍ୟାଚ ଚାଲିଥିବାବେଳେ ତାମିମ ଛାତିରେ ପ୍ରବଳ ଯନ୍ତ୍ରଣା ଅନୁଭବ କରିଥିଲେ। ତାଙ୍କୁ ତୁରନ୍ତ ଫାଜିଲାତୁନ୍ନେସା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସା ପାଇଁ ତାଙ୍କୁ ଢାକା ନେବାକୁ ଯୋଜନା ହୋଇଥିଲା। କିନ୍ତୁ ଠିକ ସମୟରେ ହେଲିକପ୍ଟର ଉଡ଼ି ନ ଥିଲା। ଫଳରେ ତାଙ୍କୁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟ ପରୀକ୍ଷା ପରେ ତାଙ୍କ ବଡ଼ ଧରଣର ହୃଦଘାତ ହୋଇଥିବା ଡାକ୍ତରମାନେ କହିଛନ୍ତି। ତାମିମ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେବା ଲାଗି ୨୦୨୩ ଜୁଲାଇରେ ଘୋଷଣା କରିଥିଲେ। କିନ୍ତୁ ତତ୍କାଳୀନ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କ ହସ୍ତକ୍ଷେପ ଯୋଗୁ ସେ ନିଜ ନିଷ୍ପତ୍ତି ବଦଳାଇଥିଲେ। ତାମିମ ବାଂଲାଦେଶ ପାଇଁ ୭୦ଟି ଟେଷ୍ଟ ମ୍ୟାଚ, ୨୪୩ ଦିନିକିଆ ଏବଂ ୭୮ଟି ଟି-୨୦ ମ୍ୟାଚ ଖେଳିଛନ୍ତି।

# ରାଜ୍ୟ ଗୋଷ୍ଠୀ କ୍ରୀଡ଼ା ରେସ୍ : ରେକର୍ଡ ଭାଙ୍ଗିଲେ ପ୍ରିୟଙ୍କା



ନୂଆଦିଲ୍ଲୀ: ରାଜ୍ୟଗୋଷ୍ଠୀ କ୍ରୀଡ଼ା ରେସ ୱାକର ପ୍ରିୟଙ୍କା ଗୋସ୍ୱାମୀ ମହିଳା ୩୫ କିମି ଇଭେଣ୍ଟରେ ଜାତୀୟ ରେକର୍ଡ ସୃଷ୍ଟି କରିଛନ୍ତି। ସ୍ଲୋଭାକିଆର ଡୁଡିନ୍ସଠାରେ ଚାଲିଥିବା ଡୁଡିନସ୍କା ୫୦ ପ୍ରତିଯୋଗିତାରେ ସେ ଦୌଡ଼କୁ ୨:୫୬:୩୪ ସେକେଣ୍ଡରେ ଶେଷ କରିଥିଲେ। ସେ ୧୧ତମ ସ୍ଥାନରେ ରହି ଦୌଡ଼ ଶେଷ କରିବା ସହ ଜାତୀୟ ରେକର୍ଡ ଭଙ୍ଗ କରିଥିଲେ। ଏଥିପୂର୍ବରୁ ଜାତୀୟ ରେକର୍ଡ ମଞ୍ଜୁ ରାନୀଙ୍କ ନାମରେ ଥିଲା। ସେ ୨୦୨୩ ନ୍ୟାଶନାଲ ଓପନ ରେସ ୱାକିଂ ଚାମ୍ପିୟନଶିପରେ ୨:୫୭:୫୪ ସେକେଣ୍ଡ ଟାଇମିଂ ହାସଲ କରିଥିଲେ। ପାଉଲା ମିଲେନା ୨:୪୪:୨୬ ସେକେଣ୍ଡ ଟାଇମିଂ ସହ ମହିଳା ୩୫ କିମି ରେସ ୱାକ ଇଭେଣ୍ଟରେ ଚାମ୍ପିୟନ ହୋଇଥିଲେ। ପେରୁର କିମ୍ବରଲି ଗାର୍ସିଆ (୨:୪୫:୫୯ ସେ.) ଓ ପୋଲାଣ୍ଡର କାଟାରଜିନା ଜଜିବ୍ଲୋ (୨:୪୬:୫୯ ସେ.) ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଅନ୍ୟପକ୍ଷରେ ଜାତୀୟ ରେକର୍ଡ ଅଧିକାରୀ ଅକ୍ଷଦୀପ ସିଂ ପୁରୁଷ ୨୦ କିମି ରେସ ୱାକରେ ୧:୨୪:୧୪ ସେ. ଟାଇମିଂ ସହିତ ଷଷ୍ଠ ସ୍ଥାନରେ ରହିଥିଲେ।

# ନୂଆସାହି ପ୍ରିମିୟର ଲିଗ୍: କପାଳେଶ୍ୱର ଚାମ୍ପିଅନ୍



ଟାଙ୍ଗୀ-ଚୌଦ୍ୱାର (ଭାସ୍କର ନ୍ୟୁଜ୍) : ଚୌଦ୍ୱାର ପୌରପାଳିକା ୧୭ନଂ ୱାର୍ଡ ସ୍ଥିତ ନୂଆସାହି ଖେଳ ପଡିଆରେ ୩ଦିନ ବ୍ୟାପି ନୂଆସାହି ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । କଟକ ଓ ଭୁବନେଶ୍ୱର ସମେତ ଆଖପାଖ ଅଞ୍ଚଳର ୧୬ଟି ଟିମ ଏଥିରେ ଅଂଶଗ୍ରହଣ କରିଥିଲେ । କପାଳେଶ୍ୱର ଓ କଲ୍ୟାଣପୁର ମଧ୍ୟରେ ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ କପାଳେଶ୍ୱର ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୫ଓଭରରେ ୫୮ରନ ସଂଗ୍ରହ କରିଥିବା ବେଳେ ଜବାବରେ କଲ୍ୟାଣପୁର ମାତ୍ର ୩୫ ରନରେ ସିମିତ ରହିଥିଲା। ନୂଆସାହି କ୍ରିକେଟ ଆସୋସିଏସନ ପକ୍ଷରୁ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ବିଧାୟକ ସୌଭିକ ବିଶ୍ୱାଳ, ପୌରଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ନଗର ବିଜେଡି କାର୍ଯ୍ୟକାରୀ ସଭାପତି ବିମଳ କୁମାର ବେଉରା, କାଉନସିଲର ଆଶୁତୋଷ ଦାସ, ମହିଳା ସଭାନେତ୍ରୀ କବିତାରାଣୀ ଲେଙ୍କା, ସୁବାସ ବାରିକ, ଭାସ୍କର ଚନ୍ଦ୍ର ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗଦେଇ କପାଳେଶ୍ୱର ଟିମକୁ ଚମ୍ପିୟାନ ଟ୍ରଫି ଓ କଲ୍ୟାଣପୁର ଟିମକୁ ରନର୍ସଅପ୍ ଟ୍ରଫି ପ୍ରଦାନ କରିଥିଲେ। ନାରାୟଣ ଦାସ ଓ ବିଶ୍ୱଜିତ ଖଟୁଆ ଖେଳ ପରିଚାଳନା କରିଥିଲେ । ଆସୋସିଏସନର ଦାନିଏଲ ପାତ୍ରୀ, ରଜତ୍ ପଣ୍ଡା, ସୁଜିତ କୁମାର ବେହେରା, ସୁଧାନନ୍ଦ ପଣ୍ଡା, ଜ୍ଞାନେନ୍ଦ୍ର ବଳ ପ୍ରମୁଖ ପରିଚାଳନା କରିଥିଲେ।

## ଆର୍ଚରଙ୍କୁ 'କାଳୀ ଟାକ୍ସି' କହି ଅଡୁଆରେ ହରଭଜନ



ନୂଆଦିଲ୍ଲୀ: ଇଂଲଣ୍ଡର ଦ୍ରୁତ ବୋଲର ଜୋଫ୍ରା ଆର୍ଚରଙ୍କ ପ୍ରତି ବର୍ଣ୍ଣବୈଷମ୍ୟ ଏବଂ ଜାତିଆଣ ମନ୍ତବ୍ୟ ଦେଇ ଅଡୁଆରେ ପଡ଼ିଛନ୍ତି ପୂର୍ବତନ ଭାରତୀୟ କ୍ରିକେଟର ହରଭଜନ ସିଂହ। ଗତ ରବିବାର ଆଇପିଏଲର ଏକ ମ୍ୟାଚ ସମୟରେ ହରଭଜନ ଆର୍ଚରଙ୍କୁ 'କାଳୀ ଟାକ୍ସି' ବୋଲି ସମ୍ବୋଧିତ କରିଥିଲେ। ଏହା ପରେ ପରେ ସାମାଜିକ ଗଣମାଧ୍ୟମରେ ବହୁ ପ୍ରତିକ୍ରିୟା ଦେଖିବାକୁ ମିଳିଥିଲା। ଅନେକ ବ୍ୟକ୍ତି ହରଭଜନଙ୍କ ଏପରି ମନ୍ତବ୍ୟକୁ ନାପସନ୍ଦ କରିବା ସହିତ ତାଙ୍କୁ ନିଷିଦ୍ଧ କରିବା ଲାଗି ଦାବି କରିଛନ୍ତି। ଗତ ରବିବାର ସନରାଇଜର୍ସ ହାଇଦ୍ରାବାଦ(ଏସଆରଏଚ) ଏବଂ ରାଜସ୍ଥାନ ରୟାଲ୍ସ ମଧ୍ୟରେ ହାଇଦ୍ରାବାଦର ରାଜୀବ ଗାନ୍ଧୀ ଅନ୍ତର୍ଜାତୀୟ ଷ୍ଟାଡିୟମରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ଏସଆରଏଚ ୨୮୬ ରନର ବିଶାଳ ସ୍କୋର କରିଥିଲା। ରାଜସ୍ଥାନ ବୋଲର ଆର୍ଚର ୪ ଓଭରରେ ୭୬ ରନ ବ୍ୟୟ କରିଥିଲେ, ଯାହା ଆଇପିଏଲ ଇତିହାସରେ ସର୍ବାଧିକ। ଆର୍ଚର ବୋଲିଂ କରିବା ସମୟରେ ହରଭଜନ କହିଥିଲେ, 'ଲଣ୍ଡନରେ କାଳୀ ଟାକ୍ସି ଦ୍ରୁତ ଗତିରେ ଦୌଡ଼େ, ଆଉ ଏଠାରେ ଆର୍ଚର ସାହାବଙ୍କ ମିଟର ବି ଦ୍ରୁତଗତିରେ ଦୌଡୁଛି'। ଏହାକୁ ନେଇ ସାମାଜିକ ଗଣମାଧ୍ୟମରେ କିଛି ବ୍ୟବହାରକାରୀ ହରଭଜନଙ୍କୁ କଡ଼ା ସମାଲୋଚନା କରିଛନ୍ତି। ହରଭଜନ ଆର୍ଚରଙ୍କୁ କଳା ଟାକ୍ସିର ଡ୍ରାଇଭର ସହ ତୁଳନା କରି ଭୁଲ କରିଛନ୍ତି ବୋଲି ଜଣେ ସମାଲୋଚକ ଲେଖିଛନ୍ତି।

## ବୁମ୍‌ରା ଫେରିବା ନେଇ ସୂଚନା ଦେଲେ ପ୍ରଶିକ୍ଷକ

ନୂଆଦିଲ୍ଲୀ: ଚଳିତ ଆଇପିଏଲ ସିଜିନର ପ୍ରଥମ ମ୍ୟାଚ୍‌ରେ ମୁମ୍ବାଇ ଇଣ୍ଡିଆନ୍ସକୁ ପରାଜୟର ସାମ୍ନା କରିବାକୁ ପଡିଛି । ହାର୍ଦ୍ଦିକ ପାଣ୍ଡ୍ୟା ଏବଂ ଜସପ୍ରିତ ବୁମରାହଙ୍କ ବିନା ଖେଳିଥିବା ମୁମ୍ବାଇ ଇଣ୍ଡିଆନ୍ସକୁ ଚେନ୍ନାଇ ସୁପର କିଙ୍ଗ୍ସ ୪ ୱିକେଟରେ ପରାସ୍ତ କରିଥିଲା। ଜସପ୍ରିତ ବୁମରାହ କେବେ ଦଳରେ ଯୋଗ ଦେଇପାରିବେ ତାହା ପାରସ ମାହାମ୍ବରେ ସୂଚନା ଦେଇଛନ୍ତି। ପାରସ ମାହାମ୍ବରେଙ୍କ ଅନୁଯାୟୀ, ଜସପ୍ରିତ ବୁମରାଙ୍କ ଫେରିବା ପାଇଁ ସମୟ ଲାଗିପାରେ। ସେ କହିଛନ୍ତି ଯେ ଜସପ୍ରିତ ବୁମରା ଦ୍ରୁତ ଗତିରେ ସୁସ୍ଥ ହେଉଛନ୍ତି। ଜାତୀୟ କ୍ରିକେଟ ଏକାଡେମୀରୁ ନିରନ୍ତର ସୂଚନା ମିଳୁଛି। ଜସପ୍ରିତ ବୁମରାଙ୍କ ସୁସ୍ଥତାରେ ଆମେ ଖୁସି। କିନ୍ତୁ ସେ କେବେ ଫେରିବେ ମୁଁ କହିପାରିବି ନାହିଁ।ତଥାପି, ମୁଁ ଚାହେଁ ଯେ ଜସପ୍ରିତ ବୁମରା ଯଥାଶୀଘ୍ର ଫେରି ଆସନ୍ତୁ କାରଣ ସେ ମୁମ୍ବାଇ ଇଣ୍ଡିଆନ୍ସର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ରହିଆସିଛନ୍ତି।

## ସିଏସ୍‌କେ ଉପରେ ବଲ୍ ଟ୍ରାମ୍ପରିଂ ଅଭିଯୋଗ



ଚେନ୍ନାଇ: ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ରବିବାର ଇଣ୍ଡିଆନ ପ୍ରିମିୟର ଲିଗ୍ ୨୦୨୫ର ପ୍ରଥମ ମ୍ୟାଚରେ ମୁମ୍ବାଇ ଇଣ୍ଡିଆନ୍ସ (ଏମ୍‌ଆଇ) ବିପକ୍ଷରେ ୪ ୱିକେଟରେ ବିଜୟ ହାସଲ କରିଛି। ଷ୍ଟମ୍ପ ପଛରେ ଧୋନିଙ୍କ ଷ୍ଟମ୍ପିଂ ସହିତ ଏହା ସବୁଠାରୁ ବଡ଼ ଆଲୋଚନାର ବିଷୟ ପାଲଟିଛି। ରଚିନ ରବିନ୍ଦ୍ରଙ୍କ ୬୫ ଏବଂ ନୁର ଅହମ୍ମଦଙ୍କ ୪ ୱିକେଟ ନେବା ସୁପର କିଙ୍ଗ୍ସର ପ୍ରଥମ ମୁକାବିଲାରେ ବିଜୟର ପ୍ରମୁଖ ଭୂମିକା ଗ୍ରହଣ କରିଥିଲା। ତେବେ ସୋସିଆଲ ମିଡିଆରେ ଏକ ଭିଡିଓ ଭାଇରାଲ ହୋଇଛି, ଯେଉଁଥିରେ ଚେନ୍ନାଇର ଦୁଇ ଷ୍ଟାର ଋତୁରାଜ ଗାୟକଓ୍ୱାଡ ଏବଂ ଖଲିଲ ଅହମ୍ମଦଙ୍କୁ ଦର୍ଶାଯାଇଛି। ଯେଉଁଥିରେ ଦୁହିଁଙ୍କ ଉପରେ 'ବଲ୍ ଟ୍ୟାମ୍ପରିଂ'ର ଅଭିଯୋଗ ଲାଗିଛି। ଭିଡିଓରେ, ଖଲିଲ୍ ଏବଂ ଋତୁରାଜ କିଛି ଆଦାନପ୍ରଦାନ କରିଥିବା ପରି ମନେ ହେଉଛି। ଏହାପରେ ସିଏସ୍‌କେ ଅଧିନାୟକ ନିଜ ପକେଟରେ କିଛି ରଖିବା ଦେଖା ଯାଉଛି। ଯାହାକୁ ନେଇ ଦୁହେଁ 'ବଲ୍ ଟ୍ୟାମ୍ପରିଂ'ର କରିଥିବା କୁହାଯାଉଛି।

# ଏସ୍‌ପିଏସ୍‌ବି ଆନ୍ତଃ ଇସ୍ପାତ ଚେସ୍ ଚାମ୍ପିଅନସିପ୍ : ଆର୍‌ଏସ୍‌ପି ଚାମ୍ପିଅନ୍



ଦୁର୍ଗାପୁର (ଭାସ୍କର ନ୍ୟୁଜ୍) : ଚଳିତ ବର୍ଷ ଦୁର୍ଗାପୁରର ଷ୍ଟିଲ କ୍ଲବ୍‌ରେ ମାର୍ଚ୍ଚ ୨୦ ରୁ ୨୨ ତାରିଖ ପର୍ଯ୍ୟନ୍ତ ଚାଲିଥିବା ଏସ୍‌ପି ଏସ୍‌ବି ଆନ୍ତଃ ଇସ୍ପାତ ଚେସ୍ ଚାମ୍ପିଅନସିପ୍‌ରେ ସେଲ ଆର୍‌ଏସପି ଚାମ୍ପିଅନ ଭାବରେ ଉଭା ହୋଇଛି। ଏହି ଟୁର୍ଣ୍ଣାମେଣ୍ଟଟି ଆଲୟ ଷ୍ଟିଲ୍ ପ୍ଲାଣ୍ଟ ଦ୍ୱାରା ଆୟୋଜିତ ହୋଇଥିଲା ଏବଂ ଏଥିରେ ବୋକାରୋ ଷ୍ଟିଲ୍ ପ୍ଲାଣ୍ଟ, ଭିଲାଇ ଷ୍ଟିଲ୍ ପ୍ଲାଣ୍ଟ, ଦୁର୍ଗାପୁର ଷ୍ଟିଲ୍ ପ୍ଲାଣ୍ଟ, ଆଲୟ ଷ୍ଟିଲ୍ ପ୍ଲାଣ୍ଟ, ଇସ୍କୋ, ବର୍ନପୁର, ସାଲେମ୍ ଷ୍ଟିଲ୍ ପ୍ଲାଣ୍ଟ, ଆର ଆଇ ଏନ ଏଲ ଏବଂ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ ଅଂଶଗ୍ରହଣ କରିଥିଲେ। ଏହି ଚାମ୍ପିଅନସିପ୍ ରାଉଣ୍ଡ ରବିନ୍ ଲିଗ୍ ଫର୍ମାଟ୍ ଅନୁସରଣ କରିଥିଲା, ଯେଉଁଠାରେ ପ୍ରତ୍ୟେକ ଦଳ ଅନ୍ୟ ସମସ୍ତ ଦଳ ସହିତ ପ୍ରତିଯୋଗିତା କରିଥିଲା। ଆରଏସପି ଦଳ ପକ୍ଷରୁ ଟି ଏଣ୍ଡ ଆର ଏମ ବିଭାଗର ସିନିୟର ମ୍ୟାନେଜର ବିନାୟକ ଜେନା, କୋକ ଓଭେନ ବିଭାଗର ସିନିୟର ଟେକ୍ନିସିଆନ୍, ଏନ. ଏନ. ବେହେରା, ଏସ୍‌ଏମ୍‌ଏସ୍-୨ ବିଭାଗର ଏମ୍ ଓ ଏମ୍ ଟି ଗୋବର୍ଦ୍ଧନ ବେହେରା, ପ୍ଲେଟ ମିଲ ବିଭାଗର ଏମ୍ ଓ ଏମ୍ ଟି, ଆଇ. ସି. ଭୂୟାଁ, ଏବଂ ଏଫ୍‌ଏମ୍‌ଏମ୍ ବିଭାଗର ମାଷ୍ଟର୍ ଟେକ୍ନିସିଆନ୍ ଏସ. କେ. ନାୟକ, ଚିତାକର୍ଷକ ଖେଳ ପ୍ରଦର୍ଶନ କରିଥିଲେ। ଆର୍‌ଏସ୍‌ପି ଟିମ ସହିତ ବ୍ଲାଷ୍ଟ ଫର୍ଣ୍ଣେସ୍ ବିଭାଗର ମାଷ୍ଟର୍ ଟେକ୍ନିସିଆନ୍ କୋଚ ତଥା ଖେଳ ମ୍ୟାନେଜର ପି. ସି. ସାହୁ ଉପସ୍ଥିତ ଥିଲେ। ଉଲ୍ଲେଖନୀୟ ଯେ, ଟୁର୍ଣ୍ଣାମେଣ୍ଟରେ ସ୍ଥିରତା ଏବଂ ଦକ୍ଷତା ପ୍ରଦର୍ଶନ ପୂର୍ବକ ଟିମ୍ ଆର୍‌ଏସ୍‌ପି ପ୍ରଥମ ରାଉଣ୍ଡରୁ ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲା। ସେମାନଙ୍କର ଉତ୍କୃଷ୍ଟ ପ୍ରଦର୍ଶନ ସହିତ ଶେଷ ରାଉଣ୍ଡରେ ଦୁର୍ଗାପୁର ଷ୍ଟିଲ୍ ପ୍ଲାଣ୍ଟ ଉପରେ ନିର୍ଣ୍ଣାୟକ ବିଜୟ ହାସଲ କରି ଚାମ୍ପିଅନସିପ୍ ଟାଇଟଲ ହାସଲ କରିଥିଲା। ଏଥିରେ ଦୁର୍ଗାପୁର ଷ୍ଟିଲ୍ ପ୍ଲାଣ୍ଟକୁ ରନର୍ସ-ଅପ୍ ଘୋଷଣା କରାଯାଇଥିଲା। ଏଥିସହିତ ବିନାୟକ ଜେନା, ଗୋବର୍ଦ୍ଧନ ବେହେରା ଏବଂ ଏନ ଏନ ବେହେରା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ବୋର୍ଡରେ ବ୍ୟକ୍ତିଗତ ବୋର୍ଡ ପୁରସ୍କାର ପାଇଥିଲେ। ପରିଶେଷରେ ପୁରସ୍କାର ବିତରଣ ସମାରୋହରେ ଏଏସ୍‌ପିର ନିର୍ବାହୀ ନିର୍ଦ୍ଦେଶକ ଏସ ସୁବରାଜ, ଅଧ୍ୟକ୍ଷତା କରିବା ସହିତ ଅନ୍ୟ ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ଉପସ୍ଥିତିରେ ଟ୍ରଫି ପ୍ରଦାନ କରିଥିଲେ।

# ଗୋପବନ୍ଧୁ ପ୍ରିମିୟର ଲିଗ୍ କ୍ରିକେଟ୍: ଚୌଦ୍ୱାର ପୋଲିସ ଏକାଦଶ ବିଜୟୀ



ଟାଙ୍ଗୀ-ଚୌଦ୍ୱାର (ଭାସ୍କର ନ୍ୟୁଜ୍): ଚୌଦ୍ୱାର ଓଟିମ କଲୋନୀ ସ୍ଥିତ ଗୋପବନ୍ଧୁ ଖେଳପଡିଆରେ ଚାଲିଥିବା ଗୋପବନ୍ଧୁ ପ୍ରିମିୟର ଲିଗ କ୍ରିକେଟ ଟୁର୍ଣ୍ଣମେଣ୍ଟ ଅବସରରେ ଚୌଦ୍ୱାର ପୋଲିସ ଏକାଦଶ ଓ ଚୌଦ୍ୱାର ସାମ୍ବାଦିକ ଏକାଦଶ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି । ସାମ୍ବାଦିକ ଏକାଦଶ ଟସ୍ ଜିତି ପ୍ରଥମେ ବ୍ୟାଟିଂ ଆରମ୍ଭ କରି ନିର୍ଦ୍ଧାରିତ ୬ଓଭରରେ ୩ୱିକେଟ ହରାଇ ୯୧ରନ ସଂଗ୍ରହ କରିଥିଲା । ସୁଶୀଲ ରାଉତ ସର୍ବାଧିକ ୫୨ରନ କରିଥିଲେ । ଜବାବରେ ପୋଲିସ ଏକାଦଶ ୩ଟି ୱିକେଟ ହରାଇ ୯୨ରନ ସଂଗ୍ରହ କରି ବିଜୟୀ ହୋଇଥିଲା । ପୋଲିସ ଏକାଦଶର ରିତିକ୍ ସାହୁ ସର୍ବାଧିକ ରନ ସଂଗ୍ରହ କରି ଦଳକୁ ବିଜୟୀ କରାଇଥିଲେ । ବିଧାୟକ ସୌଭିକ୍ ବିଶ୍ୱାଳ, ପୌର ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ଆଇଆଇସି ବିଶ୍ୱ ରଞ୍ଜନ ସାହୁ, ଏସଆଇ ସରସ୍ୱତୀ ସାହୁ, ବିମଲ କୁମାର ବେଉରା ପ୍ରମୁଖ ଅତିଥି ଭାବେ ଯୋଗଦେଇ ପୋଲିସ ଟିମର ଅଧିନାୟକ ସୌମ୍ୟରଞ୍ଜନ ପାଣି ଓ ସାମ୍ବାଦିକ ଟିମର ଅଧିନାୟକ ସତ୍ୟବ୍ରତ ଦାସଙ୍କୁ ଟ୍ରଫି ପ୍ରଦାନ କରିଥିଲେ ।ସାମ୍ବାଦିକ ବିଶ୍ୱଜିତ୍ ଭଞ୍ଜ, ଅମିତ ବେଉରା, ସଂଜୟ ରାଉତ, ସଂଜୟ କୁମାର ପାତ୍ର, ଅର୍ଜୁନ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ଓଡ଼ିଶା ଭାସ୍କର
ODISHA BHASKAR

# ବିବିଧବର୍ଣ୍ଣା



ସକାଳୁ ଉଠି ଚା’ ପିଇବା ପ୍ରାୟତଃ ସମସ୍ତଙ୍କର ଅଭ୍ୟାସ । ବିଶେଷ କରି ଭାରତୀୟଙ୍କ ଜୀବନଚର୍ଯ୍ୟାରେ ଚା’ର ସ୍ଥାନ ନିଶ୍ଚିତ ଭାବେ ଉଚ୍ଚରେ । ସକାଳର ଚା’ ବିନା କେତେକଙ୍କର ନିଦ ଛାଡ଼େ ନାହିଁ । ଚା’ ବିନା ଅନେକଙ୍କର ବି ଜୀବନ ଆରମ୍ଭ ହୁଏ ନାହିଁ । ଅତୀତରେ ଚା’ ସମ୍ଭ୍ରାନ୍ତ ପରିବାରର ପାନୀୟ ଥିଲା । ଏସବୁ ପରିବାରର ବିଳାସପ୍ରିୟ ଲୋକମାନେ ମୂଲ୍ୟବାନ୍ ଟ୍ରେ ଉପରେ ପୋର୍ସିଲିନ୍ ଓ ଚାନ୍ଦିର କପରେ ଚା’ ପିଉଥିଲେ । ଏବେ ଗରିବରୁ କୋଟିପତି ପର୍ଯ୍ୟନ୍ତ ସମସ୍ତଙ୍କ ପାଇଁ ଚା’ ସୁଲଭ ପାନୀୟର ମାନ୍ୟତା ପାଇଛି । ସମ୍ଭାଷଣ, ସମ୍ମାନ ଓ ଶ୍ରଦ୍ଧା ପ୍ରଦର୍ଶନ ପାଇଁ ଚା’ ମଧ୍ୟ ଏକ ମାଧ୍ୟମ । ସକାଳୁ ହିଁ ମନ ଓ ଶରୀରକୁ ଚା’ ସତେଜ କରିଥାଏ । କାର୍ଯ୍ୟକ୍ଷେତ୍ରରେ କ୍ଳାନ୍ତ ଲାଗିଲେ, ପାଗ ଖରାପ ଯୋଗୁଁ ମୁଣ୍ଡ ଓଜନିଆ ଲାଗିଲେ, ଥଣ୍ଡା ସର୍ଦ୍ଦି ହେଲେ ମନ ସତେଜ ରହେନାହିଁ, ଚା’ ପିଇବାକୁ ଇଚ୍ଛାହୁଏ । ଚା’ ପିଇବା ଦ୍ୱାରା ଏକ ଉତ୍ତମ ସ୍ୱାସ୍ଥ୍ୟର ଅଧିକାରୀ ହେବା ସହ ଦୃଷ୍ଟିଶକ୍ତି ବୃଦ୍ଧି ହୋଇଥାଏ । ନିୟମିତ ଚା’ ପିଇବା ଦ୍ୱାରା ହୃଦ୍‌ଘାତ ହେବାର ସମ୍ଭାବନା କମିଥାଏ । ୟୁଏନ ତଥ୍ୟ ଅନୁସାରେ ବିଶ୍ୱରେ ପାଣି ପରେ ଚା’ ହେଉଛି ଆବଶ୍ୟକୀୟ ପାନୀୟ । ଜୀବନକୁ ସତେଜ ଓ ଫୂର୍ତ୍ତି କରିଦିଏ କପେ ଚା’ । ଚା’ କେବଳ ଯେ ଏକ ପାନୀୟ ତାହା ନୁହେଁ, ଏହା ଆମ ସଂସ୍କୃତିର ଏକ ଅଙ୍ଗ ।



## ସ୍କେଟିଂ କରୁଛି ବୁଲ୍‌ଡଗ୍

କିଛି ପେଟ୍ ଅଜବ ଟ୍ରିକ୍ ସବୁ କରି ଭାଇରାଲ ହେଉଥିବା ସୋସିଆଲ ମିଡିଆରେ ଦେଖିଥିବେ । ସେମାନଙ୍କର ସେହି ଟ୍ରିକ୍‌ସବୁ ଦେଖି ଆଶ୍ଚର୍ଯ୍ୟ ଲାଗେ ଯେ, ଆମେ ମଣିଷ ହୋଇ ଯେଉଁକାମ କରିପାରୁନେ ଏଇ ପେଟ୍‌ମାନେ କିପରି କରିପାରୁଛନ୍ତି । ଏଇ ଯେମିତି ସ୍କେଟିଂ କରି ଏକ ବୁଲ୍‌ଡଗ୍ ଏବେ ଇଣ୍ଟରନେଟ୍ ସନସେସନ୍ ପାଲଟିଯାଇଛି । ଆମେରିକା, ୱାଶିଂଟନ୍‌ର ଫକ୍ସ ଆଇଲାଣ୍ଡରେ ରହୁଥିବା ଜେମି ଡେଲପରଡାଙ୍ଗଙ୍କର ଏ ହେଉଛି ପେଟ୍, ଯାହାର ନାଁ ‘ଚାଡର’ । ଚାଡରର ସ୍କେଟିଂ ସ୍କିଲ ଦେଖି ସ୍କେଟରମାନେ ବି ଚକିତ ହୋଇଯାଆନ୍ତି । ୯ ବର୍ଷ ବୟସର ଚାଡରର ସ୍କେଟିଂ ଦେଖି ଅନେକେ କୁହନ୍ତି ସେ ନିଶ୍ଚିତଭାବେ କୌଣସି ସ୍କେଟରର ପୁନର୍ଜନ୍ମ । ଡେଲପରଡାଙ୍ଗ ଦମ୍ପତି ଚାଡରକୁ ଏକ ବ୍ରିଡର ଠାରୁ ଆଣିଥିଲେ । ଥରେ ଚାଡରକୁ ନେଇ ଏହି ଦମ୍ପତି ବିଚ୍‌କୁ ଯାଇଥାନ୍ତି । ସେଠି ହଠାତ୍ ଚାଡର ଏକ ପିଲାର ସ୍କେଟ୍ ବୋର୍ଡରେ ଖେଳିବାକୁ ଆରମ୍ଭ କଲା । ଆଉ ସେ ବହୁତ ଖୁସି ବି ଥିଲା । ଏ ଘଟଣା ପରେ ଡେଲପରଡାଙ୍ଗ ଦମ୍ପତି ଚାଡର ପାଇଁ ଏକ ସ୍କେଟ୍ ବୋର୍ଡ ଆଣିଦେଲେ । ଆଉ ଖୁବ୍ ଶୀଘ୍ର ସେ ଏଥିରେ ଖେଳିବା ଓ ସ୍କେଟିଂ କରିବା ଆରମ୍ଭ କରିଦେଲା । ସେ ସ୍କେଟିଂ ଏତେ ମନଧ୍ୟାନ ଦେଇ କରେ ଯେ, ଯଦି ଭଲ ନ କରିପାରେ ମନ ଦୁଃଖ କରେ । ଆଉ ଯଦି ଭଲରେ କରିଦିଏ ଖୁସି ହେଇଯାଏ । ଏବେ ଚାଡରର ୨୦ଟି ସ୍କେଟ ବୋର୍ଡ ଅଛି । ସେ ସ୍କେଟିଂ କରୁଥିବା ଭିଡ଼ିଓ ସୋସିଆଲ ମିଡ଼ିଆରେ ବେଶ୍ ଭାଇରାଲ ହେଉଛି ।





## ଏହି ଦିନରେ ଭୁଲରେ କାନ୍ଦନ୍ତୁନି

***ଘରର ସୁଖଶାନ୍ତି ଓ ସମୃଦ୍ଧି ପାଇଁ ବାସ୍ତୁ ନିୟମ ମାନିବା ସହ କିଛିଟା ଛୋଟମୋଟ ଭୁଲ୍‌କୁ ସୁଧାରିପାରିଲେ ଜୀବନ ସରସ, ସୁନ୍ଦର ହୋଇଥାଏ ବୋଲି ବିଶ୍ୱାସ କରାଯାଏ । ଯେମିତିକି:***

♦ ଶୁକ୍ରବାର ଏବଂ ପୂର୍ଣ୍ଣିମା ଦିନ କେବେ ବି କାନ୍ଦିବେ ନାହିଁ । କୁହାଯାଏ, ଏହି ଦିନମାନଙ୍କରେ ଆଖିରୁ ଲୁହ ଝରିଲେ ପ୍ରତିଷ୍ଠା କ୍ଷୁର୍ଣ୍ଣ ହେବା ସହ ଘରେ ଅଶାନ୍ତି ବଢିଥାଏ ।

♦ ଘରର କୌଣସି ସ୍ଥାନରେ କେବେ ବି ବୁଢିଆଣି ଜାଲ ହେବାକୁ ଦେବେ ନାହିଁ । ଏହାଦ୍ୱାରା ମାତା ଲକ୍ଷ୍ମୀ ରୋଷ କରିଥାନ୍ତି ବୋଲି ବିଶ୍ୱାସ ରହିଛି ।

♦ ଆଲମାରିର ମୁହଁ ଉତ୍ତର କିମ୍ବା ପୂର୍ବ ଦିଗକୁ ରହିଲେ ଶୁଭ । ସମ୍ମୁଖରେ ଯଦି ଝରକା ଥିବ ତା’ହେଲେ ତ ଆହୁରି ଭଲ ।

♦ ଭୁଲ୍‌ରେ ବି ଚପଲ ଉପରେ ଚପଲ ଥାକ କରିକି ରଖିବେ ନାହିଁ । ଏହାଦ୍ୱାରା ଘରେ ଅଶାନ୍ତିର ବାତାବରଣ ଖେଳି ଯାଇଥାଏ ବୋଲି ମାନ୍ୟତା ରହିଛି ।

♦ ଅନେକଙ୍କର କବାଟ ପଛପଟେ ହ୍ୟାଙ୍ଗରରେ ପୋଷାକ ଟଙ୍ଗାଇବାର ଅଭ୍ୟାସ ଥାଏ । କିନ୍ତୁ ଏଭଳି କରିବା ଠିକ୍ ନୁହେଁ । କୁହାଯାଏ, ଏଭଳି କଲେ ଘରର ବ୍ୟକ୍ତିଙ୍କୁ କିଛି କାରଣ ନଥାଇ ବି ଅପମାନିତ ହେବାର ଆଶଙ୍କା ରହିଥାଏ ।

♦ ଘରେ କେବେ ବି ଯୁଦ୍ଧ ହେଉଥିବାର ଚିତ୍ର, କାନ୍ଦିବା ଫଟୋ ଲଗାଇବେ ନାହିଁ । ଏହାଦ୍ୱାରା ଘରେ ନକାରାତ୍ମକ ଉର୍ଜା ଉତ୍ପନ୍ନ ହୋଇଥାଏ ବୋଲି ବିଶ୍ୱାସ ରହିଛି ।

♦ ଝାଡୁକୁ କେବେ ବି ମୋଡିକି ରଖିବା ଠିକ୍ ନୁହେଁ । ଏପରି କଲେ ଘରେ ଆର୍ଥିକ ସମସ୍ୟା ଦେଖାଯିବା ସହ ସ୍ୱାସ୍ଥ୍ୟ ସମସ୍ୟା ଉପୁଜିଥାଏ ବୋଲି ବିଶ୍ୱାସ କରାଯାଏ ।



## ପାରିଶ୍ରମିକ ବଢ଼ାଇଲେ କିଆରା

ବଲିଉଡ୍ ଅଭିନେତ୍ରୀ କିଆରା ଆଡଭାନୀ । ୧୧ ବର୍ଷ ଧରି ବଲିଉଡ୍ ଇଣ୍ଡଷ୍ଟ୍ରିରେ ରାଜ କରୁଛନ୍ତି । ସେ ୨୦୧୪ ମସିହାରେ ‘ଫଗ୍‌ଲି’ ଚଳଚ୍ଚିତ୍ର ଡେବ୍ୟୁ କରିଥିଲେ । ତା ପରେ ପାଲଟିଥିଲେ ଟପ୍ ହିରୋଇନ୍ । କିଆରା ଅନେକ ବ୍ଲକ୍‌ବଷ୍ଟର ମୁଭି ଦେଇଛନ୍ତି । ଖୁବ୍ ଶୀଘ୍ର ଏହି ଅଭିନେତ୍ରୀ ଫିଲ୍ମ ‘ଟକ୍ସିକ୍’ରେ ନଜର ଆସିବେ । ଯେଉଁଥିପାଇଁ ସେ ନିର୍ମାତାଙ୍କ ଠାରୁ ମୋଟା ଅଙ୍କର ଟଙ୍କା ନେଇଛନ୍ତି । ଯାହାକୁ ନେଇ ଖୁବ୍ ଚର୍ଚ୍ଚା ହେଉଛି । ନିକଟରେ କିଆରାଙ୍କୁ ରାମ ଚରଣଙ୍କ ତେଲୁଗୁ ଫିଲ୍ମ ‘ଗେମ୍ ଚେଞ୍ଜର’ରେ ଦେଖିବାକୁ ମିଳିଥିଲା । ୩୦୦ କୋଟି ଟଙ୍କାରେ ନିର୍ମିତ ଏହି ଚଳଚ୍ଚିତ୍ର ପୂରା ଫ୍ଲପ୍ ହୋଇଥିଲା । ଏହା ପରେ ବି କିଆରା ଆଡଭାନଙ୍କ ଫି’ କମି ନାହିଁ, ବରଂ ଏହା ଦ୍ୱିଗୁଣିତ ହୋଇଯାଇଛି । ଏହା ସହ ସେ ସର୍ବାଧିକ ପାରିଶ୍ରମିକ ପ୍ରାପ୍ତ ଅଭିନେତ୍ରୀ ତାଲିକାରେ ସ୍ଥାନ ହାସଲ କରିଛନ୍ତି । ରିପୋର୍ଟ ଅନୁଯାୟୀ କିଆରା ୟଶ୍‌ଙ୍କ ଆଗାମୀ ଚଳଚ୍ଚିତ୍ର ‘ଟକ୍ସିକ୍’ ପାଇଁ ୧୫ କୋଟି ଟଙ୍କାର ଫି ନେଇଛନ୍ତି । ତାଙ୍କୁ ‘ଗେମ୍ ଚେଞ୍ଜର’ ପାଇଁ ପ୍ରାୟ ୫-୭ କୋଟି ଟଙ୍କା ଦିଆଯାଇଥିଲା । ଏବେ କିଆରା ଆଡଭାନୀଙ୍କ ଫି ଅଧିକ ପାଇଛି । କିଆରା ବର୍ତ୍ତମାନ ଭାରତର ସର୍ବାଧିକ ପାରିଶ୍ରମିକ ପ୍ରାପ୍ତ ଅଭିନେତ୍ରୀ ତାଲିକାରେ ସାମିଲ ହୋଇଛନ୍ତି । ସେ କଙ୍ଗନା, ଆଲିଆ ଭଟ୍ଟ, କରୀନା କପୁର ଖାନ, କ୍ୟାଟ୍ରିନା କୈଫ୍, ଦୀପିକା ପାଦୁକୋନ ଏବଂ ପ୍ରିୟଙ୍କା ମଧ୍ୟରେ ସ୍ଥାନ ପାଇଛନ୍ତି । ଯେଉଁମାନେ ଗୋଟିଏ ଫିଲ୍ମ ପାଇଁ ୧୨ କୋଟିରୁ ଅଧିକ ଟଙ୍କା ନେଉଛନ୍ତି ।

## ଜରିନଙ୍କ ପାଇଁ ଚାଲିଛି ବର ଖୋଜା

ବଲିଉଡ୍‌ର ବଛା ବଛା ସୁନ୍ଦରୀଙ୍କ ମଧ୍ୟରୁ ଜରିନ୍ ଖାନ୍ ଅନ୍ୟତମ । ସେ ତାଙ୍କର ସୌନ୍ଦର୍ଯ୍ୟ ପାଇଁ ଅଧିକାଂଶ ସମୟ ଚର୍ଚ୍ଚାରେ ରହିଥାନ୍ତି । କେବଳ ସେତିକି ନୁହେଁ, ଆହୁରି ଅନେକ ଘଟଣା ଜରିନ୍‌ଙ୍କୁ ବିଭିନ୍ନ ସମୟରେ ଚର୍ଚ୍ଚିତ କରିଛି । ଯଦିଓ ଅତୀତରେ ଜରିନ୍‌ଙ୍କ ନାମ ଅନେକ ଅଭିନେତା ଓ ବ୍ୟବସାୟୀଙ୍କ ସହ ଯୋଡ଼ା ଯାଇଛି, ମାତ୍ର କାହା ସହିତ ସଂପର୍କରେ ଥିବା କଥା ସେ କେବେ ବି ଆନୁଷ୍ଠାନିକ ଭାବେ ସ୍ୱୀକାର କରିନାହାନ୍ତି । ଜରିନ୍ ସର୍ବଦା ତାଙ୍କ ବ୍ୟକ୍ତିଗତ ଜୀବନକୁ ଗୋପନୀୟ ରଖିଆସିଛନ୍ତି । ୨୦୨୧ ମସିହାରେ ଜରିନ୍ ‘ବିଗ୍ ବସ୍’ ଫେମ୍ ଶିବାଶିଷ ମିଶ୍ରଙ୍କୁ ଡେଟ୍ କରୁଥିବା ଚର୍ଚ୍ଚା ହୋଇଥିଲା । ମାତ୍ର ୨୦୨୩ ଆରମ୍ଭ ବେଳକୁ ଦୁଇ ଜଣଙ୍କର ବ୍ରେକ୍-ଅପ୍ ହୋଇ ଯାଇଥିବା ଖବର ଆସିଥିଲା । ନିକଟରେ ଯେତେବେଳେ ତାଙ୍କୁ ବିବାହ ସଂପର୍କରେ ପ୍ରଶ୍ନ ପଚରାଗଲା ତ ସେ ଆଶ୍ଚର୍ଯ୍ୟ କରିବା ପରି ଉତ୍ତର ଦେଲେ । ଜରିନ୍ କହିଛନ୍ତି କି ଏ ପର୍ଯ୍ୟନ୍ତ ସେ ତାଙ୍କ ଜୀବନର ପ୍ରକୃତ ପ୍ରେମକୁ ଖୋଜୁଛନ୍ତି । ଏଯାଏ ତାଙ୍କୁ କେହି ବି ମୁହଁ ଖୋଲି ବିବାହ ପାଇଁ ପ୍ରସ୍ତାବ ଦେଇନାହାନ୍ତି । ତାଙ୍କ ବାପାମାଆ ତାଙ୍କ ପାଇଁ ପିଲା ଖୋଜୁଛନ୍ତି ବୋଲି ଭାରତୀ ସିଂହ ଓ ହର୍ଷ ଲିମ୍ବାଚିଆଙ୍କ ପୋଡ୍‌କାଷ୍ଟରେ ଜରିନ୍ କହିଛନ୍ତି । ଏହାଛଡ଼ା ବିବାହ ପାଇଁ ସେ ବିଶେଷ ଆଗ୍ରହୀ ନୁହନ୍ତି ବୋଲି ମଧ୍ୟ କହିଛନ୍ତି ଜରିନ୍ । ଆଜିକାଲି ଯେଉଁଭଳିଭାବେ ବୈବାହିକ ସଂପର୍କରେ ତିକ୍ତତା ଦେଖାଯାଉଛି, ତାହାକୁ ନେଇ ସେ ବେଶ୍ ଭୟଭୀତ ।



## ଲିଭ୍‌ଇନ୍‌ରେ ରହିବେ ଅଲି-ଜାସ୍ମିନ

ଟେଲିପରଦାର ଲୋକପ୍ରିୟ ଯୋଡ଼ିମାନଙ୍କ ମଧ୍ୟରୁ ଅଲି ଗୋନି ଏବଂ ଜାସ୍ମିନ ଭାସିନ ଗୋଟିଏ । ଦୀର୍ଘ ବର୍ଷ ଧରି ରିଲେଶନସିପରେ ରହିବା ପରେ ଏବେ ଦୁହେଁ ବିବାହ କରିବାକୁ ମନ ବଳାଇଛନ୍ତି । ହେଲେ ଏହା ପୂର୍ବରୁ ସେମାନେ ବଡ଼ ନିଷ୍ପତ୍ତି ନେଇ ଲିଭ୍‌ଇନ୍‌ରେ ରହିବାକୁ ନିଷ୍ପତ୍ତି ନେଇଛନ୍ତି । ନିଜର ବ୍ଲଗରେ ଅଲି ଗୋନି କହିଛନ୍ତି, ଏହା ଏଭଳି ଏକ ନିଷ୍ପତ୍ତି ଯାହାକୁ ଆମେ ୫ ବର୍ଷ ଡେଟିଂ କରିବା ପରେ ନେଇଛୁ । ଆମେ ଏକାଠି ରହିବାକୁ ଏକ ବଡ଼ ଘର ଚାହୁଁଥିଲୁ, ଯାହା ବହୁତ କଷ୍ଟରେ ମିଳିଛି । ଆମେ ଏକାଠି ରହିବୁ ହେଲେ ନିଜ ନିଜ କୋଠରୀରେ । ଏହା ଏକ ନୂଆ ଯାତ୍ରା ହେବାକୁ ଯାଉଛି । ଏହା ସମ୍ପର୍କ ଆରମ୍ଭର ପ୍ରଥମ ପଦକ୍ଷେପ । ଧିରେ ଧିରେ ସବୁକିଛି ହେବ । କାରଣ ଏହା ବଡ଼ ପଦକ୍ଷେପ ଥିଲା ଏଥିଲାଗି ଅଧିକ ଦିନ ଲାଗିଲା ଗ୍ରହଣ କରିବାକୁ । ଏହାପରେ ଜାସ୍ମିନ ଘରର ଆସବାବପତ୍ର ଫାଇନାଲ କରିବାକୁ ନିଷ୍ପତ୍ତି ନେଇଥିବାକ ହିଛନ୍ତି । କାରଣ ସେ ୬ ବିଏଚ୍‌କେ ଘର ନେଇଥିଲେ ଯାହାକୁ ସେ ୪ କୋଠରୀ ବିଶିଷ୍ଟ ଘରେ ପରିବର୍ତ୍ତିତ କରିବେ । ଅପରପକ୍ଷେ ଉଭୟଙ୍କ ଏଭଳି ନିଷ୍ପତ୍ତି ଅନେକଙ୍କୁ ଚକିତ କରିଛି । ୨୦୧୮ରେ ପରସ୍ପରକୁ ଭେଟିଥିଲେ ଅଲି-ଜାସ୍ମିନ । ପରବର୍ତ୍ତୀ ସମୟରେ ସେମାନେ ପରସ୍ପରକୁ ଡେଟ୍ କରୁଥିଲେ । ଏବେ ଦୁହେଁ ସମ୍ପର୍କକୁ ଆଗକୁ ନେବାକୁ ନିଷ୍ପତ୍ତି ନେଇଛନ୍ତି ।



ବ୍ଲକ୍‌ବଷ୍ଟର ଫିଲ୍ମ ‘କିକ୍’ ୨୦୧୪ରେ ମୁକ୍ତିଲାଭ ପରେ ଜ୍ୟାକ୍‌ଲିନ ଫର୍ଣ୍ଣାଣ୍ଡିଜ୍‌ଙ୍କ ଜୀବନ ବଦଳାଇ ଦେଇଥିଲା । ସଲମାନ-ଜ୍ୟାକ୍‌ଲିନ ଷ୍ଟାରର ଏହି ଫିଲ୍ମ ତେଲୁଗୁ ଷ୍ଟାର ରବି ତେଜାଙ୍କ ୨୦୦୯ର ସମାନ ଟାଇଟଲ୍‌ଯୁକ୍ତ ଫିଲ୍ମର ରିମେକ୍ ଥିଲା । ଏଥିରେ ରଣଦୀପ ହୁଡ୍ଡା ଓ ନୱାଜୁଦ୍ଦିନ ସିଦ୍ଦିକି ମଧ୍ୟ ଅଭିନୟ କରିଥିଲେ । ଉଭୟ ସଲମାନ ଓ ସାଜିଦ ନାଦିଆଦୱାଲା ଫିଲ୍ମ ନିର୍ମାଣ କରିଥିଲେ । ଗତ ବର୍ଷ ଉଭୟ ଫିଲ୍ମର ସିକ୍ୱେଲ ଘୋଷଣା କରିଥିଲେ । ଏବେ ସିକ୍ୱେଲକୁ ନେଇ ଜ୍ୟାକ୍‌ଲିନ ଖୁବ୍ ଉତ୍ସାହିତ । ‘କିକ୍’ର ସିକ୍ୱେଲ ଖୁବ୍‌ଶୀଘ୍ର ଆରମ୍ଭ ହେବ ବୋଲି ସେ ଆଶା କରୁଛନ୍ତି । କାରଣ ଫ୍ୟାନ୍ ‘କିକ୍’ ବ୍ରାଣ୍ଡ୍‌କୁ ବହୁତ ଭଲପାଇବା ଦେଇଛନ୍ତି ବୋଲି ଏକ ପୁରସ୍କାର ସମାରୋହର ପ୍ରେସ୍ ସମ୍ମିଳନୀରେ ଜ୍ୟାକ୍‌ଲିନ କହିଛନ୍ତି । ୨୦୧୪ ମସିହାର ସବୁଠୁ ବଡ଼ ବ୍ଲକ୍‌ବଷ୍ଟର ଫିଲ୍ମ ଥିଲା ‘କିକ୍’ ।

## କିକ୍-୨’ ଅପେକ୍ଷାରେ ଅଭିନେତ୍ରୀ ଜ୍ୟାକ୍‌ଲିନ୍

‘ମର୍ଡର-୨’, ‘ରେସ୍-୨’ ‘ଡିସୁମ୍’ ଭଳି ଫିଲ୍ମରେ କାମ କରିଥିବା ଜ୍ୟାକ୍‌ଲିନ ୨୦୨୫ରେ ନିଜର ଏକାଧିକ ଫିଲ୍ମ ରିଲିଜ୍‌କୁ ନେଇ ଖୁବ୍ ଉତ୍ସାହିତ ଅଛନ୍ତି । ତରୁନ ମନସୁଖାନୀଙ୍କ ‘ହାଉସ୍ ଫୁଲ୍-୫’ରେ ଜ୍ୟାକ୍‌ଲିନ ନଜର ଆସିବେ । ଏଥିରେ ଅକ୍ଷୟ କୁମାର, ରିତେଶ ଦେଶମୁଖ, ଅଭିଷେକ ବଚ୍ଚନ, ଫରଦୀନ ଖାନ୍, ସୋନମ ବାଜୱା, ନର୍ଗିସ ଫଖରୀ, ସଞ୍ଜୟ ଦତ୍ତ, ଜ୍ୟାକି ଶ୍ରଫ୍, ନାନା ପାଟେକର, ଚଙ୍କି ପାଣ୍ଡେ, ଜନି ଲିଭର, ଶ୍ରେୟସ ତଲପଡ଼େ, ଡିନୋ ମୋରିଆ, ଚିତ୍ରାଙ୍ଗଦା ସିଂହ, ରଣଜୀତ, ସୌନ୍ଦର୍ଯ୍ୟା ଶର୍ମା, ନିକିତିନ ଧୀର ପ୍ରମୁଖ ଅଭିନୟ କରିଛନ୍ତି । ସେହିପରି ମଲ୍ଟି ଷ୍ଟାରର ‘ୱେଲ୍‌କମ୍’ର ସଦ୍ୟ ସଂସ୍କରଣ ‘ୱେଲ୍‌କମ୍ ଟୁ ଦ ଜଙ୍ଗଲ୍’ରେ ବି ଜ୍ୟାକ୍‌ଲିନ ନଜର ଆସିବେ । ଏଥିରେ ଟାଇଗର ଶ୍ରଫ୍, ଅକ୍ଷୟ କୁମାର, ସୁନୀଲ ଶେଟ୍ଟୀ, ପରେଶ ରାୱଲ, ଅର୍ଶଦ ୱାର୍ସି, ତୁଷାର କପୁର, ଶ୍ରେୟସ ତଲପଡ଼େ, ଅଫତାବ ଶିବଦାସାନି, ରବିନା ଟଣ୍ଡନ୍, ଲାରା ଦତ୍ତା, ଦିଶା ପଟାନି, ଜନି ଲିଭର ଓ ରାଜପାଲ ଯାଦବ ଅଛନ୍ତି ।



Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik



ଡେରାବିଶ, (ଭାସ୍କର ନ୍ୟୁଜ୍): ଡେରାବିଶ ବ୍ଲକ ହରିଅଙ୍କ ପଂଚାୟତ ଅନ୍ତର୍ଗତ ହରିଅଙ୍କ ମେଲଣ ପଡ଼ିଆ ସ୍ଥିତ ମା' କ୍ଷେତ୍ରପାଳିନୀଙ୍କ ମନ୍ଦିର ପ୍ରାଙ୍ଗଣରେ ୨୧ ତମ ଶ୍ରୀରାମ ଚରିତ ମାନସ ଓ ନବାହ୍ନ ପାରାୟଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ହରିଅଙ୍କର ଶ୍ରୀରାମ କୃପା ପରିଷଦ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ରାମଚରିତ ମାନସ ଗତ ୨୦ ତାରିଖ ଗୁରୁବାର ଦିନ ଆରମ୍ଭ ହୋଇଥିଲା ବେଳେ ଆସନ୍ତା ୨୮ ତାରିଖ ଶୁକ୍ରବାର ଦିନ ଏହି ଯଜ୍ଞର ପୂର୍ଣ୍ଣାହୁତି ହେବ। ଶ୍ରୀରାମଚରିତ ମାନସରେ ବ୍ୟାସ ଭାବରେ ପଣ୍ଡିତ ହୃଷିକେଶ ଶତପଥୀ କାର୍ଯ୍ୟ ନିର୍ବାହ କରୁଥିବା ବେଳେ ପ୍ରତ୍ୟହ ପୂର୍ବାହ୍ନରେ ଭାଗବତ ଗୀତା ପାଠ ଓ ଶ୍ରୀରାମ ଚରିତ ମାନସ ପାରାୟଣ ଏବଂ ସନ୍ଧ୍ୟା ୬ ଘଟିକାରେ ହନୁମାନ ଚାଳିଶା ପାଠ, ପରେ ଭଜନ ସମାରୋହ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଅଛି। ଏହି କାର୍ଯ୍ୟକ୍ରମରେ ସୁଶ୍ରୀ ସୋନାଲି ଦାଶ, ଅଧ୍ୟାପିକା ଚିନ୍ମୟୀ ସ୍ୱାଇଁ, ଅଧ୍ୟାପକ ଶାରଦା ପ୍ରଶନ୍ନ କର ଓ ପୁରୁଷୋତ୍ତମ ମହାରାଜଜୀ ପ୍ରମୁଖ ପ୍ରବଚକ ଭାବେ ସମ୍ପୂର୍ଣ୍ଣ ରାମାୟଣ ଗାଥା ସମ୍ପର୍କରେ ପ୍ରବଚନ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଶ୍ରୀରାମ କୃପା ପରିଷଦର କର୍ମକର୍ତ୍ତା ଓ ହରିଅଙ୍କ ଗ୍ରାମବାସୀମାନେ ପରିଚାଳନା କରୁଛନ୍ତି।

## ମିଳିତ ଅଭିଯୋଗ ଶୁଣାଣି

ଛତ୍ରପୁର, (ଭାସ୍କର ନ୍ୟୁଜ୍): ବ୍ରହ୍ମପୁର ଉପଖଣ୍ଡ ସ୍ତରୀୟ ଦିବ୍ୟାଙ୍ଗ ଓ ସାଧାରଣ ଜନତାଙ୍କ ଜନ ଶୁଣାଣି ବ୍ରହ୍ମପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଗଞ୍ଜାମ ଅତିରିକ୍ତ ଜିଲ୍ଲାପାଳ ଡକ୍ଟର ପ୍ରମୋଦ କୁମାର ପୃଷ୍ଟି, ବ୍ରହ୍ମପୁର ଆରକ୍ଷୀ ଅଧିକ୍ଷକ ଡାକ୍ତର ସର୍ବନା ବିବେକ ଏମ, ବ୍ରହ୍ମପୁର ଉପ-ଜିଲ୍ଲାପାଳ ଦୀନା ଦସ୍ତଗୀର ଏହି ମିଳିତ ଅଭିଯୋଗ ଶୁଣାଣିରେ ମୋଟ ୧୦୫ଟି ଅଭିଯୋଗ ପତ୍ର ଗ୍ରହଣ କରିଥିଲେ। ବ୍ୟକ୍ତିଗତ ଅଭିଯୋଗ ୧୦୧ଟି ଏବଂ ସାମୂହିକ ଅଭିଯୋଗ ୦୪ଟି ଥିଲା। ଦୁଇଜଣଙ୍କୁ ରେଡ଼କ୍ରସ ପାଣ୍ଠିରୁ ୧୫୦୦୦ ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଥିଲା। ଅତିରିକ୍ତ ଜିଲ୍ଲାପାଳ ତ୍ୱରିତ ୭ଟି ଅଭିଯୋଗ ଫଏସଲା କରିଥିଲେ ଓ ଆବେଦନ ଗୁଡ଼ିକ ଶୁଣାଣି କରି ସମସ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ପ୍ରେରଣ କରାଯାଇ ତୁରନ୍ତ ସମାଧାନ କରିବା ଦିଗରେ ଅତିରିକ୍ତ ଜିଲ୍ଲାପାଳ ପୃଷ୍ଟି ନିର୍ଦ୍ଦେଶ ପ୍ରଦାନ କରିଥିଲେ। ଏହି ଅଭିଯୋଗ ଶୁଣାଣି ସମୟରେ ଜିଲ୍ଲାର ସମସ୍ତ ବିଭାଗୀୟ ଅଧିକାରୀ ମାନେ ଓ ବ୍ରହ୍ମପୁର ଉପଖଣ୍ଡରେ ସମସ୍ତ ବି.ଡି.ଓ, ତହସିଲଦାର ଏହି ଯୁଗ୍ମ ଅଭିଯୋଗ ଶୁଣାଣିରେ ଉପସ୍ଥିତ ଥିଲେ।

# ବିଶ୍ୱ ଯକ୍ଷ୍ମା ଦିବସ ପାଳିତ




କେନ୍ଦୁଝର, (ଭାସ୍କର ନ୍ୟୁଜ୍): କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ବିଶ୍ୱ ଯକ୍ଷ୍ମା ଦିବସ ପାଳିତ ହୋଇଯାଇଛି। ବିଶ୍ୱ ଯକ୍ଷ୍ମା ଦିବସ ଅବସରରେ ଏକ ସଚେତନତା ଶୋଭାଯାତ୍ରାକୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର କିଶୋର କୁମାର ପୃଷ୍ଟି ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଉକ୍ତ ଶୋଭାଯାତ୍ରାଟି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଠାରୁ ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା। ମୁଖ୍ୟ ଚିକିତ୍ସାଳୟ ପରିସରରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଏହି ଦିବସ ପାଳନ କରିବାର ତାତ୍ପର୍ଯ୍ୟ ଓ ବ୍ୟାପକ ପ୍ରଚାର ପ୍ରସାର ପାଇଁ ସମସ୍ତଙ୍କର ସହଯୋଗ କାମନା କରିଥିଲେ। ଡାକ୍ତର ବିନୋଦ ବିହାରୀ ମିଶ୍ର ସମସ୍ତ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମାଗଣାରେ ପରୀକ୍ଷା ଓ ଚିକିତ୍ସା ଉପଲବ୍ଧ ଥିବା ଓ ଏହାର ସଦୁପଯୋଗ କରିବା ପାଇଁ ଆହ୍ୱାନ କରିଥିଲେ ଏବଂ ଉପଲବ୍ଧ ଥିବା ଅନ୍ୟାନ୍ୟ ସୁବିଧା ଉପରେ ଆଲୋକପାତ କରିଥିଲେ। ସେହିପରି ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଗୌର ପ୍ରସାଦ ମିଶ୍ର ଯକ୍ଷ୍ମାରୋଗର ଅନ୍ତ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ଛାତି ଓ ଯକ୍ଷ୍ମା ରୋଗ ବିଶେଷଜ୍ଞ ଡାକ୍ତର ପ୍ରଶାନ୍ତ କୁମାର ଯକ୍ଷ୍ମାରୋଗର କାରଣ, ଲକ୍ଷଣ ଓ ପ୍ରତିକାର ଉପରେ ବିଶଦଭାବରେ ଆଲୋଚନା କରିଥିଲେ। ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ନୀଳମ ମହାନ୍ତି, ଏ ବର୍ଷର ବାର୍ତ୍ତା ପ୍ରତିବଦ୍ଧତା, ନିବେଶ ଏବଂ ସଫଳ କାର୍ଯ୍ୟାନ୍ୱୟନ ଦ୍ୱାରା ଯକ୍ଷ୍ମାର ଅନ୍ତ କରିବା ସମ୍ଭବ ଉପରେ ଆଲୋକପାତ କରିଥିଲେ। ଏହା ସହିତ ୨୦୨୫ମସିହା ମଧ୍ୟରେ ଯକ୍ଷ୍ମା ମୁକ୍ତ ଭାରତ ଗଠନ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଏନ୍ଏମ୍‌ଟିସିର (ଟିଉଟର୍ ଏବଂ ଛାତ୍ରୀ) ନର୍ସିଂ ଅଫିସର, ପାରାମେଡିକାଲ ଷ୍ଟାଫ୍ ଓ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଜିଲ୍ଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ଭରତ କୁମାର ସାହୁ ଓ ଏସ୍ଏ ବୃନ୍ଦାବନ ସାହୁ ସଞ୍ଚାଳନ କରିଥିଲେ।

# ମାଲୁଦ ୨୪ମୌଜା ପଞ୍ଚୁଦୋଳ ମେଳଣ ଯାତ୍ରା



କୃଷ୍ଣପ୍ରଶାଦ, (ଭାସ୍କର ନ୍ୟୁଜ୍): ପୁରୀ ଜିଲ୍ଲାର ଐତିହାସିକ ମାଲୁଦ ୨୪ମୌଜା ପଞ୍ଚୁଦୋଳ ମେଳଣ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହା ଗତ ୧୯ତାରିଖ ଠାରୁ ଆରମ୍ଭ ହୋଇ ୨୨ତାରିଖ ପର୍ଯ୍ୟନ୍ତ ୪ଦିନ ଧରି ମହାଆଡମ୍ବର ସହକାରେ ପାଳନ ହୋଇଛି। ଏଥିରେ ୨୪ମୌଜାର ୨୩ ଠାକୁର ସାମିଲ ହୋଇ ୪୦୦ବର୍ଷର ପରମ୍ପରା ଅନୁଯାଇ ଚିଲିକା ଜଳରେ ପଶି ପହଣ୍ଡି ପଡିଆଠାରୁ ପାରାମ୍ପାରିକ ଘଣ୍ଟଘଣ୍ଟା ସଂକୀର୍ତ୍ତନ, ପାଇକ, ପଶୁନୃତ୍ୟ, ଆଧୁନିକ ଡିଜେ ବେଣ୍ଡବାଜା ଆଦିରେ ପ୍ରକମ୍ପିତ କରି ମାଲୁଦ ୨୪ମୌଜାର ଶ୍ରୀ ଶ୍ରୀ ଦଧିବାମନ ଦେବ, ମାଲୁଦ ମଲେଶ୍ୱରୀ ଲଡୁକେଶ୍ୱର ଓ ଗୋପୀନାଥ ଦେବ, ବୁଦ୍ଧିବର ଶ୍ରୀ ଶ୍ରୀ ଚନ୍ଦ୍ରଶେଖର ଓ ମା ପାର୍ବତୀ ଦେବି, ଫତେପୁର ଅଦାଳବାଦ ଶ୍ରୀ ଶ୍ରୀ ମଦନ ମୋହନ ନବା, ୪ଗାଁ ଶ୍ରୀ ଶ୍ରୀ ଜଗତେଶ୍ୱର ଦେବ, ଦିଆକୁଦା ଶ୍ରୀ ଶ୍ରୀ ବୃନ୍ଦାବନ ଚନ୍ଦ୍ର ଦେବ, ପଥରଗଞ୍ଜର ଶ୍ରୀ ଶ୍ରୀ ରାଧାଗୋବିନ୍ଦ ଦେବ, ସ୍ଥାନ ଆଧିପତି ଶ୍ରୀ ଶ୍ରୀ ପଞ୍ଚମୁଖୀ ହନୁମାନ ଦେବ, ବଜ୍ରକୋଟ ଶ୍ରୀ ଶ୍ରୀ କୁଞ୍ଜବିହାରି ଦେବ, ନନ୍ଦଳା ଶ୍ରୀ ଶ୍ରୀ ଗୋପୀନାଥ ଦେବ, ବ୍ରାହ୍ମଣ ଦେଓ ଶ୍ରୀ ଶ୍ରୀ ମଦନ ମୋହନ ଦେବ, କାଣ୍ଡେଶ୍ୱର ଶ୍ରୀ ଶ୍ରୀ ରାଧା କାନ୍ତ ଦେବ, ରାମଲେଙ୍କା ଶ୍ରୀ ଶ୍ରୀ ଶ୍ୟାମ ସୁନ୍ଦର ଦେବ, ତାଳତଳା ଶ୍ରୀ ଶ୍ରୀ ରଘୁନାଥ ଦେବ ଓ ଶ୍ରୀ ଶ୍ରୀ ରାଧା ଗୋବିନ୍ଦ ଦେବ, ଉଦୟଗିରି ଶ୍ରୀ ଶ୍ରୀ ବୃନ୍ଦାବନ ଦେବ, ନୂଆଗାଁ ଶ୍ରୀ ଶ୍ରୀ ଗୋପାଳ ଜୀଉ ଦେବ, ବ୍ରାହ୍ମଣ ଦେଓ ଦଳବେହେରା ସାହି ଶ୍ରୀ ଶ୍ରୀ ରାଧା ଗୋବିନ୍ଦ ଦେବ, ପାଇକରାପୁର ଶ୍ରୀ ଶ୍ରୀ ବୃନ୍ଦାବନ ଦେବ, ସାମନ୍ତରାପୁର ଶ୍ରୀ ଶ୍ରୀ ରାଇ ଦାମୋଦର ଦେବ ଓ ଗଞ୍ଜାମ ଜିଲ୍ଲା ପ୍ରୟାଗି ଗ୍ରାମର ଶ୍ରୀ ଶ୍ରୀ ଗୋପୀନାଥ ଦେବ ସମସ୍ତ ଠାକୁର ଯାତ୍ରାରେ ୩ଦିନ ରହି ଚତୁର୍ଥଦିନ ସକାଳୁ ମେଳଣ ହୋଇଥାନ୍ତି। ପଞ୍ଚୁ ଦୋଳ ଯାତ୍ରାର ମୁଖ୍ୟ ଆକର୍ଷଣ କାଗଜ ସୋଲରେ ନିର୍ମିତ ସୂକ୍ଷ୍ମ ସୂକ୍ଷ୍ମ କାରୁକାର୍ଯ୍ୟ। ପ୍ରତିଦିନ ଲକ୍ଷା ଧିକ ଶ୍ରଦ୍ଧାଳୁ ଭକ୍ତ ଓ ଦର୍ଶକଙ୍କ ଭିଡ଼ ହୋଇଥାଏ। ଓଡ଼ିଶା ପ୍ରସିଦ୍ଧ ଗଣନାଟ୍ୟ ଦର୍ଶକଙ୍କ ପାଇଁ ଖୋଲା ମଞ୍ଚରେ ପରିବେଷଣ କରାଯାଇ ଥାଏ। ଏହାର ସୁପରିଚାଳନା ପାଇଁ ମାଲୁଦ ୨୪ମୌଜା ପରିଚାଳନା କମିଟି ଯୁବ ସଂଗଠନ କୃଷ୍ଣପ୍ରଶାଦ ପୋଲିସ ପ୍ରଶାସନ ମାଲୁଦ ଫାଣ୍ଡି କର୍ମଚାରୀ ସମେତ ୪ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିଲା।

# ସନାତନୀ କେଶରିଆ ହିନ୍ଦୁ ବାହିନୀ ମହିଳା ଶାଖା ପକ୍ଷରୁ ସହିଦ ଦିବସ ପାଳିତ




ବାରିପଦା, (ଭାସ୍କର ନ୍ୟୁଜ୍): ସନାତନୀ କେଶରିଆ ହିନ୍ଦୁ ବାହିନୀ ଓଡ଼ିଶାର ପ୍ରତିଷ୍ଠାତାଙ୍କ ମୟୂରଭଞ୍ଜ, ବାରିପଦା ସ୍ଥିତ କାର୍ଯ୍ୟାଳୟ ପରିସରରେ ଜିଲ୍ଲା ମହିଳା ଶାଖା ପକ୍ଷରୁ କ୍ରାନ୍ତିମୟ ପରିବେଶରେ ପାଳିତ ହୋଇଯାଇଛି 'ସହିଦ ଦିବସ'। ପ୍ରତିଷ୍ଠାତା ଦିଲ୍ଲୀପ ଦାସଙ୍କ ଉପସ୍ଥିତିରେ ସଂଗଠନର ରାଜ୍ୟ ସମ୍ପାଦିକା ପ୍ରତିମା ବାରିକଙ୍କ ଆହ୍ୱାନକ୍ରମେ ୫୦ରୁ ଊର୍ଦ୍ଧ୍ୱ ସନାତନୀ କେଶରିଆ ପରିବାରର ଭଉଣୀମାନେ ପ୍ରତିଷ୍ଠାତା କାର୍ଯ୍ୟାଳୟରେ ପହଞ୍ଚିଥିଲେ। ପ୍ରଥମେ କ୍ରାନ୍ତିକାରୀ ସହିଦମାନଙ୍କୁ ଶ୍ରଦ୍ଧାଞ୍ଜଳୀ ପ୍ରଦାନ ନିମନ୍ତେ କ୍ୟାଣ୍ଡେଲ ଶୋଭାଯାତ୍ରାରେ ଚାଲିଚାଲି ସ୍ଲୋଗାନ ଦେଇ ସର୍ବସାଧାରଣଙ୍କୁ ଜାତୀୟତାର ବାର୍ତ୍ତା ପ୍ରଦାନ ପୂର୍ବକ ଇତିହାସକୁ ପୁନର୍ବାର ଉଜ୍ଜିବିତ କରାଇଥିଲେ। ସହିଦମାନଙ୍କ ଆତ୍ମବଳିଦାନର ରକ୍ତିମ ଇତିହାସର ପୃଷ୍ଠା ଉନ୍ମୋଚନ କରି ପ୍ରତି ପ୍ରାଣରେ ଜାତୀୟତାର ବହ୍ନି ସଞ୍ଚାର କରିବାକୁ ଯଥାସାଧ୍ୟ ପ୍ରୟାସ କରିଥିଲେ। କ୍ୟାଣ୍ଡେଲ ଶୋଭାଯାତ୍ରାରେ ରାଜପଥ ପରିକ୍ରମା ସାରି କାର୍ଯ୍ୟାଳୟରେ ପହଞ୍ଚି ସହିଦଙ୍କ ଫୋଟଚିତ୍ରରେ ପୁଷ୍ପାର୍ଘ ପ୍ରଦାନ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି ଅବସରରେ ସହିଦ ଦିବସ ପାଳନର ତାତ୍ପର୍ଯ୍ୟ ଉପରେ ଗଭୀର ଆଲୋକପାତ କରିବାକୁ ଯାଇ ସହିଦ ଭଗତ ସିଂହ, ଶୁଖଦେବ ଓ ରାଜଗୁରୁଙ୍କ ବିରତ୍ୱର ଗାଥା ବଖାଣିଥିଲେ ପ୍ରତିଷ୍ଠାତା ଓ ସମ୍ପାଦିକା ରୂପା ଦେବୀ ଓ ସସ୍ମିତା ମହାନ୍ତି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପ୍ରବୀର ବାରିକ, ଜାଗୃତି, ବନିତା କୁଣ୍ଡୁ, ବିଷ୍ଣୁପ୍ରିୟା, ରାଜୀବ ସାହୁ ପ୍ରମୁଖ ବହୁ ସଦସ୍ୟ ଉପସ୍ଥିତ ରହିଥିଲେ। ସଭା କାର୍ଯ୍ୟକୁ ସାଙ୍ଗ କରିବା ପୂର୍ବରୁ ସହିଦଙ୍କ ଉଦ୍ଦେଶ୍ୟରେ ୨ମିନିଟ୍ ନିରବ ପ୍ରାର୍ଥନା କରିଥିଲେ ସମସ୍ତ ଉପସ୍ଥିତ ସନାତନୀ କେଶରିଆ ପରିବାରର ସଦସ୍ୟ ଓ ସଦସ୍ୟା। ସନାତନୀ କେଶରିଆ ପରିବାରର ଏଭଳି କାର୍ଯ୍ୟକ୍ରମକୁ ଜିଲ୍ଲା ବୁଦ୍ଧିଜୀବୀ ମହଲରେ ପ୍ରଶଂସା କରାଯାଇଥିବା ଶୁଣିବାକୁ ମିଳିଛି।

## ଆର୍ମି ନିଯୁକ୍ତି ପଞ୍ଜୀକରଣ ଆରମ୍ଭ

କେନ୍ଦୁଝର, (ଭାସ୍କର ନ୍ୟୁଜ୍): ଅନୁଗୁଳ, ବରଗଡ, ବଲାଙ୍ଗିର, ଢେଙ୍କାନାଳ, ଦେବଗଡ, ଝାରସୁଗୁଡା, କେନ୍ଦୁଝର, ସମ୍ବଲପୁର, ସୁବର୍ଣ୍ଣପୁର ଓ ସୁନ୍ଦରଗଡ ଜିଲ୍ଲାର ଯୋଗ୍ୟ ପ୍ରାର୍ଥୀଙ୍କ ନିମନ୍ତେ ଅଗ୍ନିପଥ ଯୋଜନା ମାଧ୍ୟମରେ ଭାରତୀୟ ସ୍ଥଳ ସେନା ନିଯୁକ୍ତି ପଞ୍ଜୀକରଣ ଆରମ୍ଭ ହୋଇଛି। ଏହି ଆର୍ମି ନିଯୁକ୍ତି ପଞ୍ଜୀକରଣ ମାର୍ଚ୍ଚ ମାସ ୧୨ ତାରିଖ ଠାରୁ ଆରମ୍ଭ ହୋଇଛି ଯାହା ଅପ୍ରିଲ ୧୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥି ନିମନ୍ତେ ପ୍ରାର୍ଥୀମାନଙ୍କୁ ୨୫୦ ଟଙ୍କା ଫି ଦେୟ ପଡିବ। ମାନଦଣ୍ଡ, ଶିକ୍ଷାଗତ ଯୋଗ୍ୟତା ଏବଂ ଅନଲାଇନ ପରୀକ୍ଷା ଅନୁସାରେ ପ୍ରାର୍ଥୀମାନେ ନିଯୁକ୍ତି ପାଇବେ। ରାଲି ବିଜ୍ଞାପନ ଜଏନ ଇଣ୍ଡିଆନ ଆର୍ମି ୱେବ ସାଇଟ www.joinindianarmy.nic.in ଦେଖିପାରିବେ। ପ୍ରାର୍ଥୀମାନେ ଆବେଦନ କରିବା ପାଇଁ ଅନଲାଇନ ରେଜିଷ୍ଟ୍ରେସନ ବାଧ୍ୟତାମୂଳକ ଅଟେ। ଅନଲାଇନ ରେଜିଷ୍ଟ୍ରେସନ ଅପ୍ରିଲ ୧୦ ତାରିଖ ପର୍ଯ୍ୟନ୍ତ ଖୋଲା ରହିବ। ଆର୍ମି ନିଯୁକ୍ତି ରାଲି ଆରମ୍ଭ ହେବାର ଯଥେଷ୍ଟ ପୂର୍ବରୁ ପ୍ରାର୍ଥୀମାନଙ୍କ ପଞ୍ଜିକୃତ ଇ-ମେଲରେ ପ୍ରବେଶ ପତ୍ର ପ୍ରେରଣ କରାଯିବ ବୋଲି ସମ୍ବଲପୁର ଏଆରଓ ଜଣାଇଛନ୍ତି। ପ୍ରାର୍ଥୀମାନଙ୍କ କୌଣସି ଅସୁବିଧା ନିମନ୍ତେ ୦୬୬୩-୨୫୨୦୮୪୫ ନମ୍ବରରେ ଯୋଗାଯୋଗ କରିପାରିବେ।

# ଶୁଭମ ପକ୍ଷରୁ ବିଶ୍ୱ ଜଳ ଦିବସ ପାଳିତ




ଭଦ୍ରକ, (ଭାସ୍କର ନ୍ୟୁଜ୍): ଜଳ ବିନା ଜୀବଜଗତ ବଂଚିବା ଅସମ୍ଭବ। ତେବେ ସେହି ଜଳ ଯଦି ପ୍ରଦୂଷିତ ହେବ ତାହା ଜୀବଜଗତକୁ କ୍ଷତି ପହଞ୍ଚାଇବ। ତେଣୁ ଜଳର ଶୁଦ୍ଧତା ଓ ସଂରକ୍ଷଣ ପ୍ରତି ସମସ୍ତେ ଯତ୍ନଶୀଳ ହୋଇ କାର୍ଯ୍ୟ କଲେ ନଦୀର ଜଳ ପ୍ରଦୂଷଣରୁ ମୁକ୍ତ ରହିବା ସହିତ ଜଳର ସୁବିନିଯୋଗ ହୋଇପାରିବ ବୋଲି ନେହେରୁ ଯୁବ କେନ୍ଦ୍ର ସହଯୋଗରେ ଶୁଭମ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ଆୟୋଜିତ ବିଶ୍ୱ ଜଳ ଦିବସ ଉପଲକ୍ଷେ ଆୟୋଜିତ ଆଲୋଚନା ଚକ୍ରରେ ବହୁ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇ କହିଛନ୍ତି। ଏହି ଉପଲକ୍ଷେ ଭଦ୍ରକ ସହର ସ୍ଥିତ ମଦର୍ଶ ପବ୍ଲିକ ସ୍କୁଲ ପରିସରରେ ବିଶ୍ୱ ଜଳ ଦିବସ ଉପଲକ୍ଷେ ଜଳ ପ୍ରଦୂଷଣର ଭୟାବହତା ଓ ଏହାର ନିରାକରଣ ଉପରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ପ୍ରଧାନଶିକ୍ଷକ ବୈକୁଣ୍ଠ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଆଲୋଚନା ଚକ୍ରରେ ମୁଖ୍ୟ ଅତିଥି ଭାବେ ଡେପୁଟି କଲେକ୍ଟର କାର୍ତିକ ନାଥ ମଣ୍ଡଳ, ମୁଖ୍ୟ ବକ୍ତା ଭାବେ ବ୍ଲକ ଶିକ୍ଷାଧିକାରୀ ଚକ୍ରଧର ମଲ୍ଲି, ସମ୍ମାନିତ ଅତିଥି ଭାବେ ତ୍ୟାଗଭୂମିର ସଭାପତି ଅଜୟ ନାୟକଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇ ଜଳ ପ୍ରଦୂଷଣ ଦ୍ୱାରା କିପରି ଜୀବଜଗତ ବିପଦ ଆଡକୁ ଗତିକରୁଛି ସେ ବିଷୟରେ ବିସ୍ତୃତ ଭାବେ ଆଲୋଚନା କରିବା ସହିତ ଜଳର ଶୁଦ୍ଧତା ଓ ସଂରକ୍ଷଣ ପାଇଁ ସମସ୍ତେ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଜଳ ସଂରକ୍ଷଣ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ଶରତଚନ୍ଦ୍ର ଜେନାଙ୍କୁ ସଂଗଠନ ପକ୍ଷରୁ ସମ୍ବର୍ଦ୍ଧିତ କରାଯିବା ସହିତ ବିଦ୍ୟାଳୟସ୍ତରୀୟ ପ୍ରବନ୍ଧ ଓ ତର୍କ ପ୍ରତିଯୋଗିତାରେ ଶ୍ରେଷ୍ଠ ବିବେଚିତ ଛାତ୍ରଛାତ୍ରୀଙ୍କୁ ସାର୍ଟିଫିକେଟ ଓ ମେମେଣ୍ଟୋ ଦିଆଯାଇ ପୁରସ୍କୃତ କରାଯାଇଥିଲା। ପ୍ରାରମ୍ଭରେ ସଂଗଠନର ସମ୍ପାଦକ ନରେନ୍ଦ୍ର କୁମାର ସାମଲ ଅତିଥିମାନଙ୍କ ପରିଚୟ ସହିତ ସ୍ୱାଗତ ଭାଷଣ ଦେଇଥିଲା ବେଳେ ସଭାପତି ହୃଷିକେଶ ବାରିକ ପ୍ରାରମ୍ଭିକ ସୂଚନା ଓ ଉପ ସଭାପତି ଆନନ୍ଦ ଚନ୍ଦ୍ର ପଲେଇ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଆଲୋଚନା ଚକ୍ରରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସହିତ ଅନେକ ସାମାଜିକ ଅନୁଷ୍ଠାନର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ।

## ଜୁଆ ଆଡ୍ଡାରେ ଚଢାଉ, ୨ ଜୁଆଡ଼ି ଗିରଫ

ବେଲପାହାଡ଼, (ଭାସ୍କର ନ୍ୟୁଜ୍): ଝାରସୁଗୁଡ଼ା ଜିଲା ରେଙ୍ଗାଲି ଥାନା ଅନ୍ତର୍ଗତ ଗତ ରବିବାର ରାତି ୯ଟା ସମୟରେ ପୋଲିସ ପେଟ୍ରଲିଂ ଟିମ୍ ବିଶେଷ ସୂତ୍ରରୁ ଖବର ପାଇ କାଣ୍ଡଡିହି ଜଙ୍ଗଲ ମଧ୍ୟରେ ଚାଲୁଥିବା ଏକ ଜୁଆ ଆଡ୍ଡା ଉପରେ ଆତର୍କିତ ଚଢ଼ଉ କରିଥିଲା। ଏଥିରେ ଦୁଇଜଣ ଅଭିଯୁକ୍ତ ଧରାପଡ଼ିଥିବା ବେଳେ ଅନ୍ୟମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଗିରଫ ବ୍ୟକ୍ତିମାନେ ହେଲେ କିଞ୍ଜିରକେଲା ଗ୍ରାମର ଜୟନ୍ତ ଡନସେନା ଓ ଗାନ୍ଧିଛକର ରମେଶ ଦିପ। ରେଙ୍ଗାଲି ପୋଲିସ ଘଟଣାସ୍ଥଳରୁ ଏକ ବୁଲେରୋ ଗାଡି, ଏକ ହିରୋ ସ୍ପ୍ଲେଣ୍ଡର



ମୋଟର ସାଇକେଲ, ନଗଦ ଏକ ହଜାର କୋଡ଼ିଏ ଟଙ୍କା, ୪ଟି ମୋବାଇଲ ଫୋନ୍, ପ୍ଲାଷ୍ଟିକ ଜୁଆ ପଟ୍ଟି, ୪ଟି ଗୋଟି ଜବତ କରିଛି। ରେଙ୍ଗାଲି ପୋଲିସ ଏ ସମ୍ବନ୍ଧରେ ଏକ ମାମଲା ରୁଜୁ କରି ଗିରଫ ଅଭିଯୁକ୍ତ ଦ୍ୱୟଙ୍କୁ ସୋମବାର କୋର୍ଟ ଚାଲାଣ କରିଛି।

# ବିଶ୍ୱ ଯକ୍ଷ୍ମା ଦିବସ ପାଳିତ



ନବରଙ୍ଗପୁର, (ଭାସ୍କର ନ୍ୟୁଜ୍): ସ୍ଥାନୀୟ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ ଗୃହରେ ଜିଲ୍ଲା ମୁଖ୍ୟ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ. ନବକିଶୋର ବେହେରାଙ୍କ ଅଧକ୍ଷତାରେ ବିଶ୍ୱ ଯକ୍ଷ୍ମା ଦିବସ ପାଳିତ ହୋଇଯାଇଛି। ଆସନ୍ତା ୨୦୩୦ସୁଦ୍ଧା ଦେଶକୁ ଯକ୍ଷ୍ମା ମୁକ୍ତ ଭାରତବର୍ଷ ରୂପେ ଦେଖିବାକୁ ଆମ ସମସ୍ତଙ୍କ ମିଳିତ ଦାୟିତ୍ୱ ରହିଛି ବୋଲି ସଭାରେ ମତ ପ୍ରକାଶ ପାଇଥିଲା। ସଭାରେ ଅନ୍ୟମାନଙ୍କ ମଧ୍ୟରେ ଏଡିପିଏଚଓ (ଏଫ୍‌ଡବ୍ଲୁ) ଡ. ମଳୟ ତ୍ରିପାଠୀ, ଏଡିପିଏଚଓ (ଟିବି) ଡ. ସୁକାନ୍ତ ଶତପଥୀ, ଡିଆଇପିଆରଓ ମନୋଜ ବେହେରା, ଏଡିଡବ୍ଲୁ ଭାରତ ଚନ୍ଦ୍ର ସାହୁଙ୍କ ସମେତ ଶିକ୍ଷା ବିଭାଗ ଅଧିକାରୀ, ସମାଜ କଲ୍ୟାଣ ବିଭାଗ ଅଧିକାରୀ, ବିଦ୍ୟା ନିକେତନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ଓ ଛାତ୍ରଛାତ୍ରୀ, ନର୍ସିଂ କଲେଜ ଛାତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ। ଯକ୍ଷ୍ମା ଏକ ବାୟୁବାହିତ ସଂକ୍ରାମକ ରୋଗ ଏବଂ ଏହାର କାରଣ, ନିରାକରଣ, ଚିକିତ୍ସା, ପ୍ରତିରୋଧ ପାଇଁ ପ୍ରଚାର ଉପରେ ଉପସ୍ଥିତ ଡାକ୍ତରମାନେ ସବିଶେଷ ଆଲୋଚନା କରିଥିଲେ। ଚଳିତବର୍ଷର ଯକ୍ଷ୍ମା ନିରାକରଣ ନିମନ୍ତେ 'ପ୍ରତିବଦ୍ଧତା, ନିବେଶ ଓ ସଫଳ କାର୍ଯ୍ୟାନୁଷ୍ଠାନ ଦ୍ୱାରା ଯକ୍ଷ୍ମାର ଅନ୍ତ କରିବା' ସନ୍ଦେଶ ରହିଛି। ଏହି ରୋଗ ହେଲେ ଅଣଦେଖା ନକରି ଡାକ୍ତରଖାନାରେ ମାଗଣାରେ ମିଳୁଥିବା ଔଷଧ ସେବନ ଓ ପୃଷ୍ଟିସାର ଯୁକ୍ତ ଖାଦ୍ୟ ଗ୍ରହଣ କରିବାକୁ ଡିପିଏଚଓ ଡ. ବେହେରା କହିଥିଲେ। ଗ୍ରାମ, ପଞ୍ଚାୟତ ସ୍ତର, ବ୍ଲକ୍ ଏବଂ ସହରରେ ଏହି ଯକ୍ଷ୍ମା ରୋଗର ସମୁଳେ ବିନାଶ ପାଇଁ ବ୍ୟାପକ ପ୍ରସ୍ତୁତି, ସ୍ୱାସ୍ଥ୍ୟ କେନ୍ଦ୍ରରେ ଔଷଧ ମହଜୁଦ, ଔଷଧ ସେବନ, ବୀସିଜି ଟୀକାକରଣ, ବାୟୁ ଚଳାଚଳ କୋଠରୀରେ ରହିବା ବ୍ୟବସ୍ଥା, ପୃଷ୍ଟିକର ଖାଦ୍ୟ ଗ୍ରହଣ, ବିଶେଷ ପ୍ରଚାର ଓ ସଚେତନତାକୁ ଗୁରୁତ୍ୱ ଦେବାକୁ ଅତିଥିମାନେ କହିଥିଲେ। ଏହି ଅବସରରେ ଯକ୍ଷ୍ମାଦିବସ ଉପରେ ବକ୍ତୃତା ଓ କୁଇଜ୍ ପ୍ରତିଯୋଗିତାର ଉତ୍ତୀର୍ଣ୍ଣ ପ୍ରତିଯୋଗୀଙ୍କୁ ପୁରସ୍କାର ଓ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ଏଡିପିଏଚଓ (ଯୋଗାଯୋଗ) ରାମହରି ପଣ୍ଡା ସଭାର ସଂଯୋଜନା କରିଥିଲେ।

# ଦୋଳ ମହୋତ୍ସବରେ ଉଗାଳ ଓ ଲଉଡ଼ି ପ୍ରତିଯୋଗିତା



ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ବ୍ଲକ ବିନ୍ଧା ଛକ ଠାରେ ନିଖିଳ ଓଡ଼ିଶା ଯାଦବ ମହାସଂଘ ତିହିଡ଼ି ଶାଖା ପକ୍ଷରୁ ରବିବାର ସନ୍ଧ୍ୟାରେ ରାଜ୍ୟସ୍ତରୀୟ ଦୋଳ ମହୋତ୍ସବ ୨୦୨୫ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଉଗାଳ ଓ ଲଉଡ଼ି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ଉପଲକ୍ଷେ ନିଖିଳ ଓଡ଼ିଶା ଯାଦବ ମହାସଂଘ ତିହିଡ଼ି ଶାଖା ସଭାପତି ନୃସିଂହ ମହାକୁଡ଼ଙ୍କ ସଭାପତିତ୍ୱ ଓ ସହସମ୍ପାଦକ ପ୍ରତାପ ଚନ୍ଦ୍ର ମହାକୁଡ଼ଙ୍କ ସଂଯୋଜନାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ପଛୁଆବର୍ଗର ରାଷ୍ଟ୍ରୀୟ ସଭାପତି ଦୀପକ ଗୌଡ଼, ମୁଖ୍ୟବକ୍ତା ଭାବେ ରାଷ୍ଟ୍ରୀୟ ଉପସଭାପତି ମନୋଜ ଗୌଡ଼ ଯୋଗ ଦେଇ ଯାଦବ ମାନଙ୍କର ସଂସ୍କୃତି ପରମ୍ପରାକୁ ବଜାଇ ରଖିବା ପାଇଁ ଲଉଡ଼ି ଓ ଉଗାଳ ପ୍ରତିଯୋଗିତା କରାଯାଉଛି। ଏଥି ସହିତ ପଛୁଆବର୍ଗଙ୍କୁ ସୁସଂଗଠିତ କରିବାର ଲକ୍ଷ୍ୟ ରଖାଯାଇ ଯାଦବ ସଂଘ ଗଠନ କରାଯାଇଛି ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ପୁଲିସ ଅଧିକାରୀ ବିଜୟ କୁମାର ଦାସମହାପାତ୍ର, ରାଜ୍ୟ ସମ୍ପାଦକ ନାରାୟଣ ଡାଲୁଆ, ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ବାରିକ, ଶିକ୍ଷାବିତ୍ ସୁରେଶ ମହାକୁଡ଼, ଗୟାଧର ବାରିକ, ଗଙ୍ଗାଧର ପରିହାରି, କ୍ଷେତ୍ରବାସୀ ଦାସ, ସର୍ବେଶ୍ୱର ବେହେରା, ଦେବେନ୍ଦ୍ର ବାରିକ, ଭାଗିରଥି ନାୟକ, ଦୀନବନ୍ଧୁ ମହାକୁଡ଼, ବିଜୟ ବାରିକ, ସୁରେନ୍ଦ୍ର ନାୟକ, ଶଶିକାନ୍ତ ଦାସ, ଚକ୍ରଧର ନାୟକ, ଉମାକାନ୍ତ ପରିଡ଼ା, ଶ୍ରୀଧର ବାରିକ, ମୁନା ପୃଷ୍ଟି ପ୍ରମୁଖ ଯୋଗଦେଇ ଯାଦବ ସଂଘକୁ ସୁଦୃଢ଼ କରିବା ପାଇଁ ସମସ୍ତଙ୍କର ଆନ୍ତରିକ ଉଦ୍ୟମ ରହିବା ଆବଶ୍ୟକ ବୋଲି କହିଥିଲେ। ଏହି ଅବସରରେ ଯାଦବ ସଂଘ କାର୍ଯ୍ୟାଳୟ ପାଇଁ ସନ୍ତୁପୁରା ମୌଜାର ବିନ୍ଧା ଛକ ଠାରେ ୨ଡିସ୍ମିଲ ଜମି ଦାନ କରିଥିବା ଅବସରପ୍ରାପ୍ତ ଅନୁଶିକ୍ଷାଧିକାରୀ ରାମଚନ୍ଦ୍ର ବାରିକଙ୍କୁ ଉପଢ଼ୌକ, ମାନପତ୍ର ଓ ପୁଷ୍ପଗୁଚ୍ଛ ଦିଆଯାଇ ସଂଘ ପକ୍ଷରୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଏହି ମହୋତ୍ସବରେ ୮ଟି ଲଉଡ଼ି ଓ ୨ଟି ଉଗାଳ ଦଳ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ସେମାନଙ୍କୁ ସଂଘ ପକ୍ଷରୁ ପୁରସ୍କୃତ କରାଯାଇଥିଲା। ଏଥିସହ ବାପି ଡ୍ୟାନ୍ସ ଗ୍ରୁପ୍ ଓ କୁନିକୁନି କଳାକାରମାନେ ନୃତ୍ୟ ପରିବେଷଣ କରିଥିଲେ। ସଂଘ ପକ୍ଷରୁ ଅଜୟ ନାୟକ, ଚନ୍ଦନ ବେହେରା, ସୁରେଶ ନାୟକ, ଅନନ୍ତ ଦାସ ପ୍ରମୁଖ ମହୋତ୍ସବ ପରିଚାଳନାରେ ସହଯୋଗ କରିଥିଲେ। ଏହି ମହୋତ୍ସବରେ ହଜାର ହଜାର ଦର୍ଶକ ଲଉଡ଼ି ଓ ଉଗାଳ ପ୍ରତିଯୋଗିତା ଉପଭୋଗ କରିଥିଲେ।

# ଚୋରା ଚାଲାଣ ସମୟରେ ୩୮ ବଳଦ ଉଦ୍ଧାର, ୪ ଅଟକ



ଶୁଳିଆପଦା, (ଭାସ୍କର ନ୍ୟୁଜ୍): ରାଜ୍ୟରେ ଦିନକୁ ଦିନ ବିଭିନ୍ନ ଉପାୟରେ ରାଜ୍ୟ ବାହାରକୁ ଗୋ' ଚୋରା ଚାଲାଣ ଚାଲିଥିବା ବେଳେ ଶୁଳିଆପଦା ଅଞ୍ଚଳରେ ମଧ ଦିନକୁଦିନ ଚୋରା ଚାଲାଣ ବଢିଚାଲିଛି। ବିଭିନ୍ନ ସମୟରେ ଚଢ଼ାଉ କରି ପୋଲିସ ଶହଶହ ଗୋରୁ ଉଦ୍ଧାର କରୁଥିଲେ ସୁଦ୍ଧା ବେପାରିଙ୍କୁ କିଛି ଫରକ୍ ପଡୁନି। ସ୍ପଷ୍ଟ ଦିବାଲୋକରେ ଖୁଲମଖୁଲା ପଶ୍ଚିମବଙ୍ଗକୁ ଗୋରୁ ଚାଲାଣ କରୁଛନ୍ତି ବେପାରୀ ମାନେ। ସେମାନେ ଜିଲ୍ଲାର ବିଭିନ୍ନ ହାଟ ଓ ଗାଁ' ମାନଙ୍କରୁ ଗୋରୁ କିଣି ପିକ୍‌ଅପ୍ ଭ୍ୟାନ ସାହାଯ୍ୟରେ ନହେଲେ ଚଲେଇ ଚଲେଇ ପଶ୍ଚିମବଙ୍ଗକୁ ହଜାର ହଜାର ଗୋରୁ ଚୋରାଚାଲାଣ କରୁଛନ୍ତି। ଚାଲାଣ ବେଳେ ଗୋରୁ ମାନଙ୍କୁ ଅତି ନିର୍ଦ୍ଦୟ ଭାବେ ମାଡ ମରି ବିନା ଖାଦ୍ୟ ପାନୀୟ ରେ ଖରାରେ ଚଲେଇ ଚଲେଇ ନେଇଥାନ୍ତି। ସେହିପରି ବାରିପଦା ବାଘଡା ମୁଖ୍ୟ ରାସ୍ତାରେ ଚଲେଇ ଚଲେଇ ପଶ୍ଚିମବଙ୍ଗ କୁ ୧୯ ହଳ (୩୮)ବଳଦ ଚାଲାଣ ବେଳେ ଶୁଳିଆପଦା ଏଏସଆଇ ସନ୍ତୋଷ ନାୟକ ଓ ନରେନ୍ଦ୍ର ନାଥ ସେଠୀ ଶୁଳିଆପଦା ବ୍ଲକ୍ ଅଧିନ କୁଜିଡିହିରୁ ଜବତ କରିବାରେ ସଫଳ ହୋଇଥିବା ବେଳେ ଗୋରୁ ଖେଦୁଥିବା କାଳିଚରଣ ମହାନ୍ତ, ତପନ ମଲିକ, ରଞ୍ଜିତ୍ ମଲିକ ଓ ପାଟ ମୁର୍ମୁ ଥାନାରେ ଅଟକ ଅଛନ୍ତି ଏନେଇ ଶୁଳିଆପଦା ଥାନା କେସ୍‌ରେ ମାମଲା ରୁଜୁ ହୋଇଛି। ଗୋଶାଳା ପଠାଇବାର ସୁବନ୍ଦବସ୍ତ ହୋଇ ନପାରିବା କାରଣରୁ ଉଦ୍ଧାର ହୋଇଥିବା ସମସ୍ତ ୩୮ଟି ବଳଦ ପୋଲିସ ହେପଜତରେ ରହିବ। ଗୋସାଳାର ସମସ୍ତ ଗୋରୁଙ୍କୁ ନେବାକୁ ଅମଙ୍ଗ ହେଲେ ବଳକା ଗୋରୁଙ୍କୁ ଉଚିତ କାଗଜ ପତ୍ର ଦ୍ୱାରା ସ୍ଥାନୀୟ ଚାଷୀମାନଙ୍କୁ ହସ୍ତାନ୍ତର କରାଯିବାର ସୂଚନା ମିଳିଛି।

# କମଳାକାନ୍ତ ଦାସ ନୂତନ ଥାନାଧିକାରୀ ନିଯୁକ୍ତ



ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ରବିବାର ରାତ୍ର ୧୦ଟାରେ ଜିଲ୍ଲା ପୁଲିସ ଅଧିକ୍ଷକଙ୍କ ଠାରୁ ମିଳିଲା ଟେଲିଫୋନ ଆଦେଶ। ବାଲେଶ୍ୱର ଜିଲ୍ଲାରୁ ବଦଳି ହୋଇ ଆସି ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଅବସ୍ଥାନ କରୁଥିବା ଇନସପେକ୍ଟର କମଳାକାନ୍ତ ଦାସ ରାତିରେ ଭଣ୍ଡାରିପୋଖରୀ ଥାନାରେ ଯୋଗ ଦେଲେ। ଏହା ଦ୍ୱାରା ଦୀର୍ଘ ୩ ମାସ ଧରି ଥାନାରେ ଖାଲି ପଡିଥିବା ଇନିସପେକ୍ଟର ପଦବୀ ପୂରଣ ହେଲା। ମାତ୍ର ଅତ୍ୟନ୍ତ ବିଶୃଙ୍ଖଳିତ ଢଙ୍ଗରେ ପରିଚାଳିତ ହେଉଥିବା ଏହି ରାଜପଥ ପାର୍ଶ୍ୱ ଥାନାକୁ ଲୋକାଭିମୁଖୀ କରିବା ନୂତନ ଇନ୍ସପେକ୍ଟରଙ୍କ ପାଇଁ ସହଜ ହେବନାହିଁ। ଥାନାର ଅଧିକାଂଶ କର୍ମଚାରୀ ଅପରାଧି ମାନଙ୍କ ପୃଷ୍ଟପୋଷକ ସାଜି ୩ବର୍ଷରୁ ଅଧିକ ସମୟ ଏହି ଥାନାରେ କାର୍ଯ୍ୟ କରୁଛନ୍ତି। ପ୍ରଦୀପ ଜେନା, ସୁଦାମ ମଲ୍ଲିକ, ସନମୟ ପାତ୍ର, ପପୁ ସେଠୀ, ସନ୍ତୋଷ ସେଠୀ, ଇଭାରାଣୀ ପରିଡା, ସବିତା ଧଳ, ଲକ୍ଷ୍ମୀଣ ରାଉତ, ଅକ୍ଷୟ ଦାସ, ଇଶାଖ ଖାଁ ପ୍ରମୁଖ କର୍ମଚାରୀ ବଦଳି ୩ ବର୍ଷ ପୂରଣ କରିସାରିଛନ୍ତି। କେତେକ କର୍ମଚାରୀଙ୍କ ବଦଳି ଆଦେଶ ସତ୍ତ୍ୱେ ଅର୍ଥ ରୋଜଗାର ଲାଳସାରେ ଥାନା ଛାଡୁନାହାନ୍ତି। ଚାକିରିକାଳ ମଧ୍ୟରେ ପଦୋନ୍ନତି ମନା ହୋଇଥିବା ବରିଷ୍ଠ ସବଇନସପେକ୍ଟରର ମହାପ୍ରସାଦ ନାୟକଙ୍କୁ ନିୟନ୍ତ୍ରଣ କରିବା ନୂତନ ଥାନାଧିକାରୀଙ୍କ ପାଇଁ ସବୁଠୁ କଷ୍ଟକର ବ୍ୟାପାର ହେବ। ନମ୍ବରବିହୀନ ୩ଟି ଗାଡି ଚଳାଇ ଥାନାକୁ ନିର୍ଭୟରେ ଯାତାୟତ କରୁଥିବା ଏହି ସବଇନ୍ସପେକ୍ଟର ଆଇନ ଠାରୁ ଊର୍ଦ୍ଧ୍ୱରେ ବୋଲି ନିଜକୁ ସାବ୍ୟସ୍ତ କରିବାରେ ସମର୍ଥ ହୋଇ ପାରିଛନ୍ତି। ବିଶୃଙ୍ଖଳିତ କାର୍ଯ୍ୟ ପାଇଁ ଥାନାରୁ ତଡ଼ା ଖାଇଥିବା ଗାଡିଚାଳକ ପୂନର୍ବାର ଥାନାକୁ ଫେରି ଅପରାଧିମାନଙ୍କ ମୁଖ୍ୟ ଯୋଗ ସୂତ୍ରଧର କାର୍ଯ୍ୟ ଚଳାଇ ଥିବାରୁ ଥାନାରୁ ସାଧାରଣ ଲୋକଙ୍କୁ ନ୍ୟାୟ ପ୍ରଦାନ କରିବା ଅନ୍ୟତମ ପ୍ରମୁଖ କାର୍ଯ୍ୟ ହେବ। ସେହିପରି ଥାନାରେ ଥିବା ଗୋରୁ ମାଫିଆ, କୋଇଲା ମାଫିଆ, ବାଲିମାଫିଆ, ବେଆଇନ ବଦବେପାରୀ, ଚୋରା ଡିଜେଲ ବେପାରୀଙ୍କ ଠାରୁ ବିପୁଳ ପରିମାଣ ମାସିକ ଅର୍ଥ ଆଦାୟ ଦାୟିତ୍ୱ ଜଣେ ଜଣେ କର୍ମଚାରୀ ବହନ କରି ଉଚ୍ଚ କର୍ତ୍ତୃପକ୍ଷଙ୍କୁ ପାରିତୋଷିକ ପ୍ରଦାନ ମାଧ୍ୟମରେ ଥାନାରେ କାର୍ଯ୍ୟ କରିବା ସୁଯୋଗ ପାଉଥିବା ଜଣାଯାଇଛି। ଏଭଳି ପରିସ୍ଥିତିରେ ଥାନାକୁ କିଭଳି ପରିଚାଳିତ କରି ଲୋକଙ୍କ ଆସ୍ଥାଭାଜନ ହେବେ ତାହାକୁ ଅଞ୍ଚଳବାସୀ ଅପେକ୍ଷା କରିଛନ୍ତି।

## ବାଜିରାଉତ ଛାତ୍ରାବାସକୁ ଆର୍ଥିକ ସହାୟତା

କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ୍): ବାଞ୍ଛାନିଧି ଦାସ ଓ ଶ୍ରୀମତୀ ଦେବୀ ଟ୍ରଷ୍ଟ ପକ୍ଷରୁ ଗରିବ ଛାତ୍ରଛାତ୍ରୀମାନଙ୍କ ପାଇଁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଟ୍ରଷ୍ଟର ମୁଖ୍ୟ ପୃଷ୍ଟପୋଷକ ଆମେରିକା ସ୍ଥିତ ଆଲାସ୍କା ବିଶ୍ୱବିଦ୍ୟାଳୟର ଏମରିଟସ ପ୍ରଫେସର ଡ. ଦେବେନ୍ଦ୍ର କୁମାର ଦାସଙ୍କ ପରାମର୍ଶ କ୍ରମେ ଏହି ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଟ୍ରଷ୍ଟି ଅରୁଣ ପ୍ରତାପ ଦାସ, ଶାରଦାକାନ୍ତ ଦାସ ଓ ଭୁବନମୋହନ ଦାସ ପ୍ରମୁଖ ଅନୁଗୁଳର ହାକିମପଡାସ୍ଥିତ ବାଜିରାଉତ ଛାତ୍ରାବାସରେ ପହଞ୍ଚି ଛାତ୍ରାବାସର ମୁଖ୍ୟ ପରାମର୍ଶଦାତା କ୍ରିଷ୍ଣା ମହାନ୍ତିଙ୍କୁ ଏକଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି। ଏହି ଅର୍ଥ ଛାତ୍ରାବାସରେ ରହୁଥିବା ଗରୀବ ଛାତ୍ରଛାତ୍ରୀମାନଙ୍କ ଖାଦ୍ୟ, ବସ୍ତ୍ର ଓ ଶିକ୍ଷାଦାନ ନିମନ୍ତେ ପ୍ରଦାନ କରାଯାଇଥିବା ଟ୍ରଷ୍ଟ ପକ୍ଷରୁ କୁହାଯାଇଛି। ଏହି ଅର୍ଥ ପ୍ରଦାନ ବେଳେ ଟ୍ରଷ୍ଟର ସଦସ୍ୟ ନଗେନ୍ଦ୍ରନାଥ ଦାସ ମହାପାତ୍ର, ଡ. ଜ୍ଞାନଦେବ ମହାରଣା, ରାଜଲକ୍ଷ୍ମୀ ମହାନ୍ତି, ସବିତା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।



ମାଲକାନଗିରି, (ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା ବନବିଭାଗର ବଡ଼ ସଫଳତା। ବେଆଇନ କାଠ ଗଚ୍ଛିତ ସ୍ଥାନରେ ଚଢ଼ାଉ କରି ୧ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ମୂଲ୍ୟର ଶାଗୁଆନ କାଠ ପଟା ଏବଂ ଅର୍ଦ୍ଧ ନିର୍ମିତ ଖଟ ଜବତ କରିଛି ମାଲକାନଗିରି ବନ ବିଭାଗ। ସକାଳ ୧୧ ଟା ସମୟରେ ଖଣ୍ଡିୟ ବନାଧିକାରୀ ପ୍ରତାପ କତାପାଲିଙ୍କ ନିର୍ଦ୍ଦେଶକ୍ରମେ ତଥା ବନାଞ୍ଚଳ ଅଧିକାରୀ ରମେଶ ରାଉତଙ୍କ ତତ୍ତ୍ୱାବଧାନରେ ମାଲକାନଗିରି ବନାଞ୍ଚଳ ଅଧିନସ୍ଥ ଏମଭି -୨୩ ଗ୍ରାମର ଶ୍ରୀବାସ ବେପାରୀଙ୍କ ଘରେ ବେଆଇନ କାଠ ପଟା ଓ ସାଇଜ ଗଚ୍ଛିତ ଥିବା ସୂଚନା ପାଇ ଚଢ଼ାଉ କରାଯାଇଥିଲା। ଏହି ଚଢ଼ାଉରେ ଶ୍ରୀବାସଙ୍କ ଘରୁ ୪୬ ଖଣ୍ଡ ଶାଗୁଆନ ପଟା, ୧୪ ଖଣ୍ଡ ପିଆଶାଳ ସାଇଜ ଏବଂ ଦୁଇଟି ଅର୍ଦ୍ଧ ନିର୍ମିତ ଖଟ ସହିତ ବିଭିନ୍ନ ଯନ୍ତ୍ରପାତି ସରଞ୍ଜାମ ଜବତ କରିବାରେ ସଫଳ ହୋଇଛନ୍ତି। କିନ୍ତୁ ମୁଖ୍ୟ ଅଭିଯୁକ୍ତ ଯାରୀ ମଧ୍ୟରେ ଖସି ପଳାଇ ଯାଇଥିବା ଜଣା ପଡ଼ିଛି। ଜବତ ହୋଇଥିବା ଶାଗୁଆନ, ପିଆଶାଳ କାଠ ପଟା ଏବଂ ସାଇଜର ବଜାର ମୂଲ୍ୟ ୧ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ବନାଞ୍ଚଳ ଅଧିକାରୀ ରମେଶ ରାଉତ ସୂଚନା ଦେଇଛନ୍ତି। ଏହି ଚଢ଼ାଉ ବେଳେ ମାଲକାନଗିରି ବନ ବିଭାଗର ସମସ୍ତ ବନପାଳ , ବନରକ୍ଷୀ ଏବଂ ପାରାଷ୍ଟାଫ୍ ଉପସ୍ଥିତ ଥିଲେ। ତେବେ ମାଲକାନଗିରି ବନ ବିଭାଗର ଏହି ସଫଳତା ଫଳରେ କାଠ ଚୋରା ଚାଲାଣକାରୀ ଏବଂ ବେଆଇନ କାଠ ବେପାରୀଙ୍କ ମନୋବଳ ଦୁର୍ବଳ ହେବ ବୋଲି କୁହାଯାଇଛି।

# ଶିଶୁ ସୁରକ୍ଷା ସମ୍ପର୍କିତ ବ୍ଲକ ସ୍ତରୀୟ ସଚେତନତା ସଭା



ଭଦ୍ରକ, (ଭାସ୍କର ନ୍ୟୁଜ୍): ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ, ଭଦ୍ରକ ପକ୍ଷରୁ ଭଦ୍ରକ ପଞ୍ଚାୟତ ସମିତି ସଭା ଗୃହ ପରିସରରେ ଶିଶୁ ସୁରକ୍ଷା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଶ୍ମି ରଂଜନ ମଲ୍ଲିକଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇ ଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ରୂପେ ପଞ୍ଚାୟତ ସମିତି ଅଧ୍ୟକ୍ଷା ଉର୍ମିଳା ନାୟକ, ସମ୍ମାନିତ ଅତିଥି ରୂପେ ଶିଶୁ ମଙ୍ଗଳ କମିଟିର ଅଧକ୍ଷ ଡ଼.ଦେବରାଜ ପାଣିଗ୍ରାହୀ ଯୋଗଦାନ କରି ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ଆଇନ ପ୍ରୋବେସନ ଅଧିକାରୀ ସୁବ୍ରତ ଦାସଙ୍କ ସଂଯୋଜନା ସଭାରେ ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତି ପ୍ରାରମ୍ଭିକ ସୂଚନାରେ ଶିଶୁଙ୍କ ନିମନ୍ତେ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ମତ ପ୍ରଦାନ କରିଥିଲେ। ବାଲ୍ୟ ବିବାହ, ଶିଶୁ ଶ୍ରମିକ ଓ ଶିଶୁଙ୍କୁ ଯୌନ ନିର୍ଯାତନା ନିମନ୍ତେ ସମବେତ ଉଦ୍ୟମ ଲୋଡା, ସେଥିପାଇଁ ଶିଶୁ ଟିଏ ବିପଦରେ ଥିଲେ ବା ଆଶଙ୍କା ଥିଲେ ତୁରନ୍ତ ନିଶୁଳ୍କ ନମ୍ବର, ୧୧୨ ପୋଲିସ ବା ୧୦୯୮ ଚାଇଲ୍ଡ ହେଲ୍ପ ଲାଇନ ସହ ଯୋଗାଯୋଗ କରନ୍ତୁ ବୋଲି ପ୍ରମୁଖ ବକ୍ତା ମାନେ ମତ ପୋଷଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସିଡି ପିଓ, ଭଦ୍ରକ ନର୍ମଦା ବେହେରା, ଫେଲୋସିପର ନିର୍ଦ୍ଦେଶକ ଲଲାଟେନ୍ଦୁ ମହାନ୍ତି, ଚାଇଲ୍ଡ ଲାଇନ ସଂଯୋଜୀକା ଶୁଭଶ୍ରୀ ପଢିଆରୀ, ସହରାଞ୍ଚଳ ଥାନା ମହିଳା ଓ ଶିଶୁ ଅଧିକାରିଣୀ ଅରୁନ୍ଧତୀ ପରିଡ଼ା ସମେତ ମହିଳା ପରିଦର୍ଶିକା ସତ୍ୟଭାମା ସାହୁ, ସସ୍ମିତା ଜେନା, ପ୍ରମୁଖ ଯୋଗଦାନ କରି ମତବ୍ୟକ୍ତ କରିଥିଲେ। ଗୋଷ୍ଠି ଉନ୍ନୟନ ଅଧିକାରୀ ନିଜ ବକ୍ତବ୍ୟରେ ଶିଶୁର ମାନସିକତାକୁ ଭଲଭାବେ ନିରୀକ୍ଷଣ କରିବା ଉଚିତ୍ ବୋଲି ମତ ଦେଇଥିଲେ। ମୁଖ୍ୟ ଅତିଥି ନିଜ ବକ୍ତବ୍ୟରେ ପରିବାର ଶିଶୁ ପାଇଁ ସବୁଠୁ ପ୍ରକୃଷ୍ଟ ସ୍ଥାନ ଓ ପିତାମାତା ଶିଶୁଙ୍କୁ ଉତ୍ତମ ମାର୍ଗ ଦର୍ଶାଇବା ଉଚିତ୍ ବୋଲି ଉଲ୍ଲେଖ କରିଥିଲେ। ମିଶନ ବାତ୍ସଲ୍ୟ ଯୋଜନା ଅନ୍ତର୍ଗତ ପୃଷ୍ଟପୋଷକତା,ଆଶୀର୍ବାଦ ଓ ଯଶୋଦା ଯୋଜନା ସମ୍ପର୍କରେ ସମସ୍ତଙ୍କୁ ଅବଗତ କରାଯାଇଥିଲା। ଏହି ସଭାରେ ଶିଶୁ ବିକାଶର ସୁପର ଭାଇଜର, ମିଶନ ଶକ୍ତି ମହିଳା, ସ୍ୱାସ୍ଥ୍ୟ କର୍ମୀ ସମେତ ବିଭିନ୍ନ ବିଭାଗର କର୍ମକର୍ତ୍ତା ଅଂଶ ଗ୍ରହଣ କରିଥିଲେ। ଶିଶୁ ସୁରକ୍ଷା ଶାଖାର ବାହ୍ୟ କର୍ମୀ ମହେଶ ଚନ୍ଦ୍ର ଦାଶ, ଦମୟନ୍ତୀ ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ୟୁନିଟର କର୍ମକର୍ତ୍ତା, ଚାଇଲ୍ଡ ଲାଇନର କର୍ମୀ ସମସ୍ତ ସହଯୋଗ କରିଥିଲେ। ପରିଶେଷରେ ଶିଶୁ ବିକାଶର ମହିଳା ପରିଦର୍ଶିକା ଉର୍ବଶୀ ମହାନ୍ତିଙ୍କ ଦ୍ୱାରା ଧନ୍ୟବାଦ ଅର୍ପଣ କରାଯାଇଥିଲା।

# ସ୍ଲରି ପାଇପ ଲିକ୍ ହୋଇ ନାଳରେ ମିଶିଲା ଲୁହାପଥର ଗୁଣ୍ଡ



କେନ୍ଦୁଝର, (ଭାସ୍କର ନ୍ୟୁଜ): ଝୁମ୍ପୁରା ବ୍ଲକ ନୟାଗଡ ପଂଚାୟତ ହାତୀମରା ଛକ ନିକଟରେ ମଙ୍ଗଳବାର ବିଳମ୍ବିତ ରାତିରେ ସ୍ଲରି ପାଇପ ଲାଇନ ଲିକ୍ ହୋଇ ନାଳ ଶଯ୍ୟା ପୋତି ହେବା ଘଟଣାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏହି ଘଟଣାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ଆଂଚଳିକ କାର୍ଯ୍ୟାଳୟ କେନ୍ଦୁଝରର ଏକ ଟିମ ୧୯ତାରିଖ ଦିନ ଘଟଣାସ୍ଥଳ ପରିଦର୍ଶନ କରିଥିଲେ। ଉକ୍ତ ଯାଞ୍ଚ ଟିମର ତଦନ୍ତ ରିପୋର୍ଟ ଆଧାରରେ ସ୍ଲରି ପାଇପ ଲାଇନରେ ଲୁହାପଥର ଗୁଣ୍ଡ ପରିବହନ ତୁରନ୍ତ ବନ୍ଦ କରିବାକୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଂଚଳିକ ଅଧିକାରୀ ଆର୍ସେଲର ମିତ୍ତଲ ନିପନ ଷ୍ଟିଲର ସିଇଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କ୍ଷମତାସଂପନ୍ନ ଅଧିକାରୀଙ୍କ ଦ୍ୱାରା ସୁରକ୍ଷା ଯାଞ୍ଚ ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ଚିଠିରେ ଉଲ୍ଲେଖ ରହିଛି। ସେହିପରି ଲିକ୍ ହୋଇଥିବା ସ୍ଥାନରେ ଲୁହାପଥର ଗୁଣ୍ଡ ପଡି ମୃତ୍ତିକା ପ୍ରଦୂଷିତ ହୋଇଛି। ତୁରନ୍ତ ମୃତ୍ତିକାର ପୂର୍ବାବସ୍ଥା ଫେରାଇ ଆଣିବା ପାଇଁ ପଦକ୍ଷେପ ନେବାକୁ କମ୍ପାନୀକୁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ନିର୍ଦ୍ଦେଶ ଦେଇଛି। ତୁରନ୍ତ ଜମିରୁ ଲୁହାଗୁଣ୍ଡ ମିଶ୍ରିତ ଜଳ ନ କାଢିଲେ ଜଳ ଏବଂ ବାୟୁ ପ୍ରଦୂଷଣ ହେବ। ସ୍ଲରି ପାଇପ ଲାଇନ ଲିକ୍ ହୋଇ ବାରମ୍ବାର ଲୁହାପଥର ଗୁଣ୍ଡ ମିଶ୍ରିତ ଜଳ ବିଲ, ନାଳରେ ମିଶୁଥିବାରୁ ଲୋକମାନେ ଆତଙ୍କିତ ହୋଇ ପଡିଛନ୍ତି। ସୂଚନାଯୋଗ୍ୟ ଯେ, ସ୍ଲରି ପାଇପରୁ ନିର୍ଗତ ଲୁହାପଥର ଗୁଣ୍ଡ ମିଶ୍ରିତ ଜଳ ନିକଟସ୍ଥ ନାଳରେ ମିଶି ନାଳ ଜଳକୁ ପ୍ରଦୂଷିତ କରିବା ସହ ନାଳ ଶଯ୍ୟା ପୋତି ହୋଇଯାଇଛି। ଏହି ନାଳଟି ଅନ୍ୟ ଏକ ନାଳରେ ମିଶିବା ପରେ ବୈତରଣୀ ନଦୀକୁ ସଂଯୋଗ କରୁଛି। ନାଳରେ ଲୁହାପଥର ଗୁଣ୍ଡ ମିଶ୍ରିତ ଜଳ ମିଶିବା ପରେ ଜଳଚର ଜୀବ ମାଛ, ବେଙ୍ଗ, ସାପ ଆଦି ମରି ଯିବାର ଆଶଙ୍କା ରହିଛି। ନାଳରେ ଲୁହାଗୁଣ୍ଡ ମିଶ୍ରିତ ଜଳ ମିଶିବା ପରେ ବନ୍ୟପ୍ରାଣୀ, ଗୋରୁଗାଈ, ଅନ୍ୟାନ୍ୟ ପଶୁପକ୍ଷୀ ଇତ୍ୟାଦିଙ୍କ ବ୍ୟବହାର ଅନୁପଯୋଗୀ ହୋଇପଡିଛି। ଏହାକୁ ନେଇ ସ୍ଥାନୀୟ ଅଂଚଳରେ ଅସନ୍ତୋଷ ଦେଖାଦେଇଛି। ପୂର୍ବରୁ ୨୦୨୪ ମସିହା ନଭେମ୍ବର ୯ ତାରିଖ ଦିନ ଖଜୁରୀଡିହି ଗ୍ରାମ ନିକଟରେ ମାଟି ତଳେ ଯାଇଥିବା ସ୍ଲରି ପାଇପ ଫାଟି ୪୦ ଫୁଟ ଉଚ୍ଚକୁ ପାଣି ମିଶ୍ରିତ ଲୁହାପଥର ଗୁଣ୍ଡ ଉଡି ଆଖପାଖ ବିଲରେ ବ୍ୟାପକ ପାଚିଲା ଧାନ ନଷ୍ଟ ହୋଇଥିଲା। ସେତେବେଳେ ସ୍ଲରି ପାଇପ ମରାମତି କରି ସୁରକ୍ଷା ଯାଂଚ ପରେ ସ୍ଲରି ପାଇପରେ ପରିବହନ ପାଇଁ ଅନୁମତି ପ୍ରଦାନ କରାଯାଇଥିଲା। ଭବିଷ୍ୟତରେ ଯେପରି ଏହାର ପୁନରାବୃତ୍ତି ନ ହେବ ସେଥିପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କଡା ଚେତାବନୀ ଦେଇ ସ୍ଲରି ପାଇପରେ ପରିବହନ ପାଇଁ ଅନୁମତି ପ୍ରଦାନ କରିଥିଲା। ବାରମ୍ବାର ସ୍ଲରି ପାଇପ ଫାଟି ବ୍ୟାପକ କ୍ଷୟକ୍ଷତି ହେଉଛି। ଆର୍ସେଲର ମିତ୍ତଲ ନିପନ ଷ୍ଟିଲ ଇଣ୍ଡିଆ ଲିଃ ପରିବେଶ ପ୍ରଦୂଷଣ କରୁଥିବାରୁ କମ୍ପାନୀ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସ୍ଥାନୀୟ ଲୋକ ଦାବୀ କରିଛନ୍ତି।

## ଧାନ ବିକ୍ରିରୁ ବଞ୍ଚିତ ଚାଷୀ

ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ଏହି ବ୍ଲକର ତେସିଙ୍ଗା ପାକ୍ସ ଅନ୍ତର୍ଗତ ପନଖା ଗ୍ରାମର ପଞ୍ଜିକୃତ ଚାଷୀ ବସନ୍ତ କୁମାର ରାଉତ ଚଳିତ ବର୍ଷ ଧାନବିକ୍ରିରୁ ବଞ୍ଚିତ ହୋଇଥିବା ନେଇ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ରାଉତଙ୍କ ପଞ୍ଜିକରଣ ନ.୦୪୦୩୦୦୦୯୦୧୪ ଓ ଟୋକନ ନମ୍ବର ୨୧୩୩୧୨୫ ଅଟେ। ଏହି ଟୋକନ ଅନୁଯାୟୀ ବିକ୍ରି ଧାନ ପରିମାଣ ୭୫ କ୍ୱିଣ୍ଟାଲ ଅଟେ। ଜାନୁୟାରୀ ୨୫ ତାରିଖରୁ ଫେବୃୟାରୀ ୨୩ ତାରିଖ ମଧ୍ୟରେ ତେସିଙ୍ଗା ପାକ୍ସ ମଣ୍ଡିରେ ଧାନ କ୍ରୟ କରାଯିବ ବୋଲି ରାଉତଙ୍କୁ ମେସେଜ ଯୋଗେ ଜଣାଇ ଦିଆଯାଇଥିଲା। ରାଉତ ମଣ୍ଡିକୁ ଧାନ ନେଇଥିଲେ। ହେଲେ ୨୩ ତାରିଖରେ ଟୋକନ ଅବଧି ସରିଗଲା। ପାକ୍ସ ପକ୍ଷରୁ ଧାନ କ୍ରୟ କରାଗଲା ନାହିଁ। ଏଥିରେ ବିବ୍ରତ ହୋଇ ସଂପୃକ୍ତ ଚାଷୀ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ସେହିପରି ତେସିଙ୍ଗା ପାକ୍ସ ଚାଷୀ ଚିତ୍ତରଞ୍ଜନ ବିଶ୍ୱାଳ, ଜୟପ୍ରକାଶ ମହାପାତ୍ର, ସଦାନନ୍ଦ ସାମଲ ଓ ବଳରାମ ପାତ୍ରଙ୍କ ଟୋକନ ଅବଧି ସରିଯାଇଥିଲେ ବି ଧାନ ବିକ୍ରି ସୁଯୋଗ ପାଇପାରି ନଥିବା ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ସଂପୃକ୍ତ ପାକ୍ସ ଏହି ଘଟଣା ସମ୍ପର୍କରେ ଅବଗତ ଅଛି ଓ ପକ୍ଷରୁ ଧାନବିକ୍ରିରୁ ବଞ୍ଚିତ ଚାଷୀମାନଙ୍କ ଟୋକନ ଅବଧି ବୃଦ୍ଧି ପାଇଁ ବାରମ୍ବାର ଜିଲ୍ଲା ପ୍ରଶାସନକୁ ପତ୍ର ଲେଖାଯାଇଛି। ଜିଲ୍ଲା ପ୍ରଶାସନଙ୍କ ଅନୁମୋଦନ ମିଳିଲେ ଧାନକ୍ରୟ କରାଯିବ ବୋଲି ପାକ୍ସ ସଭାପତି ନାରାୟଣ ଚନ୍ଦ୍ର ଦାଶ ମତ ରଖିଛନ୍ତି।

# ଓଡ଼ିଶା ଦିବସ ପାଳନ ଉପଲକ୍ଷେ ବକ୍ତୃତା ପ୍ରତିଯୋଗିତା

ବାରିପଦା, (ଭାସ୍କର ନ୍ୟୁଜ୍): ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ନିର୍ଦ୍ଦେଶରେ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ, ବାରିପଦା ମିଳିତ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ଓଡ଼ିଶା ଦିବସ ପାଳନ ସମାରୋହ, ୨୦୨୫ ଉପଲକ୍ଷେ ଜିଲ୍ଲାସ୍ତରୀୟ ଓଡ଼ିଆ ବକ୍ତୃତା ପ୍ରତିଯୋଗିତା ବାରିପଦାସ୍ଥିତ ଲେଡି ହାମିଲଟନ ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଅଛି। ଜିଲ୍ଲାର ବିଭିନ୍ନ ପ୍ରାଥମିକ ବିଦ୍ୟାଳୟ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ,ଉଚ୍ଚ ବିଦ୍ୟାଳୟ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ଓଡିଶା ଆଦର୍ଶ ବିଦ୍ୟାଳୟର ଛାତ୍ରଛାତ୍ରୀ ଏଥିରେ ଅଂଶଗ୍ରହଣ କରିଥିଲେ। ପ୍ରାଥମିକ ବିଦ୍ୟାଳୟ ସ୍ତରରେ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ସୁନାମୁହିଁର ପଞ୍ଚମ ଶ୍ରେଣୀର ଛାତ୍ରୀ ସୋନାଲିକା ସିଂ, ସରକାରୀ ପ୍ରାଥମିକ ବିଦ୍ୟାଳୟ, ମାଧବପୁର ର ପଞ୍ଚମ ଶ୍ରେଣୀର ଛାତ୍ରୀ କମଳ ଖୁସପ୍ରିତା କଟିର, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ମେଣ୍ଡାଖାଇର ପଞ୍ଚମଶ୍ରେଣୀର ଛାତ୍ରୀ ଅନୁପ୍ରଭା ଚୌଧୁରୀ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ, ତୃତୀୟ ହୋଇଛନ୍ତି। ସେହିପରି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସ୍ତରୀୟରେ ଝାରପୋଖରିଆ ଉଚ୍ଚ ବିଦ୍ୟାଳୟ, ସରସକଣାର ଅଷ୍ଟମ ଶ୍ରେଣୀର ଛାତ୍ରୀ ଅଙ୍କନ ପ୍ରଭା ବେହେରା, ଲେଡି ହାମିଲଟନ ସରକାରୀ ଉଚ୍ଚ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀର ଛାତ୍ରୀ ସ୍ୱାଗତିକା ପଣ୍ଡା, ଏମପିକେ ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ, ବାରିପଦାର ଅଷ୍ଟମ ଶ୍ରେଣୀର ଛାତ୍ରୀ ଆଦ୍ୟାଶା ଦାସ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଛନ୍ତି। ସେହିପରି ଉଚ୍ଚ ବିଦ୍ୟାଳୟ ସ୍ତରୀୟରେ ଓଏଭି, ଗରୁଡ଼ବସା, ବେତନଟୀ ର ଦଶମ ଶ୍ରେଣୀର ଛାତ୍ରୀ ଦିବ୍ୟାଂଶୀ ଦାଶ, ଲାଲମୋହନପତି ସରକାରୀ ଉଚ୍ଚ ବିଦ୍ୟାଳୟ, ଧନପୁର ର ନବମ ଶ୍ରେଣୀର ଛାତ୍ରୀ ପ୍ରିୟଙ୍କା ବେହେରା, ଏମପିକେ ଉଚ୍ଚ ବାଳିକା ବିଦ୍ୟାଳୟ, ବାରିପଦାର ନବମ ଶ୍ରେଣୀ ର ଛାତ୍ରୀ ତନୁଶ୍ରୀ ଦାସ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଛନ୍ତି। ସେହିପରି ମହାବିଦ୍ୟାଳୟ ସ୍ତରୀୟରେ କପ୍ତିପଦା ମହାବିଦ୍ୟାଳୟର ଏକାଦଶ ଶ୍ରେଣୀ ର ଛାତ୍ରୀ ରୋଜାଲିନ ଖଣ୍ଡା, କୃଷ୍ଣଚନ୍ଦ୍ରପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବାରିପଦାର ଏକାଦଶ ଶ୍ରେଣୀର ଛାତ୍ରୀ ଗୀତାଞ୍ଜଳୀ ମହାନ୍ତ, କପ୍ତିପଦା ମହା ବିଦ୍ୟାଳୟର ଏକାଦଶ ଶ୍ରେଣୀର ଛାତ୍ର ମାନସ କୁମାର ବେହେରା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଛନ୍ତି। ବକ୍ତୃତା ପ୍ରତିଯୋଗିତାକୁ ଅନୁଷ୍ଠାନିକ ଭାବେ ଆୟୋଜକ ବିଦ୍ୟାଳୟର ପ୍ରଧାନଶିକ୍ଷକ ମୀନାରାଣୀ ପାତ୍ର ଉଦଘାଟକ କରିଥିଲେ। ସ୍ୱାଗତ ଭାଷଣ ଶିକ୍ଷକ ଡ଼ ଶଶୀଧର ବିଶ୍ୱାଳ କରିଥିଲା ବେଳେ ଧନ୍ୟବାଦ ଅର୍ପଣ ଶିକ୍ଷକ ମନୋଜ ପରିଡା, ପ୍ରତିଯୋଗିତା ପରିଚାଳନା ଶିକ୍ଷକ ଦୀପକ ରାମ କରିଥିଲେ। ବିଚାରକ ଭାବେ ଆଞ୍ଚଳିକ ମହାବିଦ୍ୟାଳୟ, ଗଡିଆର ଅବସରପ୍ରାପ୍ତ ଅଧକ୍ଷ ରାଜେନ୍ଦ୍ର କୁମାର ସାମଲ, ଏମକେସି ସରକାରୀ ଉଚ୍ଚ ବିଦ୍ୟାଳୟ, ବାରିପଦାର ଅବସରପ୍ରାପ୍ତ ଶିକ୍ଷକ ଅତୁଲ କୁମାର ପରିଡା, କମଳା ନେହେରୁ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ବାରିପଦାର ଶିକ୍ଷୟତ୍ରୀ ମମତା ସାହୁ, ଶରତଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟ, ବାରିପଦାର ଶିକ୍ଷୟତ୍ରୀ ବର୍ଣ୍ଣକ୍ଷଳୀ ରାଉତ ପ୍ରମୁଖ ଯୋଗ ଦେଇଥିଲେ। କୃତି ପ୍ରତିଯୋଗୀ ମାନଙ୍କୁ ଏପ୍ରିଲ ୧ ତାରିଖ ଦିନ ଜିଲ୍ଲାସ୍ତରୀୟ ଓଡିଶା ଦିବସ ଉତ୍ସବ ପାଳନ ସମାରୋହରେ ପୁରସ୍କୃତ କରାଯିବ। କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ମହାନ୍ତ, ଶିକ୍ଷୟିତ୍ରୀ ଅନୁପମା ବେହେରା, ସିଲିସ୍ୱପ୍ନା ପଟ୍ଟନାୟକ, ନିକିତା ବଳ, ଧରିତ୍ରୀ ମହାନ୍ତ, ମୋନାଲିସା ମାସନ୍ତ, ଶିକ୍ଷା କର୍ମଚାରୀ ସମ୍ବିତ କୁମାର ମହାପାତ୍ର ତଥା ଆୟୋଜକ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ, ଅଫିସ ସହାୟକ, ଶିକ୍ଷା କର୍ମଚାରୀ ପ୍ରମୁଖ ସହଯୋଗ କରିଥିଲେ।

## ମଦ କାରଖାନା ଉପରେ ଅବକାରୀ ବିଭାଗର ଚଢ଼ାଉ

ବେତନଟୀ, (ଭାସ୍କର ନ୍ୟୁଜ୍): ବେତନଟୀ ଅବକାରୀ ଥାନା ପକ୍ଷରୁ ବଡସାହି ଥାନା ଅଧୀନ ଯୋଗୀନୂଆଗାଁ ପଞ୍ଚାୟତର ଡିଙ୍ଗିରା ଗ୍ରାମର ଜଙ୍ଗଲିଆ ଅଞ୍ଚଳରେ ଚାଲିଥିବା ଚୋରା ଦେଶମଦ କାରଖାନା ଉପରେ ଚଢାଉ କରାଯାଇ ବିପୁଳ ପରିମାଣର ମହୁଲପୋଚ, ରନ୍ଧାମଦ ଜବତ ପୂର୍ବକ ନଷ୍ଟ କରିଦିଆ ଯାଇଛି। ଡିଙ୍ଗିରି ଅଞ୍ଚଳରେ ଚୋରାମଦ କାରଖାନା ଚାଲିଥିବାର ଖବରପାଇ ବେତନଟି ଅବକାରୀବିଭାଗ ଚଢାଉ କରିଥିଲେ। ଅବକାରୀ ବିଭାଗର ଚଢାଉ ସମୟରେ ଚୋରାମଦ କାରଖାନା ଚଳାଉଥିବା ମଦ ମାଫିଆମାନେ ଘଟଣାସ୍ଥଳରୁ ମାରିଥିଲେ। ଘଟଣା ସ୍ଥଳରୁ ୧୭ଶହ ୫୦କେଜି ମହୁଲ ପୋଚ, ଚୋରାଚାଲାଣ ନିମନ୍ତେ ପ୍ରସ୍ତୁତ କରି ରଖାଯାଇଥିବା ୭୦ ଲିଟର ରକ୍ଷାମଦ ସମେତ ମଦ ପ୍ରସ୍ତୁତିରେ ବ୍ୟବହୃତ ବ୍ୟାପକ ସରଞ୍ଜାମ ଗୁଡିକୁ ଭାଙ୍ଗିରୁଜି ନଷ୍ଟ କରିଦିଆ ଯାଇଥିଲା। ଏନେଇ ବେତନଟୀ ଅବକାରୀ ଥାନା ପକ୍ଷରୁ ମାମଲା ରୁଜୁକରି ଘଟଣାର ତଦନ୍ତ ଜାରି ରଖାଯାଇଛି।

# ମାଆ ତାରିଣୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ



ବୋଲଗଡ଼, (ଭାସ୍କର ନ୍ୟୁଜ୍): ବୋଲଗଡ଼ ବ୍ଲକ ଅନ୍ତର୍ଗତ ସାନପଦର ପୁରାତନ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ମା ତାରିଣୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ସୋମବାର ଦିନ ଅନୁଷ୍ଠିତ ହୋଇଯାଇଛି। କୃଷ୍ଣ ପକ୍ଷ ଦଶମ ତିଥିରେ ମା'ଙ୍କ ନୂତନ ମନ୍ଦିର ପ୍ରତିଷ୍ଠା କରାଯାଇଥିଲା। ଏହି ଅବସରରେ ଅତିବ ପ୍ରାତଃ ସମୟରେ ଶକ୍ତିମୟୀ, କରୁଣାମୟୀ ମା' ତାରିଣୀଙ୍କ ଶୁଦ୍ଧସ୍ନାନ, ନୂତନ ବସ୍ତ୍ର ଓ ଅଳଙ୍କାର ପରିଧାନ ସହ ପୂଜାନୀତି ଉପଚାର ସମ୍ପନ୍ନ କରାଯାଇଥିଲା। କର୍ତ୍ତାଭାବେ ହରିବନ୍ଧୁ ସାହୁ ଓ ଧର୍ମପତ୍ନୀ ସୌଦାମିନୀ ସାହୁ ଉପବିଷ୍ଟ ଥିଲେ। ଏହି ସମସ୍ତ କାର୍ଯ୍ୟକୁ ପୂର୍ବତନ ସମିତି ସଭ୍ୟ ତଥା ସମାଜସେବୀ ଗୌତମ ବୁଦ୍ଧ ମହାପାତ୍ରଙ୍କ ପ୍ରଚେଷ୍ଟାରେ ନୂତନ ମା' ତାରିଣୀ ମନ୍ଦିର ପ୍ରତିଷ୍ଠା ହୋଇଥିଲା। ମା'ଙ୍କ ଉଦ୍ଦେଶ୍ୟରେ ଶତାଧିକ ମହିଳା ସମେତ ପୁରୁଷ ଓ ମାନସିକଧାରୀ ଶ୍ରଦ୍ଧାଳୁ ପ୍ରମୁଖମାନେ କଳସଯାତ୍ରାରେ ସାମିଲ ହୋଇ ଉତ୍ସାହ ଓ ଉଦ୍ଦୀପନା ସହିତ ସାହି ପରିକ୍ରମା କରିଥିଲେ। କଳସ ଯାତ୍ରା ଅନ୍ତିମ ପରେ ଆଦି ନୀତି ଅନୁଯାୟୀ ପୂଜକ ପଣ୍ଡିତ ମନୋରଞ୍ଜନ ତ୍ରିପାଠୀ, ବାସୁଦେବ ପଟ୍ଟଯୋଶୀଙ୍କ ସମେତ ୭ ଜଣ ବ୍ରାହ୍ମଣମାନଙ୍କୁ ନେଇ ଦେବତାଙ୍କ ଦ୍ୱାରା ଉପଚାର ପୂଜା ହୋମ ସମାପନ କରାଯାଇ ଶ୍ରଦ୍ଧାଳୁମାନେ ପ୍ରସାଦ ସେବନ କରିଥିଲେ। ସନ୍ଧ୍ୟାରେ ଶକ୍ତିପୀଠ ଲୋକାରଣ୍ୟ ତଥା ଶ୍ରଦ୍ଧାଳୁମୟ ପରିବେଶ ମଧ୍ୟରେ ଯଜ୍ଞ ପୂର୍ଣ୍ଣାହୁତି ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସଞ୍ଜୟ କୁମାର ଭଞ୍ଜ, ସଞ୍ଜୟ ସାହୁ, କାର୍ତ୍ତିକ ବେହେରା ପ୍ରମୁଖ ସହଯୋଗ କରି ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ପ୍ରଦୀପ କୁମର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ନବରଙ୍ଗ ପୌରାଣିକ ଶୀର୍ଷକ ନାଟକ ପରିବେଷଣ ହୋଇଥିଲା।

# ରାଜା ସାହେବ ଶରତ କୁମାର ଦେବଙ୍କ ଶ୍ରାଦ୍ଧ ବାର୍ଷିକ ପାଳିତ

ଆଳି, (ଭାସ୍କର ନ୍ୟୁଜ୍): ଆଳି ଅଂଚଳର ଜନନାୟକ ସ୍ୱର୍ଗତ ରାଜା ସାହେବ ଶରତ କୁମାର ଦେବଙ୍କ ୩୭ତମ ଶ୍ରାଦ୍ଧ ବାର୍ଷିକ ଆଳି ନୂଆ ବଜାର ଅନ୍ନପୂର୍ଣ୍ଣା ପଡ଼ିଆରେ ପାଳିତ ହୋଇଯାଇଛି। ସକାଳ ୮ ଘଟିକା ସମୟରେ ରାଜାସାହେବ ଶରତ ଦେବଙ୍କ ସମାଧି ପୀଠରେ ବହୁତ ବ୍ୟକ୍ତି ବିଶେଷ ପୁଷ୍ପମାଲ୍ୟ ଅର୍ପଣ କରି ଓ ନଗର ପରିକ୍ରମା କରିଥିଲେ। ସକାଳ ୯ ଘଟିକା ସମୟରେ ରାଜା ସାହେବ ଶରତ କୁମାର ଦେବଙ୍କ କନିଷ୍ଠ ପୁତ୍ର ପୂର୍ବତନ ମନ୍ତ୍ରୀ ତଥା ଆଳିର ବିଧାୟକ ପ୍ରତାପ କେଶରୀ ଦେବ ଆଳି ସ୍ୱାସ୍ଥ୍ୟ କେନ୍ଦ୍ରରେ ରୋଗୀ ମାନଙ୍କୁ ଫଳ ବଣ୍ଟନ କରି ଆଶୁ ଆରୋଗ୍ୟ କାମନା କରିଥିଲେ। ଶରତ ଦେବ ଓଡ଼ିଶାର ପୂର୍ବତନ ମନ୍ତ୍ରୀ ତଥା ପୂର୍ବତନ ସାଂସଦ ସେ ଆଳି କନିକାର ମଉଡମଣୀ ଥିଲେ ତାଙ୍କ ସ୍ମୃତି ସଭାରେ ଆଳିର ବିଧାୟକ ପ୍ରତାପ କେଶରୀ ଦେବ, ଆଳିର ପଞ୍ଚାୟତ ଅଧକ୍ଷ ମନୋରଞ୍ଜନ ସାମଲ, ରାଜକନିକାର ସମିତି ସଭ୍ୟା ମିନତୀ ରାଉତ, ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଘଡ଼େଇ, ଅଟାଳର ପୂର୍ବତନ ସରପଞ୍ଚ ଜଗତାନନ୍ଦ ବଳ ପତ୍ରପୁର ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଆରାଧନା ଦାସ, ସୁଧା ପତ୍ରିକାର ସମ୍ପାଦକ ହରେକୃଷ୍ଣ ବାରିକ୍ ମୁଖ୍ୟ ଅତିଥିଭାବେ ଯୋଗଦାନ କରି ଆଳିର କୃତି ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ ପ୍ରଦାନ କରି ଶରତ ଦେବଙ୍କ ସ୍ତୁତିଗାନ କରିଥିଲେ ଶରତ ଦେବ ଜନପ୍ରିୟ ନେତା ଥିଲେ। ସେ ପ୍ରତିଟି ଜନତାଙ୍କ ହୃଦୟରେ ଆଜିବି ଜୀବିତ ମହାବଳ ବାଘ ବି ଆଳି ରାଜାଙ୍କ ପାଖରେ ପରାସ୍ତ ହୋଇଛି। ଆଳି ରାଜା ସାହେବ ଜଣେ ଦକ୍ଷ ଯୋଦ୍ଧା ଥିଲେ। ଆଳିର ମୁରବି କହିଲେ ଶରତ କୁମାର ଦେବଙ୍କୁ ହିଁ ବୁଝାଏ।

## ସ୍କୁଟି ଡିକି ଖୋଲି ୩୦ ହଜାର ଲୁଟ୍

କରଞ୍ଜିଆ, (ଭାସ୍କର ନ୍ୟୁଜ୍): ସୋମବାର ଦିନ ସକାଳ ପ୍ରାୟ ୧୧ଟା ସମୟରେ ସିସିଆରଆଇ, କଟକରୁ ଅବସର ଗ୍ରହଣ କରିଥିବା କରଞ୍ଜିଆ ଏନ୍ଏସି ୱାର୍ଡ଼ ନମ୍ବର ୧୫ ଅଙ୍କୁରା ଠାରେ ରହୁଥିବା ପ୍ରହଲ୍ଲାଦ ଚନ୍ଦ୍ର ନାଏକ ନିଜ ସ୍କୁଟିରେ କରଞ୍ଜିଆ ବ୍ଲକକୁ କୌଣସି କାର୍ଯ୍ୟ ପାଇଁ ଆସିଥିଲେ। ତାଙ୍କର ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ କରଞ୍ଜିଆ ଶାଖାରୁ ଟଙ୍କା ଉଠାଇବାକୁ ଥିବାରୁ ସେ ବ୍ଲକରୁ ନିଜ ସ୍କୁଟି ନେଇ ବ୍ୟାଙ୍କ ପାଖରେ ରଖି ସେଲ୍ଫ ଚେକ୍‌ରେ ଉଠାଇ ଆଣି ଏକ ବ୍ୟାଗରେ ଟଙ୍କା ପୁରାଇ ଡିକିରେ ରଖିଥିଲେ। ପରେ ପରେ କଚେରୀ ଛକ ନିକଟରେ ଥିବା ଏକ ଜେରକ୍ସ ଦୋକାନରୁ ଜେରକ୍ସ କରିବାକୁ ଯାଇଥିଲେ। ସେ ଜେରକ୍ସ କରି ଆସି ଡିକିରୁ ଟଙ୍କା ବାହାର କରିବାକୁ ଆସି ଦେଖନ୍ତି ଯେ ଏହା ମଧ୍ୟରେ ବ୍ୟାଗ୍‌ରେ ଥିବା ଟଙ୍କା ନାହିଁ। ସେ ସଙ୍ଗେ ସଙ୍ଗେ ଏ ବିଷୟରେ କରଞ୍ଜିଆ ଥାନାରେ ଖବର ଦେଇଥିଲେ। ତେବେ କରଞ୍ଜିଆ ଥାନା ପୋଲିସ ଚୋରି ହୋଇଥିବା ସ୍ଥାନ, ବ୍ୟାଙ୍କ ଓ ବ୍ଲକକୁ ଯାଇ ତଦନ୍ତ ଜାରି ରଖିଛନ୍ତି।

# ଆନନ୍ଦନନ୍ଦ ଶିବମୁନି ଯୋଗାଶ୍ରମର ବାର୍ଷିକ ଉତ୍ସବ



ଚେତନଟୀ, (ଭାସ୍କର ନ୍ୟୁଜ୍): ଚେଙ୍ଗୁ ଆ ମଙ୍ଗଳପୁର ଶିବ ମୁନି ଯୋଗାଶ୍ରମର ୩୧ ତମ ବାର୍ଷିକ ଅଧିବେଶନ ଆଡମ୍ବର ସହକାରେ ପାଳିତ ହୋଇଯାଇଛି। ଆଶ୍ରମର ଆଚାର୍ଯ୍ୟ ଯୋଗୀ ହରେକୃଷ୍ଣ ମୁନି ସତ୍ୟ ପତାକଓ ଉତ୍ତୋଳନ କରି ଉତ୍ସବକୁ ଉଦ୍ଘାଟନ କରିଥିଲେ। ଆଶ୍ରମର ସ୍ଥାୟୀ ସଭାପତି ଯୋଗୀ ମୁରଲୀ ମୁନିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପ୍ରଫେସର ଡଃ ଯୋଗୀ ପଦ୍ମନାଭ ମହାରଣା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶିବମୁନି ଓ ମୁନି ସମାଜର ସତ୍ୟ ସିଦ୍ଧାନ୍ତ ବଖାଣିଥିଲେ। ମୁଖ୍ୟ ବକ୍ତା ଭାବେ ଯୋଗଦେଇ ବୈଶିଙ୍ଗା ମହାତ୍ମା ଗାନ୍ଧୀ ମହାବିଦ୍ୟାଳୟର ଅଧ୍ୟାପକ ଡଃ ଯୋଗୀ ହରେକୃଷ୍ଣ ବେହେରା ଯୋଗର ଗୁଡତତ୍ତ୍ୱ ବିଷୟ ଓ ଏହାଦ୍ୱାରା କିପରି ଆରୋଗ୍ୟ ଲାଭ ହେବ ସେ ସମ୍ବନ୍ଧରେ କହିଥିଲେ। ସମ୍ମାନିତ ବକ୍ତାଭାବେ ବି.ବି. କଲେଜର ପୂର୍ବତନ ଅଧକ୍ଷା ଡ଼ଃ ଅଳକା ମଞ୍ଜରୀ ଭୂୟାଁ, ସମ୍ମାନିତ ଅତିଥି ଭାବେ ଜ୍ଞାନଦୀପ ପତ୍ରିକାର ସଂପାଦକ ଯୋଗୀ ସଞ୍ଜୟ ମୁନି, ଶିକ୍ଷକ ପ୍ରଦୀପ ଜେନା ଯୋଗ ଦେଇ ଶିବମୁନିଙ୍କ ସିଦ୍ଧାନ୍ତ ଓ ଦର୍ଶନ ବ୍ୟାଖ୍ୟା କରିଥିଲେ। ଆଶ୍ରମ ଆଚାର୍ଯ୍ୟ ଯୋଗୀ ହରେକୃଷ୍ଣ ମୁନି ପ୍ରାରମ୍ଭିକ ଅଭିଭାଷଣ ପ୍ରଦାନ କରିଥିଲେ। ମଞ୍ଚ ପରିଚାଳନା କରିଥିଲେ ମୁନିସୈନିକ ନରୋତ୍ତମ ଜେନା କ୍ଷ ମୁନିସଙ୍ଗୀତ ଗାନ କରିଥିଲେ ଯୋଗୀ ନିଳାମ୍ବର ଧିନ୍ଦା। ଆଶ୍ରମର ସଂପାଦକ ଯୋଗୀ ପରମେଶ୍ୱର ମୁନି ସଂପାଦକୀୟ ବିବରଣୀ ପାଠ କରିଥିଲେ। ସହଯୋଗ କରିଥିଲେ ବାବୁଲା ମୁନି, ରବି ମୁନି, ମୁନିମତୀ ପ୍ରଜ୍ଞା, ମୁନି ଜଗନ୍ନାଥ, ବରେନ୍ଦ୍ର, ରତିକାନ୍ତ, ନିରଞ୍ଜନ ମୁନି, ବିଶ୍ୱନାଥ ମୁନି ତଥା ଡୁମୁରିଆ ମୁନି ସମାଜର ମୁନି ଓ ମୁନିମତୀ ଗଣ।

## ଯୌତୁକ ଦାବି, ମାନସିକ ଓ ଶାରିରୀକ ନିର୍ଯାତନା ଅଭିଯୋଗ କଲେ ମହିଳା

କରଞ୍ଜିଆ, (ଭାସ୍କର ନ୍ୟୁଜ୍): କରଞ୍ଜିଆ ଥାନାରେ ଶ୍ୱଶୁର ଘର ବିରୁଦ୍ଧରେ ଯୌତୁକ ଦାବି, ମାନସିକ ଓ ଶାରିରୀକ ନିର୍ଯ୍ୟାତନା ଅଭିଯୋଗ ଆଣିଲେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ କାର୍ଯ୍ୟରତ ମହିଳା କନକଲତା ପୁର୍ତ୍ତି। ଘଟଣା ଏହିକି ଯେ ୧୯୨୪ ମସିହା ଡିସେମ୍ବର ମାସ ୫ ତାରିଖରେ ଘାସିରାମ ପୁର୍ତ୍ତିଙ୍କ କନ୍ୟା କନକଲତାଙ୍କ ବିବାହ କରଞ୍ଜିଆ ଏନ୍ଏସି ୱାଡ ନମ୍ବର ୧୫ ଅଙ୍କୁରା ସ୍ଥିତ ସ୍ୱର୍ଗତ ପୁର୍ଣ୍ଣ ଚନ୍ଦ୍ର ନାଏକଙ୍କ ପୁତ୍ର ଗଗନ ବିହାରୀ ନାଏକଙ୍କ ସହ ବୈଦିକ ରୀତିରେ ବିବାହ ହୁଏ ଏବଂ ଚତୁର୍ଥୀ ଦିନ ଯଥାବିଧି ଅନୁସାରେ ସମସ୍ତ ଘର ଉପକରଣ ମଧ୍ୟ ଆଣିଥିଲେ। ହେଲେ ସେଥିରେ ଶ୍ୱଶୁର ଘର ଲୋକେ ସନ୍ତୁଷ୍ଟ ନଥିଲେ। ତେଣୁ ସ୍ୱାମୀ ଗଗନ ସୀମା ସୁରକ୍ଷା ବଳ ସୈନ୍ୟ ଭାବେ ୧୦ ତାରିଖରେ ନିଜ କାର୍ଯ୍ୟରେ ଯୋଗଦାନ କରିବାକୁ ଯିବାକୁ କହି ଚାଲିଯାଇଥିଲେ ଏବଂ ପରେ ତାଙ୍କର ଫୋନ୍ ମଧ୍ୟ ଉଠାଉ ନଥିଲେ। ଏହି ସମୟରେ ଶ୍ୱଶୁର ଘର ଲୋକେ ମିଶି ୫ ଲକ୍ଷ ଟଙ୍କା ବାପା ଘରୁ ଆଣିବାକୁ ଜୋର୍ ଦେଇଥିଲେ। ଟଙ୍କା ଆଣି ନଥିବାରୁ କନକଲତାଙ୍କୁ ଡାହାଣୀ କହିବା ଏବଂ ବିଭିନ୍ନ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରି ମାନସିକ ଓ ଶାରିରୀକ ନିର୍ଯ୍ୟାତନା ଦେଇ ଆସୁଥିଲେ। ଘରେ ରହୁଥିବା କୋଠରୀର ବିଦ୍ୟୁତ ମଧ୍ୟ ଅନେକ ସମୟରେ କାଟି ଦେଉଥିଲେ। ଘରୁ ଚାଲିଯା ବୋଲି ଧମକ ମଧ୍ୟ ଦେଉଥିଲେ। ଏହା ସହ ଜୀବନରୁ ମାରିଦେବା ପରି ଧମକ ମଧ୍ୟ ଦେଉଥିଲେ। ତେଣୁ ଅନ୍ୟ ଉପାୟ ନପାଇ ନିଜ ସୁରକ୍ଷା ଓ ଅଭିଯୁକ୍ତ ମାନଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ଥାନାରେ ଆଶ୍ରୟ ନେଇଥିବା ଲିଖିତ ଅଭିଯୋଗ କରିଛନ୍ତି।

## ନୂତନ ଜଳଯୋଗାଣ ପ୍ରକଳ୍ପର ଶିଳାନ୍ୟାସ

କନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଚେକ୍ରାଡା ଗ୍ରାମପଞ୍ଚାୟତର ମାଗୁରାଗଣ୍ଡପାଟଣା ମୁଣ୍ଡାବସ୍ତିରେ ଏକ ନୂତନ ପାନୀୟ ଜଳ ଯୋଗାଣ ପ୍ରକଳ୍ପର ଶିଳାନ୍ୟାସ ହୋଇଯାଇଛି। ବହୁ ବର୍ଷ ଧରି ସେଠାରେ ପାନୀୟ ଜଳର ଅଭାବ ଯୋଗୁଁ ମୁଣ୍ଡାବସ୍ତିର ଲୋକମାନେ ୨/୩ କିଲୋମିଟର ଦୂରକୁ ଯାଇ ପାନୀୟ ଜଳ ଆଣୁଥିଲେ। ଏହି ଘଟଣାକୁ ଦୃଷ୍ଟିରେ ରଖି ୬ନମ୍ବର ଜୋନର ଜିଲ୍ଲା ପରିଷଦ ସଦସ୍ୟା ନିର୍ମଳା ମହାନ୍ତିଙ୍କ ପ୍ରଚେଷ୍ଟାରେ ଏହି ପାନୀୟ ଜଳ ଯୋଗାଣ ପ୍ରକଳ୍ପଟି ସରକାରଙ୍କ ଦ୍ୱାରା ମଞ୍ଜୁର ହୋଇଛି। ସୋମବାର ପୂର୍ବାହ୍ନରେ ଜିଲ୍ଲା ପରିଷଦ ସଭ୍ୟା ମହାନ୍ତି ମାଗୁରାଗଣ୍ଡପାଟଣା ମୁଣ୍ଡାବସ୍ତିରେ ଏହି ପାନୀୟ ଜଳ ଯୋଗାଣ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରଦୀପ୍ତ କୁମାର ମହାନ୍ତି, ଶିବ ପ୍ରସାଦ ବିଶ୍ୱାଳ, ଦୋଳଗୋବିନ୍ଦ ସାମଲ, ଦିଲ୍ଲିପ କୁମାର ମହାନ୍ତି, ଅନନ୍ତ ଚରଣ ଜେନା (ନାଣ୍ଟୁ), ସାଧୁ ଚରଣ ଦାସ, ମାଗୁଣି ଚରଣ ମଲ୍ଲ, ୱାର୍ଡସଭ୍ୟ କାହ୍ନୁ ଚରଣ ମହାରଣା, ପାନୀୟ ଜଳ ଯୋଗାଣ ଉପଖଣ୍ଡ ବିଭାଜନର ସହକାରୀ ଯନ୍ତ୍ରୀ ବିଭୁଦତ୍ତ ଦାସ, କର୍ମଚାରୀ ପ୍ରଶାନ୍ତ ବାରିକ, ସୁଶାନ୍ତ ବାରିକ, ଗଦାଧର ମଳିକ, ବାଇଧର ଦାସ, ରେମଶ ଚନ୍ଦ୍ର ସ୍ୱାଇଁ, ବିଜୟ ମହାନ୍ତି, ଦଶରଥ ମୁଣ୍ଡାଙ୍କ ସେମତ ବହୁ ଅଞ୍ଚଳବାସୀ ଉପସ୍ଥିତ ଥିଲେ। ଏହି ପ୍ରକଳ୍ପ ଦ୍ୱାରା ୧୩ନମ୍ବର ୱାର୍ଡ ଅଧିନ ଗୋବିନ୍ଦଜୀଉ ପାଟଣାର ଅଧିବାସୀମାନେ ଉପକୃତ ହୋଇପାରିବେ। ମୁଣ୍ଡାବସ୍ତିର ଦୀର୍ଘ ବର୍ଷର ଦାବି ପୂରଣ ହୋଇଥିବାରୁ ସେମାନେ ଜିଲ୍ଲା ପରିଷଦ ସଭ୍ୟା ମହାନ୍ତିଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ଷୋହଳ ପ୍ରହର ଅଖଣ୍ଡ ନାମସଂକୀର୍ତ୍ତନ ଉତ୍ସବ

ବାରିପଦା, (ଭାସ୍କର ନ୍ୟୁଜ୍): ମୟୁରଭଞ୍ଜ ଜିଲ୍ଲାର ବାଙ୍ଗିରିପୋଷି ଅଁଳାଗୁଞ୍ଜା ଗିରିସାହିରେ ଆୟୋଜିତ ଶ୍ରୀ ଶ୍ରୀ ବ୍ରଜକିଶୋର ରାଧାରାୟ ମହାପ୍ରଭୁଙ୍କ 'ଷୋହଳ ପ୍ରହର ଅଖଣ୍ଡ ନାମ ସଂକୀର୍ତ୍ତନ' ଉତ୍ସବ ଅତ୍ୟନ୍ତ ଧାର୍ମିକ ମାନସିକତା ଓ ଉଲ୍ଲାସର ମଧ୍ୟରେ ସମ୍ପନ୍ନ ହୋଇଛି। ଗତ ୨୦ ମାର୍ଚ୍ଚରୁ ୨୩ ମାର୍ଚ୍ଚ ପର୍ଯ୍ୟନ୍ତ ଚାରିଦିନ ଧରି ଏହି ଉତ୍ସବ ଉଦ୍‌ଯାପିତ ହୋଇଥିଲା, ଯେଉଁଥିରେ ସହସ୍ରାଧିକ ଭକ୍ତମାନେ ଉପସ୍ଥିତ ହୋଇ 'ହରେ କୃଷ୍ଣ ହରେ ରାମ' ର ଅଖଣ୍ଡ ଧ୍ୱନିରେ ମୁଗ୍ଧ ହୋଇଥିଲେ। ଉତ୍ସବର ବିଶେଷ କାର୍ଯ୍ୟସୂଚୀ ଅନୁଯାୟୀ, ଅଧିବାସ,ନାମାରମ୍ଭ, ନାମଯଜ୍ଞ ସମାରୋହ ଓ ପ୍ରସାଦ ସେବନ, ଦଧି ଉତ୍ସବ ସହିତ କାର୍ଯ୍ୟକ୍ରମକୁ ସମାପନ କରାଯାଇଛି। ଏହି ଅନୁଷ୍ଠାନରେ ଅଁଚଳର ବିଭିନ୍ନ ସଂକୀର୍ତ୍ତନ ଦଳ ଅଁଶଗ୍ରହଣ କରିଥିଲେ। ଅଁଳାଗୁଞ୍ଜା, ମଝୀଗାଁ, ସୁନାପୋଷି, ଦେଉଳା, ରାଇଡ଼ିହା, ବେତନଟି ଓ ଅନ୍ୟାନ୍ୟ ଅଞ୍ଚଳର ସଂକୀର୍ତ୍ତନ ଦଳମାନଙ୍କ ମନୋମୋହନୀୟ କୀର୍ତ୍ତନ ଭକ୍ତମାନଙ୍କୁ ହରିନାମରେ ଲୀନ କରିଦେଇଥିଲା। ସଂସା ବାଳିକା ସଂକୀର୍ତ୍ତନ ଦଳର ଉପସ୍ଥିତି ମଧ୍ୟ ଉତ୍ସବର ଏକ ବିଶେଷ ଆକର୍ଷଣ ହୋଇଥିଲା। ଉତ୍ସବ ସମାପ୍ତି ସହ ଗ୍ରାମବାସୀମାନେ ଏହି ଅନୁଷ୍ଠାନକୁ ସଫଳ କରିବା ପାଇଁ ତାଙ୍କ ଅପରିମିତ ଶ୍ରମ ଦେଇଥିଲେ। ଏହି ଅବସରରେ ପ୍ରସାଦ ବଣ୍ଟନ ଏବଂ ଦଧି ଉତ୍ସବ ବିଶେଷ ଆକର୍ଷଣ ଥିଲା, ଯେଉଁଥିରେ ଶ୍ରଦ୍ଧାଳୁମାନେ ଭାଗ ନେଇଥିଲେ। ଏହି ଉତ୍ସବରେ ଉପସ୍ଥିତ ସମସ୍ତ ଭକ୍ତ ଓ ଧର୍ମପ୍ରାଣ ଲୋକଙ୍କୁ ଅଁଳାଗୁଞ୍ଜା ଗିରିସାହିର ଗ୍ରାମବାସୀ ମାନେ କୃତଜ୍ଞତା ଜଣାଇଛନ୍ତି। ଏହି ଧାର୍ମିକ ଉଦ୍ୟମ ଭବିଷ୍ୟତରେ ମଧ୍ୟ ଏଭଳି ଉତ୍ସାହ ଓ ଭକ୍ତିଭାବରେ ଆୟୋଜିତ ହେବାର ଆଶା ବ୍ୟକ୍ତ କରାଯାଇଛି।

## ୧୦୦ରୁ ୧୨୦ ମାଓବାଦୀ ସକ୍ରିୟ

ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍): ସରକାର ଦେଲେ ମାଓବାଦୀଙ୍କ ତଥ୍ୟ ଓ ମାଓବାଦୀ ପ୍ରବଣ ଜିଲ୍ଲାର ବିବରଣୀ। ରାଜ୍ୟରେ ୧୦୦ରୁ ୧୨୦ ମାଓବାଦୀ ସକ୍ରିୟ ଥିବା ସରକାରଙ୍କ ପକ୍ଷରୁ କୁହାଯାଇଛି। ରାଜ୍ୟରେ ୨୦୧୮-୧୯ ବର୍ଷରେ ୧୫ ଟି ଜିଲ୍ଲା ମାଓ ପ୍ରଭାବିତ ଜିଲ୍ଲା ଥିବା ବେଳେ ବର୍ତ୍ତମାନ ସୁଦ୍ଧା ୧୦ ଟି ମାଓବାଦୀ ପ୍ରଭାବିତ ଜିଲ୍ଲା ଅଛି। କଳାହାଣ୍ଡି, କନ୍ଧମାଳ, ବଲାଙ୍ଗୀର, ମାଲକାନଗିରି, ନବରଙ୍ଗପୁର, ନୂଆପଡା, ରାୟଗଡା, ବରଗଡ଼, କୋରାପୁଟ ଓ ବୌଦ୍ଧ ମାଓ ପ୍ରଭାବିତ ଜିଲ୍ଲା ଥିବା ବିଧାନସଭାରେ ମୁଖ୍ୟମନ୍ତ୍ରୀ ଲିଖିତ ଉତ୍ତର ରଖିଛନ୍ତି।

## ୭୬୪ ଗ୍ରାମ ପଞ୍ଚାୟତରେ ନାହିଁ ମୋବାଇଲ୍ ଟାୱାର

ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍): ରାଜ୍ୟରେ ୭୬୪ ଗ୍ରାମ ପଞ୍ଚାୟତରେ ନାହିଁ ଇଣ୍ଟରନେଟ ଓ ମୋବାଇଲ କମ୍ୟୁନିକେସନ ସେବା। ୧୬୭ ବ୍ଲକ ୭୬୪ ଟି ଗ୍ରାମପଞ୍ଚାୟତରେ ନାହିଁ ଟାୱାର। ସର୍ବାଧିକ କନ୍ଧମାଳ ଜିଲ୍ଲାର ୧୩ଟି ବ୍ଲକରେ ୧୦୬ ପଞ୍ଚାୟତରେ ନାହିଁ ଟାୱାର। ଭାରତ ସରକାର ରାଜ୍ୟର ସମସ୍ତ ଗ୍ରାମକୁ ୪୨୭୭ଟି ଟାୱାର ସ୍ଥାନ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ରଖିଥିବା ବେଳେ ୨୦୮୫ ଟାୱାର ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇଛି। ଜୁନ ୨୦୨୫ ସୁଦ୍ଧା ବଳକା ୨୧୯୨ ଟି ଟାୱାର କାର୍ଯ୍ୟକ୍ଷମ ହେବ।

## ୫ବର୍ଷରେ ସମୁଦ୍ରରେ ବୁଡି ପ୍ରାଣ ହରାଇଛନ୍ତି ୪୭ଜଣ

ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍): ବିଗତ ପାଞ୍ଚ ବର୍ଷରେ ପୁରୀ ସମୁଦ୍ର ସହ ରାଜ୍ୟର ବିଭିନ୍ନ ସମୁଦ୍ରରେ ବୁଡି ପ୍ରାଣ ୪୭ ଜଣ ପ୍ରାଣ ହରାଇଛନ୍ତି। ବିଜେପି ବିଧାୟକ ଓମ ପ୍ରକାଶ ମିଶ୍ରଙ୍କ ପ୍ରଶ୍ନରେ ମୁଖ୍ୟମନ୍ତ୍ରୀ ଲିଖିତ ଉତ୍ତର ରଖିଛନ୍ତି।

